ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ମାସିକ ଓଡ଼ିଆ ସାହିତ୍ୟ ଇ-ପତ୍ରିକା

ଆହ୍ୱାନ

ଜାନୁଆରୀ ୨୦୨୬ ସଂସ୍କରଣ

କଥା ଓ କାହାଣୀ
ପଦ୍ୟ ଓ କବିତା
ହାସ୍ୟ ଓ ବ୍ୟଙ୍ଗ
ଇତିହାସ ଓ ପ୍ରବଂଧ
ଅନୁବାଦ ସାହିତ୍ୟ
ସମ୍ବଲପୁରୀ ଲେଖା
ଶିଶୁ କଥା
ଏବଂ
ଆହୁରି ଅନେକ

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ
ପ୍ରତିଷ୍ଠାତା ଓ ସଂପାଦକ, ଆହ୍ୱାନ ଇ-ପତ୍ରିକା

 Magazine Downloaded from https://www.aahwaan.com

ଆହ୍ୱାନ

ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ସମ୍ପୂର୍ଣ୍ଣ ଓଡ଼ିଆ ମାସିକ ସାହିତ୍ୟ ଇ-ପତ୍ରିକା

ଆସ ଓଡ଼ିଆରେ ଲେଖିବା, ପଢ଼ିବା ଓ ପଢ଼ାଇବା

ପ୍ରତିଷ୍ଠାତା - ସମ୍ପାଦକ

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ଏମ୍.ବି.ବି.ଏସ୍., ପି.ଜି.ଡି.ଏମ୍.ସି.ଏଚ୍., ପି.ଜି.ଡି.ଏଚ୍.ଏମ୍, ଡି.ସି.ଏନ୍,ଡି

ଫ୍ଲାଟ୍ ସଂ: ୨୦୨, ଚିଦାନନ୍ଦ ଆବାସ, ବୀମା ନଗର, ବ୍ରହ୍ମପୁର, ୭୬୦୦୧୦, ଓଡ଼ିଶା

ଭ୍ରାମ୍ୟଭାଷ : ୯୦୪ ୦୯୮ ୫୪୬୩ | ଇମେଲ୍ : aahwaan@gmail.com

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସାର୍ବଜନୀନ ସ୍ପଷ୍ଟୀକରଣ

'ଆହ୍ୱାନ' ଇ-ପତ୍ରିକାରେ ପୂର୍ଣ୍ଣତଃ ମୌଳିକ, ଅପ୍ରକାଶିତ ଲେଖା ଗୁଡ଼ିକ ହିଁ ଲେଖାର ମାନ ଏବଂ ଭାଷା ତଥା ଉପାଦେୟତା ଆଧାରରେ ଚୟନ କରାଯାଇଥାଏ । କୌଣସି ବେନାମୀ ଲେଖା ଉପରେ ଆମର କୌଣସି କର୍ତ୍ତବ୍ୟ / ଦାୟିତ୍ୱ ରହିବ ନାହିଁ । ଲେଖାରେ ଦିଆଯାଇଥିବା ସମସ୍ତ ତଥ୍ୟ ଏବଂ ବିଚାର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ, ତାହା ଉପରେ ସମ୍ପାଦକ କିମ୍ବା ପ୍ରକାଶକଙ୍କ ସହମତି ରହିବ ବୋଲି କୌଣସି ଲିଖିତ ନିୟମ ନାହିଁ । ଯଦିଓ ପ୍ରତ୍ୟେକ ଲେଖାକୁ ଭଲଭାବରେ ପଢ଼ିବା ଏବଂ ବୁଝିବାପରେ ହିଁ ପ୍ରକାଶନ ହେତୁ ନିର୍ବାଚନ କରାଯାଇଥାଏ । ତଥାପି ଲେଖାର ଶତପ୍ରତିଶତ ସତ୍ୟତାର ଦାବୀ କେବଳ ଲେଖକଙ୍କର । କୌଣସି ଲେଖାକୁ ନେଇ ଉଠିଥିବା ବିବାଦର ଉତ୍ତରଦାୟିତ୍ୱ କେବଳ ଲେଖାର ମୂଳ ଲେଖକଙ୍କର, ଏଥିରେ ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ରହିବ ନାହିଁ । ଲେଖା ପ୍ରକାଶନର ଅଧିକାର ସମ୍ପାଦକଙ୍କ ବିଚାର ଅଧୀନ ।

ଏହି ପତ୍ରିକାର କୌଣସି ଅଂଶ ବା ଲେଖା ସମ୍ପାଦକଙ୍କ ଲିଖିତ ଅନୁମତି ବିନା ଅନ୍ୟ କୌଣସି ମାଧ୍ୟମ (ପତ୍ର ପତ୍ରିକା / ଗଣମାଧ୍ୟମ / ସମ୍ବାଦପତ୍ର ଇତ୍ୟାଦି)ରେ ପ୍ରକାଶିତ କରିବା ଅପରାଧ ବୋଲି ଧରିନିଆଯିବ । ପ୍ରତ୍ୟେକ ଲେଖା ଉପରେ ସମ୍ପୂର୍ଣ୍ଣ ଅଧିକାର ଲେଖକଙ୍କର ରହିବ, ସେ ଚାହିଁଲେ ତାହାକୁ ଫେସବୁକ ଏବଂ ଟ୍ୱିଟର ଆଦି ଗଣମାଧ୍ୟମରେ କିମ୍ବା ଅନ୍ୟ ମାଧ୍ୟମରେ ପ୍ରକାଶିତ କରିପାରିବେ ।

ପବିତ୍ର ମକର ସଂକ୍ରାନ୍ତି ଉପଲକ୍ଷେ
ଆହ୍ୱାନ ଓଡ଼ିଆ ପରିବାରର ସମସ୍ତ ସଦସ୍ୟଙ୍କୁ
ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା...

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସୂଚୀପତ୍ର

ସମ୍ପାଦକୀୟ	ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ	୧୦
କ୍ଷିତିଜ୍ ୨୦୨୬ : ଆଇ ଆଇ ଟି, ଖଡ଼ଗପୁରର ବାର୍ଷିକ ଉତ୍ସବ		୪୯
ଗଳ୍ପ ବିଭାଗ		**୫୨**
ଅନେକ କଳାଛାଇ - ୩୫	ଅଶୋକ ବିଶ୍ୱାଳ	୫୩
ବଡ଼ବାବୁ	ଧାରାବାହିକ କାହାଣୀ	୬୫
ମୁଁ ଯାଯାବର	ଦେବାଶିଷ ମାଇତି	୭୧
କର୍ମଫଳ, ଭାଗ୍ୟ ଓ କୃତଜ୍ଞତା	ଅରୁଣ କୁମାର ଦାସ	୭୪
ଶାମୁକା ମୋତି ଓ ବାଲିରାଜା	ଆଶୁତୋଷ ମେହେର	୭୫
ଅଦୃଶ୍ୟ ଛାୟା	ଭବାନୀ ଶଙ୍କର ଦାଶ	୭୭
ମଲା ମଣିଷ	ରୁଦ୍ରକାନ୍ତ ରାଉତରାୟ	୮୧
ଉଚିତ ଶିକ୍ଷା	ଅଭୟ କୁଣ୍ଡ	୮୪
ଧଳାହାତୀ ପରି ଦିଶୁଥିବା ପାହାଡ଼	ଡଃ ଆଲୋକ କୁମାର ରାୟ	୮୮
କବିତା ବିଭାଗ		**୯୯**
ଅଭିମାନ	ଶିବନାରାୟଣ ଦାସ	୧୦୦
ଶାନ୍ତ ରାତ୍ରୀ	ବିଶ୍ୱ ରଞ୍ଜନ ମହାନ୍ତି	୧୦୧
ନବଉଦ୍ଦୀପନା	ଅମୃତନାରାୟଣ ଶତପଥୀ	୧୦୩

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ନୁଆଁଣିଆ ଆକାଶରେ	କିରନ୍ ସ୍ୱାଇଁ	୧୦୫
ସତ୍ୟ	ରାକେଶ ମୁଦୁଲି	୧୦୬
କେହି ଚାହେଁ ନାହିଁ	ଗୋଲୋକ ବିହାରୀ ବେହେରା	୧୦୯
ନାହିଁ କେହି ସଖା ମୋର	ଦୁର୍ଗା ଚରଣ ମଲ୍ଲ	୧୧୦
କାଠ ଲଙ୍ଗଳ	ଧିରୋଜ କୁମାର ପାତ୍ର	୧୧୨
ପ୍ରେମ	ଅରୁଣ କୁମାର ଦାସ	୧୧୩
ଅପେକ୍ଷା	ଅନାମିକା ଜେନା	୧୧୪
ସମ୍ପର୍କ	କୁଞ୍ଜବିହାରୀ ରାଉତ	୧୧୫
ନୀଳାଦ୍ରି ସାମନ୍ତ	ପାରଦ କୁମାର ପାଢ଼ୀ	୧୧୬
ପ୍ରେମିକ ପ୍ରଚ୍ଛଦ ପଟର ପ୍ରଶ୍ନ	ନାରାୟଣ ରାଉତ	୧୧୮
ଧର୍ମ	ବାସନ୍ତୀ ଦେଇ	୧୨୨
ତଥାପି ମୁଁ ବଦନାମ	ବିଶ୍ୱଜିତ ନାୟକ	୧୨୪
ପ୍ରେମିକା	କରିଶ୍ମା ତ୍ରିପାଠୀ	୧୨୫
ମୁକ୍ତିତୀର୍ଥ	ପ୍ରଶାନ୍ତ କୁମାର ଦାଶ	୧୨୭
ଯଦି ବୁଦ୍ଧ ଏକ ମା ହୋଇଥାନ୍ତେ	ଇତିକ୍ଷା ମିଶ୍ର	୧୨୯
ବିଧବା ମନର କଥା	ସ୍ମୃତି ପ୍ରିୟଦର୍ଶିନୀ ପ୍ରଧାନ	୧୩୧
ପୃଥିବୀ ଲାଗୁଛି ପର	ଶୁଭ ସାର୍ଥକ	୧୩୩
ଅଶ୍ରୁ	ପୂଜା ସାହୁ	୧୩୫

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ନାଆଁଟି ମୋର ଆଳୁ	ରାମ ଚନ୍ଦ୍ର ପ୍ରଧାନ	୧୩୬
ଘର	ଦୀପାଲି ବେହେରା	୧୩୮
ବଦଳିଲା	ମଧୁସ୍ମିତା ସାହୁ	୧୩୯
ଭାବରେ ଭାବଗ୍ରାହୀ	ମୁକେଶ କୁମାର ପଣ୍ଡା	୧୪୦
ପଲ୍ଲୀର ଶୀତ ସକାଳ	ଡଃ ମନ୍ଦାକିନୀ ପାଢ଼ୀ	୧୪୧
ରୁହନା ମଉନେ ଉଦାସୀ	ତାରା ପ୍ରସାଦ ଜେନା	୧୪୩
ନୂଆ ବର୍ଷ, ଅନିଶ୍ଚିତ ଭବିଷ୍ୟତ	ବିନୟ ମହାପାତ୍ର	୧୪୪
ନୀଳ ପ୍ରଜାପତି	ବିଶ୍ୱନାଥ କର	୧୪୬
ବ୍ରାହ୍ମଣୀ ଜଙ୍ଗଲ	ଦଶରଥ ମାଝୀ	୧୪୮
ଜୟ ଶ୍ରୀ କୃଷ୍ଣ	ହୃଦାନନ୍ଦ ସୁନାନୀ	୧୪୯
ନବବର୍ଷର ଜୟ	ଅଲେଖ ମେହେର	୧୫୦
ଲୁହ ଟିକେ ଦେଇ ଯାଆ	ହରେରାମ ପଣ୍ଡା	୧୫୧
ଶୀତ ସକାଳ	ସୁଜିତ କୁମାର ମିଶ୍ର	୧୫୨
ସେଇଥିପାଇଁ	ଶିଶିର କୁମାର ପଣ୍ଡା	୧୫୩
ଆସ ରହିବା ସୁଖରେ	ପ୍ରଶାନ୍ତ ବ୍ରହ୍ମା	୧୫୪
ଯୁଗ	ବିନୟ କୁମାର ମିଶ୍ର	୧୫୬
କବିତା ଲେଖି ମୁଁ ଅପରାଧୀ	ନିରଞ୍ଜନ ସାହୁ	୧୬୦
ହେ ଉତ୍କଳ ବ୍ୟାସ	ନୀଳମଣି ଚାନ୍ଦ	୧୬୧

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଆସିଛି ନୂଆ ବରଷ	ଚନ୍ଦ୍ରକାନ୍ତ ଜେନା	୧୬୨
ଲୀଳାମୟ ରାଧାରାଣୀ	ମଧୁସ୍ମିତା ନନ୍ଦ	୧୬୪
ରକ୍ତ ବି କଥା କହେ	ଦୀନବଂଧୁ ବେଜ	୧୬୬
ସ୍ମୃତି ତୁମେ ଯେବେ ଆସ	ସୁନୀତା ମହାନ୍ତି	୧୬୭
ଅସରାଏ ବର୍ଷା ପରେ	ସୁଶାନ୍ତ ଶେଖର ଦାଶ	୧୬୯
ଅଟଳ	ସୁପ୍ରିୟା ମହାନ୍ତି	୧୭୧
ଅଧୁରା ଅପେକ୍ଷା	ଜିତେନ୍ଦ୍ର ସାହୁ	୧୭୨
ପ୍ରୟାସ	ସାଗର ଖରା	୧୭୩
ଭଗ୍ନ କୁଟୀର ବାସୀଟିଏ	ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ	୧୭୪
ଅନନ୍ୟା ଖୋଜୁଛି ବିତିଲା ସ୍ମୃତି	ନରେନ୍ଦ୍ର କୁମାର ଦାସ	୧୭୫
	ଶ୍ୟାମା ପ୍ରସାଦ ବୋଷ	୧୭୬
	ହୁ ଇସ୍ ସି	୧୭୮
	ଡଃ ତାନଶ୍ରୀ ପାଣିଗ୍ରାହୀ	୧୭୯
	ସୁଶାନ୍ତ କୁମାର ସାହୁ	୧୮୦
	ମାହେଶ୍ୱରୀ ଦାଶ	୧୮୧
ସରି ଯାଉଥିବା ବର୍ଷ	ବିଭୁ ପ୍ରସାଦ ପଣ୍ଡା	୧୮୩
ଚାଲ ବୁଲିଯିବା ଓଡ଼ିଶା - ୨	ଜସ୍ମିନ୍ ସାହୁ	୧୮୫
ହେ ନୂଆବର୍ଷ ତୁମକୁ ସ୍ୱାଗତ	ଜ୍ୟୋତି ରଞ୍ଜନ ପାତ୍ର	୧୮୬

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସ୍ୱାଗତ ନୂଆ ବର୍ଷ	ନଳିନୀ ପ୍ରଭା ମିଶ୍ର	୧୮୭
ନୂଆବର୍ଷ ତୁମ ଅପେକ୍ଷାରେ	ରୀତା ଅପରାଜିତା ମହାନ୍ତି	୧୮୮
ନୂଆବରଷ	ତରୁଣ କୁମାର ମିଶ୍ର	୧୯୦
ବିଶ୍ୱପ୍ରକୃତି ଓ ନୂଆବର୍ଷ	କାହ୍ନୁ ଚରଣ ପାଣିଗ୍ରାହୀ	୧୯୨
ସମର୍ପଣ	ସିଦ୍ଧେଶ୍ୱର ତ୍ରିପାଠୀ	୧୯୪
ପ୍ରେମ ଦୁନିଆ ଦେଖୁଛି ପ୍ରଭୁ ଜଗନ୍ନାଥ	ଆଲୋକ ପଣ୍ଡା	୧୯୫
ନୂଆ ବର୍ଷ ୨୦୨୬	ରମେଶ ଟାକ୍ରୀ	୧୯୬
ନୂଆବର୍ଷ ୨୦୨୬କୁ ସ୍ୱାଗତ	ବିଦ୍ୟୁତ ପ୍ରଭା ମିଶ୍ର	୧୯୭
କୋରାପୁଟିଆ ପୁଷପୁନି	ଗୌରୀ ପଣ୍ଡା	୧୯୯
ଜୟ ମା ମଙ୍ଗଳା	ନଳିନୀ ଦାଶ	୨୦୧
ବଡ଼ଦିନର ବଡ଼ମଣିଷ	ସ୍ୱର୍ଣ୍ଣରଥ ମହାପାତ୍ର	୨୦୨
ଆମ ବରଗଡ଼	ସୁହଂସ ଭୋଇ	୨୦୪
ପିତୃ ପ୍ରେମ	ନନ୍ଦିତା ବଢ଼ାଇ	୨୦୬
ଯୁଗାନ୍ତକାରୀ	ଆକୁଳାନନ୍ଦ ପୃଷ୍ଟି	୨୦୭
ମୋବାଇଲ୍ ଫୁନ୍	କବିରାଜ ଭୋଇ	୨୦୯
କବି	ସୁନୀଲ କୁମାର ଅଗସ୍ତି	୨୧୦
ପ୍ରବନ୍ଧ ବିଭାଗ		**୨୧୧**
ସମ୍ବଲପୁର ହିତୈଷିଣୀ - ବାମଣ୍ଡାର ଗୌରବ	ଡଃ ସମୀର କୁମାର ନନ୍ଦ	୨୧୨

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଅନ୍ୟପାଇଁ ବଞ୍ଚିବାର ସଂକଳ୍ପ ନେବା	ଆଶୁତୋଷ ନାୟକ	୨୧୭
ଶିଶୁର ଜୀବନଶୈଳୀରେ ସମୟ	ପୁଷ୍ପଲତା ମିଶ୍ର	୨୨୨
କାଳର କରାଳ ଗତି	ଅର୍ଜୁନୀ ଚରଣ ବେହେରା	୨୨୬
ବଞ୍ଚିବାର ଉପାଦାନ	ପାରଦ କୁମାର ପାଢୀ	୨୨୯
ବିଶେଷ ସୂଚନା		**୨୩୨**

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସମ୍ପାଦକୀୟ

ନମସ୍କାର

ଆହ୍ୱାନ ଇ-ପତ୍ରିକାର ଶ୍ରଦ୍ଧେୟ ପାଠିକା, ପାଠକ ଏବଂ ସାହିତ୍ୟିକ ମାନଙ୍କୁ ଇଂରାଜୀ ନବବର୍ଷ ୨୦୨୬ର ହାର୍ଦ୍ଦିକ ଅଭିନନ୍ଦନ । ଆଶା କରୁଛି ଏହି ବର୍ଷ ଆପଣ ସମସ୍ତଙ୍କ ଜୀବନରେ ନୂତନତ୍ୱ ଆଣି ଦେବ । ସୁଖ, ସମୃଦ୍ଧି ଏବଂ ସ୍ୱାସ୍ଥ୍ୟରେ ଆପଣ ସମ୍ପନ୍ନ ହେବେ । ଭଗବାନଙ୍କ ଆଶୀର୍ବାଦ ସବୁବେଳେ ଆପଣଙ୍କ ଉପରେ ରହିବ । ସମଗ୍ର ବିଶ୍ୱ ନବବର୍ଷ ପାଇଁ ଉତ୍ସବମୁଖର । ରାଜ୍ୟବ୍ୟାପୀ ବଣଭୋଜି ଓ ବୁଲାବୁଲିର ଆସର । ଏଇ ସମୟରେ ରାଜ୍ୟରେ କିନ୍ତୁ ଜନ ଅସନ୍ତୋଷ ବ୍ୟାପୀବାରେ ଲାଗିଛି । ସେ ବିଷୟରେ ଚର୍ଚ୍ଚା କରିବା ଚାଲନ୍ତୁ ।

ବର୍ଷା ଆରମ୍ଭରୁ ହିଁ ରାଜ୍ୟ ସରକାରଙ୍କ କିଛି ନୂତନ ନିୟମ "ରାଜ୍ୟରେ ବୈଧ ପ୍ରଦୂଷଣ ମୁକ୍ତ ପ୍ରମାଣପତ୍ର (PUCC) ନଥିଲେ ଗାଡ଼ିକୁ ପେଟ୍ରୋଲ କିମ୍ବା ଡିଜେଲ ନଦେବା" ପାଇଁ ସରକାର ନେଇଥିବା ନିଷ୍ପତ୍ତିକୁ ନେଇ ଓଡ଼ିଶା ଉଚ୍ଚ ନ୍ୟାୟାଳୟ କ୍ଷୋଭ ପ୍ରକାଶ କରିଛନ୍ତି । ମଙ୍ଗଳବାର ଏହି ମାମଲାର ଶୁଣାଣି କରି ହାଇକୋର୍ଟ ରାଜ୍ୟ ସରକାରଙ୍କୁ ନୋଟିସ୍ ଜାରି କରିବା ସହ ଦୁଇ ସପ୍ତାହ ମଧ୍ୟରେ ଜବାବ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ।

ମୁଖ୍ୟ ବିଚାରପତି ହରିଶ ଟାଣ୍ଡନ ଏବଂ ବିଚାରପତି ଏମ.ଏସ. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ପରିବହନ କମିଶନର ତଥା ରାଜ୍ୟ ପରିବହନ କର୍ତ୍ତୃପକ୍ଷ (STA)ଙ୍କୁ ୧୫ ଦିନ ମଧ୍ୟରେ ସତ୍ୟପାଠ ଦାଖଲ କରିବାକୁ କହିଛନ୍ତି ।

ଭୁବନେଶ୍ୱରର ଜଣେ ବାସିନ୍ଦାଙ୍କ ଦ୍ୱାରା ଦାଖଲ ହୋଇଥିବା ଏହି ଜନସ୍ୱାର୍ଥ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମାମଲାରେ ଦର୍ଶାଯାଇଛି ଯେ, ମୋଟର ଯାନ ଆଇନ-୧୯୮୮ କିମ୍ବା କେନ୍ଦ୍ରୀୟ ମୋଟର ଯାନ ନିୟମ-୧୯୮୯ରେ ତେଲ ବନ୍ଦ କରିବାର କୌଣସି ପ୍ରାବଧାନ ନାହିଁ । ଏହା ସହ ଇନ୍ଧନ ଏକ ଅତ୍ୟାବଶ୍ୟକ ସାମଗ୍ରୀ ହୋଇଥିବାରୁ ଏହାକୁ ରୋକିବା ବେଆଇନ ବୋଲି ଆବେଦନକାରୀ ଦର୍ଶାଇଛନ୍ତି ।

ଅନ୍ୟପଟେ ସରକାର ଏହାକୁ ପ୍ରଦୂଷଣ ନିୟନ୍ତ୍ରଣ ଓ ଜନସ୍ୱାସ୍ଥ୍ୟ ରକ୍ଷା ପାଇଁ ଏକ ପଦକ୍ଷେପ ବୋଲି କହିଛନ୍ତି ।

ବାଣିଜ୍ୟ ଓ ପରିବହନ ବିଭାଗ ମନ୍ତ୍ରୀ ବିଭୂତିଭୂଷଣ ଜେନା ପ୍ରଦୂଷଣ ଯାଞ୍ଚ ଓ ଜରିମାନାକୁ ନେଇ ଗୁରୁବାର ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରିଛନ୍ତି । ପ୍ରଦୂଷଣ ଯାଞ୍ଚ ପାଇଁ ଜନସାଧାରଣଙ୍କ ସମସ୍ୟାକୁ ଦୃଷ୍ଟିରେ ରଖି ଆସନ୍ତା ଏପ୍ରିଲ ପହିଲା ପର୍ଯ୍ୟନ୍ତ ପ୍ରଦୂଷଣ ସାର୍ଟିଫିକେଟ ନଥିଲେ ଜରିମାନା ନଲଗାଇବାକୁ ରାଜ୍ୟ ପରିବହନ ପ୍ରାଧିକରଣକୁ ନିର୍ଦ୍ଦେଶ ଦେଇଛନ୍ତି ।

ଟୋଲ ଗେଟରେ ଇ-ଡିଟେକ୍ସନରେ କଟୁଥିବା ଏ ସମ୍ବନ୍ଧୀୟ ଜରିମାନାକୁ ମଧ୍ୟ ସ୍ଥଗିତ ରଖିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି । ସେହିଭଳି ପ୍ରଦୂଷଣ ପ୍ରମାଣପତ୍ର ନଥିଲେ ମୋଟରଯାନ ଆଇନ ଅନୁଯାୟୀ ଲାଗୁ ହେଉଥିବା ୧୦ ହଜାର ଟଙ୍କା ଜରିମାନାକୁ ହ୍ରାସ କରିବା ଦିଗରେ ତର୍ଜମା କରିବାକୁ ମଧ୍ୟ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି ।

ମନ୍ତ୍ରୀ ଜେନା କହିଛନ୍ତି, ଗାଡ଼ିର ପ୍ରଦୂଷଣ ଯାଞ୍ଚ କରିବା ସମସ୍ତଙ୍କ ଦାୟିତ୍ୱ । ବାୟୁ ଗୁଣବତ୍ତା ଦିନକୁ ଦିନ ଖରାପ ହେଉଛି । ଏହାର ସୁଧାର ଦିଗରେ କାର୍ଯ୍ୟ କରିବା ଆମ ସମସ୍ତଙ୍କ କର୍ତ୍ତବ୍ୟ । ସେଥିପାଇଁ ପରିବହନରେ ପରିବେଶ ସୁରକ୍ଷାକୁ ଲକ୍ଷ୍ୟ ରଖି ପ୍ରଦୂଷଣ ଯାଞ୍ଚ ପାଇଁ କଠୋର ଆଭିମୁଖ୍ୟ ଗ୍ରହଣ କରାଯାଇଛି ।

ମୋଟରଯାନ ଆଇନ ଅନୁଯାୟୀ ଏହା ବାଧ୍ୟତାମୂଳକ । ଓଡ଼ିଶାରେ ମାତ୍ର ୨୧ ପ୍ରତିଶତ ଗାଡ଼ିର ପ୍ରଦୂଷଣ ପ୍ରମାଣପତ୍ର ରହିଛି । ଅନେକ ଗାଡ଼ି ଏହି ନିୟମର ବ୍ୟାପକ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଉଲ୍ଲଂଘନ କରୁଛନ୍ତି । ଏହାକୁ ଦୃଷ୍ଟିରେ ରଖି ଏ ଦିଗରେ ସଚେତନତା ବୃଦ୍ଧି କରିବାକୁ ପ୍ରଦୂଷଣ ପ୍ରମାଣପତ୍ରକୁ ଗୁରୁତ୍ୱ ଦିଆଯାଇଛି । ତେବେ ଜନସାଧାରଣ ଏଥିପାଇଁ ସମସ୍ୟାର ସମ୍ମୁଖୀନ ହେଉଥିବା ଦୃଷ୍ଟିକୁ ଆସିବାରୁ ଲୋକଙ୍କ ସୁବିଧା ପାଇଁ କୋହଳ ନିଷ୍ପତ୍ତି ଗ୍ରହଣ କରାଯାଇଛି । ଏହି ସମୟ ଅବଧିରେ ପ୍ରଦୂଷଣ ପ୍ରମାଣପତ୍ର କରାଇ ନେବାକୁ ମନ୍ତ୍ରୀ ଜେନା କହିଛନ୍ତି ।

ଓଡ଼ିଶାର କଶ୍ମୀର କୁହାଯାଉଥିବା ଦାରିଙ୍ଗବାଡିରେ ପୁଣି ଶୀତ ଲେଉଟିଛି । ଗତ ୨ ଦିନ ହେଲା ଦାରିଙ୍ଗବାଡି ସମେତ ସିମନବାଡି, ଶ୍ରାନିକେତା, ସିଆଙ୍ଗବାଲି, ଦାସିଙ୍ଗବାଡି, ସୋନପୁର, ସିର୍କାବର୍ଗ, ଦନେକବାଡି, କିରିକୁଟି, ବାଡାବାଙ୍ଗା ଆଦି ଅଞ୍ଚଳରେ ଅସହ୍ୟ ଜାଡ଼ ଅନୁଭୂତ ହୋଇଛି । ଏପରିକି ସିମନବାଡି, ଦାରିଙ୍ଗବାଡିରେ ରହିଥିବା ଚାଷ ଜମି ପାଳ ଗଦା ଉପରେ ତୁଷାରପାତ ହୋଇଥିବା ଦେଖିବାକୁ ମିଳୁଛି । ଅସହ୍ୟ ଜାଡ଼ ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି । ତାପମାତ୍ରା ୭ ଡିଗ୍ରୀ ତଳେ ରହିଥିବା କୁହାଯାଇଛି । ବିଭିନ୍ନ ସ୍ଥାନରେ ଅପରାହ୍ନ ଠାରୁ ଏହି ଶୀତ ଆରମ୍ଭ ହୋଇ ପରଦିନ ସକାଳ ୧୦ଟା ପର୍ଯ୍ୟନ୍ତ ଜାଡ଼ ଅନୁଭୂତ ହେଉଛି । ପାଣିରେ ହାତ ଦେଇ ହେଉନଥିବା ଲୋକ ପ୍ରତିକ୍ରିୟା ରଖିଛନ୍ତି । ସନ୍ଧ୍ୟା ହେଲେ ନିଆଁର ସହାୟତା ନେବାକୁ ପଡୁଛି । ଗରୀବ ରେଖା ତଳେ ରହିଥିବା ଲୋକଙ୍କ ପାଇଁ ଶୀତ କଷ୍ଟ ଆଣିଥିବା ବେଳେ ପର୍ଯ୍ୟଟକ ଏହି ଶୀତର ମଜା ନେଉଛନ୍ତି । ସେହିପରି ଶୀତକୁ ନେଇ ଶୀତ ମହୋତ୍ସବ ଅନୁଷ୍ଠିତ ହେଉଥିବା ବେଳେ ଆଜି ସନ୍ଧ୍ୟାଠାରୁ ଏହାର ଶୁଭାରମ୍ଭ ହେବ । ପର୍ଯ୍ୟଟକ ଓ ଜିଲା ଓ ଜିଲ୍ଲା ବାହାରୁ ଆସୁଥିବା ପର୍ଯ୍ୟଟକ, ଦର୍ଶକ ହଜାର ସଂଖ୍ୟାରେ ମହୋତ୍ସବରେ ଯୋଗଦାନ କରିବା ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଛି । ସୂଚନା ଯୋଗ୍ୟ ଯେ, ପ୍ରତିବର୍ଷ ଏହି ସମୟରେ ଗୋଟିଏ ସପ୍ତାହ ଧରି ପ୍ରବଳ ଶୀତ ସହ ତୁଷାରପାତ ହେଉଥିବା ନଜିର ରହିଛି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ହାଡ଼ଭଙ୍ଗା ଶୀତରେ ଥରୁଛି କନ୍ଧମାଳ ଜିଲା ଜି ଉଦୟଗିରି । ବୁଧୁବାର ସହରର ତାପମାତ୍ରା ୩ ଡିଗ୍ରୀ ରହିଛି । ଏହା ଚଳିତ ବର୍ଷର ସବୁଠାରୁ କମ୍ ତାପମାତ୍ରା । ଆଜି ମଧ୍ୟ ଜି ଉଦୟଗିରିରେ ରାଜ୍ୟର ସବୁଠାରୁ କମ୍ ତାପମାତ୍ରା ରହିଛି । ପ୍ରବଳ ଶୀତ ସାଙ୍ଗକୁ ଘନ କୁହୁଡି ଯୋଗୁ ଲୋକେ ଘରୁ ବାହାରିବା କଷ୍ଟ ହେଉଛି । ଏଣେ ଶୀତର ମଜା ନେବା ପାଇଁ ପର୍ଯ୍ୟଟକମାନଙ୍କ ସଂଖ୍ୟା ବୃଦ୍ଧି ପାଇଛି ।

ବିଶେଷକରି କାଲିଗାଡୁ ହିଲଟପ୍ ଯୁବପିଢ଼ିଙ୍କ ପାଇଁ ବେଶ୍ ଆକାର୍ଷଣୀୟ ହୋଇଛି । କଫି ବଗିଚାରେ ମଜା ନେଉଛନ୍ତି ପର୍ଯ୍ୟଟକ । ପ୍ରବଳ ଶୀତକୁ ଦୃଷ୍ଟିରେ ରଖି ଆସନ୍ତା ଫେବୃଆରୀ ୩ ଠାରୁ ୭ ପର୍ଯ୍ୟନ୍ତ ହେବାକୁ ଥିବା ଶୀତ ମହୋତ୍ସବ ପାଇଁ ଘନଘନ ବୈଠକ ବସୁଛି । ଅନ୍ୟପଟେ ଘନ କୁହୁଡ଼ି ଯୋଗୁ ଘାଟି ରାସ୍ତାମାନଙ୍କରେ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହେଉଛି ।

ମୟୂରଭଞ୍ଜ ଜିଲା ଶିମିଳିପାଳ ଜାତୀୟ ଉଦ୍ୟାନରେ ପାରଦ ନିମ୍ନଗାମୀ ହୋଇଛି । ଶୁକ୍ରବାର ତାପମାତ୍ରା ହ୍ରାସ ପାଇ ମାଇନାସ ୧ ଡିଗ୍ରୀରେ ପହଞ୍ଚିଛି । ବୁଧବାର ଓ ଗୁରୁବାର ଦୁଇ ଦିନ ଧରି ଉପର ବାରହାକାମୁଡାରେ ତାପାମାତ୍ରା ଶୂନ ଡିଗ୍ରୀ ରେକର୍ଡ ହୋଇଥିବା ବେଳେ ୨୪ ଘଣ୍ଟାରେ ତାପାମାତ୍ରା ମାଇନାସ ୧ ଡିଗ୍ରୀରେ ରହିଥିବା ନେଇ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ତଥା ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ ଡ.ପ୍ରକାଶ ଚାନ୍ଦ ଗୋଗିନେନୀ ସୂଚନା ପ୍ରଦାନ କରିଛନ୍ତି । ଫଳରେ ଶିମିଳିପାଳ ସଂଲଗ୍ନ ଜନବସତି ସମେତ ଜିଲାବ୍ୟାପି ଶୀତର ଜାଡ ଅସମ୍ଭାଳ କରିଦେଇଛି । ଶୀତ କଷ୍ଟକୁ ଲାଘବ କରିବା ପାଇଁ ଲୋକେ ଗରମ ପୋଷାକ ଘୋଡାଇ ରହିବା ସହ ନିଆଁ ଜାଳି ଶୀତକଷ୍ଟକୁ ଲାଘବ କରୁଛନ୍ତି ।

ଜିଲାରେ ପ୍ରଦୂଷିତ ବାୟୁ ଏବଂ ଜଳବାୟୁ ପରିବର୍ତ୍ତନର ପ୍ରଭାବ ବର୍ଷତମାମ ଦେଖିବାକୁ ମିଳିଛି । ଖରାଦିନେ ଉତପ୍ତ ସହର ଭାବେ ବାରିପଦା ରେକର୍ଡ କରିଥିବା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବେଳେ ଚଳିତ ବର୍ଷ ୬ମାସ ଧରି ଅନବରତ ବର୍ଷା ଲାଗି ରହିଥିଲା । ଏପରିକି ଶୀତ ଦିନେ ସହରର ତାପମାତ୍ରା ୧୦ଡିଗ୍ରୀ ତଳେ ରହୁଥିବା ବେଳେ ତାପମାତ୍ରା କ୍ରମଶଃ ହ୍ରାସ ପାଇ ମାଇନାସରେ ପହଞ୍ଚିଛି । ସେହିପରି ଶିମିଳିପାଳ ଅଭୟାରଣ୍ୟର ଚହଲା ଓ ଗୁଡୁଗୁଡିଆରେ ୨ଡିଗ୍ରୀ, ବରେହିପାଣିରେ ୫ଡିଗ୍ରୀ, ରାମତୀର୍ଥ ଓ ସାତକୋଶିଆରେ ୯ଡିଗ୍ରୀ ଏବଂ କିଆଝରୀରେ ୧୦ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି । ଜିଲାର ୨୬ଟି ବ୍ଲକ ମଧ୍ୟରୁ ଅଧିକାଂଶ ସ୍ଥାନରେ ସର୍ବନିମ୍ନ ତାପମାତ୍ରା ୧୦ଡିଗ୍ରୀ ପାଖାପାଖି ରହୁଛି । ଅବାଧ ଗଛକଟା ଓ ଖଣିଖନନ ଯୋଗୁଁ ଏହାର ପ୍ରଭାବ ଜିଲାବାସୀଙ୍କ ଉପରେ ପଡୁଛି । ଯାହାକୁ ନେଇ ଶୀତ ଦିନେ ପ୍ରବଳ ଶୀତରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି ।

ତେବେ ୨୦୧୪ରୁ ଶିମିଳିପାଳରେ ଶିମିଳିପାଳରେ ୧୩ବର୍ଷ ମଧ୍ୟରେ ତାପମାତ୍ରା ମାଇନାସକୁ ଆସିନଥିବା ବେଳେ ଚଳିତ ବର୍ଷ ପାରଦ କମିଥିବାରୁ ଉପରବାରହାକାମୁଡା ଅଂଚଳରେ ତୁହିନର ଆସ୍ତରଣ ପଡିଛି । ତାପମାତ୍ରା ରେକର୍ଡ କରାଯାଉଥିବା ବେଳେ ଅଦ୍ୟାବଧି ମାଇନାସ ତାପମାତ୍ରା ରେକର୍ଡ ହୋଇନଥିବା ନେଇ ଗୋଗିନେନୀ ଜଣାଇଛନ୍ତି ।

ହାଡ଼ଭଙ୍ଗା ଶୀତରେ ଥରୁଛି ସାରା ରାଜ୍ୟ । ୨୩ ସହରର ପାରଦ ୧୦ ଡିଗ୍ରୀ ତଳେ ଥିବାବେଳେ ୩୮ସହରରେ ୧୨ ଡିଗ୍ରୀ ତଳେ ତାପମାତ୍ରା ରହିଛି । ଜି. ଉଦୟଗିରି ରାଜ୍ୟରେ ସବୁଠୁ ଥଣ୍ଡା ସହର ହୋଇଥିବାବେଳେ ଏଠାରେ ତାପମାତ୍ରା ୩ ଡିଗ୍ରୀ ରହିଛି ।

ସେହିପରି ସେମିଳିଗୁଡ଼ାରେ ୪.୧ ଡିଗ୍ରୀ, ଫୁଲବାଣୀ ୫ ଡିଗ୍ରୀ, ରାଉରକେଲାରେ ୫.୧ ଡିଗ୍ରୀ, ଝାରସୁଗୁଡ଼ାରେ ୫.୪ ଡିଗ୍ରୀ, ଦାରିଙ୍ଗବାଡ଼ିରେ ୭ ଡିଗ୍ରୀ, କିରୋଇରେ ୭.୪ ଡିଗ୍ରୀ, କେନ୍ଦୁଝରରେ ୭.୬ ଡିଗ୍ରୀ, ଚିପିଲିମାରେ ୭.୭ ଡିଗ୍ରୀ, ସୁନ୍ଦରଗଡ଼ ଓ ଭବାନୀପାଟଣାରେ ତାପମାତ୍ରା ୭.୮ ଡିଗ୍ରୀ ରହିଛି ।

ଅନୁଗୋଳରେ ତାପମାତ୍ରା ୮ ଡିଗ୍ରୀ ଥିବାବେଳେ କୋରାପୁଟ ଓ ବଲାଙ୍ଗୀରରେ ୮.୫

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଡିଗ୍ରୀ ରହିଛି । ବାରିପଦା ଓ ଢେଙ୍କାନାଳ ୮.୬ ଡିଗ୍ରୀ, ରାଣୀତାଲରେ ୮.୮ ଡିଗ୍ରୀ, ନବରଙ୍ଗପୁର ୯.୫ ଡିଗ୍ରୀ ରହିଛି । ସେହିପରି କଟକ ଓ ସୋନପୁରରେ ୯.୬ ଡିଗ୍ରୀ ତାପମାତ୍ରା ଥିବାବେଳେ ବାଲେଶ୍ୱରରେ ୯.୮, ସମ୍ବଲପୁରରେ ୯.୯ ଡିଗ୍ରୀ ସର୍ବନିମ୍ନ ତାପମାତ୍ରା ରିହଛି ।

ରାଜ୍ୟରେ ଆଗାମୀ ଦୁଇ ସପ୍ତାହ ଯାଏ ଶୀତ ଜାରି ରହିବ । ଏନେଇ ପାଣିପାଗ ବିଜ୍ଞାନୀ ଉମାଶଙ୍କର ଦାସଙ୍କ ସୂଚନା ଗୁରୁବାର ସୂଚନା ଦେଇଛନ୍ତି । ରାଜ୍ୟର ୨୪ଟି ସହରରେ ରାତିର ତାପମାତ୍ରା ୧୦ କିମ୍ବା ତାଠୁ କମ୍ ରହିଥିବା ଜଣାପଡିଛି । ଜି. ଉଦୟଗିରିରେ ରାତିରେ ତାପମାତ୍ରା ୨.୫ ଡିଗ୍ରୀକୁ ଖସି ଆସିଥିବା ବେଳେ ଭୁବନେଶ୍ୱରରେ ତାପମାତ୍ରା ମଧ୍ୟ ୯.୪କୁ କମି ଆସିଥିବା ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

ରାଜ୍ୟରେ ଗତ ୯ରୁ ୧୦ ଦିନ ହେବ ଶୀତ ପ୍ରକୋପ ଲାଗି ରହିଛି । ଏଭଳି ଲଗାତାର ଶୀତ ପ୍ରକୋପ ବିଗତ ବର୍ଷମାନଙ୍କରେ କେବେ ଅନୁଭୂତ ହୋଇ ନ ଥିଲା । ବୁଧବାର ଜି.ଉଦୟଗିରିର ସର୍ବନିମ୍ନ ତାପମାତ୍ରା ୪.୨ ଡିଗ୍ରୀ ସେଲସିୟସ, ରହିଥିବା ବେଳେ ଫୁଲବାଣୀ ୬, ଦାରିଙ୍ଗିବା ୬, ସେମିଳିଗୁଡା ୬.୧, କୋରାପୁଟ ୭, ରାଉରକେଲା ୮.୨, ଝାରସୁଗୁଡ଼ା ୮.୯, କିରେଇ ୯.୮, ବୌଦ୍ଧ ୯.୮, ଭବାନୀପାଟଣା ୯, ଅନୁଗୋଳ ୯.୬, ନବରଙ୍ଗପୁର ୧୦, କେନ୍ଦୁଝର ୧୦.୬, ବଲାଙ୍ଗୀର ୧୦.୮, ରାୟଗଡା ୧୧, ସୋନପୁର ୧୧, ଢେଙ୍କାନାଳ ୧୧.୩, ସୁନ୍ଦରଗଡ ୧୦.୬, ସମ୍ବଲପୁର ୧୧.୮ ଓ ନୂଆପଡ଼ାରେ ୧୨ ଡିଗ୍ରୀ ଥିଲା । ଉପକୂଳ ଓ ଭୁବନେଶ୍ୱର ୧୩.୨ ଓ କଟକ ୧୩, ଜଗତସିଂହପୁର ୧୨.୬, କେନ୍ଦ୍ରାପଡ଼ା ୧୨.୬ ଡିଗ୍ରୀ ରହିଥିବା ସୂଚନା ମିଳିଛି ।

ଆନ୍ଦୋଳନରୁ ଓହରିଛି ଡାକ୍ତର ସଂଘ । ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କ ସହ ଆଲୋଚନା ପରେ ଆନ୍ଦୋଳନରୁ ଓହରିଛନ୍ତି ଡାକ୍ତର । ଆସନ୍ତାକାଲି ଅର୍ଥାତ୍ ଶୁକ୍ରବାରଠାରୁ ସ୍ୱାସ୍ଥ୍ୟସେବା ସ୍ୱାଭାବିକ ହେବ । ଏନେଇ ସୂଚନା ଦେଇଛନ୍ତି OMSA

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସଭାପତି । ସରକାରଙ୍କଠାରୁ ପ୍ରତିଶ୍ରୁତି ମିଳିଲା ପରେ ଆନ୍ଦୋଳନରୁ ଡାକ୍ତରମାନେ ଓହରିଛନ୍ତି ।

ସୂଚନା ଥାଉକି, ସାରା ରାଜ୍ୟରେ ଡାକ୍ତରମାନେ ଆନ୍ଦୋଳନ ଜାରି ରଖିଥିଲେ । ପ୍ରତୀକାତ୍ମକ ଧାରଣା କ୍ରମେ ପ୍ରତ୍ୟେକ ଦିନ ସକାଳୁ ଦୁଇଘଣ୍ଟା ବହିର୍ବିଭାଗ ବା ଓପିଡିରେ ନ ବସି ବାହାରେ ଧାରଣା ଜାରି ରଖିଥିଲେ । ପରିଣାମ ସ୍ୱରୂପ ଦୂରଦୂରାନ୍ତରୁ ଚିକିତ୍ସା ପାଇଁ ଆସୁଥିବା ରୋଗୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିଲେ । ଡାକ୍ତରମାନେ ରାଜ୍ୟ ଡାକ୍ତରୀ ମହାସଂଘ (ଓମ୍‌ସା)ର ଡାକରା କ୍ରମେ ପ୍ରଥମେ କଳାବ୍ୟାଜ୍ ପରିଧାନ କରିଥିଲେ । ପରେ ଓପିଡି ୧ ଘଣ୍ଟା ବନ୍ଦ ଓ ଏବେ ଦୁଇଘଣ୍ଟା ବନ୍ଦ ନିଷ୍ପତ୍ତି ନେଇ ଆନ୍ଦୋଳନ ଜାରି ରଖିଥିଲେ ।

ରାଜ୍ୟରେ ଡାକ୍ତର ସଂଘ(ଓମ୍‌ସା) ପକ୍ଷରୁ ଜାରି ରହିଥିବା ଆନ୍ଦୋଳନକୁ ପ୍ରଶମିତ କରିବା ଲାଗି ରାଜ୍ୟ ସରକାରଙ୍କ ପକ୍ଷରୁ ମଙ୍ଗଳବାର କଠୋର କାର୍ଯ୍ୟାନୁଷ୍ଠାନସ୍ୱରୂପ ଜରୁରୀ ସେବା ପରିଚାଳନା ଆଇନ(ଏସ୍‌ମା) ଲାଗୁ କରାଯାଇଥିଲା । ଏ ସଂକ୍ରାନ୍ତରେ ରାଜ୍ୟ ସରକାରଙ୍କ ଗୃହ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ସଚିବ ଏକ ନିର୍ଦ୍ଦେଶନାମା ଜାରି କରିଥିଲେ । ସେଥିରେ ସଚିବ ଦର୍ଶାଇଛନ୍ତି, ଜନସାଧାରଣଙ୍କ ହିତକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଡାକ୍ତର, ନର୍ସିଂ ଅଫିସର, ଫାର୍ମାସୀ ଅଫିସର, ଅନ୍ୟାନ୍ୟ ପାରାମେଡିକାଲ କର୍ମଚାରୀ, ଟେକ୍ନିସିଆନ, ଶ୍ରେଣୀ-୩ ଓ ୪ କର୍ମଚାରୀ ଏବଂ ଚୁକ୍ତିଭିତ୍ତିକ କର୍ମଚାରୀଙ୍କ ସମେତ ରାଜ୍ୟର ସରକାରୀ ହସ୍ପିଟାଲ ଓ ଡିସ୍‌ପେନ୍‌ସେରିରେ ଚିକିତ୍ସା ସେବା ଓ ପରିଚାଳନା ସହ ସଂପୃକ୍ତ ସେବା/ନିଯୁକ୍ତିରେ କାମ ବନ୍ଦ କରି ଆନ୍ଦୋଳନ କରିବାକୁ ନିଷେଧ କରିଛନ୍ତି, ଯାହାଦ୍ୱାରା ରାଜ୍ୟର ସ୍ୱାସ୍ଥ୍ୟସେବା ଅବ୍ୟାହତ ରହିବ ଏବଂ ଲୋକେ ବିଶେଷ ଭାବେ ଉପକୃତ ହୋଇପାରିବେ । ମାତ୍ର ଡାକ୍ତରୀ ସଂଘ ପକ୍ଷରୁ କେତେକ ଦାବି ନେଇ ଏବେ ଆନ୍ଦୋଳନ ଚାଲୁରହିଛି । ଏହାଦ୍ୱାରା ଜନସାଧାରଣ ସ୍ୱାସ୍ଥ୍ୟସେବାରେ ନାହିଁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏହାକୁ ଦୃଷ୍ଟିରେ ରଖି ମଙ୍ଗଳବାର ଓଡ଼ିଶା ଜରୁରୀ ସେବା ଆଇନ-୧୯୮୮ (ଓଡ଼ିଶା ଆଇନ-୯, ୧୯୯୨)ର ଧାରା-୩ର ଉପଧାରା(୧) ସହ ଧାରା-୨ ଦ୍ୱାରା ପ୍ରଦତ୍ତ କ୍ଷମତାର ବ୍ୟବହାର କରିଛନ୍ତି । ଫଳରେ ଉପରୋକ୍ତ ବର୍ଗର ସ୍ୱାସ୍ଥ୍ୟ ଅଧିକାରୀ ଓ କର୍ମଚାରୀମାନେ ଯେପରି ଆନ୍ଦୋଳନକୁ ନ ଓହ୍ଲାଇବେ ତାହାକୁ ଦୃଷ୍ଟିରେ ରଖି ଏହି ଜରୁରୀ ନିର୍ଦ୍ଦେଶନାମା ଜାରି କରାଯାଉଛି । ଏହି ଆଦେଶ ଆସନ୍ତା ୬ ମାସ ପାଇଁ ବଳବତ୍ତର ରହିବ ବୋଲି ନିର୍ଦ୍ଦେଶନାମାରେ ସ୍ୱତନ୍ତ୍ର ସଚିବ ଦର୍ଶାଇଛନ୍ତି ।

ଖୋର୍ଦ୍ଧା ନବୋଦୟ ବିଦ୍ୟାଳୟରେ ଜଣ୍ଡିସ ଆକ୍ରାନ୍ତ ଘଟଣାକୁ ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି କେନ୍ଦ୍ର ସରକାର । ବର୍ତ୍ତମାନ ସୁଦ୍ଧା ଜଣ୍ଡିସ ଆକ୍ରାନ୍ତଙ୍କ ସଂଖ୍ୟା ୮୧ରେ ପହଞ୍ଚିଛି । ଏହାକୁ ଆଖି ଆଗରେ ରଖି ନବୋଦୟ ବିଦ୍ୟାଳୟ କେନ୍ଦ୍ର କମିଶନର ରାଜେଶ ଲେଖାନୀ ସାତଦିନ ପାଇ ସ୍କୁଲ ଛୁଟି ଘୋଷଣା କରିଛନ୍ତି ।

ଆସନ୍ତା ଚଉଦ ତାରିଖ ପରେ ଖୋଲିବା ନେଇ ନିଷ୍ପତ୍ତି ନିଆଯିବ ବୋଲି କହିଛନ୍ତି । ବିଦ୍ୟାଳୟକୁ ସମ୍ପୂର୍ଣ୍ଣ ସାନିଟାଇଜ କରାଯିବ ସହ ପୁଣି ଥରେ ଜ୍ୱାଟର ଲେବଲ ଟେଷ୍ଟିଙ୍ଗ ପାଇଁ ଖୋର୍ଦ୍ଧା ଜିଲା ସ୍ୱାସ୍ଥ୍ୟ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ଡେପୁଟି କମିଶନର ଆର କେ ବର୍ମା ସୂଚନା ଦେଇଛନ୍ତି । ସ୍ଥିତି ସ୍ୱାଭାବିକ ହେବା ପରେ ନିଷ୍ପତ୍ତି ନିଆଯିବ ବୋଲି ଅଧ୍ୟକ୍ଷା କବିତା କର କହିଛନ୍ତି । ବିଦ୍ୟାଳୟରେ ନିର୍ମାଣ ଚାଲିଥିବାରୁ ଭୂତଳ ଜଳ ପାଇପ ଲାଇନ ଫାଟି ଜଳ ଦୂଷିତ ହୋଇ ଏଭଳି ସ୍ଥିତି ଉପୁଜିଥିବା ସ୍ୱୀକାର କରିଛନ୍ତି ଅଧ୍ୟକ୍ଷା ।

ପିପିଲିରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ହୋଇଛି । ଏହି ଦୁର୍ଘଟଣାରେ ମହିଳା ସାମ୍ବାଦିକାଙ୍କ ସମେତ ଦୁଇଜଣଙ୍କ ମୃତ୍ୟୁ ହୋଇଛି । ସୂଚନା ଅନୁସାରେ, ମହିଳା ସାମ୍ବାଦିକା ଜଣକ ସ୍କୁଟି ଯୋଗେ ଭୁବନେଶ୍ୱରରୁ ପୁରୀ ଅଭିମୁଖେ ଯାଉଥିବା ବେଳେ ପୁରୀ-ଭୁବନେଶ୍ୱର ମଙ୍ଗଳପୁର ଛକ ନିକଟରେ ସାରଳା ନାମକ ଏକ ବସ୍ ସ୍କୁଟିକୁ ପଛପଟୁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଧକ୍କା ଦେଇଥିଲା । ଧକ୍କା ଦେଇ ବସଟି ସ୍କୁଟିକୁ କିଛି ଦୂର ଘୋଷାଡ଼ି ନେଇଥିଲା । ସ୍କୁଟିରେ ଦୁଇଜଣ ବସିଥିବା ବେଳେ ଜଣଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା ।

ଅନ୍ୟପଟେ ଗୁରୁତରଙ୍କୁ ସଙ୍ଗେସଙ୍ଗେ ଉଦ୍ଧାର କରାଯାଇ ହସ୍ପିଟାଲ ନେଉଥିବା ବେଳେ ରାସ୍ତାରେ ଆଖି ବୁଜିଥିଲେ । ମହିଳା ସାମ୍ବାଦିକା ଜଣକ ଭୁବନେଶ୍ୱରରେ ଏକ ଘରୋଇ ନ୍ୟୁଜ ଚ୍ୟାନେଲରେ କାମ କରୁଥିବା ସୂଚନା ରହିଛି । ଖବର ପାଇ ପିପିଲି ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ଡ୍ରାଇଭର ଏବଂ ହେଲପରଙ୍କୁ ଅଟକ ରଖି ପଚରାଉଚରା ଆରମ୍ଭ କରିଛି ।

ନୂଆବର୍ଷରେ ସହରବାସୀଙ୍କ ଉପରେ ୟୁଜର୍ ଫି’ ବୋଝ ଲଦିଛି ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) । ଏଣିକି ଅଳିଆ ଦେବେ, ଟଙ୍କା ଗଣିବେ ରାଜଧାନୀବାସୀ । ଆବାସିକ ଘର, ଦୋକାନ, ହୋଟେଲ, ଗେଷ୍ଟହାଉସ୍, ଅନୁଷ୍ଠାନ, ଶିକ୍ଷାନୁଷ୍ଠାନ, ଶପିଂ ମଲ୍, ହାଟ, ହେଲ୍‌ଥ କେୟାର ୟୁନିଟ୍, ବିୟୁଟି ପାର୍ଲର, ସ୍ପା, ବିବାହ ମଣ୍ଡପ, କଲ୍ୟାଣ ମଣ୍ଡପ, ଭେଣ୍ଡିଂଜୋନ୍ ବ୍ୟବସାୟୀ, ଢାବା, ମଦ ଦୋକାନ, ମିଠା ଦୋକାନ, କଫି ଶପ୍, ପ୍ରିଣ୍ଟିଂ ପ୍ରେସ୍, ଇଣ୍ଡଷ୍ଟ୍ରିଜ୍, ପେଟ୍ରୋଲ ପମ୍ପ୍ ଆଦିରୁ ଅଳିଆ ଉଠାଇବାକୁ ମାସିକ ୟୁଜର୍ସ ଫି’ ଆଦାୟ କରିବ ବିଏମ୍‌ସି । ସବୁ ବର୍ଗ ପାଇଁ ଅଲଗା ଫି’ ଦର ଧାର୍ଯ୍ୟ ହୋଇଛି । ଫି’ ତାଲିକା ପ୍ରକାଶ କରାଯିବା ସହ ୨୦୧୮ ବାଇ ଲ’ ଅନୁଯାୟୀ ଫି’ ଆଦାୟ ଆରମ୍ଭ ହୋଇଛି । ଏନେଇ ‘ସଫା’ ଆପ୍ ଏବଂ ହ୍ୱାଟ୍‌ସଆପ୍ ନଂ. ୭୬୫୩୦୧୧୮୩୨ ମାଧ୍ୟମରେ ଲୋକମାନେ ଅଧିକ ସୂଚନା ପାଇପାରିବେ ବୋଲି ସୋମବାର ବିଏମ୍‌ସି ମୁଖ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ମେୟର ସୁଲୋଚନା ଦାସ ସୂଚନା ଦେଇଛନ୍ତି । ଏଥିସହ ସ୍ୱଚ୍ଛ ସର୍ବେକ୍ଷଣ ୨୦୨୫-୨୬ ଏବଂ ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ଉପଭୋକ୍ତା ଦେୟ (ୟୁଜର ଫି) ଦେବାକୁ ସେ ଅନୁରୋଧ କରିଛନ୍ତି । ଅଳିଆ ସଂଗ୍ରହ ପାଇଁ ବିଏମ୍‌ସିର କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଛି । ତେଣୁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଏଥିରେ ସହରବାସୀଙ୍କ ସହଯୋଗ ଲୋଡିଛନ୍ତି ମେୟର ।

ବିଏମ୍‌ସି ପକ୍ଷରୁ ଧାର୍ଯ୍ୟ ହୋଇଥିବା ଫି' ଅନୁଯାୟୀ, ଇଡବ୍ଲ୍ୟୁଏସ୍/ଏଲ୍‌ଆଇଜି ବର୍ଗ (୮୦୦ବର୍ଗ ମି. କ୍ଷେତ୍ର) ପାଇଁ ମାସକୁ ୫୦ ଟଙ୍କା ଧାର୍ଯ୍ୟ ହୋଇଛି । ସେହିଭଳି ଏମ୍‌ଆଇଜି ବର୍ଗ (୮୦୦ ବର୍ଗ ମି.ରୁ ୧୨୦୦ବର୍ଗ ମି.) ପାଇଁ ୭୫ ଟଙ୍କା ଏବଂ ଏଚ୍‌ଆଇଜି ବର୍ଗ ପାଇଁ ୧୨୫ଟଙ୍କା ୟୁଜର ଫି' ରଖାଯାଇଛି । ଆର୍‌ଏଓ୍ୱାଇ ଓ ପିଏମ୍‌ଏଓ୍ୱାଇ ଯୋଜନାରେ ମିଳିଥିବା ଘର ପାଇଁ ୨୦ଟଙ୍କା ଏବଂ ଅନ୍ୟାନ୍ୟ ଯୋଜନାରେ ଘର ପାଇଥିବା ହିତାଧିକାରୀଙ୍କଠାରୁ ବର୍ଗଫୁଟକୁ ୫୦ ପଇସା ପର୍ଯ୍ୟନ୍ତ ଦେବାକୁ ପଡିବ । ସେହିପରି ଘରୋଇ ଶିକ୍ଷାନୁଷ୍ଠାନ ୧୦୦ ଛାତ୍ରୀଛାତ୍ର ପର୍ଯ୍ୟନ୍ତ ୧୦୦୦ଟଙ୍କା, ୧୦୧ରୁ ୫୦୦ ଛାତ୍ରୀଛାତ୍ର ଥିଲେ ୩୦୦୦ଟଙ୍କା ଏବଂ ୫ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଥିଲେ ପ୍ରାୟ ୪୦୦୦ ଟଙ୍କା ଫି' ଧାର୍ଯ୍ୟ କରାଯାଇଛି । ମହାନଗର ନିଗମ ଅଧୀନରେ ଥିବା ବିଭିନ୍ନ ହାଟରୁ ମଧ୍ୟ ୟୁଜର ଫି' ଆଦାୟ ହେବ । ରାସ୍ତାକଡ଼ ଦୋକାନୀ ତଥା ଭେଣ୍ଡିଂ ଜୋନ୍ ବ୍ୟବସାୟୀଙ୍କ ପାଇଁ ୫୦ଟଙ୍କା ଅଥବା ଦୈନିକ ୨ଟଙ୍କା, ହାଟରେ ଥିବା ଦୋକାନ (୨ଶହ ବର୍ଗଫୁଟ ପର୍ଯ୍ୟନ୍ତ) ପାଇଁ ୧୦୦ ଟଙ୍କା, ୨୦୧ରୁ ୫୦୦ ବର୍ଗଫୁଟ ବିଶିଷ୍ଟ ଦୋକାନ ପାଇଁ ୨୫୦ଟଙ୍କା ଏବଂ ୫୦୦ ବର୍ଗଫୁଟରୁ ଅଧିକ ଦୋକାନ ଘର ପାଇଁ ୫୦୦ଟଙ୍କା ୟୁଜର୍ସ ଫି' ଧାର୍ଯ୍ୟ କରାଯାଇଛି । ସେହିଭଳି ଏଥର ସ୍ୱଚ୍ଛ ସର୍ବେକ୍ଷଣରେ ଭୁବନେଶ୍ୱରକୁ ଦେଶର ଶ୍ରେଷ୍ଠ ସହର ଭାବେ ଗଢ଼ିତୋଳିବା ପାଇଁ ମେୟର ବିଏମ୍‌ସି ପକ୍ଷରୁ ଲୋକଙ୍କ ସହଯୋଗ କାମନା କରିଛନ୍ତି । ସ୍ୱଚ୍ଛ ପରିବେଶ ସହ ସ୍ୱଚ୍ଛ ବାୟୁ ଆମ ପାଇଁ ଅତ୍ୟନ୍ତ ଜରୁରୀ ହୋଇପଡିଛି । ସେଥିପାଇଁ ବିଏମ୍‌ସି ଜାତୀୟ ସ୍ୱଚ୍ଛ ବାୟୁ କାର୍ଯ୍ୟକ୍ରମ (ଏନ୍‌ସିଏପି)ର ନିୟମ ଅନୁଯାୟୀ ବିଭିନ୍ନ ପଦକ୍ଷେପ ନେଉଛି । ଏହିକ୍ରମରେ ସ୍ୱଚ୍ଛସାଥୀମାନେ ନିଜ ୱାର୍ଡରୁ ୨୦୧୮ ମସିହାରେ ବିଏମ୍‌ସି ଦ୍ୱାରା ଧାର୍ଯ୍ୟ ୟୁଜର ଫି' ଆଦାୟ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଜାନୁଆରୀ ୧ରୁ ସହରବାସୀଙ୍କଠାରୁ ୟୁଜର ଫି' ଆଦାୟ ଆରମ୍ଭ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ହୋଇଥିବା ବେଳେ ଏବେଠାରୁ ଫୁଲ୍ ଫେଜ୍‌ରେ ଆଦାୟ କରାଯିବ ବୋଲି ଅତିରିକ୍ତ କମିଶନର କୈଳାସ ଚନ୍ଦ୍ର ଦାସ ସୂଚନା ଦେଇଛନ୍ତି । ସମ୍ମିଳନୀରେ ଅତିରିକ୍ତ କମିଶନର ରତ୍ନାକର ସାହୁ, ରାଜସ୍ୱ ଡେପୁଟି କମିଶନର ଅଜୟ ମହାନ୍ତି ଏବଂ ପରିମଳ ଡେପୁଟି କମିଶନର ଏନ. ଗଣେଶ ବାବୁ ଉପସ୍ଥିତ ଥିଲେ ।

ଦେଶରେ ମହିଳାଙ୍କ ପାଇଁ କେଉଁ ସହର ସୁରକ୍ଷିତ ତାହାର ଏକ ତାଲିକା ପ୍ରକାଶ ପାଇଛି । ଅବତାର ଗ୍ରୁପ୍ ପକ୍ଷରୁ ପ୍ରକାଶିତ 'ଟପ୍ ସିଟିଜ୍ ଫର୍ ୱିମେନ ଇନ୍ ଇଣ୍ଡିଆ' ରିପୋର୍ଟ ଅନୁଯାୟୀ, ଦେଶର ୧୨୫ ସହର ମଧ୍ୟରେ ଭୁବନେଶ୍ୱର ୩୪ତମ ସ୍ଥାନ ହାସଲ କରିଛି । ଭୁବନେଶ୍ୱର ସମୁଦାୟ ୨୦.୦୯ ସ୍କୋର କରିବାରେ ସକ୍ଷମ ହୋଇଛି ।

ସର୍ଭେର ଆଇଆଇଏସ୍ (ଇଣ୍ଡଷ୍ଟ୍ରିଆଲ ଇନ୍‌କୁ ଜନ ସ୍କୋର) ବର୍ଗରେ ଭୁବନେଶ୍ୱର ୧୩ ନମ୍ବର ସ୍ଥାନରେ ରହିଛି । ଏହା ସୂଚାଉଛି ଯେ ଏହି ସହରରେ ବିଭିନ୍ନ ପ୍ରତିଷ୍ଠାନ ଓ ଶିଳ୍ପସଂସ୍ଥାରେ ମହିଳାଙ୍କ ନିଯୁକ୍ତି, ସୁରକ୍ଷିତ କାର୍ଯ୍ୟକ୍ଷେତ୍ର, ଗମନାଗମନ ସୁବିଧା ଏବଂ ମାନସିକ ସ୍ୱାସ୍ଥ୍ୟର ସୁରକ୍ଷାକୁ ଅଗ୍ରାଧିକାର ଦିଆଯାଉଛି । ତେବେ, ଏସ୍‌ଆଇଏସ୍ (ସୋସିଆଲ ଇନ୍‌କ୍ରୁଜନ୍ ସ୍କୋର) ବର୍ଗରେ ଭୁବନେଶ୍ୱର ଆହୁରି ତଳେ ଅର୍ଥାତ୍ ୬୧ତମ ସ୍ଥାନରେ ରହିଛି ।

ବେଙ୍ଗାଲୁରୁ ସର୍ବାଧିକ ୫୩.୨୯ ସ୍କୋର କରି ତାଲିକାର ଶୀର୍ଷରେ ରହିଥିବାବେଳେ, ଚେନ୍ନାଇ ଦ୍ୱିତୀୟ, ପୁନେ ତୃତୀୟ, ହାଇଦ୍ରାବାଦ ଚତୁର୍ଥ ଏବଂ ମୁମ୍ବାଇ ପଞ୍ଚମ ସ୍ଥାନରେ ଅଛନ୍ତି ।

ଗତବର୍ଷ ଅଗଷ୍ଟରେ କରାଯାଇଥିବା ସର୍ଭେ ରିପୋର୍ଟ ଅନୁଯାୟୀ, ଭୁବନେଶ୍ୱର ସପ୍ତମ ସୁରକ୍ଷିତ ସହର ଭାବରେ ସ୍ଥାନ ପାଇଥିଲା । ଏହି ତୁଳନାରେ ଏ ବର୍ଷର ମାନ୍ୟତା ୩୪କୁ ଖସି ଆସିଛି ।

ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଶ୍ରୀମନ୍ଦିର ପ୍ରଶାସନ ଅଧୀନରେ ଥିବା ୪ଗୋଟି ଭକ୍ତ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ନିବାସର ପାର୍କି ଫି ବୃଦ୍ଧି କରାଯାଇଛି । ଯାହାକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି । ଏପରିକି ଏନେଇ ପରିଚାଳନା କମିଟିରେ ଆଲୋଚନା କରାଯାଇ ନଥିବା ମଧ୍ୟ କୁହାଯାଉଛି ।

ତେବେ ଶ୍ରୀ ମନ୍ଦିର ପ୍ରଶାସନ ପକ୍ଷରୁ ଏପରି ଅଚାନକ ପାର୍କିଂ ଫିକୁ ନେଇ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି ବୃଦ୍ଧିଜୀବୀ । ଶ୍ରୀମନ୍ଦିର ପ୍ରଶାସନ ଅଧୀନରେ ଥିବା ୪ ଗୋଟି ଭକ୍ତ ନିବାସ ଯଥା ନୀଳାଦ୍ରି ଭକ୍ତ ନିବାସ, ନୀଳାଚଳ ଭକ୍ତ ନିବାସ, ପୁରୁଷତମ ଭକ୍ତ ନିବାସ ଓ ଗୁଣ୍ଡିଚା ଭକ୍ତ ନିବାସକୁ ଆସୁଥିବା ଭକ୍ତମାନେ ଏବେ ସେମାନଙ୍କ କାର ପାର୍କିଂ ପାଇଁ ଅଧିକ ଟଙ୍କା ଦେବାକୁ ପଡ଼ିବ । ପ୍ରଶାସନ ପକ୍ଷରୁ ୫୦୦ ଟଙ୍କା ପାର୍କିଂ ଫି କରାଯାଇଛି । ଏ ନେଇ ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକଙ୍କ ପକ୍ଷରୁ ନୋଟିସ ଜାରି କରାଯାଇଥିବା ସୂଚନା ମିଳିଛି । ୨୪ ଘଣ୍ଟାକୁ ୧୮ ପ୍ରତିଶତ ଜିଏସଟି ମିଶାଇ ୫୦୦ ଟଙ୍କା ପାର୍କିଂ ଫି ରଖାଯାଇଛି ।

ଶ୍ରୀରାମଚନ୍ଦ୍ର ଭଞ୍ଜ (ଏସ୍‌ସିବି) ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲର ପୁରୁଣା ଭେଷଜ ବିଭାଗରେ ବୁଧବାର ଅପରାହ୍ନରେ ଏକ ଅଘଟଣ ଘଟିଛି । ଜଣେ ରୋଗୀଙ୍କ ଉପରେ ଉକ୍ତ ବିଭାଗର ପ୍ରଥମ ମହଲା ୱାର୍ଡ ଛାତରୁ କଂକ୍ରିଟ ଖଣ୍ଡ ସହ ସିଲିଂ ଖସିପଡ଼ିଛି । ଫଳରେ ଖୋର୍ଦ୍ଧା ଅଞ୍ଚଳର ନାରାୟଣ ଦାସ (୭୦) ନାମକ ବୃଦ୍ଧ ରୋଗୀ ଗୁରୁତର ଆହତ ହୋଇଛନ୍ତି । ତାଙ୍କର ମୁଣ୍ଡ ଓ ମୁହଁ ଫାଟିଯାଇଛି । ଘଟଣା ପରେ ଦେଢ଼ଘଣ୍ଟା ଯାଏ ତାଙ୍କୁ ପ୍ରାଥମିକ ଚିକିତ୍ସା କରାଯାଇ ନ ଥିବା ତାଙ୍କ ପୁଅ ପ୍ରମୋଦ କୁମାର ଦାସ ଅଭିଯୋଗ କରିଛନ୍ତି ।

ସୂଚନା ଅନୁଯାୟୀ, ଖୋର୍ଦ୍ଧା ଜିଲା ବାଘମାରୀସ୍ଥିତ ଅତ୍ରି ଅଞ୍ଚଳର ନାରାୟଣ ମଧୁମେହ ରୋଗରେ ପୀଡ଼ିତ ହୋଇ ମଙ୍ଗଳବାର ବିଳମ୍ବିତ ରାତିରେ ଏସ୍‌ସିବିର ପୁରୁଣା ଭେଷଜ ବିଭାଗର ପ୍ରଥମ ମହଲା ୱାର୍ଡରେ ଭର୍ତ୍ତି ହୋଇଥିଲେ । ଚିକିତ୍ସା ଜାରି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ରହିଥିବାବେଳେ ହଠାତ୍ ବୁଧବାର ଅପରାହ୍ନରେ ନାରାୟଣ ଶୋଇଥିବା ବେଡ୍ ନିକଟ ଛାତରୁ କଂକ୍ରିଟ ଖଣ୍ଡ ସହ ସିଲିଂ ତାଙ୍କ ଉପରେ ଖସିପଡ଼ିଥିଲା । ଫଳରେ ତାଙ୍କ ମୁଣ୍ଡ ଓ ମୁହଁ ଫାଟି ଯାଇଥିଲା । ନିକଟରେ ଥିବା ଅନ୍ୟ ରୋଗୀଙ୍କ ସମ୍ପର୍କୀୟ ତାଙ୍କୁ ଉଦ୍ଧାର କରିଥିଲେ । ଏଭଳି ଅବ୍ୟବସ୍ଥା ଯୋଗୁ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା । ପରେ ସ୍ଥାନୀୟ ଫାଣ୍ଡି ପୋଲିସ ପହଞ୍ଚିତ୍ ସ୍ଥିତି ଆୟତ୍ତ କରିଥିଲା । ହେଲେ ଘଟଣା ଘଟିବାର ଦେଢ଼ଘଣ୍ଟା ବିତିଥିଲେ ମଧ୍ୟ ନାରାୟଣଙ୍କୁ ପ୍ରାଥମିକ ଚିକିତ୍ସା କରାଯାଇ ନ ଥିଲା କିମ୍ବା ମେଡିକାଲ ଅଧିକାରୀ ଓ ବିଭାଗୀୟ ଅଧିକାରୀ ସେଠାରେ ପହଞ୍ଚି ନଥିଲେ । ଏ ନେଇ ନାରାୟଣଙ୍କ ପୁଅ ପ୍ରମୋଦ କହିଛନ୍ତି, ମେଡିକାଲରେ ରୋଗୀଙ୍କୁ ଚିକିତ୍ସା ପରିବର୍ତ୍ତେ ମରଣ ମୁହଁକୁ ଠେଲି ଦିଆଯାଉଛି । ମୋ ବାପା ଗୁରୁତର ଆହତ ହେବା ପରେ ସେଠାରେ ଥିବା କର୍ମଚାରୀ ଦୁର୍ବ୍ୟବହାର କରୁଛନ୍ତି, ହେଲେ ଡାକ୍ତର ଚିକିତ୍ସା କରୁନାହାନ୍ତି । ଏପରିକି କୌଣସି ଅଧିକାରୀ ମଧ୍ୟ ପହଞ୍ଚି ନାହାନ୍ତି ବୋଲି ସେ କହିଛନ୍ତି । ତେବେ ଏସ୍‌ସିବି ଭଳି ସର୍ବବୃହତ୍ ମେଡିକାଲରେ ଚିକିତ୍ସା ପାଇଁ ଶତାଧିକ ରୋଗୀ ଆଶା କରି ଆସୁଥିବାବେଳେ ମେଡିକାଲରେ ରୋଗୀ ସୁରକ୍ଷା ପ୍ରତି ଧ୍ୟାନ ଦିଆଯାଉ ନ ଥିବାରୁ ରୋଗୀଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି । ଉକ୍ତ ଘଟଣା ଓ ରୋଗୀଙ୍କ ଚିକିତ୍ସା ସମ୍ପର୍କରେ ମେଡିକାଲ ଭାରପ୍ରାପ୍ତ ଅଧୀକ୍ଷକ ପ୍ରଫେସର ଡା. ଗୌତମ ଶତପଥୀଙ୍କୁ ପଚାରିବାରୁ କହିଛନ୍ତି, କୌଣସି ଘଟଣା ସମ୍ପର୍କରେ ମୁଁ ଅବଗତ ନାହିଁ । ଯଦିଓ କୌଣସି ଘଟଣା ଘଟିଛି, ତେବେ ସେ ନେଇ ଗଣମାଧ୍ୟମରେ ପ୍ରତିକ୍ରିୟା ଦେବାକୁ ମୁଁ କ୍ଷମତାପ୍ରାପ୍ତ ନୁହେଁ ବୋଲି କହିଛନ୍ତି ।

ଗୁରୁବାର ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ED) କୋଲକାତାରେ IPAC ମୁଖ୍ୟ ପ୍ରତୀକ ଜୈନଙ୍କ ଘରେ ଚଢ଼ାଉ କରିଛି । ଏହି ଚଢ଼ାଉ କୋଇଲା ଦୁର୍ନୀତି ସମ୍ପର୍କରେ କରାଯାଇଛି । ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ମଧ୍ୟ ସେଠାରେ ପହଞ୍ଚିଛନ୍ତି । IPAC ହେଉଛି ମମତାଙ୍କ ଦଳ, ଯାହା TMC ପାଇଁ କାମ କରେ । ମମତା ବାନାର୍ଜୀ IPAC

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କାର୍ଯ୍ୟାଳୟରୁ ଏକ ଫାଇଲ ନେଇ ବାହାରି ଆସିଥିଲେ । ସେ କହିଥିଲେ, 'ଏହା ସବୁ ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ନିର୍ଦ୍ଦେଶରେ ଘଟୁଛି । ମୋ ଦଳ ବିଷୟରେ ସୂଚନା ସଂଗ୍ରହ କରାଯାଉଛି ।

ଜାଲ୍ ସରକାରୀ ଚାକିରି ଦୁର୍ନୀତି ମାମଲାରେ ତଦନ୍ତକାରୀ ସଂସ୍ଥା ଦେଶର ଏକକାଳୀନ ୧୫ଟି ସ୍ଥାନରେ ଚଢାଉ କରୁଛି । ଏହି ଚଢ଼ାଉ ଏକ ଗ୍ୟାଙ୍ଗକୁ ଟାର୍ଗେଟ କରୁଛି ଯେଉଁମାନେ ଜାଲ୍ ଚାକିରି ପ୍ରଦାନ କରି ଲୋକଙ୍କୁ ଲୁଟୁଛନ୍ତି । ଅଧିକାରୀମାନେ କହିଛନ୍ତି ଯେ, ସରକାରୀ ଚାକିରି ପାଇଁ ନକଲି ନିଯୁକ୍ତି ପତ୍ର ପଠାଇବା ସହ ଜଡିତ ଏକ ମାମଲାର ମନି ଲଣ୍ଡ୍ରିଂ ତଦନ୍ତର ଅଂଶ ସ୍ୱରୂପ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି । ସେମାନେ କହିଛନ୍ତି, ଏଜେନ୍ସି ଏକ ସଂଗଠିତ ରାକେଟକୁ ଟ୍ରାକ୍ କରୁଛି । ସେମାନେ କହିଛନ୍ତି ଇଡିର ପାଟନା କାର୍ଯ୍ୟାଳୟ ବିହାର, ପଶ୍ଚିମବଙ୍ଗ, କେରଳ, ତାମିଲନାଡୁ, ଗୁଜରାଟ ଏବଂ ଉତ୍ତର ପ୍ରଦେଶରେ ଚଢ଼ାଉ କରୁଛି ।

ଏହି ଚଢ଼ାଉରେ ଭାଜପା ନେତା ଶୁଭେନ୍ଦୁ ଅଧିକାରୀ ମମତା ବାନାର୍ଜୀଙ୍କ ବିରୋଧରେ ଏକ ବିବୃତ୍ତି ଜାରି କରିଛନ୍ତି । ସେ ତାଙ୍କୁ ଏକ କେନ୍ଦ୍ରୀୟ ଏଜେନ୍ସିର କାମରେ ବାଧା ଦେବାର ଅଭିଯୋଗ କରିଛନ୍ତି । ସେ କହିଛନ୍ତି, 'ମମତା ବାନାର୍ଜୀ ସମ୍ବିଧାନର ଉଲ୍ଲଂଘନ କରୁଛନ୍ତି । ସେ କେନ୍ଦ୍ରୀୟ ଏଜେନ୍ସିର କାମରେ ହସ୍ତକ୍ଷେପ କରୁଛନ୍ତି ।

କୋଇଲା ଦୁର୍ନୀତି ମାମଲାରେ ଗୁରୁବାର କୋଲକାତାର I-PAC କାର୍ଯ୍ୟାଳୟରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ED) ଏକ ତଲାସୀ ଅଭିଯାନ ଚଳାଇଥିଲା । ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଉପରେ EDର ତଦନ୍ତକୁ ପ୍ରଭାବିତ କରିବା ଏବଂ ପ୍ରମାଣ ସହିତ ହେରଫେର କରିବାର ଅଭିଯୋଗ ଆସିଛି, ଯାହା ଏକ ନୂତନ ରାଜନୈତିକ ବିବାଦ ସୃଷ୍ଟି କରିଛି । ଭାରତୀୟ ଜନତା ପାର୍ଟି (ଭାଜପା) ଏହି ମାମଲାରେ ବାନାର୍ଜୀଙ୍କ ଗିରଫ ଦାବି କରିଛି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କୋଲକାତାର I-PAC କାର୍ଯ୍ୟାଳୟରେ ଚଢାଉ ପରେ, ପଶ୍ଚିମବଙ୍ଗର ପୁରୁଲିଆରେ ଭାଜପା ନେତା ରାହୁଲ ସିହ୍ନା ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ EDର ତଦନ୍ତକୁ ପ୍ରଭାବିତ କରିବାର ଅଭିଯୋଗ ଆଣି ତାଙ୍କୁ ତୁରନ୍ତ ଗିରଫ ଦାବି କରିଛନ୍ତି ।

ସେ କହିଛନ୍ତି ଯେ କୋଇଲା ଦୁର୍ନୀତିରେ ପୂର୍ବରୁ TMC ନେତାଙ୍କ ଘରେ ଚଢାଉ କରାଯାଇଥିଲେ ମଧ୍ୟ, ମୁଖ୍ୟମନ୍ତ୍ରୀ ପଛକୁ ଫେରି ଚାହିଁ ନାହାଁନ୍ତି । ତଥାପି, I-PAC କାର୍ଯ୍ୟାଳୟରେ ଚଢାଉ ସମୟରେ, ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ହସ୍ତକ୍ଷେପ କରିଥିଲେ ଏବଂ ତଦନ୍ତକୁ ପ୍ରଭାବିତ କରିବାକୁ ଚେଷ୍ଟା କରିଥିଲେ କାରଣ ମମତା ବାନାର୍ଜୀ ଏବଂ ତାଙ୍କ ଭଣଜା ଅଭିଷେକ ବାନାର୍ଜୀ ଏହି ମାମଲାରେ ଜଡିତ ଥିଲେ ।

ଆଇ-ପିଏସି କାର୍ଯ୍ୟାଳୟରେ ଇଡି ଚଢାଉ ଉପରେ ପଶ୍ଚିମବଙ୍ଗ ଭାଜପା ସଭାପତି ଏବଂ ଏମପି ସମିକ ଭଟ୍ଟାଚାର୍ଯ୍ୟ କହିଛନ୍ତି ଯେ ଏକ ସରକାରୀ ସଂଗଠନ ଦ୍ୱାରା ଚଢାଉ କରାଯାଉଥିଲା ଏବଂ ମୁଖ୍ୟମନ୍ତ୍ରୀ ସେହି ସ୍ଥାନରେ ପହଞ୍ଚି ତାଙ୍କ ହାତରୁ ପ୍ରମାଣ ଛଡ଼ାଇ ନେଉଥିଲେ, ଏହା ଆଜି ପର୍ଯ୍ୟନ୍ତ ଭାରତରେ କୌଣସି ସ୍ଥାନରେ ଘଟିନାହିଁ ।

ପଶ୍ଚିମବଙ୍ଗରେ ଇଡିର କାର୍ଯ୍ୟାନୁଷ୍ଠାନକୁ ନେଇ ହଙ୍ଗାମା ଜାରି ରହିଛି । ଏହାରି ଭିତରେ ତୃଣମୂଳ କଂଗ୍ରେସ (ଟିଏମସି) ସାଂସଦମାନେ ଶୁକ୍ରବାର ଦିଲ୍ଲୀରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କ କାର୍ଯ୍ୟାଳୟ ବାହାରେ ଜୋରଦାର ପ୍ରତିବାଦ କରୁଛନ୍ତି ।

ଡେରେକ୍ ଓ'ବ୍ରାଏନ୍, ଶତାବ୍ଦୀ ରାୟ, ମହୁଆ ମୋଇତ୍ରା ଏବଂ କୀର୍ତ୍ତି ଆଜାଦଙ୍କ ଭଳି ପ୍ରମୁଖ ସାଂସଦମାନେ ପ୍ରତିବାଦରେ ସାମିଲ ହୋଇଛନ୍ତି । ଟିଏମସି ସାଂସଦମାନେ କୋଲକାତାରେ I-PAC କାର୍ଯ୍ୟାଳୟ ଏବଂ ଏହାର ସହ-ପ୍ରତିଷ୍ଠାତା ପ୍ରତୀକ ଜୈନଙ୍କ ବାସଭବନରେ ଇଡିର ଚଢାଉ ବିରୋଧରେ ସ୍ଲୋଗାନ ଦେଉଛନ୍ତି । ପୋଲିସ ଘଟଣାସ୍ଥଳରେ ପହଞ୍ଚି ପ୍ରତିବାଦକାରୀଙ୍କୁ ହଟାଇବା ସହିତ ମହୁଆ ମୋଇତ୍ରା ଏବଂ ଡେରେକ୍ ଓ'ବ୍ରାଏନ୍‌ଙ୍କୁ ଅଟକ ରଖିଥିବା ନେଇ ସୂଚନା ରହିଛି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଟିଏମସି ସାଂସଦ କୀର୍ତ୍ତି ଆଜାଦ କହିଛନ୍ତି, "ଇଡି ଅନୁଚିତ ଭାବରେ ଚଢାଉ କରିଛି, ଏବଂ ଏହା ଅଗଣତାନ୍ତ୍ରିକ ଉପାୟରେ ନିର୍ବାଚନ ଜିତିବାର ଏକ ପ୍ରୟାସ । ବିଜେପି ଏହିପରି ନିର୍ବାଚନ ଜିତିପାରିବ ନାହିଁ ।"

ପ୍ରକାଶଥାଉକି, ପଶ୍ଚିମବଙ୍ଗରେ ମାର୍ଚ୍ଚ କିମ୍ବା ଏପ୍ରିଲରେ ବିଧାନସଭା ନିର୍ବାଚନ ହେବାକୁ ଯାଉଛି । କିନ୍ତୁ ଏହା ପୂର୍ବରୁ ପଶ୍ଚିମବଙ୍ଗରେ ରାଜନୀତି ତୀବ୍ର ଅସ୍ଥିରତା ମଧ୍ୟରେ ଅଛି । ଇଡି ଚଢାଉ ପଶ୍ଚିମବଙ୍ଗରେ ରାଜନୈତିକ ହଇଚଇ ସୃଷ୍ଟି କରିଛି । ଏହି ମାମଲା କଲିକତା ହାଇକୋର୍ଟରେ ପହଞ୍ଚିଛି । ହାଇକୋର୍ଟରେ ଦୁଇଟି ଆବେଦନ ଦାଖଲ ହୋଇଛି, ଗୋଟିଏ ଇଡି ଏବଂ ଅନ୍ୟଟି ଟିଏମସି ପକ୍ଷରୁ । ଉଭୟ ଆବେଦନର ଶୁଣାଣି ହେବାର କାର୍ଯ୍ୟକ୍ରମ ରହିଛି ।

ଆଇପିଏଲରୁ ଖେଳାଳିମାନଙ୍କୁ ବାଦ୍ ଦେବାର ବିସିସିଆଇର ନିଷ୍ପତ୍ତି ପ୍ରତିବାଦରେ ବାଂଲାଦେଶ ଭାରତକୁ ଏକ ବଡ଼ ଝଟକା ଦେଇଛି । ବାଂଲାଦେଶ ଭାରତୀୟଙ୍କ ପାଇଁ ସମସ୍ତ ଭିଜା ସେବା ସ୍ଥଗିତ ରଖିଛି, କିନ୍ତୁ ଛାତ୍ର ଏବଂ ବ୍ୟବସାୟିକ ଭିଜା ସେବା ଜାରି ରହିବ । ବାଂଲାଦେଶ ସରକାର ଦିଲ୍ଲୀ, ଅଗରତଲା, ମୁମ୍ବାଇ, ଗୌହାଟି ଏବଂ ଚେନ୍ନାଇରେ ଥିବା ଏହାର ଦୂତାବାସ ଏବଂ କନସୁଲେଟଗୁଡ଼ିକୁ ସାଧାରଣ ଭିଜା ସେବା ସ୍ଥଗିତ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ନିଷ୍ପତ୍ତିକୁ ଦୁଇ ଦେଶ ମଧ୍ୟରେ ଚାଲିଥିବା ଉତ୍ତେଜନାର ପ୍ରତିଫଳନ ଭାବରେ ଦେଖାଯାଉଛି ।

ଏହା ଉଲ୍ଲେଖଯୋଗ୍ୟ ଯେ, ଭାରତ ବାଂଲାଦେଶ ପୂର୍ବରୁ ଏହାର ଭିଜା ସେବା ସ୍ଥଗିତ ରଖିଥିଲା, ଯାହା ପରବର୍ତ୍ତୀ ସୂଚନା ପର୍ଯ୍ୟନ୍ତ ସ୍ଥଗିତ ରହିବ । ଶେଖ ହାସିନା ବିରୋଧୀ ଓସମାନ ହାଦିଙ୍କ ହତ୍ୟା ପରେ, ବାଂଲାଦେଶରେ ହିଂସା ଏବଂ ଉତ୍ତେଜନା ଦେଖାଦେଇଛି । ପ୍ରଦର୍ଶନକାରୀମାନେ ଭାରତ ବିରୋଧୀ ସ୍ଲୋଗାନ ଦେବା ଏବଂ କାର୍ଯ୍ୟକଳାପରେ ଲିପ୍ତ ରହିବା ଆରମ୍ଭ କରିଛନ୍ତି । ପ୍ରଦର୍ଶନକାରୀମାନେ ଭାରତୀୟ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଦୂତାବାସ ଏବଂ ହାଇ କମିଶନ କାର୍ଯ୍ୟାଳୟ ଉପରେ ମଧ୍ୟ ଆକ୍ରମଣ କରିଥିଲେ, ଯାହା ଫଳରେ ଭାରତ ଚିଟାଗଙ୍ଗରେ ଥିବା ଭାରତୀୟ ଭିଜା ଆବେଦନ କେନ୍ଦ୍ର (IVAC) ବନ୍ଦ କରିଦେଇଥିଲା ଏବଂ ଏହାର ଭିସା ସେବା ସ୍ଥଗିତ କରିଥିଲା ।

ଆଇପିଏଲରୁ ଖେଳାଳିମାନଙ୍କୁ ବାଦ୍ ଦେବାର ବିସିସିଆଇର ନିଷ୍ପତ୍ତି ପ୍ରତିବାଦରେ ବାଂଲାଦେଶ ଭାରତକୁ ଏକ ବଡ଼ ଝଟକା ଦେଇଛି । ବାଂଲାଦେଶ ଭାରତୀୟଙ୍କ ପାଇଁ ସମସ୍ତ ଭିଜା ସେବା ସ୍ଥଗିତ ରଖିଛି, କିନ୍ତୁ ଛାତ୍ର ଏବଂ ବ୍ୟବସାୟିକ ଭିଜା ସେବା ଜାରି ରହିବ । ବାଂଲାଦେଶ ସରକାର ଦିଲ୍ଲୀ, ଅଗରତଲା, ମୁମ୍ବାଇ, ଗୌହାଟି ଏବଂ ଚେନ୍ନାଇରେ ଥିବା ଏହାର ଦୂତାବାସ ଏବଂ କନସୁଲେଟଗୁଡ଼ିକୁ ସାଧାରଣ ଭିଜା ସେବା ସ୍ଥଗିତ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ନିଷ୍ପତ୍ତିକୁ ଦୁଇ ଦେଶ ମଧ୍ୟରେ ଚାଲିଥିବା ଉତ୍ତେଜନାର ପ୍ରତିଫଳନ ଭାବରେ ଦେଖାଯାଉଛି ।

ଏହା ଉଲ୍ଲେଖଯୋଗ୍ୟ ଯେ, ଭାରତ ବାଂଲାଦେଶ ପୂର୍ବରୁ ଏହାର ଭିଜା ସେବା ସ୍ଥଗିତ ରଖିଥିଲା, ଯାହା ପରବର୍ତ୍ତୀ ସୂଚନା ପର୍ଯ୍ୟନ୍ତ ସ୍ଥଗିତ ରହିବ । ଶେଖ ହାସିନା ବିରୋଧୀ ଓସମାନ ହାଦିଙ୍କ ହତ୍ୟା ପରେ, ବାଂଲାଦେଶରେ ହିଂସା ଏବଂ ଉତ୍ତେଜନା ଦେଖାଦେଇଛି । ପ୍ରଦର୍ଶନକାରୀମାନେ ଭାରତ ବିରୋଧୀ ସ୍ଲୋଗାନ ଦେବା ଏବଂ କାର୍ଯ୍ୟକଳାପରେ ଲିପ୍ତ ରହିବା ଆରମ୍ଭ କରିଛନ୍ତି । ପ୍ରଦର୍ଶନକାରୀମାନେ ଭାରତୀୟ ଦୂତାବାସ ଏବଂ ହାଇ କମିଶନ କାର୍ଯ୍ୟାଳୟ ଉପରେ ମଧ୍ୟ ଆକ୍ରମଣ କରିଥିଲେ, ଯାହା ଫଳରେ ଭାରତ ଚିଟାଗଙ୍ଗରେ ଥିବା ଭାରତୀୟ ଭିଜା ଆବେଦନ କେନ୍ଦ୍ର (IVAC) ବନ୍ଦ କରିଦେଇଥିଲା ଏବଂ ଏହାର ଭିସା ସେବା ସ୍ଥଗିତ କରିଥିଲା ।

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏକ ବିଲ ମଞ୍ଜୁର କରିଛନ୍ତି ଯାହା ରୁଷିଆରୁ ତେଲ କିଣୁଥିବା ଦେଶମାନଙ୍କ ଉପରେ କଠୋର କଟକଣା ଲଗାଇବ । ଏହା ଭାରତ ଏବଂ ଚାଇନା ଉପରେ ଆମେରିକାର ଟାରିଫ୍‌ରେ ଉଲ୍ଲେଖନୀୟ ବୃଦ୍ଧି ଆଣିପାରେ, କିଛି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କ୍ଷେତ୍ରରେ ୫୦୦ ପ୍ରତିଶତ ପର୍ଯ୍ୟନ୍ତ ପହଞ୍ଚିପାରେ । ଏହି ପଦକ୍ଷେପ ୟୁକ୍ରେନ ବିବାଦ ମଧ୍ୟରେ ରୁଷିଆ ଉପରେ ଚାପ ପକାଇବା ପାଇଁ ଉଦ୍ଦିଷ୍ଟ ।

ରିପବ୍ଲିକାନ ସେନେଟର ଲିଣ୍ଡସେ ଗ୍ରାହାମ ସୋସିଆଲ ମିଡିଆରେ ଘୋଷଣା କରିଛନ୍ତି ଯେ ରାଷ୍ଟ୍ରପତି ଟ୍ରମ୍ପ ବିଲର ଅଗ୍ରଗତିକୁ ଅନୁମୋଦନ କରିଛନ୍ତି । ସେ କହିଛନ୍ତି ଯେ ଟ୍ରମ୍ପଙ୍କ ସହ ବୈଠକ ଭଲ ଥିଲା ଏବଂ ଆସନ୍ତା ସପ୍ତାହରେ କଂଗ୍ରେସରେ ବିଲ ଉପରେ ଭୋଟିଂ ହୋଇପାରେ ।

ଲିଣ୍ଡସେ ଗ୍ରାହାମ ଏବଂ ଡେମୋକ୍ରାଟିକ ସେନେଟର ରିଚାର୍ଡ ବ୍ଲୁମେନ୍ଥଲ ଦ୍ୱାରା ମିଳିତ ଭାବରେ ଆଗତ ଏହି ବିଲ, ରୁଷିଆରୁ ଜାଣିଶୁଣି ତେଲ ଏବଂ ୟୁରାନିୟମ କ୍ରୟ କରୁଥିବା ଦେଶମାନଙ୍କ ଉପରେ କଠୋର କଟକଣା ଲାଗୁ କରିବ । ଆମେରିକା ଯୁକ୍ତି ରଖିଛି ଯେ ଏହା ରୁଷିଆକୁ ତା'ର ଯୁଦ୍ଧ ଜାରି ରଖିବା ପାଇଁ ପାଣ୍ଠି ଯୋଗାଇଥାଏ ।

ଟିକସକୁ ନେଇ ଆମେରିକା ଏବଂ ଚାଇନା ମଧ୍ୟରେ ଉତ୍ତେଜନା ମଧ୍ୟ ବୃଦ୍ଧି ପାଇଛି । ଆମେରିକା ଚାଇନାରୁ ଆମଦାନି ହେଉଥିବା ସାମଗ୍ରୀ ଉପରେ ୧୪୫ ପ୍ରତିଶତ ପର୍ଯ୍ୟନ୍ତ ଟିକସ ଲାଗୁ କରିଥିଲା, ଯାହାର ଜବାବରେ ଚାଇନା ଆମେରିକୀୟ ସାମଗ୍ରୀ ଉପରେ ୧୨୫ ପ୍ରତିଶତ ଟିକସ ଲଗାଇଥିଲା ।

ଗତ କିଛି ଦିନ ତଳେ ଟ୍ରମ୍ପ ଇଙ୍ଗିତ ଦେଇଥିଲେ ଯେ ଭାରତ ଉପରେ ନୂତନ ଟିକସ ଲାଗୁ କରାଯାଇପାରେ । ନିକଟରେ ଖବରଦାତାମାନଙ୍କ ସହ କଥାବାର୍ତ୍ତା କରି ସେ କହିଥିଲେ ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜାଣିଥିଲେ ଯେ ସେ ଅସନ୍ତୁଷ୍ଟ । ଟ୍ରମ୍ପ କହିଥିଲେ, "ପ୍ରଧାନମନ୍ତ୍ରୀ ମୋଦି ଜଣେ ଭଲ ଲୋକ, କିନ୍ତୁ ମୋତେ ଖୁସି ରଖିବା ଗୁରୁତ୍ୱପୂର୍ଣ୍ଣ ଥିଲା ।"

ବିଶ୍ୱର ସମସ୍ତ ଦେଶ ଉପରେ ଆମେରିକାର ଟାରିଫ୍ ପ୍ରଭାବ ଦେଖିବାକୁ ମିଳିଥିବା ବେଳେ ଭାରତ ଉପରେ ଏହାର କୌଣସି ପ୍ରଭାବ ପଡ଼ିନାହିଁ । ରାଷ୍ଟ୍ରପତି ଟ୍ରମ୍ପଙ୍କ ଟାରିଫ୍

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଚାପ ସତ୍ତ୍ୱେ, ୨୦୨୫-୨୬ ପାଇଁ ଦେଶର ଅର୍ଥନୈତିକ ଅଭିବୃଦ୍ଧି ହାର ୭.୪ ପ୍ରତିଶତ ରହିବ ବୋଲି ଭାରତ ସରକାର ଆକଳନ କରିଛନ୍ତି । ଯାହା ଏସିଆର ତୃତୀୟ ବୃହତ୍ତମ ଅର୍ଥନୀତିର ଦୃଢ଼ତାକୁ ଦର୍ଶାଉଛି ।

ଏହି ଅଭିବୃଦ୍ଧି ପୂର୍ବାନୁମାନ ଭାରତୀୟ ରିଜର୍ଭ ବ୍ୟାଙ୍କ (RBI)ର ୭.୩ ପ୍ରତିଶତ ଆକଳନ ଠାରୁ ଅଧିକ ଏବଂ ପୂର୍ବ ବର୍ଷର (୨୦୨୪-୨୫) ୬.୫ ପ୍ରତିଶତ ଅଭିବୃଦ୍ଧି ଠାରୁ ଯଥେଷ୍ଟ ଅଧିକ ଅଟେ । ଏହି ତଥ୍ୟ ଆସନ୍ତା ଫେବୃଆରୀ ୧ ରେ ଉପସ୍ଥାପନ ହେବାକୁ ଥିବା କେନ୍ଦ୍ରୀୟ ବଜେଟ୍ ପାଇଁ ଆଧାର ହେବ । ଆର୍ଥିକ ବର୍ଷ ୨୦୨୬ରେ ୭.୩ ପ୍ରତିଶତ ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି, ଯାହା ପୂର୍ବ ବର୍ଷ ୬.୪ ପ୍ରତିଶତ ଥିଲା ।

ବିଶ୍ୱବ୍ୟାପୀ ଅନିଶ୍ଚିତତା ସତ୍ତ୍ୱେ ଭାରତୀୟ ଅର୍ଥନୀତି ଦୃଢ଼ ରହିଛି । ଏହାର ମୁଖ୍ୟ କାରଣଗୁଡ଼ିକ ହେଲା, ସେବା କ୍ଷେତ୍ରର ଦୃଢ଼ତା, ପୁଞ୍ଜି ନିବେଶରେ ବୃଦ୍ଧି, ଲକ୍ଷ୍ୟଭିତ୍ତିକ ସରକାରୀ ଖର୍ଚ୍ଚ, ଶିଳ୍ପ ଉତ୍ପାଦନରେ ବୃଦ୍ଧି ଆଦି ସାମିଲ ରହିଛି ।

ସେହିପରି ଆର୍ଥିକ ବର୍ଷ ମଧ୍ୟରେ ସରକାରଙ୍କ ଦ୍ୱାରା ନିଆଯାଇଥିବା ନିମ୍ନଲିଖିତ ପଦକ୍ଷେପଗୁଡ଼ିକ ଖାଉଟି ଚାହିଦା ବଢ଼ାଇବାରେ ସହାୟକ ହୋଇଛି । ମଧ୍ୟବିତ୍ତ ବର୍ଗଙ୍କ ପାଇଁ ଆୟକର ରିହାତି ଏବଂ ସେପ୍ଟେମ୍ବର ୨୨ରୁ ଅନେକ ସାମଗ୍ରୀ ଉପରେ ଜିଏସଟି ହ୍ରାସ କରାଯାଇଛି । ଯାହା ଖୁଚୁରା ସ୍ତରରେ ଦର ହ୍ରାସ କରିବାରେ ସାହାଯ୍ୟ କରିଛି ।

ଏହି ଦୁଇଟି ପଦକ୍ଷେପ ଯୋଗୁଁ ଖାଉଟିଙ୍କ ହାତରେ ଅଧିକ ଖର୍ଚ୍ଚଯୋଗ୍ୟ ଆୟ ରହିବା ସହ ଦୈନନ୍ଦିନ ବ୍ୟବହାର୍ଯ୍ୟ ସାମଗ୍ରୀର ମୂଲ୍ୟ ହ୍ରାସ ପାଇଛି, ଫଳରେ FMCG, କଞ୍ଜ୍ୟୁମର ଡ୍ୟୁରେବଲ୍ସ ଏବଂ ସେବା କ୍ଷେତ୍ରରେ ଚାହିଦା ବୃଦ୍ଧି ପାଇଛି ।

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଉପରେ ଖୁସି ନାହାନ୍ତି ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ଏକଥା ନିଜେ ଟ୍ରମ୍ପ କହିଛନ୍ତି । ଭାରତ ସମ୍ପର୍କରେ ପ୍ରତିକ୍ରିୟା ରଖି ଟ୍ରମ୍ପ କହିଛନ୍ତି, ମୋଦିଙ୍କ ସହ ମୋର ଭଲ ସମ୍ପର୍କ, କିନ୍ତୁ ଏବେ ସେ ମୋ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଉପରେ ଖୁସି ନାହାନ୍ତି । ସେ କହିଛନ୍ତି, ରୁଷିଆ ତୈଳ କ୍ରୟ ପାଇଁ ୱାଶିଂଟନ ନୂଆଦିଲ୍ଲୀ ଉପରେ ଲାଗୁ କରିଥିବା ଶୁଳ୍କ ଯୋଗୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କ ଉପରେ ଖୁସି ନାହାନ୍ତି ।

ଟ୍ରମ୍ପ ବାରମ୍ବାର ଅଭିଯୋଗ କରିଛନ୍ତି ଯେ, ଭାରତ ସମେତ ଦେଶଗୁଡ଼ିକ ଦ୍ୱାରା ରିହାତି ମୂଲ୍ୟରେ ରୁଷୀୟ ତେଲ ଆମଦାନୀ ମସ୍କୋର ଯୁଦ୍ଧକୁ ଇନ୍ଧନ ଦେଉଛି ।

ଅଗଷ୍ଟରେ ଟ୍ରମ୍ପ ପ୍ରଶାସନ ଭାରତରୁ ଆମଦାନୀ ହେଉଥିବା ସାମଗ୍ରୀ ଉପରେ ଶୁଳ୍କକୁ ଦ୍ୱିଗୁଣିତ କରି ରଷୀୟ ତେଲ କ୍ରୟ ପାଇଁ ୫୦% କରିଥିଲା । ୨୫% ତଥାକଥିତ ପାରସ୍ପରିକ ଶୁଳ୍କ ପୂର୍ବରୁ କାର୍ଯ୍ୟକାରୀ ହୋଇସାରିଛି ।

ସେତେବେଳେ ଭାରତ କହିଥିଲା ଯେ, ଏହା 'ଅତ୍ୟନ୍ତ ଦୁର୍ଭାଗ୍ୟଜନକ' । ଅନେକ ଅନ୍ୟ ଦେଶ ମଧ୍ୟ ନିଜସ୍ୱ ଜାତୀୟ ସ୍ୱାର୍ଥରେ ନେଉଥିବା କାର୍ଯ୍ୟ ପାଇଁ ଭାରତ ଉପରେ ଦଣ୍ଡାତ୍ମକ ଶୁଳ୍କ ଲାଗୁ କରିବାକୁ ବାଛିଛି ।

ଦେଶରେ ବୁଲା କୁକୁରଙ୍କ ସଂଖ୍ୟା ନିୟନ୍ତ୍ରଣ ଓ ସାଧାରଣ ଲୋକଙ୍କ ସୁରକ୍ଷାକୁ ସୁପ୍ରିମକୋର୍ଟରେ ଶୁଣାଣି ଜାରି ରହିଛି । ଏହି ପ୍ରସଙ୍ଗରେ ଏକ ଜନସ୍ୱାର୍ଥ ମାମଲାର ଶୁଣାଣି ସମୟରେ ସୁପ୍ରିମକୋର୍ଟରେ ରୋଚକ ପରିସ୍ଥିତି ସୃଷ୍ଟି ହୋଇଛି । ବିଚାରପତି ଜଷ୍ଟିସ୍ ବିକ୍ରମ ନାଥ, ସନ୍ଦୀପ ମେହେଟା ଏବଂ ଏନ.ଭି. ଅଞ୍ଜାରିଆଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରୁଥିବା ବେଳେ କୁକୁରଙ୍କ ଉପସ୍ଥିତି ସାମାଜିକ ସନ୍ତୁଳନ ରକ୍ଷା କରେ ବୋଲି ପଶୁପ୍ରେମୀଙ୍କ ପକ୍ଷରୁ ଯୁକ୍ତି କରାଯାଇଥିଲା ।

ବରିଷ୍ଠ ଆଇନଜୀବୀ ସି.ୟୁ. ସିଂ କହିଥିଲେ ଯେ, ସହରରୁ କୁକୁରଙ୍କୁ ହଠାତ୍ ହଟାଇ ଦେଲେ ମୂଷାଙ୍କ ସଂଖ୍ୟା ବୃଦ୍ଧି ପାଇବ, ଯାହା ରୋଗ ବ୍ୟାପିବାର କାରଣ ହେବ । ଏହି ସମୟରେ ଜଷ୍ଟିସ୍ ମେହେଟା ହାଲୁକା ଭାବେ କହିଥିଲେ, "କୁକୁର ଏବଂ ବିଲେଇ ଶତ୍ରୁ । ଆମେ ବିଲେଇଙ୍କୁ ପ୍ରୋତ୍ସାହନ ଦେବା ଉଚିତ୍, କାରଣ ସେମାନେ ମୂଷାଙ୍କୁ ନିୟନ୍ତ୍ରଣ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କରିପାରିବେ ।”

ଏହି ଶୁଣାଣି ସମୟରେ ବୁଲା କୁକୁରଙ୍କ ବନ୍ଧ୍ୟାକରଣ (ABC Rules) ପାଇଁ ବଜେଟ୍ ଏବଂ ଭିତ୍ତିଭୂମିର ଅଭାବ ଉପରେ ଆଇନଜୀବୀମାନେ ପ୍ରଶ୍ନ ଉଠାଇଥିଲେ । ବର୍ତ୍ତମାନ ଦେଶରେ ୫.୨ କୋଟି ବୁଲା କୁକୁର ଥିବାବେଳେ ମାତ୍ର ୬୬ଟି ସ୍ୱୀକୃତିପ୍ରାପ୍ତ ବନ୍ଧ୍ୟାକରଣ କେନ୍ଦ୍ର ରହିଛି । ଶିକ୍ଷାନୁଷ୍ଠାନ, ହସ୍ପିଟାଲ୍ ଏବଂ ସାଧାରଣ ସ୍ଥାନରେ କୁକୁରଙ୍କ ଉପସ୍ଥିତି ଯୋଗୁଁ ଘଟୁଥିବା ଦୁର୍ଘଟଣା ଓ କାମୁଡ଼ା ଘଟଣା ଉପରେ କୋର୍ଟ ଗଭୀର ଚିନ୍ତା ପ୍ରକଟ କରିଛନ୍ତି ।

ସୁପ୍ରିମକୋର୍ଟ ସ୍ପଷ୍ଟ କରିଛନ୍ତି ଯେ, ସେ ସବୁ କୁକୁରଙ୍କୁ ରାସ୍ତାରୁ ହଟାଇବାକୁ ନିର୍ଦ୍ଦେଶ ଦେଇନାହାନ୍ତି, ବରଂ ନିୟମ ଅନୁଯାୟୀ ସେମାନଙ୍କର ପରିଚାଳନା କରିବାକୁ କହିଛନ୍ତି । କୋର୍ଟ ଆହୁରି ମଧ୍ୟ କହିଛନ୍ତି ଯେ, ନିୟମ ଥାଇ ମଧ୍ୟ ଅନେକ ରାଜ୍ୟରେ ଏହାର ଉଲ୍ଲଂଘନ ହେଉଛି, ଯାହା ଫଳରେ ମଣିଷଙ୍କ ଜୀବନ ବିପଦରେ ପଡୁଛି ।

ବୁଲା କୁକୁର ସମସ୍ୟା ସମ୍ବନ୍ଧୀୟ ଆବେଦନଗୁଡ଼ିକର ଶୁଣାଣି କରି ସୁପ୍ରିମକୋର୍ଟ ବୁଧବାର ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ କରିଛନ୍ତି । କେବଳ କୁକୁରମାନଙ୍କ ଉପରେ କାହିଁକି ତର୍କ କରାଯାଉଛି ବୋଲି ପ୍ରଶ୍ନ କରି କୋର୍ଟ କହିଛନ୍ତି, “ଅନ୍ୟ ପଶୁମାନଙ୍କ ଜୀବନର କ’ଣ ହେବ ? କୁକୁଡ଼ା ଏବଂ ଛେଳିଙ୍କ ବିଷୟରେ କ’ଣ ? କ’ଣ ସେମାନଙ୍କର ଜୀବନ ନାହିଁ ?”

ଜଣେ ଆବେଦନକାରୀ ବୁଲା କୁକୁର ଆକ୍ରମଣରେ ମୃତ୍ୟୁବରଣ କରିଥିବା ଜଣେ ୯୦ ବର୍ଷୀୟ ବ୍ୟକ୍ତିଙ୍କ ଫଟୋ ଦେଖାଇବାକୁ ଚେଷ୍ଟା କରିଥିଲେ । ତେବେ କୋର୍ଟ ଏହାକୁ ଅଟକାଇ କହିଥିଲେ, “ଏହି ଫଟୋ ଦେଖାଇବାର କୌଣସି ଆବଶ୍ୟକତା ନାହିଁ ।”

ଆହତଙ୍କ ପକ୍ଷରୁ ଓକିଲ ଯୁକ୍ତି ବାଢ଼ିଥିଲେ ଯେ ଲୋକମାନେ ବୁଲା କୁକୁରଙ୍କ ଯୋଗୁଁ ଅସୁବିଧାରେ ପଡ଼ୁଛନ୍ତି ଏବଂ ମାନବ ଅଧିକାର ସୁରକ୍ଷିତ ହେବା ଦରକାର । ସେ ଜାପାନ ଓ ଆମେରିକାର ‘ଡ୍ରାମବକ୍ସ କିଲ୍ ସେଲ୍ଟର’ ପ୍ରଥା ଉଲ୍ଲେଖ କରିଥିଲେ, ଯେଉଁଠାରେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପୋଷା କୁକୁର ପୋଷ୍ୟ ହୋଇ ନ ପାରିଲେ ଇଉଥାନାଇଜ୍ (ଯନ୍ତ୍ରଣାମୁକ୍ତ ମୃତ୍ୟୁ) କରାଯାଏ ।

ସେହିପରି ନୋଏଡାରେ ବୁଲା କୁକୁର ଆକ୍ରମଣର ଶିକାର ହୋଇଥିବା ୮ ବର୍ଷର ଝିଅର ବାପା କୋର୍ଟରେ ହାଜର ହୋଇଥିଲେ । ସେ ଅଭିଯୋଗ କରିଥିଲେ ଯେ ବାରମ୍ବାର ଅଭିଯୋଗ ସତ୍ତ୍ୱେ ନୋଏଡା ଅଥରିଟି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ । ଆର୍‌ଡବ୍ଲ୍ୟୁଏ (RWAs) ମାନଙ୍କୁ ସେମାନଙ୍କ ସୋସାଇଟିଗୁଡ଼ିକୁ "କୁକୁରମୁକ୍ତ ଅଞ୍ଚଳ" ଘୋଷଣା କରିବାକୁ ଅନୁମତି ଦିଆଯାଉ ବୋଲି ସେ ଯୁକ୍ତି ବାଢ଼ିଥିଲେ ।

ବରିଷ୍ଠ ଆଇନଜୀବୀ କପିଲ ସିବଲ ଏହି ସମୟରେ କହିଥିଲେ ଯେ "ଆମେ ଏଠାକୁ କୁକୁର ପ୍ରେମୀ ଏବଂ ପରିବେଶ ପ୍ରେମୀ ଭାବରେ ଆସିଛୁ ।" 'କୁକୁଡ଼ା ଓ ଛେଳି' ପ୍ରଶ୍ନର ଉତ୍ତରରେ ସେ କହିଥିଲେ ଯେ କୁକୁଡ଼ାମାନଙ୍କୁ ନିର୍ଦ୍ଦୟ ଭାବେ ପଞ୍ଜୁରୀରେ ରଖାଯାଉଥିବାରୁ ସେ କୁକୁଡ଼ା ଖାଇବା ବନ୍ଦ କରି ଦେଇଛନ୍ତି ।

ତେବେ ସେ ମଡେଲକୁ ସମର୍ଥନ କରିଥିଲେ ଏବଂ କହିଥିଲେ ଯେ ଏହା ସଫଳ ହୋଇଛି ଓ ବୁଲା କୁକୁରଙ୍କ ସଂଖ୍ୟାକୁ ପ୍ରାୟ ଶୂନ ସ୍ତରକୁ ଆଣିଛି । ସେ ଯୁକ୍ତି ଦର୍ଶାଇଥିଲେ ଯେ ଭାରତରେ ବୁଲା କୁକୁରମାନଙ୍କୁ ହଟାଇ ଦିଆଗଲେ ଅଳିଆ ଆବର୍ଜନା ଏବଂ ମାଙ୍କଡ଼ ସମସ୍ୟା ବଢ଼ିବ ।

ସେ କହିଥିଲେ ଯେ କୁକୁର କାମୁଡ଼ା ସମ୍ବନ୍ଧୀୟ ତଥ୍ୟ "ପ୍ରକୃତ ସଂଖ୍ୟା ଠାରୁ ୫ ରୁ ୭ ଗୁଣ ଅଧିକ" କାରଣ ପ୍ରତ୍ୟେକ ଇଞ୍ଜେକ୍ସନ ଡୋଜକୁ ଏକ ପୃଥକ ମାମଲା ଭାବରେ ଗଣାଯାଉଛି ।

ଏଥିରେ ପ୍ରତିକ୍ରିୟା ଦେଇ କୋର୍ଟ କହିଥିଲେ, "ଆମେ ଦେଇଥିବା ନିର୍ଦ୍ଦେଶ କେବଳ ଅନୁଷ୍ଠାନିକ ଅଞ୍ଚଳ ପାଇଁ ଥିଲା, ରାସ୍ତା ପାଇଁ ନୁହେଁ । ବିଦ୍ୟାଳୟ, ଡାକ୍ତରଖାନା କିମ୍ବା କୋର୍ଟ ଭିତରେ ବୁଲା କୁକୁରଙ୍କ ଆବଶ୍ୟକତା କ'ଣ ? ସେମାନଙ୍କୁ ସେହି ଅଞ୍ଚଳରୁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ହଟାଇବାକୁ କାହିଁକି ଆପତ୍ତି ?”

ଏହାର ଉତ୍ତରରେ ସଲିସିଟର ଜେନେରାଲ କହିଥିଲେ ଯେ ସବୁକିଛି ପଶୁପ୍ରେମୀଙ୍କ ବଦଳରେ କୁକୁର ପ୍ରେମୀଙ୍କୁ କେନ୍ଦ୍ର କରି ରହିଛି । ଗେଟେଡ୍ କଲୋନୀରେ କୁକୁର ବୁଲିବା ଉଚିତ କି ନୁହେଁ, ତାହା ବ୍ୟକ୍ତିବିଶେଷ ନୁହେଁ, ଆରଡବ୍ଲ୍ୟୁଏ (RWA) ନିଷ୍ପତ୍ତି ନେବା ଉଚିତ ।

ହରିଦ୍ୱାରରେ ଥିବା ୧୦୫ଟି ଘାଟକୁ ଅଣହିନ୍ଦୁଙ୍କ ପ୍ରବେଶ ଉପରେ କଟକଣା ଲଗାଇବା ପାଇଁ ଉତ୍ତରାଖଣ୍ଡ ସରକାର ବିଚାର କରୁଥିବା ଜଣାପଡ଼ିଛି । ସେହିପରି ହରିଦ୍ୱାର ଓ ଋଷିକେଶକୁ ପବିତ୍ର ସହର ରୂପେ ଘୋଷଣା କରିବା ନେଇ ମଧ୍ୟ ସରକାରଙ୍କ ଯୋଜନା ରହିଛି । ହର-କି-ପୌରି ଘାଟର ଦେଖାଶୁଣା କରୁଥିବା କେତେଜଣ ଧାର୍ମିକ ନେତା ଓ ଏକ ସଙ୍ଗଠନ ପକ୍ଷରୁ ଏପରି ଦାବି କରାଯିବା ପରେ ଉତ୍ତରାଖଣ୍ଡ ସରକାର ଏହି ନିଷ୍ପତ୍ତି ନେବାକୁ ଯାଉଛନ୍ତି । ଏପରି କଟକଣା ଜାରି ପାଇଁ ଉଦ୍ଦିଷ୍ଟ ୧୯୧୬ ମସିହାର ଏକ ଚୁକ୍ତି ଉପରେ ମଧ୍ୟ ରାଜ୍ୟ ସରକାର ସମୀକ୍ଷା କରୁଥିବା ଜଣାପଡ଼ିଛି । ୨୦୨୭ରେ ପଡୁଥିବା ଅର୍ଦ୍ଧକୁମ୍ଭ ପୂର୍ବରୁ ଏହି ପ୍ରକ୍ରିୟା ଆରମ୍ଭ ହୋଇପାରେ ।

୧୨୦ ବର୍ଗ କି.ମି. ବିସ୍ତୃତ ଅଞ୍ଚଳରେ ଥିବା ୧୦୫ ଘାଟକୁ ଅଣହିନ୍ଦୁଙ୍କ ପ୍ରବେଶକୁ ସମ୍ପୂର୍ଣ୍ଣ ନିଷିଦ୍ଧ ଘୋଷଣା କରିବା ପାଇଁ କେତେଜଣ ସାଧୁସନ୍ଥ ଦାବି କରିଛନ୍ତି । ହର-କି-ପୌରି ଘାଟର ରକ୍ଷଣାବେକ୍ଷଣ ଦାୟିତ୍ୱରେ ଥିବା ଗଙ୍ଗା ସଭା ସଙ୍ଗଠନ ମଧ୍ୟ ଅନୁରୂପ ଦାବି କରିଛି । ଏହା ପରେ ଉତ୍ତରାଖଣ୍ଡର ଭାଜପା ସରକାର ହରିଦ୍ୱାର ଓ ଋଷିକେଶକୁ ‘ସନାତନ ପବିତ୍ର ସହର’ ରୂପେ ଘୋଷଣା କରିବାକୁ ଯୋଜନା ଚଳାଇଛନ୍ତି । ୨୦୨୭ ଜାନୁଆରୀ ୧୪ ମକର ସଂକ୍ରାନ୍ତିରେ ଆରମ୍ଭ ହେବାକୁ ଥିବା ଅର୍ଦ୍ଧକୁମ୍ଭ ମେଳାରେ ଏହି ପ୍ରକ୍ରିୟା ଆରମ୍ଭ ହୋଇପାରେ ବୋଲି ସୂତ୍ରରୁ ଜଣାପଡ଼ିଛି । ୧୯୧୬ରେ ଭାରତରତ୍ନ ପଣ୍ଡିତ ମଦନ ମୋହନ ମାଲବ୍ୟ ଓ ବ୍ରିଟିଶ ସରକାର ମଧ୍ୟରେ ସମ୍ପାଦନ ହୋଇଥିବା ଏ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସଂକ୍ରାନ୍ତ ଚୁକ୍ତିନାମାର ବିବରଣୀକୁ ମଧ୍ୟ ସରକାର ଅନୁଧ୍ୟାନ କରୁଛନ୍ତି । ମାଲବ୍ୟ ଗଙ୍ଗାସଭାର ପ୍ରଥମ ଅଧ୍ୟକ୍ଷ ଥିଲେ । ଗଙ୍ଗାନଦୀର ପ୍ରବାହରେ ଯେପରି ବାଧା ନ ଉପୁଜେ ତାହା ସୁନିଶ୍ଚିତ କରି ହରିଦ୍ୱାରର ପବିତ୍ରତାକୁ ବଜାୟ ରଖିବା ପାଇଁ ଉକ୍ତ ଚୁକ୍ତିନାମାରେ ସହମତି ପ୍ରକାଶ ପାଇଥିଲା । ସେହିପରି ହରିଦ୍ୱାର ସହରକୁ ଅଣହିନ୍ଦୁମାନଙ୍କ ପ୍ରବେଶ ଉପରେ କଟକଣା ଲଗାଇବା ନେଇ ସର୍ତ୍ତ ରଖାଯାଇଥିଲା । ଋଷିକେଶ ଓ ହରିଦ୍ୱାରରେ ଅଣହିନ୍ଦୁମାନେ ସ୍ଥାୟୀ ବାସିନ୍ଦା ହୋଇପାରିବେ ନାହିଁ ଏବଂ ସେମାନେ କେବଳ କାର୍ଯ୍ୟ ପାଇଁ ସେଠାକୁ ଯାଇପାରିବେ ବୋଲି ଏଥିରେ ଉଲ୍ଲେଖ କରାଯାଇଥିଲା । ସୂତ୍ରରୁ ଜଣାପଡ଼ିଛି ଯେ, ରାଜ୍ୟ ସରକାର ଗମ୍ଭୀରତାର ସହ ମୂଳ ଚୁକ୍ତିନାମାର ନିୟମଗୁଡ଼ିକୁ ଫେରାଇ ଆଣିବା ପାଇଁ ଚିନ୍ତା କରୁଛନ୍ତି ।

ପୁଷ୍କର ସିଂ ଧାମି ଏନେଇ କହିଛନ୍ତି, ଦେବଭୂମିର ଆଧ୍ୟାତ୍ମିକତା ଓ ସାଂସ୍କୃତିକ ଐତିହ୍ୟକୁ ସୁରକ୍ଷା ଦେବା ପାଇଁ ସରକାର ସବୁ ଜରୁରୀ ପଦକ୍ଷେପ ନେବେ । ସନାତନ ବିଶ୍ୱାସୀଙ୍କ ପାଇଁ ଉତ୍ତରାଖଣ୍ଡ ହେଉଛି ଆସ୍ଥାର କେନ୍ଦ୍ରସ୍ଥଳ । ହରିଦ୍ୱାର ଓ ଋଷିକେଶକୁ ସନାତନ ସହର ରୂପେ ଘୋଷଣା କରିବା ପାଇଁ ବିଚାର ଚାଲିଛି ।

ବର୍ତ୍ତମାନ ଅନ୍ତର୍ଜାତୀୟ ରାଜନୀତିରେ ଏକ ବଡ଼ ଧରଣର ହଲଚଲ ଦେଖାଦେଇଛି । ଭେନେଜୁଏଲାର ରାଷ୍ଟ୍ରପତି ନିକୋଲସ ମାଦୁରୋଙ୍କୁ ଆମେରିକୀୟ ସାମରିକ ଅଭିଯାନର ଅଂଶ ଭାବରେ ଅଟକ ରଖାଯାଇଛି । ଏହି ଖବର ବିଶ୍ୱବ୍ୟାପୀ ଦୃଷ୍ଟି ଆକର୍ଷଣ କରିଛି, କିନ୍ତୁ ଭେନେଜୁଏଲାର କେବଳ ରାଜନୈତିକ ସ୍ୱାର୍ଥ ପାଇଁ ଖବରରେ ନାହିଁ । ଏହି ଦକ୍ଷିଣ ଆମେରିକୀୟ ଦେଶ ପ୍ରାକୃତିକ ସମ୍ପଦରେ ଏତେ ସମୃଦ୍ଧ ଯେ ଏହା ଅତୁଳନୀୟ । ଏହା ଅଶୋଧିତ ତୈଳର ଏକ ସମ୍ପତ୍ତି, ଯାହା ବିଶ୍ୱର ଅନ୍ୟ କୌଣସି ସ୍ଥାନରେ ନାହିଁ । ଏହି କାରଣରୁ, ପେଟ୍ରୋଲ ମୂଲ୍ୟ ଏତେ କମ୍ ଯେ ବିଶ୍ୱାସ କରିବା ମଧ୍ୟ କଷ୍ଟକର ଅଟେ ।

ତେବେ ଏକ ଲିଟର ପେଟ୍ରୋଲର ଦାମ୍ ଏକ ଟଙ୍କା । ଏହା ଶୁଣିବା ପାଇଁ ଆଶ୍ଚର୍ଯ୍ୟ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଲାଗିଲେ ମଧ୍ୟ ସତ । ଭେନେଜୁଏଲାରେ ଏହା ଏକ ବାସ୍ତବତା । ପରିସଂଖ୍ୟାନ ଅନୁସାରେ, ଏଠାରେ ଏକ ଲିଟର ପେଟ୍ରୋଲର ମୂଲ୍ୟ ୦.୦୧ ରୁ ୦.୦୩୫ ଡଲାର ମଧ୍ୟରେ ରହିଥାଏ । ଭାରତୀୟ ମୁଦ୍ରାରେ ରୂପାନ୍ତରିତ ହେଲେ, ଏହା ପ୍ରତି ଲିଟର ମାତ୍ର ୧ ରୁ ୩ ଟଙ୍କା ହୋଇଥାଏ ।

ଏହି କମ୍ ମୂଲ୍ୟ ସିଧାସଳଖ ସାଧାରଣ ଲୋକଙ୍କ ପକେଟକୁ ପ୍ରଭାବିତ କରେ । ଭାରତ ଏବଂ ଅନ୍ୟାନ୍ୟ ଦେଶରେ ଏକ କାରର ଟାଙ୍କି ପୂରଣ କରିବା ପାଇଁ ହଜାର ହଜାର ଟଙ୍କା ଖର୍ଚ୍ଚ ହେଉଥିବା ବେଳେ, ଭେନେଜୁଏଲାରେ, ୩୫ ରୁ ୫୦ ଲିଟର ଇନ୍ଧନ ଟାଙ୍କି ପୂରଣ କରିବା ପାଇଁ କେବଳ ୫୦ ରୁ ୧୫୦ ଟଙ୍କା ଖର୍ଚ୍ଚ ହୁଏ ।

ଭେନେଜୁଏଲାର ପେଟ୍ରୋଲ ବିକ୍ରୟ ବ୍ୟବସ୍ଥା ଟିକିଏ ଭିନ୍ନ, ଯାହାକୁ "ଦ୍ୱୈତ ଇନ୍ଧନ ବ୍ୟବସ୍ଥା" କୁହାଯାଏ । ଏହି ବ୍ୟବସ୍ଥା ଅନୁଯାୟୀ, ଦେଶରେ ପେଟ୍ରୋଲ ଦୁଇଟି ରୂପରେ ବିକ୍ରି ହୁଏ । ପ୍ରଥମଟି ହେଉଛି ସବସିଡିଯୁକ୍ତ ପେଟ୍ରୋଲ, ଯାହା ସାଧାରଣ ଲୋକଙ୍କ ପାଇଁ ବହୁତ ସୁଲଭ । ଦ୍ୱିତୀୟଟି ହେଉଛି ପ୍ରିମିୟମ୍ ପେଟ୍ରୋଲ ।

ପ୍ରିମିୟମ୍ ପେଟ୍ରୋଲ ମୂଲ୍ୟ ଅନ୍ତର୍ଜାତୀୟ ବଜାର ଦ୍ୱାରା ନିର୍ଣ୍ଣୟ କରାଯାଏ ଏବଂ ସରକାର ଦ୍ୱାରା ସବସିଡି ଦିଆଯାଇ ନଥାଏ । ରିପୋର୍ଟ ଅନୁଯାୟୀ, ପ୍ରିମିୟମ୍ ପେଟ୍ରୋଲର ମୂଲ୍ୟ ପ୍ରତି ଲିଟର ପ୍ରାୟ ୪୨ ଟଙ୍କା । ଯଦି ଜଣେ ଡ୍ରାଇଭର ପ୍ରିମିୟମ୍ ବିକଳ୍ପ ବାଛନ୍ତି, ତେବେ ସେମାନେ ସେମାନଙ୍କର ୫୦ ଲିଟର ଟାଙ୍କି ପୂରଣ କରିବା ପାଇଁ ପ୍ରାୟ ୨୦ ରୁ ୨୫ ଡଲାର (ପ୍ରାୟ ୧୭୦୦ ରୁ ୨୧୦୦ ଟଙ୍କା) ଦିଅନ୍ତି । ଏହି ମୂଲ୍ୟ ବିଶ୍ୱର ଅନେକ ଦେଶ ତୁଳନାରେ ବହୁତ କମ୍, କିନ୍ତୁ ସେଠାକାର ସ୍ଥାନୀୟ ସବସିଡିଯୁକ୍ତ ହାର ଅପେକ୍ଷା ବହୁତ ଅଧିକ ।

ଦେଶର ସବୁଠାରୁ ସ୍ୱଚ୍ଛ ସହର ଭାବେ ପରିଚିତ ମଧ୍ୟପ୍ରଦେଶର ଇନ୍ଦୋରରେ ପାନୀୟ ଜଳ ଦୂଷଣଜନିତ ସଙ୍କଟ ଏବେ ଏକ ନୂଆ ଏବଂ ଅଧିକ ଭୟଙ୍କର ମୋଡ଼

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ନେଇଛି । ଇନ୍ଦୋରର ଭାଗୀରଥପୁରାରେ ଦୂଷିତ ପାଣି ପିଇବା ଯୋଗୁଁ ଏପର୍ଯ୍ୟନ୍ତ ୧୬ ଜଣଙ୍କର ମୃତ୍ୟୁ ହୋଇସାରିଥିବା ବେଳେ ୧,୪୦୦ରୁ ଅଧିକ ବାସିନ୍ଦା ଅସୁସ୍ଥ ହୋଇ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି ।

ଏହି ଦୁର୍ଘଟଣାରେ ଏକ ଅତ୍ୟନ୍ତ ଚିନ୍ତାଜନକ ବିଷୟ ସାମ୍ନାକୁ ଆସିଛି । ଭାଗୀରଥପୁରାର ୬୭ ବର୍ଷୀୟା ପାର୍ବତୀ ବାଇ କୋଣ୍ଡଲାଙ୍କ ଠାରେ ଏକ ବିରଳ ଓ ସମ୍ଭାବ୍ୟ ମାରାତ୍ମକ ସ୍ନାୟୁଗତ ରୋଗ ଗୁଇଲିଆନ୍-ବାରେ ସିଣ୍ଡ୍ରୋମ୍ (GBS)ର ଲକ୍ଷଣ ଦେଖାଯାଇଛି । ଏହି ରୋଗରେ ଶରୀରର ପ୍ରତିରକ୍ଷା ପ୍ରଣାଳୀ ନିଜର ସ୍ନାୟୁକୁ ଆକ୍ରମଣ କରିଥାଏ, ଯାହାକି ଦୀର୍ଘକାଳୀନ ଅପୂରଣୀୟ ସ୍ନାୟୁଗତ କ୍ଷତିର ଆଶଙ୍କା ସୃଷ୍ଟି କରିଛି ।

ଡିସେମ୍ବର ୨୭ରେ ବାନ୍ତି ଓ ଝାଡ଼ା ହେବା ପରେ ପାର୍ବତୀଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ତାଙ୍କର କିଡନୀ ଫେଲ୍ ହୋଇଯିବାରୁ ସେ ଡାଏଲିସିସ୍ରେ ଥିବା ବେଳେ ସ୍ୱାଧୀନ ଭାବେ ନିଶ୍ୱାସ ନେଇପାରୁ ନଥିବାରୁ ତାଙ୍କୁ ଭେଣ୍ଟିଲେଟରରେ ରଖାଯାଇଛି ।

ଇନ୍ଦୋରର ଏକ ଘରୋଇ କେନ୍ଦ୍ରରେ କରାଯାଇଥିବା 'ନର୍ଭ କଣ୍ଡକ୍ସନ୍ ଷ୍ଟଡି' (NCS) ରେ ସ୍ନାୟୁରେ ଗୁରୁତର କ୍ଷତିର ସ୍ପଷ୍ଟ ପ୍ରମାଣ ମିଳିଛି, ଯାହା ଜଳ ଦୂଷଣ ସହିତ ଜଡ଼ିତ ସଂକ୍ରମଣରୁ ହୋଇଥିବା ଆଶଙ୍କା କରାଯାଉଛି ।

ଜଣେ ବରିଷ୍ଠ AIIMS ସ୍ନାୟୁ ବିଶେଷଜ୍ଞ ଏହାକୁ ଏକ 'ତୀବ୍ର ପ୍ରକ୍ରିୟା' ବୋଲି କହିଛନ୍ତି ଏବଂ ଜଳ ଦୂଷଣଜନିତ ପ୍ରକୋପ ସମୟରେ ଏହି ଲକ୍ଷଣ ଦେଖାଯିବା 'ଡାକ୍ତରୀ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ଓ ଗଭୀର ଚିନ୍ତାଜନକ' ।

GBS ଚିକିତ୍ସା ଅତ୍ୟନ୍ତ ବ୍ୟୟବହୁଳ, ପ୍ରତି ରୋଗୀଙ୍କ ପାଇଁ ପ୍ରାୟ ୧୦ରୁ ୧୫ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇପାରେ । ରାଜ୍ୟ ସ୍ୱାସ୍ଥ୍ୟ ପ୍ରଶାସନ ପକ୍ଷରୁ ତଥାପି GBS ସହିତ ଜଳ ଦୂଷଣର କୌଣସି ନିଶ୍ଚିତ ସମ୍ପର୍କକୁ ଅସ୍ୱୀକାର କରାଯାଇଛି । ଇନ୍ଦୋରର ମୁଖ୍ୟ ଚିକିତ୍ସା ଓ ସ୍ୱାସ୍ଥ୍ୟ ଅଧିକାରୀ (CMHO) ଡ. ମାଧବ ହସନାନୀ କହିଛନ୍ତି ଯେ, କେବଳ ଗୋଟିଏ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଟେଷ୍ଟ ପର୍ଯ୍ୟାପ୍ତ ନୁହେଁ ।

ଅନ୍ୟପକ୍ଷରେ, ଜନ ସ୍ୱାସ୍ଥ୍ୟ ଅଭିଯାନ ଇଣ୍ଡିଆ (JSAI) ସହ ଜଡ଼ିତ ସାମୁଦାୟିକ ସ୍ୱାସ୍ଥ୍ୟ ବିଶେଷଜ୍ଞ ଅମୂଲ୍ୟ ନିଧି କହିଛନ୍ତି ଯେ, ଏହା କେବଳ ଏକ ସାଧାରଣ ଝାଡ଼ାବାନ୍ତି ପ୍ରକୋପ ନୁହେଁ । ଏହା ସ୍ନାୟୁଗତ, ରୋଗ ପ୍ରତିରୋଧକ ଓ ମାନସିକ ପ୍ରଭାବ ଦେଖାଉଛି, ଯାହା ଦୂଷଣର ମାତ୍ରା ଅତ୍ୟନ୍ତ ଗୁରୁତର ଥିବାର ସୂଚନା ଦେଉଛି ।

ଅମୂଲ୍ୟ ନିଧି ୨୦୧୯ CAG ରିପୋର୍ଟକୁ ଉଲ୍ଲେଖ କରିଛନ୍ତି ଯେଉଁଥିରେ କେବଳ ଭୋପାଳ ଓ ଇନ୍ଦୋରରେ ୫.୪୫ ଲକ୍ଷ ଜଳବାହିତ ରୋଗର ମାମଲା ଥିଲା । ସେ ଜଳ ପରିଚାଳନା ପାଇଁ ଏସୀୟ ବିକାଶ ବ୍ୟାଙ୍କ (ADB)ରୁ ନିଆଯାଇଥିବା ୨୦୦ ମିଲିୟନ ଡଲାରର ଋଣ ସର୍ତ୍ତାବଳୀ, ଯେପରିକି ନିୟମିତ ଜଳ ମାନ ଯାଞ୍ଚକୁ, କାର୍ଯ୍ୟକାରୀ କରାଯାଇ ନଥିବାର ଅଭିଯୋଗ କରିଛନ୍ତି ।

ମୁମ୍ବାଇ ନଗର ନିଗମ ନିର୍ବାଚନ (BMC ନିର୍ବାଚନ ୨୦୨୬) ପୂର୍ବରୁ, ମହାରାଷ୍ଟ୍ରର ସମସ୍ତ ରାଜନୈତିକ ନେତାମାନେ ସେମାନଙ୍କ ଦଳ ପାଇଁ ବିଜୟ ସୁନିଶ୍ଚିତ କରିବା ପାଇଁ ସକ୍ରିୟ ଭାବରେ କଠିନ ପରିଶ୍ରମ କରୁଛନ୍ତି । ଏହି ସମୟରେ, ମହାରାଷ୍ଟ୍ରର ଉପମୁଖ୍ୟମନ୍ତ୍ରୀ ଏବଂ ରାଷ୍ଟ୍ରବାଦୀ କଂଗ୍ରେସ ପାର୍ଟି (NCP) ମୁଖ୍ୟ ଅଜିତ ପାଓ୍ୱାର ଏକ ଗୁରୁତ୍ୱପୂର୍ଣ୍ଣ ବୟାନ ଦେଇଛନ୍ତି । ପୁଣେ ନଗର ନିଗମରେ ତାଙ୍କ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିବା ସମୟରେ, ଅଜିତ ପାଓ୍ୱାର ଜନସାଧାରଣଙ୍କୁ ସମ୍ବୋଧିତ କରିଥିଲେ ଏବଂ ରାଜ୍ୟ ସରକାରରେ ମହାଯୁତି (ମହାଗଠବନ୍ଧନ)ର ଅଂଶ ହେବା ସତ୍ତ୍ୱେ ପୁଣେ ନଗର ନିଗମ ନିର୍ବାଚନରେ ବିଜେପିକୁ କାହିଁକି ସମର୍ଥନ କରିନଥିଲେ ତାହା ବ୍ୟାଖ୍ୟା କରିଥିଲେ ।

ଅଜିତ ପାଓ୍ୱାର ତାଙ୍କ ସାଧାରଣ ଭାଷଣରେ କହିଥିଲେ, 'ମୋର ୩୫ ବର୍ଷର ରାଜନୈତିକ କ୍ୟାରିୟରରେ, ମୁଁ ଅନେକ ନିର୍ବାଚନ ଲଢ଼ିଛି, କିନ୍ତୁ ଏଥରର ନିର୍ବାଚନ ଭିନ୍ନ ଏବଂ ଅନନ୍ୟ । କେନ୍ଦ୍ରରେ, ଆମେ NDA ସରକାରଙ୍କ ଅଂଶ, ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମୋଦିଙ୍କ ନେତୃତ୍ୱରେ, ଜାତୀୟ ସ୍ତରରେ ବିକାଶ ଦ୍ରୁତ ଗତିରେ ହେଉଛି । ରାଜ୍ୟରେ, ଦେବେନ୍ଦ୍ର ଫଡନଭିସ, ଏକନାଥ ଶିନ୍ଦେ ଏବଂ ମୁଁ ଏକାଠି ସରକାର ଚଳାଉଛୁ । ତଥାପି, ପୁଣେ ଏବଂ ପିମ୍ପରି-ଚିଞ୍ଚୱାଡରେ, ଜନସାଧାରଣ ଏକ ସମ୍ପୂର୍ଣ୍ଣ ଭିନ୍ନ ଚିତ୍ର ଦେଖୁଛନ୍ତି । ଜଣେ ବିଚକ୍ଷଣ ଭୋଟର ସ୍ୱାଭାବିକ ଭାବରେ ଭାବିବେ: ଯଦି ଆମେ କେନ୍ଦ୍ର ଏବଂ ରାଜ୍ୟରେ ଏକାଠି ଅଛୁ, ତେବେ ଏଠାରେ କ'ଣ ଭୁଲ ଅଛି ?' ଏହି ପ୍ରଶ୍ନର ଉତ୍ତର ଦେଇ ଅଜିତ ପାଞ୍ଜାର ନିଜେ କହିଛନ୍ତି, 'ମୁଁ ସମସ୍ତଙ୍କୁ ସ୍ପଷ୍ଟ କରିବାକୁ ଚାହୁଁଛି ଯେ କିଛି ବର୍ଷ ପୂର୍ବରୁ ସମାନ ପରିସ୍ଥିତି ସୃଷ୍ଟି ହୋଇଥିଲା । ସେତେବେଳେ ରାଜ୍ୟରେ ମହା ବିକାଶ ଆଗାଡି ସରକାର କ୍ଷମତାରେ ଥିଲା ଏବଂ କେନ୍ଦ୍ରରେ ୟୁପିଏ ସରକାର ଥିଲା । ମନମୋହନ ସିଂହ ପ୍ରଧାନମନ୍ତ୍ରୀ ଥିଲେ, ଏବଂ ସୁଶୀଲ କୁମାର ଶିନ୍ଦେ, ଅଶୋକ ଚୌହ୍ୱାନ, ପୃଥ୍ୱୀରାଜ ଚୌହ୍ୱନ ଏବଂ ବିଳାସରାଓ ଦେଶମୁଖଙ୍କ ଭଳି ନେତାମାନେ ବିଭିନ୍ନ ସମୟରେ ରାଜ୍ୟ ନେତୃତ୍ୱ ନେଇଥିଲେ । ସେତେବେଳେ ମଧ୍ୟ, ସ୍ଥାନୀୟ ସମସ୍ୟା ଉପରେ ସ୍ଥାନୀୟ ସଂସ୍ଥା ନିର୍ବାଚନ ପୃଥକ ଭାବରେ ଲଢ଼ାଯାଉଥିଲା, ପ୍ରାୟତଃ ପରସ୍ପର ବିରୁଦ୍ଧରେ ।'

ଅଜିତ ପାଞ୍ଜାର ଆହୁରି କହିଛନ୍ତି, 'ଆଜି ସମାନ ପରିସ୍ଥିତି ଦେଖାଯାଉଛି । କେନ୍ଦ୍ର ଏବଂ ରାଜ୍ୟ ସରକାର ମହାରାଷ୍ଟ୍ରର ପ୍ରତ୍ୟେକ କୋଣରେ ବିକାଶ କାର୍ଯ୍ୟ ପାଇଁ ପର୍ଯ୍ୟାପ୍ତ ପାଣ୍ଠି ଯୋଗାଇ ଦେଉଛନ୍ତି । କେନ୍ଦ୍ର କିମ୍ବା ରାଜ୍ୟ ସରକାରଙ୍କ ଦ୍ୱାରା କୌଣସି ବିକାଶ ପ୍ରକଳ୍ପ ବିଚାରାଧୀନ ନାହିଁ । କିନ୍ତୁ ପ୍ରଶ୍ନ ହେଉଛି, ଗତ ଅନେକ ବର୍ଷ ଧରି ସମାନ ନେତୃତ୍ୱରେ ଚାଲିଥିବା ପୌର ନିଗମଗୁଡ଼ିକର ଅବସ୍ଥା କ'ଣ ? ଏଥିରେ କେନ୍ଦ୍ର କିମ୍ବା ରାଜ୍ୟ ସରକାରଙ୍କ କୌଣସି ଦୋଷ ନାହିଁ । ପ୍ରକୃତ ପ୍ରଶ୍ନ ହେଉଛି ସ୍ଥାନୀୟ ନେତୃତ୍ୱର କାର୍ଯ୍ୟଦକ୍ଷତା ।'

ଦିଲ୍ଲୀ ଦଙ୍ଗା ସହିତ ଜଡିତ ଅଭିଯୋଗରେ ଗତ ପାଞ୍ଚ ବର୍ଷ ଧରି ଜେଲରେ ଥିବା ଉମର ଖାଲିଦ ଏବଂ ସରଜିଲ୍ ଇମାମ୍‌ଙ୍କୁ ସୁପ୍ରିମକୋର୍ଟରୁ ଏକ ବଡ଼ ଝଟକା ଲାଗିଛି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ହାଇକୋର୍ଟ ପରେ, ସୁପ୍ରିମକୋର୍ଟ ଏବେ ସେମାନଙ୍କର ଜାମିନ ଆବେଦନକୁ ଖାରଜ କରି ଦେଇଛନ୍ତି । ତଥାପି, ଅନ୍ୟ ପାଞ୍ଚ ଅଭିଯୁକ୍ତଙ୍କୁ ଜାମିନ ପ୍ରଦାନ କରାଯାଇଛି । ବିଚାରପତି ଅରବିନ୍ଦ କୁମାର ଏବଂ ଏନଭି ଅଞ୍ଜାରିଆଙ୍କ ଖଣ୍ଡପୀଠ ଅଭିଯୁକ୍ତ ଏବଂ ଦିଲ୍ଲୀ ପୋଲିସର ଯୁକ୍ତି ଶୁଣିବା ପରେ ଗତ ଡିସେମ୍ବର ୧୦ ତାରିଖରେ ନିଷ୍ପତ୍ତି ସଂରକ୍ଷିତ ରଖିଥିଲେ, ଯାହା ଆଜି ପ୍ରଦାନ କରାଯାଇଥିଲା ।

ଦିଲ୍ଲୀ ପୋଲିସ ସେମାନଙ୍କ ମୁକ୍ତିକୁ ବିରୋଧ କରିବା ପାଇଁ ବେଆଇନ କାର୍ଯ୍ୟକଳାପ, ଅଧିନିୟମ (UAPA) ବ୍ୟବହାର କରିଥିଲା । କୋର୍ଟ ଉମର ଏବଂ ସରଜିଲ୍ ଇମାମ୍‌ଙ୍କ ଜାମିନ ଆବେଦନକୁ ଖାରଜ କରିବା ସମୟରେ ଚିନ୍ତା ପ୍ରକାଶ କରିଥିଲେ । କୋର୍ଟ କହିଛନ୍ତି ଯେ ମାମଲାଟି ଆତଙ୍କବାଦୀ କାର୍ଯ୍ୟକଳାପ ସହିତ ଜଡିତ ଥିବାରୁ ଅଭିଯୋଜକଙ୍କୁ ନିରନ୍ତର ହେପାଜତ ଆବଶ୍ୟକ । ହତ୍ୟା କିମ୍ବା ବିନାଶ କରିବା ସହିତ, ଏହି ବ୍ୟବସ୍ଥା ସେବାଗୁଡ଼ିକୁ ବ୍ୟାହତ କରୁଥିବା ଏବଂ ଅର୍ଥନୀତି ପାଇଁ ବିପଦ ସୃଷ୍ଟି କରୁଥିବା କାର୍ଯ୍ୟଗୁଡ଼ିକୁ ମଧ୍ୟ ଅନ୍ତର୍ଭୁକ୍ତ କରେ ।

ଉମର ଖାଲିଦ ସେପ୍ଟେମ୍ବର ୧୩, ୨୦୨୦ ରୁ ପୋଲିସ ହେପାଜତରେ ଅଛନ୍ତି । ଇମାମ ଜାନୁଆରୀ ୨୮, ୨୦୨୦ ରୁ ଜେଲରେ ଅଛନ୍ତି । ଅଭିଯୁକ୍ତ ଯୁକ୍ତି ଦର୍ଶାଇଥିଲେ ଯେ ଅଭିଯୁକ୍ତମାନଙ୍କୁ ଜଣ ଜଣ କରି ଗିରଫ କରି ଅଭିଯୋଜକ ଜାଣିଶୁଣି ବିଚାରକୁ ଲମ୍ବା ଏବଂ ବିଳମ୍ବ କରୁଛନ୍ତି । ଫେବୃଆରୀ ମାସରେ ଉତ୍ତର-ପୂର୍ବ ଦିଲ୍ଲୀର କିଛି ସ୍ଥାନରେ ୨୦୨୦ ଦଙ୍ଗା ଘଟିଥିଲା । ନାଗରିକତା (ସଂଶୋଧନ) ଆଇନ (CAA) ବିରୋଧରେ ପ୍ରତିବାଦକୁ ନେଇ ସପ୍ତାହ ଧରି ଚାଲିଥିବା ଉତ୍ତେଜନା ପରେ ଏହି ଦଙ୍ଗା ଘଟିଥିଲା । କିଛି ଦିନ ଧରି ଚାଲିଥିବା ଏହି ହିଂସାରେ ଅନେକ ମୃତ୍ୟୁ ଘଟିଥିଲା ଏବଂ ଘର, ଦୋକାନ ଏବଂ ପୂଜାସ୍ଥଳକୁ ବ୍ୟାପକ କ୍ଷତି ହୋଇଥିଲା ।

୨୦୨୦ ଦିଲ୍ଲୀ ଦଙ୍ଗା ମାମଲାରେ ପାଞ୍ଚ ବର୍ଷରୁ ଅଧିକ ସମୟ ଧରି ଜେଲରେ ଥିବା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଉମର ଖାଲିଦ୍‌ଙ୍କୁ ଆମେରିକାରୁ ଆସିଛି ସମର୍ଥନର ଚିଠି । ୟୁଏପିଏ (UAPA) ଅଧିନରେ ତିହାର ଜେଲରେ ଥିବା ଖାଲିଦ୍‌ଙ୍କୁ ମଧ୍ୟବର୍ତ୍ତୀକାଳୀନ ଜାମିନ ଓ ତ୍ୱରିତ ବିଚାର ପାଇଁ ୮ ଜଣ ଆମେରିକୀୟ ଡେମୋକ୍ରାଟିକ୍ ସାଂସଦ ଭାରତୀୟ ରାଷ୍ଟ୍ରଦୂତଙ୍କୁ ଚିଠି ଲେଖିଛନ୍ତି । ଏହା ସହିତ ନବନିର୍ବାଚିତ ନ୍ୟୁୟର୍କ ସିଟି ମେୟର ଜୋହ୍ରାନ୍ ମାମଦାନି ଖଲିଦଙ୍କ ପାଇଁ ଏକ ବ୍ୟକ୍ତିଗତ ଚିଠି ଲେଖିଥିବା ଜଣାପଡିଛି ।

ଭାରତୀୟ ବଂଶୋଦ୍ଭବ ତଥା ନବନିର୍ବାଚିତ ମେୟର ଜୋହ୍ରାନ୍ ମାମଦାନିଙ୍କ ହସ୍ତଲିଖିତ ଚିଠିଟି ସୋସିଆଲ ମିଡିଆରେ ଭାଇରାଲ୍ ହୋଇଛି । ଚିଠିରେ ସେ ଖାଲିଦଙ୍କୁ ସମ୍ବୋଧିତ କରି ଲେଖିଛନ୍ତି, "ପ୍ରିୟ ଉମର, ମୁଁ ତୁମର ତିକ୍ତତା ବିଷୟରେ କହିଥିବା କଥାକୁ ବାରମ୍ବାର ଭାବେ, ଏବଂ ନିଜକୁ ତିକ୍ତତାରେ ଗ୍ରାସିତ ନକରିବାର ଗୁରୁତ୍ୱକୁ ମନେ ପକାଏ । ତୁମର ପିତାମାତାଙ୍କୁ ଭେଟି ମୁଁ ଖୁସି ହେଲି। ଆମେ ସମସ୍ତେ ତୁମ ବିଷୟରେ ଭାବୁଛୁ ।" ଗତ ଡିସେମ୍ବର ୨୦୨୫ ରେ ଖାଲିଦଙ୍କ ପିତାମାତା ଆମେରିକା ଗସ୍ତରେ ଥିବା ବେଳେ ମାମଦାନି ସେମାନଙ୍କୁ ଭେଟିଥିଲେ ।

ସେହିପରି ଆମେରିକାର ୮ ଜଣ ଡେମୋକ୍ରାଟିକ୍ ସାଂସଦ, ଯେଉଁମାନଙ୍କ ମଧ୍ୟରେ ଜିମ୍ ମ୍ୟାକଗଭର୍ନ ଏବଂ ଜେମି ରାସ୍କିନ୍ ଅଛନ୍ତି, ସେମାନେ ଭାରତୀୟ ରାଷ୍ଟ୍ରଦୂତଙ୍କୁ ଚିଠି ଲେଖି ଖାଲିଦଙ୍କୁ ଜାମିନ ଦେବା ଏବଂ ବିଳମ୍ବ ନକରି ତାଙ୍କର ବିଚାର ଆରମ୍ଭ କରିବାକୁ ଅନୁରୋଧ କରିଛନ୍ତି । ସେମାନେ ଏତେ ଲମ୍ବା ସମୟ ଧରି ବିନା ବିଚାରରେ କାରାଗାରରେ ରହିବା ଆନ୍ତର୍ଜାତୀୟ ଆଇନଗତ ମାନଦଣ୍ଡ ସହିତ କିପରି ସାଲିସ୍ ହେଉଛି ବୋଲି ପ୍ରଶ୍ନ କରିଛନ୍ତି ।

ଖଲିଦଙ୍କୁ ଡିସେମ୍ବର ୧୬ ରୁ ୨୯ ପର୍ଯ୍ୟନ୍ତ ତାଙ୍କ ଭଉଣୀଙ୍କ ବିବାହରେ ଯୋଗ ଦେବା ପାଇଁ ଦିଲ୍ଲୀ କୋର୍ଟ ପକ୍ଷରୁ ମଧ୍ୟବର୍ତ୍ତୀକାଳୀନ ଜାମିନ ମିଳିଥିଲା ।

କେନ୍ଦ୍ର ସରକାର FASTag ନିୟମରେ ବଡ଼ ପରିବର୍ତ୍ତନ କରିବାକୁ ଯାଉଛନ୍ତି । ଏହା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଅଧୀନରେ, ଗାଡ଼ି ମାଲିକଙ୍କୁ FASTag ପାଇବା ପାଇଁ ଆଉ KYC ପୂରଣ କରିବାକୁ ପଡ଼ିବ ନାହିଁ । FASTag ନିୟମକୁ ସରଳ ଏବଂ ସ୍ୱଚ୍ଛ କରିବା ପାଇଁ ଏହି ପଦକ୍ଷେପ ନିଆଯାଉଛି ।

FASTag ଉପରେ ମୋଦି ସରକାରଙ୍କ ଏହି ନିଷ୍ପତ୍ତି ସାଧାରଣ ଗାଡ଼ି ମାଲିକଙ୍କୁ ଆଶ୍ୱସ୍ତି ପ୍ରଦାନ କରିବ । NHAI ପକ୍ଷରୁ ଘୋଷଣା କରାଯାଇଛି, ଯେ, ୨୦୨୬ ଫେବୃଆରୀ ୧ରୁ ନୂତନ ଯାନ ପାଇଁ KYC ର ଅସୁବିଧା ଦୂର କରାଯିବ ।

ପୂର୍ବରୁ, ନୂତନ FASTag ପାଇବା ସମୟରେ, ଗାଡି ମାଲିକ ପ୍ରାୟତଃ KYC ସମ୍ବନ୍ଧୀୟ ସମସ୍ୟାର ସମ୍ମୁଖୀନ ହେଉଥିଲେ । ଏଥିରେ ଭୁଲ ସୂଚନା, ଡକ୍ୟୁମେଣ୍ଟ ଯାଞ୍ଚ ସମସ୍ୟା କିମ୍ବା ବାରମ୍ବାର ବିଜ୍ଞପ୍ତି ଅନ୍ତର୍ଭୁକ୍ତ ଥିଲା । କିନ୍ତୁ ବର୍ତ୍ତମାନ, ସରକାର ନୂତନ FASTag ପାଇଁ ପୃଥକ KYC ଆବଶ୍ୟକତାକୁ ହଟାଇ ଏହି ଅସୁବିଧାକୁ ଦୂର କରିଛନ୍ତି । ଗାଡ଼ିର ପଞ୍ଜିକରଣ (RC) ପୂର୍ବରୁ ଯାଞ୍ଚ କରାଯିବ । FASTag ନେବା ପରେ ସମସ୍ତ ସୂଚନା ଥରେ ଯାଞ୍ଚ କରାଯିବ । ଯଦି ଆପଣଙ୍କ ଗାଡ଼ିରେ ପୂର୍ବରୁ FASTag ଅଛି, ତେବେ ଆପଣଙ୍କୁ KYC ପୁନଃ କରିବାକୁ ପଡିବ ନାହିଁ । ଅଭିଯୋଗ କିମ୍ବା ସମସ୍ୟା ଉପୁଜିବା ପର୍ଯ୍ୟନ୍ତ ସବୁକିଛି ପୂର୍ବପରି ଜାରି ରହିବ । ଯଦି FASTag ଭୁଲ ଭାବେ ଜାରି କରାଯାଇଛି କିମ୍ବା ଯାନବାହନ ସୂଚନା ଭୁଲ ଅଛି ତେବେ ହିଁ ତଦନ୍ତ କରାଯିବ ।

ବ୍ୟାଙ୍କଗୁଡ଼ିକୁ ଏବେ FASTag କରିବା ପୂର୍ବରୁ ଏକ ସମ୍ପୂର୍ଣ୍ଣ ଯାଞ୍ଚ କରିବାକୁ ପଡିବ । VAHAN ପୋର୍ଟାଲ ସହିତ ଯାନବାହନ ସୂଚନା ମେଳ କରାଯିବ । ସମ୍ପୂର୍ଣ୍ଣ ଯାଞ୍ଚ ବିନା କୌଣସି FASTag ସକ୍ରିୟ ହେବ ନାହିଁ । ସରକାର କହିଛନ୍ତି ଯେ, ଏହି ନିଷ୍ପତ୍ତି ଜନସାଧାରଣଙ୍କୁ ଅସୁବିଧାରୁ ମୁକ୍ତି ଦେବ । ଏହା ଦ୍ୱାରା ନକଲି କିମ୍ବା ଭୁଲ FASTag ବ୍ୟବହାରକୁ ରୋକା ଯାଇପାରିବ ।

ପକ୍ସୋ ଆଇନର ଅପବ୍ୟବହାର ରୋକିବା ପାଇଁ ସୁପ୍ରିମକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଛନ୍ତି । କିଶୋର ବୟସରେ ପରସ୍ପର ସହମତିରେ ଗଢ଼ିଉଠୁଥିବା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପ୍ରେମ ସମ୍ପର୍କକୁ ଅପରାଧ ଶ୍ରେଣୀରୁ ବାଦ୍ ଦେବା ପାଇଁ କୋର୍ଟ କେନ୍ଦ୍ର ସରକାରଙ୍କୁ 'ରୋମିଓ-ଜୁଲିଏଟ୍' କ୍ଲଜ୍ ସାମିଲ କରିବାକୁ ପରାମର୍ଶ ଦେଇଛନ୍ତି ।

ସୁପ୍ରିମକୋର୍ଟର ବିଚାରପତି ଜଷ୍ଟିସ୍ ସଞ୍ଜୟ କରୋଲ ଏବଂ ଜଷ୍ଟିସ୍ ଏନ୍.କେ. ସିଂହଙ୍କୁ ନେଇ ଗଠିତ ଖଣ୍ଡପୀଠ ପକ୍ସୋ ଆଇନର ବ୍ୟାପକ ଅପବ୍ୟବହାରକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି । କୋର୍ଟ କହିଛନ୍ତି ଯେ, ଅନେକ ସମୟରେ ପରିବାର ଲୋକେ ପ୍ରେମ ସମ୍ପର୍କକୁ ବିରୋଧ କରି ପ୍ରତିଶୋଧ ପରାୟଣ ହୋଇ ଏହି ଆଇନର ସାହାଯ୍ୟ ନେଉଛନ୍ତି, ଯାହାଦ୍ୱାରା କିଶୋରମାନେ ଅଯଥା ଅପରାଧୀ ପାଲଟି ଯାଉଛନ୍ତି ।

କ'ଣ ଏହି 'ରୋମିଓ-ଜୁଲିଏଟ୍' କ୍ଲଜ୍ ?

ଏହା ଏକ ଆଇନଗତ ବ୍ୟବସ୍ଥା, ଯାହା ସମାନ ବୟସ କିମ୍ବା ସ୍ୱଳ୍ପ ବୟସ ବ୍ୟବଧାନ ଥିବା କିଶୋର-କିଶୋରୀଙ୍କ ମଧ୍ୟରେ ସହମତି ଭିତ୍ତିକ ସମ୍ପର୍କକୁ ସୁରକ୍ଷା ପ୍ରଦାନ କରିବ । ଯଦି ଉଭୟଙ୍କ ମଧ୍ୟରେ ବୟସ ବ୍ୟବଧାନ କମ୍ (ସାଧାରଣତଃ ୨ ରୁ ୫ ବର୍ଷ) ଥାଏ, ତେବେ ଏହାକୁ 'ବଳାତ୍କାର' ଭଳି ସଙ୍ଗୀନ ଅପରାଧ ଭାବେ ବିଚାର ନ କରିବାକୁ ପ୍ରସ୍ତାବ ଦିଆଯାଇଛି ।

ଶେକ୍ସପିୟରଙ୍କ ପ୍ରସିଦ୍ଧ ନାଟକ 'ରୋମିଓ ଏବଂ ଜୁଲିଏଟ୍'ର ନାମ ଅନୁସାରେ ଏହି କ୍ଲଜ୍‌ର ନାମକରଣ ହୋଇଛି, ଯାହା ପ୍ରଥମେ ଆମେରିକାରେ ପ୍ରଚଳନ କରାଯାଇଥିଲା । ଭାରତରେ ସହମତି ପାଇଁ ବୈଧ ବୟସ ୧୮ ବର୍ଷ ରହିଛି । ଯଦି ୧୮ ବର୍ଷରୁ କମ୍ କେହି ସହମତିରେ ମଧ୍ୟ ଶାରୀରିକ ସମ୍ପର୍କ ରଖନ୍ତି, ତେବେ ଏହାକୁ ଆଇନ ଅନୁସାରେ ବଳାତ୍କାର ଭାବେ ଗ୍ରହଣ କରାଯାଏ ।

ଏକ ରିପୋର୍ଟ ଅନୁସାରେ, ପକ୍ସୋ ଆଇନରେ ପଞ୍ଜୀକୃତ ପ୍ରାୟ ୨୪.୩% ମାମଲା କିଶୋରଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଜନିତ ଏବଂ ଏଥିରୁ ୮୦% ମାମଲା କେବଳ ଝିଅର ପରିବାର ଲୋକଙ୍କ ଦ୍ୱାରା ରୁଜୁ କରାଯାଇଛି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସୁପ୍ରିମକୋର୍ଟଙ୍କ ପ୍ରସ୍ତାବ ଅନୁସାରେ, ଯଦି କୌଣସି କିଶୋରର ବୟସ ଅତିକମରେ ୧୬ ବର୍ଷ ହୋଇଥିବ ଏବଂ ଅନ୍ୟ ପକ୍ଷ ସହ ବୟସ ବ୍ୟବଧାନ ୩ ବର୍ଷରୁ କମ୍ ହୋଇଥିବ, ତେବେ ଏହାକୁ ଅପରାଧିକ ମାମଲା ଭାବେ ବିଚାର କରାଯିବ ନାହିଁ ।

ଏଲୋନ ମସ୍କଙ୍କ ଏଆଇ ଚାଟବଟ, ଗ୍ରୋକ, ବିକିନି ଇମେଜ ଟ୍ରେଣ୍ଡ ଏବେ ସମସ୍ୟାରେ ପଡ଼ିଥିବା ପରି ମନେହୁଏ । ଅନେକ ଦେଶ ଦ୍ୱାରା କଡ଼ା କାର୍ଯ୍ୟାନୁଷ୍ଠାନ ମଧ୍ୟରେ, ଏହାକୁ ଦୁଇଟି ଦେଶରେ ନିଷିଦ୍ଧ କରାଯାଇଛି । ପ୍ରଥମେ ଇଣ୍ଡୋନେସିଆ ଏହାକୁ ନିଷିଦ୍ଧ କରିଥିଲା, ଏବଂ ଏବେ ମାଲେସିଆ ମଧ୍ୟ ଏହାକୁ ନିଷେଧ କରିଛି । ଗତ କିଛି ଦିନ ଧରି, ଚାଟବଟ ପ୍ରକୃତ ଲୋକଙ୍କର ସମ୍ମତି ବିନା ଆପତ୍ତିଜନକ ଚିତ୍ର ସୃଷ୍ଟି କରୁଛି, ଯାହା ସାରା ବିଶ୍ୱରେ ବ୍ୟାପକ ବିରୋଧ ସୃଷ୍ଟି କରୁଛି ।

ଆପତ୍ତିଜନକ ଡିପଫେକ ଚିତ୍ର ସୃଷ୍ଟି ଉପରେ ଚିନ୍ତା ପ୍ରକାଶ କରି ଇଣ୍ଡୋନେସିଆ ଏବଂ ମାଲେସିଆ ଉଭୟର ସରକାର ଚାଟବଟ ଉପରେ ନିଷେଧ କରିଛନ୍ତି । ଏହା ପ୍ରଥମ ଥର ପାଇଁ କୌଣସି ଦେଶରେ ଏପରି ଚାଟବଟ ନିଷେଧ କରାଯାଇଛି । ଅନେକ ଦେଶ ଗ୍ରୋକଙ୍କ କମ୍ପାନୀକୁ ଚେତାବନୀ ଦେଇ କହିଛନ୍ତି ଯେ ଏପରି ବିଷୟବସ୍ତୁ ଗ୍ରହଣୀୟ ନୁହେଁ ଏବଂ ଏହାକୁ ଏହାର ଚାଟବଟ ଉପରେ କଠୋର ନିୟନ୍ତ୍ରଣ ଲାଗୁ କରିବାକୁ ପଡିବ । ଶନିବାର, ଇଣ୍ଡୋନେସିଆ ଚାଟବଟ ଉପରେ ଅସ୍ଥାୟୀ ନିଷେଧ ଘୋଷଣା କରିଛି ଏବଂ ରବିବାର ମାଲେସିଆ ମଧ୍ୟ ଏହା ଅନୁସରଣ କରିଛି । ଉଭୟ ଦେଶ ଅଭିଯୋଗ କରିଛନ୍ତି ଯେ ଏଲୋନ ମସ୍କଙ୍କ ସୋସିଆଲ ମିଡିଆ ପ୍ଲାଟଫର୍ମ, X ରେ ପ୍ରକୃତ ଲୋକଙ୍କର ଏଆଇ-ଜେନେରେଟେଡ ଡିପଫେକ ଚିତ୍ର ଶେୟାର କରାଯାଉଛି ।

ଗ୍ରୋକକୁ ସିଧାସଳଖ X ରେ ଟ୍ୟାଗ କରାଯାଇପାରିବ, ଯାହା ପରେ ଏହା ପ୍ରମ୍ପ୍ଟ ଆଧାରରେ ପ୍ରତିକ୍ରିୟା ଦିଏ । ଏହା ଅପଲୋଡ ହୋଇଥିବା ଫଟୋଗୁଡ଼ିକୁ ସମ୍ପାଦନ କରିବା ପାଇଁ ମଧ୍ୟ ବ୍ୟବହାର କରୁଥିଲା । ଲୋକମାନେ ଏହାକୁ ସୋସିଆଲ ମିଡିଆରେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଲୋକଙ୍କ ଫଟୋ ସମ୍ପାଦନ କରିବା ଏବଂ ସେମାନଙ୍କ ପୋଷାକ କାଢିବା ପାଇଁ ବ୍ୟବହାର କରୁଥିଲେ । ପ୍ରତିବାଦ ପରେ, X କେବଳ ଦେୟଯୁକ୍ତ ସବସ୍କ୍ରାଇବରଙ୍କ ପାଇଁ Grok ର ପ୍ରତିଛବି ସମ୍ପାଦନ କ୍ଷମତାକୁ ସୀମିତ କରିଥିଲା । ଏହାର ଅର୍ଥ ହେଉଛି ଯେ Grok ରେ ମାଗଣା ପ୍ରତିଛବି ସମ୍ପାଦନ ଆଉ X ମାଧ୍ୟମରେ ସମ୍ଭବ ହେବ ନାହିଁ । କେବଳ ଦେୟଯୁକ୍ତ ଉପଭୋକ୍ତାମାନେ X ରେ Grok ଟ୍ୟାଗ କରିପାରିବେ ଏବଂ ପ୍ରତିଛବି ତିଆରି କରିପାରିବେ । ତଥାପି, ପୂର୍ବ ପରି Grok ର ଆପ ଏବଂ ୱେବସାଇଟରେ ପ୍ରତିଛବି ମାଗଣାରେ ସୃଷ୍ଟି କରାଯାଇପାରିବ । କମ୍ପାନୀ ପ୍ରଚଳିତ ବୈଷୟିକ ସୁରକ୍ଷା ବ୍ୟବସ୍ଥାର ସଂଖ୍ୟା ପ୍ରକାଶ କରିନାହିଁ ।

ଭେନେଜୁଏଲାରେ ଆମେରିକାର କାର୍ଯ୍ୟାନୁଷ୍ଠାନର କିଛି ଦିନ ପରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କ୍ୟୁବାକୁ କଡ଼ା ଚେତାବନୀ ଦେଇଛନ୍ତି । ଟ୍ରମ୍ପ କହିଛନ୍ତି ଯେ କ୍ୟୁବା ଶୀଘ୍ର ଆମେରିକା ସହିତ ଏକ ଚୁକ୍ତି କରିବାକୁ ପଡିବ, ନଚେତ୍ ତେଲ ଏବଂ ଟଙ୍କାର ଯୋଗାଣ ସମ୍ପୂର୍ଣ୍ଣ ବନ୍ଦ ହୋଇଯିବ । ଟ୍ରମ୍ପ ତାଙ୍କ ସୋସିଆଲ ମିଡିଆ ପ୍ଲାଟଫର୍ମ ଟ୍ରୁଥରେ ଲେଖିଛନ୍ତି, ଏବେ କ୍ୟୁବା ତେଲ କିମ୍ବା ଡଲାରର ଏକ ବୁନ୍ଦା ପାଇବ ନାହିଁ । ବହୁତ ବିଳମ୍ବ ହେବା ପୂର୍ବରୁ କ୍ୟୁବାକୁ ଏକ ଚୁକ୍ତି କରିବାକୁ ପଡିବ ।

ଟ୍ରମ୍ପ କହିଛନ୍ତି ଯେ କ୍ୟୁବା ବହୁ ବର୍ଷ ଧରି ଭେନେଜୁଏଲାର ତେଲ ଏବଂ ଟଙ୍କାର ଉପରେ ନିର୍ଭରଶୀଳ । ତାଙ୍କର ଏହି ବୟାନ ଏପରି ସମୟରେ ଆସିଛି ଯେତେବେଳେ କ୍ୟୁବା ରାଷ୍ଟ୍ରପତି ମିଗୁଏଲ ଡିଆଜ୍-କାନେଲ୍ ଆମେରିକାର କାର୍ଯ୍ୟାନୁଷ୍ଠାନର କଡ଼ା ସମାଲୋଚନା କରିଛନ୍ତି । ଟ୍ରମ୍ପ ସୋସିଆଲ ମିଡିଆରେ ଏକ ପୋଷ୍ଟ ସେୟାର କରି ଘୋଷଣା କରିଛନ୍ତି ଯେ ମାର୍କୋ ରୁବିଓ କ୍ୟୁବାର ରାଷ୍ଟ୍ରପତି ହେବେ । ଟ୍ରମ୍ପ ପ୍ରତିକ୍ରିୟା ଦେଇଥିଲେ, ଏହା ମୋତେ ଭଲ ଲାଗୁଛି। ତଥାପି, ଟ୍ରମ୍ପ ପ୍ରଶାସନ ରୁବିଓ ସମ୍ପର୍କରେ ଏପରି କୌଣସି ନୀତି କିମ୍ବା ଯୋଜନା ଉଲ୍ଲେଖ କରିନାହିଁ । ଏହି ବୟାନକୁ ଟ୍ରମ୍ପ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଅତିରଞ୍ଜିତ ବୋଲି ବିବେଚନା କରାଯାଉଛି ।

ଶନିବାର ଦିନ, କ୍ୟୁବାର ରାଜଧାନୀ ହବାନାରେ ଥିବା ଆମେରିକୀୟ ଦୂତାବାସ ସମ୍ମୁଖରେ ହଜାର ହଜାର ଲୋକଙ୍କ ସମ୍ମୁଖରେ, ଡିଆଜ୍-କାନେଲ୍ କହିଥିଲେ ଯେ ଆମେରିକା ଭେନେଜୁଏଲା ଉପରେ ଆକ୍ରମଣ କରିଛି ଏବଂ ଏହାର ରାଷ୍ଟ୍ରପତିଙ୍କୁ ବନ୍ଦୀ କରିଛି। ସେ ଏହାକୁ ରାଷ୍ଟ୍ର ଆତଙ୍କବାଦ ଏବଂ ଅନ୍ତର୍ଜାତୀୟ ଆଇନର ଏକ ଖୋଲା ଉଲ୍ଲଂଘନ ବୋଲି ବର୍ଣ୍ଣନା କରିଛନ୍ତି ।

ଭାରତରେ ନୂତନ ଆମେରିକୀୟ ରାଷ୍ଟ୍ରଦୂତ ସର୍ଜିଓ ଗୋର୍ ଦାୟିତ୍ୱ ଗ୍ରହଣ କରିବା ପରେ ଏକ ଗୁରୁତ୍ୱପୂର୍ଣ୍ଣ ବିବୃତ୍ତି ଦେଇଛନ୍ତି । ସେ କହିଛନ୍ତି ଯେ ରାଷ୍ଟ୍ରପତି ଟ୍ରମ୍ପ ଏବଂ ପ୍ରଧାନମନ୍ତ୍ରୀ ମୋଦିଙ୍କ ମଧ୍ୟରେ ବନ୍ଧୁତା ପ୍ରକୃତ ଏବଂ ଦୃଢ଼ । ସେ ବ୍ୟାଖ୍ୟା କରିଛନ୍ତି ଯେ ସେ ରାଷ୍ଟ୍ରପତି ଟ୍ରମ୍ପଙ୍କ ସହିତ ସାରା ବିଶ୍ୱ ଭ୍ରମଣ କରିଛନ୍ତି ଏବଂ ଏହି ବନ୍ଧୁତାକୁ ପ୍ରମାଣିତ କରିପାରିବେ ।

ସର୍ଜିଓ ଗୋର୍ କହିଛନ୍ତି , ଭାରତ ଏବଂ ଆମେରିକା ମଧ୍ୟରେ ସମ୍ପର୍କ କେବଳ ପାରସ୍ପରିକ ଲାଭ ଉପରେ ଆଧାରିତ ନୁହେଁ, ବରଂ ବିଶ୍ୱାସ ଏବଂ ସହଯୋଗ ଉପରେ ଆଧାରିତ । ସେ ଆହୁରି କହିଛନ୍ତି ଯେ ପ୍ରକୃତ ବନ୍ଧୁମାନେ କେତେକ ସମୟରେ ମତଭେଦ ରଖିପାରନ୍ତି, କିନ୍ତୁ ଶେଷରେ ସେମାନଙ୍କର ମତଭେଦକୁ ସମାଧାନ କରନ୍ତି । ସେ ଟ୍ରମ୍ପଙ୍କ ଭାରତ ଗସ୍ତ ସମ୍ପର୍କରେ ଏକ ଗୁରୁତ୍ୱପୂର୍ଣ୍ଣ ଅପଡେଟ ମଧ୍ୟ ପ୍ରଦାନ କରିଛନ୍ତି ।

ସର୍ଜିଓ ଗୋର୍ କହିଛନ୍ତି, ମୁଁ ଆଶା କରୁଛି ରାଷ୍ଟ୍ରପତି ଶୀଘ୍ର ଭାରତ ଗସ୍ତ କରିବେ, ହୁଏତ ଆଗାମୀ ବର୍ଷ କିମ୍ବା ଦୁଇ ବର୍ଷ ମଧ୍ୟରେ ।" ସେ ମଜା କରି ଏହା ମଧ୍ୟ ଉଲ୍ଲେଖ କରିଛନ୍ତି ଯେ ରାଷ୍ଟ୍ରପତି ଟ୍ରମ୍ପଙ୍କର ରାତି ୨ ଟାରେ ଫୋନ କରିବାର ଅଭ୍ୟାସ ଅଛି, ଯାହା ନୂଆଦିଲ୍ଲୀ ସମୟ ଅନୁସାରେ ତାଙ୍କ ପାଇଁ ଏକ ଭଲ ସମୟ ।

ପାକିସ୍ତାନ ଏବଂ ଆତଙ୍କବାଦୀ ସଂଗଠନ ଲସ୍କର-ଏ-ତୋଇବା (LeT) ମଧ୍ୟରେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସମ୍ପର୍କର ଦୀର୍ଘ ଦିନର ଅଭିଯୋଗ ପୁଣିଥରେ ପ୍ରମାଣିତ ହୋଇଛି । ଲସ୍କର-ଏ-ତୋଇବାର ଉପମୁଖ୍ୟ ଏବଂ ପହଲଗାମ ଆତଙ୍କବାଦୀ ଆକ୍ରମଣର ମାଷ୍ଟରମାଇଣ୍ଡ ବୋଲି କୁହାଯାଉଥିବା ସୈଫୁଲ୍ଲା କସୁରୀ ପାକିସ୍ତାନ ସେନା ସହିତ ତାଙ୍କର ଘନିଷ୍ଠ ସମ୍ପର୍କକୁ ଖୋଲାଖୋଲି ଭାବରେ ସ୍ୱୀକାର କରିଛନ୍ତି । ଏକ ଭିଡିଓରେ, କସୁରୀ ଦାବି କରିଛନ୍ତି ଯେ ପାକିସ୍ତାନ ସେନା ତାଙ୍କୁ ନିୟମିତ ଭାବରେ କାର୍ଯ୍ୟକ୍ରମଗୁଡ଼ିକୁ ନିମନ୍ତ୍ରଣ କରେ ଏବଂ ସୈନିକମାନଙ୍କ ପାଇଁ ଶବଦାହ ପ୍ରାର୍ଥନାର ନେତୃତ୍ୱ ନେବାକୁ ମଧ୍ୟ ନିମନ୍ତ୍ରଣ କରେ ।

ପାକିସ୍ତାନର ଏକ ସ୍କୁଲରେ ପିଲାମାନଙ୍କୁ ସମ୍ବୋଧିତ କରିବା ସମୟରେ କସୁରୀ ଏହି ବକ୍ତବ୍ୟ ଦେଇଥିଲେ । ଭିଡିଓରେ, ସେ କହୁଥିବା ଦେଖାଯାଇଛି ଯେ ପାକିସ୍ତାନ ସେନା ତାଙ୍କୁ ଆନୁଷ୍ଠାନିକ ନିମନ୍ତ୍ରଣ ପଠାଏ । ତାଙ୍କର ବକ୍ତବ୍ୟ ପାକିସ୍ତାନ ସରକାରଙ୍କ ଦାବିକୁ ପର୍ଦ୍ଦାଫାସ କରେ ଯେ ଏହା ଅନ୍ତର୍ଜାତୀୟ ମଞ୍ଚରେ ଆତଙ୍କବାଦ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସମର୍ଥନ କରୁଛି ।

ସୈଫୁଲ୍ଲା କସୁରୀ ଭାରତ ବିଷୟରେ ମଧ୍ୟ ଉତ୍ତେଜନାପୂର୍ଣ୍ଣ ବୟାନ ଦେଇଥିଲେ, ଦାବି କରିଥିଲେ ଯେ ଭାରତ ତାଙ୍କୁ ଭୟଭୀତ କରୁଛି । ସେ ପୂର୍ବରୁ ଭାରତର ଅପରେଶନ ସିନ୍ଦୁର ସମ୍ପର୍କରେ ବିବାଦୀୟ ବୟାନ ଦେଇଛନ୍ତି । କସୁରୀ ସ୍ୱୀକାର କରିଛନ୍ତି ଯେ ଏହି ଅପରେଶନ ପାକିସ୍ତାନ ଏବଂ ପାକ ଅଧିକୃତ କଶ୍ମୀରରେ ଆତଙ୍କବାଦୀ ଶିବିରକୁ କ୍ଷତି ପହଞ୍ଚାଇଛି, କିନ୍ତୁ ଏହା ମଧ୍ୟ କହିଛନ୍ତି ଯେ ଭାରତ ଏକ ଭୁଲ କରିଛି । ସେ ପୁନରାବୃତ୍ତି କରିଥିଲେ ଯେ ଲସ୍କର-ଏ-ତୋଇବା ତାର କଶ୍ମୀର ଏଜେଣ୍ଡାରୁ ପଛକୁ ହଟିବ ନାହିଁ ।

ଅନ୍ୟ ଏକ ରାଲିରେ, କସୁରୀ ପହଲଗାମ ଆତଙ୍କବାଦୀ ଆକ୍ରମଣର ମୁଖ୍ୟ ଅଭିଯୁକ୍ତ ହେବା ପାଇଁ ଗର୍ବ ପ୍ରକାଶ କରିଥିଲେ । ସେ କହିଥିଲେ ଯେ ଏହି ଅଭିଯୋଗ ତାଙ୍କ ନାମକୁ ବିଶ୍ୱବ୍ୟାପୀ ପ୍ରସିଦ୍ଧ କରିଛି । ଉଲ୍ଲେଖନୀୟ ଯେ ଏପ୍ରିଲ ୨୨ରେ ପହଲଗାମ ଆତଙ୍କବାଦୀ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଆକ୍ରମଣରେ ୨୬ ଜଣ ନିର୍ଦ୍ଦୋଷ ନାଗରିକଙ୍କ ମୃତ୍ୟୁ ହୋଇଥିଲା ।

ଭାରତର ବାର୍ଷିକ ଖୁଚୁରା ମୁଦ୍ରାସ୍ଫୀତି ଡିସେମ୍ବର ମାସରେ ୩ ମାସର ସର୍ବୋଚ୍ଚ ସ୍ତର ୧.୩୩% ରେ ପହଞ୍ଚିଛି । ନଭେମ୍ବର ମାସରେ ଏହି ହାର ୦.୭୧% ଥିଲା । ଖାଦ୍ୟ ପଦାର୍ଥର ଦର ହ୍ରାସ ପ୍ରକ୍ରିୟା ମନ୍ଥର ହେବା କାରଣରୁ ମୁଦ୍ରାସ୍ଫୀତିରେ ଏହି ବୃଦ୍ଧି ଘଟିଥିବା ସରକାରୀ ତଥ୍ୟରୁ ଜଣାପଡ଼ିଛି ।

ଡିସେମ୍ବରରେ ଖାଦ୍ୟ ସାମଗ୍ରୀର ମୂଲ୍ୟରେ ୨.୭୧% ହ୍ରାସ ଘଟିଛି, ଯାହା ନଭେମ୍ବରରେ ୩.୯୧% ଥିଲା । ପନିପରିବା ଦରରେ ମଧ୍ୟ ହ୍ରାସ ଜାରି ରହିଛି, କିନ୍ତୁ ଏହାର ଗତି ପୂର୍ବ ଅପେକ୍ଷା କମ୍ ରହିଛି । ନଭେମ୍ବରରେ ପନିପରିବା ଦର ୨୨.୨୦% କମିଥିବା ବେଳେ ଡିସେମ୍ବରରେ ଏହା ୧୮.୪୭% ହ୍ରାସ ପାଇଛି ।

ମୁଦ୍ରାସ୍ଫୀତି ନିୟନ୍ତ୍ରଣରେ ଥିବାରୁ ଏବଂ ଅର୍ଥନୈତିକ ଅଭିବୃଦ୍ଧିକୁ ଗତିଶୀଳ କରିବା ପାଇଁ ଭାରତୀୟ ରିଜର୍ଭ ବ୍ୟାଙ୍କ ଗତ ମାସରେ ସୁଧ ହାରରେ ୨୫ ବେସିସ୍ ପଏଣ୍ଟ ହ୍ରାସ କରିଥିଲା । ଚଳିତ ଆର୍ଥିକ ବର୍ଷରେ ଭାରତର ଅଭିବୃଦ୍ଧି ହାର ୭.୪% ରହିବ ବୋଲି ଅନୁମାନ କରାଯାଉଛି ।

ମୁଦ୍ରାସ୍ଫୀତି ବଢ଼ିଥିଲେ ମଧ୍ୟ ଏହା ଖୁବ୍ କମ୍ ଥିବାରୁ ସାଧାରଣ ଲୋକଙ୍କ ଉପରେ ଏହାର ତୁରନ୍ତ ବଡ଼ ପ୍ରଭାବ ପଡ଼ିବ ନାହିଁ । ବିଶେଷ କରି ପନିପରିବା ଦର ଗତ ବର୍ଷ ତୁଳନାରେ ଏବେ ବି ଶସ୍ତା ରହିଛି ।

ସୁଧ ହାର କମିବା ଫଳରେ ଗୃହ ଋଣ ଏବଂ ବ୍ୟକ୍ତିଗତ ଋଣ ଉପରେ EMI କମ୍ ହେବାର ସମ୍ଭାବନା ରହିଛି । ତେବେ ଜମା ରାଶି ଉପରେ ମିଳୁଥିବା ସୁଧ କମ୍ ରହିପାରେ ।

ଜମ୍ମୁ-କଶ୍ମୀରର ସୀମାନ୍ତ ଅଞ୍ଚଳରେ ରବିବାର ସନ୍ଧ୍ୟାରେ ଏକାଧିକ ସନ୍ଦିଗ୍ଧ ପାକିସ୍ତାନୀ ଡ୍ରୋନ ଦେଖାଯାଇଛି । ଏହାପରେ ଭାରତୀୟ ସେନା ପକ୍ଷରୁ ସୁରକ୍ଷା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି । ଆନ୍ତର୍ଜାତୀୟ ସୀମା (IB) ଏବଂ ନିୟନ୍ତ୍ରଣ ରେଖା (LoC) ସଂଲଗ୍ନ ସାମ୍ବା, ରାଜୌରୀ ଏବଂ ପୁଞ୍ଚ ଜିଲ୍ଲାରେ ପ୍ରାୟ ୫ଟି ଡ୍ରୋନ ଗତିବିଧି ନଜରକୁ ଆସିବା ପରେ ସେନା ଓ ପୋଲିସ ପକ୍ଷରୁ ବ୍ୟାପକ ସର୍ଚ୍ଚ ଅପରେସନ ଜାରି ରହିଛି ।

ସନ୍ଧ୍ୟା ପ୍ରାୟ ୬:୩୫ ସମୟରେ ନୌସେରା ସେକ୍ଟରର ଗନିଆ-କାଲସିଆନ ଗ୍ରାମ ଉପରେ ଏକ ଡ୍ରୋନ ଉଡ଼ୁଥିବା ଦେଖି ଭାରତୀୟ ସେନା ମେସିନ ଗନରୁ ଗୁଳି ଚାଳନା କରିଥିଲେ । ସେହିପରି ତେରିୟାଥ ଅଞ୍ଚଳରେ ମଧ୍ୟ ଏକ ଆଲୋକ ଜଳୁଥିବା ସନ୍ଦିଗ୍ଧ ବସ୍ତୁ ଦେଖାଯାଇଥିଲା ।

ସେହିପରି ମାଙ୍କୋଟ ସେକ୍ଟରର ତାଇନରୁ ଟୋପା ଅଭିମୁଖେ ସନ୍ଧ୍ୟା ୬:୨୫ରେ ଏକ ଡ୍ରୋନ ଗତି କରୁଥିବା ସୁରକ୍ଷାକର୍ମୀ ଦେଖିବାକୁ ପାଇଥିଲେ । ରାମଗଡ଼ ସେକ୍ଟରର ଚକ ବାବ୍ରାଲ ଗ୍ରାମ ଉପରେ ସନ୍ଧ୍ୟା ୭:୧୫ ସମୟରେ ଏକ ଡ୍ରୋନ କିଛି ସମୟ ଧରି ଉଡ଼ୁଥିବା ଦେଖାଯାଇଥିଲା ।

ଅଧିକାରୀଙ୍କ ସୂଚନା ଅନୁଯାୟୀ, ଏହି ଡ୍ରୋନଗୁଡ଼ିକ ପାକିସ୍ତାନ ପଟୁ ଭାରତୀୟ ଆକାଶ ସୀମାକୁ ପ୍ରବେଶ କରି କିଛି ସମୟ ବୁଲିବା ପରେ ପୁଣି ଫେରିଯାଇଥିଲେ । ସୀମାରେ ମାରଣାସ୍ତ୍ର କିମ୍ବା ନିଶାଦ୍ରବ୍ୟ ପକାଯାଇଥିବା ଆଶଙ୍କା କରି ସେନା, ପୋଲିସ ଏବଂ ଅନ୍ୟାନ୍ୟ ସଂସ୍ଥା ପକ୍ଷରୁ ମିଳିତ ଭାବେ ତଲାସି ଅଭିଯାନ ଚଳାଯାଇଛି ।

ସୂଚନାଯୋଗ୍ୟ ଯେ, ଗତ ଶୁକ୍ରବାର ରାତିରେ ସାମ୍ବା ଜିଲ୍ଲାରୁ ଡ୍ରୋନ ଯୋଗେ ପଠାଯାଇଥିବା ଦୁଇଟି ପିସ୍ତଲ, ଗ୍ରେନେଡ ଏବଂ ଗୁଳିଗୋଳା ଜବତ କରାଯାଇଥିଲା । ଏହି ଘଟଣାର ମାତ୍ର କିଛି ଦିନ ପରେ ପୁଣିଥରେ ଏଭଳି ଡ୍ରୋନ ଅନୁପ୍ରବେଶ ସୁରକ୍ଷା ବାହିନୀ ପାଇଁ ଚିନ୍ତାର ବିଷୟ ପାଲଟିଛି ।

ଅଯୋଧ୍ୟା ରାମମନ୍ଦିର ପରିସରରେ ପ୍ରବେଶ କରି ନମାଜ ପାଠ ଉଦ୍ୟମ କରୁଥିବା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କଶ୍ମୀରର ଜଣେ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି । ଗିରଫ ବ୍ୟକ୍ତି ଜଣକ କଶ୍ମୀର ଶୋପିଆନ୍ ଜିଲାର ୫୫ ବର୍ଷୀୟ ଅହମଦ ଶେଖ୍ ବୋଲି ପୋଲିସ କହିଛି ।

ଅହମଦ କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ଥିବା ରାମମନ୍ଦିରରେ ପ୍ରବେଶ କରିଥିଲେ । ସେ ରାମଲାଲାଙ୍କୁ ଦର୍ଶନ କରିବା ପରେ ସୀତା ରସୋଇ ଅଞ୍ଚଳ ନିକଟରେ ବସି ନମାଜ ପାଠ ପାଇଁ ପ୍ରସ୍ତୁତି ଚଳାଇଥିଲେ ବୋଲି ଅଭିଯୋଗ ହୋଇଛି ।

ସେଠାରେ ମୁତୟନ ଥିବା ସୁରକ୍ଷା କର୍ମୀ ତାଙ୍କର ଏଭଳି କାର୍ଯ୍ୟକୁ ଦେଖିବା ପରେ ତୁରନ୍ତ ହସ୍ତକ୍ଷେପ କରିଥିଲେ । ମନ୍ଦିର ସୁରକ୍ଷା କର୍ମଚାରୀ ତାଙ୍କୁ ଅଟକ ରଖିବା ପରେ ପଚରାଉଚରା ପାଇଁ ପୋଲିସକୁ ହସ୍ତାନ୍ତର କରିଥିଲା ।

ତାଙ୍କୁ ନମାଜ ପାଠ କରିବାରୁ ଅଟକାଯିବାରୁ ସେ ସ୍ଲୋଗାନ ଦେଇଥିଲେ । ଅଭିଯୁକ୍ତଙ୍କ ଉଦ୍ଦେଶ୍ୟ ସମ୍ପର୍କରେ ଜାଣିବା ପାଇଁ ତଦନ୍ତକାରୀ ଅଫିସର ଏବଂ ଗୋଇନ୍ଦା ସଂସ୍ଥାଗୁଡ଼ିକ ତାଙ୍କୁ ଜେରା କରୁଛନ୍ତି । ସେ କାହିଁକି ଅଯୋଧ୍ୟା ଆସିଥିଲେ ଏବଂ ଅନ୍ୟ କେହି ଏହି ଘଟଣା ସହ ସମ୍ପୃକ୍ତ କି ନୁହନ୍ତି, ତାହାର ତଦନ୍ତ କରାଯାଉଛି ।

ଘଟଣାବହୁଳ ନବବର୍ଷରେ ବିଶ୍ୱ ଚଞ୍ଚଳତା ଦେଖା ଦେଇଛି । ଏଇ ସମୟରେ ଆହ୍ୱାନର ନବବର୍ଷର ପ୍ରଥମ ସଂସ୍କରଣ ସହ ମୁଁ ଉପସ୍ଥିତ । ଆଶା କରୁଛି ଆପଣଙ୍କୁ ଏହି ସଂସ୍କରଣ ଭଲ ଲାଗିବ ।

ଧନ୍ୟବାଦ

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ପ୍ରତିଷ୍ଠାତା-ସମ୍ପାଦକ, ଆହ୍ୱାନ ଇ-ପତ୍ରିକା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

Kshitij 2026

IIT Kharagpur: Asia's Techno-Management Fest IIT Kharagpur will host Kshitij 2026, its annual techno-management symposium, from **16 to 18 January 2026**. One of India's prominent student-led festivals focused on technology and innovation, the 2026 edition coincides with the **Platinum Jubilee celebrations** of IIT Kharagpur, marking 75 years of the Institute's contribution to education, research and national development.

NPCI is serving as the **Title Sponsor**, with **HCL Tech** as the **Co-Title Sponsor** and **Hero MotoCorp** as the **Associate Title Sponsor** and for this edition, under-

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

scoring strong industry participation in the festival's academic and outreach initiatives.

The Guest Lecture Series will feature speakers like **Mr. K. N. Vyas**, former Chairman of the Atomic Energy Commission, and a former Secretary of the Department of Atomic Energy; **Mr. Ashok Lavasa**, former Finance Secretary of India and former Chief Election Officer and former Vice President (South Asia), Asian Development Bank; and **Justice Sanjiv Khanna**, the 51st Chief Justice of India.

Also participating are **Mr. Suresh Prabhu**, former Union Minister for Railways, Commerce & Industry and Civil Aviation; **Mr. Rajat Sharma**, Founder and Chairman of India TV; **Mr. Rishi Kumar Shukla**, former Director of the Central Bureau of Investigation; and **Mr. Bipul Chandra**, Managing Director of Ducati India. The lecture series will address themes of governance, constitutional values, economic policy and institutional leadership.

The festival will include **workshops**, **a Technology Summit**, and **a Business Conclave**, focusing on industry-relevant skills, entrepreneurship, and innovation. Previous editions have seen participation from organizations such as Bajaj, Boeing, Cisco, and Genpact.

Kshitij 2026 will feature a wide range of competitive technical, analytical and innovation-driven events, drawing student participation from across the country and abroad. Core engineering competitions include **Robowars**, **Drone Racing**, **Laws of Motion, Championship**, **Line Follower**, **Droid Blitz**, and **Sand Rover**, testing skills in robotics, automation, aeromodelling and mechanical design. Mechatronics events focus on autonomous systems, control algorithms and real-time decision -making.

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

The festival will also host multiple **hackathons and coding challenges**, including **Overnite, Source Code, On-Block Web3 Hackathon,Tech Triad Hackathon,Scam Bust Challenge,Lexicognition AI,Build with Gemini** and **the NLP Challenge**, addressing problem statements in blockchain, artificial intelligence, cybersecurity.

On the management and innovation front, events such as **B-Plan**, the **Indian Case Challenge**, **Enigma (Biz-Tech Quiz), Anadigix** and **Kshitij Maths Olympiad** provide platforms for entrepreneurship, strategic thinking and analytical excellence. Sustainability-focused initiatives like **SolarVision** and the **WASH Innovation Challenge** highlight real-world applications of technology for social impact.

Kshitij 2026 will host large-scale **technology and robotics exhibitions**, featuring quadruped robots, humanoid robots, autonomous service robots, AR/VR-integrated systems and LiDAR based installations presented by the Centre of Excellence in Urban Planning and Design **(CoE UPD)**, IIT Kharagpur. The exhibition zone will also feature a showcase of **Ducati motorcycles** and a professional **stunt show** by **Hero MotoCorp**.

The **Megashows** this year will be headlined by live performances of **Raftaar** and **Last Minute India**, reflecting the scale and outreach associated with the festival.

Further information is available at **www.ktj.in**, with accommodation details at **https://www.ktj.in/Accommodation**

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଗଳ୍ପ ବିଭାଗ

ଯଦି ଆପଣ ଏହି ଇ-ପତ୍ରିକାରେ ନିଜ ଲେଖା ପ୍ରକାଶିତ କରିବାକୁ ଚାହୁଁଛନ୍ତି, ତା ହେଲେ ନିଜ ଲେଖାକୁ ଓଡ଼ିଆ ଭାଷାରେ କମ୍ପ୍ୟୁଟର ଦ୍ୱାରା ଟାଇପ୍ କରନ୍ତୁ ଏବଂ ସେହି ଆଲେଖ୍ୟକୁ ଆମ ନିକଟକୁ ଇମେଲ୍ ଦ୍ୱାରା ପ୍ରେରଣ କରନ୍ତୁ । ଓଡ଼ିଆରେ ଆପଣ ଯେକୌଣସି ସଫଟ୍‌ୱେରରେ ଟାଇପ୍ କରି ପଠାଇ ପାରିବେ । ଧାରାବାହିକ କାହାଣୀ ପାଇଁ ସମସ୍ତ ଭାଗକୁ ଅଲଗା ଅଲଗା ଫାଇଲ୍ କରି ଏକାଥରେ ପଠାଇବେ । ପ୍ରତ୍ୟେକ ଲେଖା ସହ ନିଜ ଛବି ଓ ଠିକଣା ଲେଖି ପଠାନ୍ତୁ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଅନେକ କଳାଛାଇ - ୩୫

ଅଶୋକ ବିଶ୍ୱାଳ

ପୁରୁଣା ଫରେଷ୍ଟ କ୍ୟାମ୍ପ-୧

ଅବିନାଶ ସମୁଦ୍ର ଧାରରେ ବସି ଆଗକୁ ଜଙ୍ଗଲ ଯିବାକଥା ଭାବିଲା । ଆଣ୍ଡାମାନଟା ପ୍ରାୟ ଜଙ୍ଗଲିଆ ଅଞ୍ଚଳ । ଯୁଆଡେ ଦେଖ ସେଠି କଳା ସବୁଜ ବନ, ନୀଳ ପାଣି ଆଉ ଅସରନ୍ତି ଆକାଶ । ଏଇ ହରିତ ଘଞ୍ଚ ଅରଣ୍ୟ ପାଇଁ ଆଣ୍ଡାମାନ ଏତେ ଆକର୍ଷଣୀୟ ଆଉ ରହସ୍ୟମୟ । ଏଠାରେ ସକାଳେ ସୂର୍ଯ୍ୟର ଉଦୟ ବେଶ ମନୋରମ ଆଉ ସଂଜରେ ଜହ୍ନର ପ୍ରବେଶ ଅତି ରମଣୀୟ । ସମୁଦ୍ର ପାଣିରେ ଦିନର ପ୍ରତିଟି ପ୍ରତିଫଳନ ଚମତ୍କାର ରୁହେ ।ପ୍ରତିଫଳନ ଅର୍ଥାତ ଛାଇ ପାଣିରେ ପଡିଛି । ଏଠି ସବୁ ଛାଇ ଅତି ସ୍ପଷ୍ଟ ଦିଶେ । କେବଳ ଛାଇକୁ ଯଦି ସେ ଖୋଜନ୍ତା ? ଛାଇ ନୂଆ ଥିବ, ପୁରୁଣା ଥିବ ।

ଅବିନାଶ ତୁମ ପାଇଁ ବୋପାୟା, ମାଥ୍ୟୁ, କାଲିମୁତ୍ତାନ, ସେବାଷ୍ଟିଆନ, ସୁରେଶ, ଆବୁ ହମଜା, ହମଶା, ସୁରେଶ, ହନିଫା, ରବିନ୍ଦ୍ରନ, ସାମୁଏଲ, ଦିବାକର ଏମିତି ସମସ୍ତେ ଏକ ଏକ ଛାଇ ।- ସେ ଏକ ଭାବିନଥିବା ଶବ୍ଦର ଧାଡି ଶୁଣିଲା ।

ଫରେଷ୍ଟ କ୍ୟାମ୍ପରେ ମିଳିବେ ।-ଏ ଶବ୍ଦମାନ ଶୁଣି ଭିତରର ଅନୁସନ୍ଧିତ୍ସା ଯେମିତି ପୁରା ହେଉଥିଲା ।

ଫରେଷ୍ଟ କ୍ୟାମ୍ପ ! ଅବିନାଶ ବିସ୍ମିତ ହୋଇଗଲା । ଏକ ଅଜଣା ଲୋକ, ନା, ତା'କୁ ଛାଇକୁ ଜାଣିବା ପାଇଁ ଏକ ଫରେଷ୍ଟ କ୍ୟାମ୍ପ ଯିବାକୁ ପଡ଼ିବ ! ବୋଧହୁଏ ଶବ୍ଦ ଦୁଇଟା ତା' ପାଟିରୁ ମନକୁ ମନ ବାହାରି ଆସିଥିବ ।

ଅବିନାଶ, ଖୋଜିବାପାଇଁ ତୁମକୁ ଜିରକାଟାଙ୍ଗ ବା ସେଇମିତି ବହୁ ଭିତରର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଫରେଷ୍ଟ କ୍ୟାମ୍ପକୁ ଚାଲିଯିବାକୁ ପଡ଼ିବ ।- ଏକ ଆଶ୍ଚର୍ଯ୍ୟ ତା' ବିସ୍ମୟର ପ୍ରତ୍ୟୁତ୍ତର ଥିଲା । ତା'ପରେ ଆହୁରି କିଛି କଥା ସେ ଶୁଣିଲା ।

ସେଇଠି ଲୋକମାନେ ସକାଳୁ ସକାଳୁ କାର୍ଯ୍ୟବ୍ୟସ୍ତ ହୋଇଯାଆନ୍ତି । ସକାଳ ପାଞ୍ଚଟା ବେଳକୁ ସମସ୍ତେ ଏକଦମ ସଜବାଜ ହୋଇ ଠିଆ ହୋଇଥିବେ । ଫରେଷ୍ଟ କ୍ୟାମ୍ପରେ ଦିନସାରା କାମ । ଭୋରୁ ସମସ୍ତେ କାମକୁ ବାହାରି ଯାଆନ୍ତି । କାଠ କାଟିବା ପାଇଁ କରତିଆ, ମାର୍କିଙ୍ଗ ପାଇଁ ଲୋକେ, ଗର କରିବା ପାଇଁ, ଡାଳ ପତ୍ର କାଟିବା ପାଇଁ ଆଉ କିଛି କିଛି ଲୋକ । ରାସ୍ତା ସଫା ହେବ । କାଠଗର ପରେ ଟାଣିବା ପାଇଁ ହାତୀ ଆଉ ମାହୁନ୍ତ ଥିବେ । ଫରେଷ୍ଟ କ୍ୟାମ୍ପ ହେଉଛି ଏକ ୱେଲ ଅଏଲଡ ମେସିନ । ସମସ୍ତେ ସମସ୍ତଙ୍କ ସହ ମିଶି କାମ କରୁଛନ୍ତି । ଆଉ କାମ ଠିକ୍ ଭାବେ ହେବା ଦରକାର । ତାହାହେଲେ କାଠଗରମାନ ଜଙ୍ଗଲ ବାହାରକୁ ବାହାରିବ ଆଉ କାଠର ସୁନ୍ଦର ଫର୍ଣ୍ଣିଚର, ଘରମାନ ପରେ ତିଆରି ହେବ ।

ଅବିନାଶ, ସେ କ୍ୟାମ୍ପର ଜୀବନ ତୁମକୁ ଭଲ ଲାଗିବ, ଆଡଭେଞ୍ଚରସ, ଦୁଃସାହାସ ଭରା ଜୀବନ । କାମଟା ଜୈବବିବିଧତା ଭରା ଅଞ୍ଚଳରେ ହେଉଥିବାରୁ କେତେ ଜଣା ଜୀବ ଥିବେ ଭିତରେ । ଏମିତିଆ ବର୍ଷା ହେଉଥିବା ଜଙ୍ଗଲରେ ଗଛମାନ ଅତି ଘଞ୍ଚ ହୋଇବଢିଥିବ । କେତେ ଅଜଣା ଜୀବନ ଆଗରୁ ଅନାବିଷ୍କୃତ ଥିବ ।- ସ୍ୱରରେ ଯୁବକର ଉଦ୍ଦାମତା, ଆବିଷ୍କାରର ନୂଆ ନିଶା ଭରି ରହିଥିଲା ।

ଅବିନାଶକୁ ଲାଗିଲା ସେ ସେହି କିଛି ଶବ୍ଦସବୁ ସମୁଦ୍ର ଭିତରୁ ଶୁଣୁଛି । ତେଣୁ ଛତା ଧରି ଚାଲି ଚାଲି ସମୁଦ୍ରକୂଳକୁ ଯିବାକୁ ଭାବିଲା । କିନ୍ତୁ ପଚାଶ ଖୋଜ ରାସ୍ତା ଏମିତିଆ ବର୍ଷାରେ ଯିବା ସମ୍ଭବ ହେଲାନାହିଁ । ବିଷୁବ ଅଞ୍ଚଳର ପାଣି ଓଜଡା ବର୍ଷା ଚାଲିଥିଲା । ସେ ମନ ଭିତରେ ବର୍ଷାର ଧାର ବୋହୁଥିବାର ଦେଖିଲା । ଘଞ୍ଚ ଗଛ ଲତା ଭିତର ଦେଇ ଚାଲିଯାଇଛି ଆଣ୍ଠାମାନ ଟ୍ରଙ୍କରୋଡ । ଘନଘୋର ଅରଣ୍ୟ ଦୁଇ ଭାଗରେ ବିଭକ୍ତ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ହୋଇଯାଇଛି, ଦକ୍ଷିଣ ଆଉ ମଧ୍ୟ ଆଣ୍ଡାମାନ ଦ୍ୱୀପରେ । ଜିରକାଟାଙ୍ଗ ପର୍ଯ୍ୟନ୍ତ ସେ ରାସ୍ତା ଲମ୍ବି ଯିବାର ଦେଖିଲା । ସେଇଠି ଅଛି ଦକ୍ଷିଣ ଆଣ୍ଡାମାନର ସେଟଲରମାନଙ୍କ ଶେଷ ବସତି, ତଥାକଥିତ ସଭ୍ୟ ମଣିଷର ଶେଷ ବସତି । ତା'ପରେ ଜାରୱା ଅଞ୍ଚଳ ।

ଅନେକ ଦିନ ଜିରକାଟାଙ୍ଗରେ ରହିଗଲେ ?- ଅବିନାଶ ପାଖରେ ବସିଥିବା ବୋପାୟାଙ୍କୁ ପଚାରିଲା । ଅବିନାଶର ଭିତରେ ସହରର ପୂର୍ବ ଝଲକମାନ ଥିବାରୁ ତା'କୁ ଆଣ୍ଡାମାନ ଅତି ଘଞ୍ଚ ଲାଗୁଥିଲା ଆଉ ଏଠାକାର ଆଦିମ ଜାରୱା ଜନଜାତିଙ୍କ କଥା ମନରେ ଡର ଆଣୁଥିଲା । ରାତି ଭଳି କଳା ଲୋକମାନେ, ଆଖି ତାରା ଭଳି ଉଜ୍ଜ୍ୱଳ, ଚମକୁଥିବ ।

ମୋର ପ୍ରଥମ ପୋଷ୍ଟିଙ୍ଗ, ସେ ଦିନମାନଙ୍କରେ ଅତି ଭୟଙ୍କର ଜାଗା ।– ବୋପାୟାଙ୍କ ସ୍ୱର ରହିରହି ଆସୁଥିଲା । ବେଶ ଗମ୍ଭୀର ସ୍ୱର । ଅବିନାଶର ଆଖି ତାଙ୍କ ଉପରେ ସ୍ଥିର ହୋଇଗଲା ।

ମୋ ପାଖରେ ସେତେବେଳେ ୪୦ ଜଣ ଶ୍ରମିକ ଆଉ ୨୦ ଜଣ ବୁଶପୁଲିସ କନେଷ୍ଟବଳ ଥାଆନ୍ତି । ସେମାନଙ୍କୁ ତଦାରଖ କରିବପାଇଁ ୪ ଜଣ ସୁପରଭାଇଜର ଥିଲେ । ଆମେମାନେ ଜଙ୍ଗଲରେ ଅସ୍ଥାୟୀ କୁଡିଆମାନ କରି ରହୁଥିଲୁ ଆଉ ଗଛ ମାର୍କିଙ୍ଗ କରୁଥିଲୁ । ପରେ କୁପରୁ ଗଛ କଟାହେବ । ଡିପାର୍ଟମେଣ୍ଟର ବୁଶ ପୁଲିସ କନେଷ୍ଟବଳମାନେ ଜଙ୍ଗଲରେ ଆମକୁ କାମବେଳେ ଆଉ ବିଶ୍ରାମ ନେଲାବେଳେ କ୍ୟାମ୍ପରେ ସୁରକ୍ଷା ଦିଅନ୍ତି । ସେମାନଙ୍କ ପାଖରେ ୧୨ ବୋର ବନ୍ଧୁକ ଆଉ ଯଥେଷ୍ଟ କ୍ୟାଟ୍ରିଜ ଥାଏ । ଏ ଗହଳିଆ ଜଙ୍ଗଲରେ ଜାରୱାମାନଙ୍କ ଆକ୍ରମଣର ଭୟ ତ ଲାଗିରହିଥାଏ । କିଛି ବିପଦର ଆଶଙ୍କା ହେଲେ ଅନେକ ଗୁଳି ଫୁଟାହୁଏ । ଜାରୱାମାନେ ଗୁଳିର ଶବ୍ଦରେ ଡରି ପଳାନ୍ତି ।– ସେ କହିଲେ । ତାଙ୍କ ସ୍ୱର ସେମିତି ବର୍ଷା ଭଳି ଗମ୍ଭୀର ଆଉ କିଛି ନୂଆ କମ୍ପନରେ ଭରିନଥିଲା । ଜାରୱା ଆକ୍ରମଣପରେ ଦେହ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଥରିଯିବା କଥା, ସ୍ୱର ଥରିବା କଥା ତ ସାଧାରଣ । ଅବିନାଶ ଆଗରେ କିଛି ଚିତ୍ର ନାଚିଗଲା ।

ଅବିନାଶ ଦେଖୁନ, ସେମାନେ କେମିତି ବ୍ୟସ୍ତ ହୋଇ କାମ କରୁଛନ୍ତି ।– ତା' କାନରେ ବୋପାୟାଙ୍କଗଭୀର ସ୍ୱର ଶୁଣାଗଲା । ସେଇଟା କେମିତି ତା'କୁ ସମ୍ମୋହନ ଭିତରକୁ ନେଇଆସୁଥିଲା ଆଉ ସେ ବୋପାୟାଙ୍କ ପରି ଭାବୁଥିଲା ଆଉ ସେଇମିତି ଦୃଶ୍ୟମାନ ଦେଖାଯାଉଥିଲା । ଜିରକାଟାଙ୍ଗ ଅଞ୍ଚଳର ଏକ ଫରେଷ୍ଟ କ୍ୟାମ୍ପ ସକାଳେ ଚଳଚଞ୍ଚଳ ହୋଇଉଠୁଛି ।

ତା'ପରେ ଅବିନାଶ କାନ ପାଖରେ କିଏ ଯେମିତି ଜୋରରେ ହୁଇସିଲ ବଜାଇଲା । ଅଫିସର ଘଣ୍ଟା ଜୋରରେ ପିଟା ହେଉଥିଲା । ରୋଲ କଲ ସମୟ ହୋଇଗଲାଣି । ସବୁ ଶ୍ରମିକମାନେ ଆସି ଲାଇନ କରି ଠିଆହୋଇଗଲେ । ରୋଲ କଲ ହେଲା ଆଉ ସମସ୍ତେ ନିଜ ନିଜ ଡ୍ୟୁଟି ବୁଝିନେଲେ । ସମସ୍ତଙ୍କ ପାଖରେ କାମ କରିବାପାଇଁ ଆବଶ୍ୟକୀୟ ଉପକରଣମାନ ଥିଲା । ଏକସଟ୍ରାକ୍ସନ ସାଇଟଟା ପାଖରେ । ହାତୀ ମାହୁନ୍ତ ମଧ୍ୟ ସାଙ୍ଗରେ ଚାଲୁଥିଲେ । ଜାଗାଟା ବିପଦଜନକ, ଜାରଙ୍ଗାମାନେ କେଉଁଠି ଛପିଥାଇ ପାରନ୍ତି । ବୁଶ ପୁଲିସମାନେ ନିଜ ନିଜ ବନ୍ଧୁକ ଧରି ଚାଲୁଥାନ୍ତି । ରାସ୍ତାର ଗଛ ଡାଳ, ଲଟା ସବୁକୁ ଧାରୁଆ ଲମ୍ବା ଦାଓରେ କାଟିଦିଆଯାଏ । ଆଣ୍ଠାମାନରେ ଗଛ ବହୁ ଜଲଦି ବଢେ ଆଉ ଲଟାମାନ ବେଶ ଉପରକୁ ମାଡିଯାଆନ୍ତି । ତେଣୁ ରାସ୍ତା ସଫା ରଖିବା ଆବଶ୍ୟକ ହୋଇପଡିଥାଏ ।

ସେଦିନ ଗୋଟାଏ ପଟରେ ହାତୀ ଦ୍ୱାର କାଠଗର ଟଣା କାମ ଚାଲିଥାଏ । ମଧ୍ୟ ବୟସର ହାତୀଟି । ଏହି ବୟସର ହାତୀମାନେ ସବୁଠାରୁ ଶକ୍ତିଶାଳୀ ହୋଇଥାନ୍ତି । କିନ୍ତୁ ଗର୍ଜନ, ସି ମହୋଙ୍ଗା ଆଦି ଗଛର ଓଜନିଆ ଗଣ୍ଡିକୁ ଟାଣିବା କିଛି ସହଜ ନୁହେଁ । ଚାରିଟା ମଣିଷ କୁଣ୍ଢଇଲା ଭଳି ମୋଟା ଗଣ୍ଡିକୁ ଦଶଟା ଲୋକ ହଲାଇବା ମଧ୍ୟ କଷ୍ଟ । ଏମିତି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଗଣ୍ଡିକୁ ହାତୀର ସାହାର୍ଯ୍ୟ ବିନା ମଣିଷ ଟାଣିବା ଅସମ୍ଭବ । ମାହୁନ୍ତ ହାତୀ ବେକ ଉପରେ ବସିଥାଏ ଆଉ ତା'କୁ ଟାଣିବା ପାଇଁ ଆଦେଶ ଦେଉଥାଏ । ହାତୀ ଟିକେ ନଇଁ ଯାଉଥାଏ ଆଉ ମାହୁନ୍ତ ଟିକେ ଝୁଙ୍କି ଯାଉଥାଏ । ଲୁହାଚେନରେ ବନ୍ଧା ହୋଇଥିବା କାଠ ଗରଟି ଟିକିଏ ଆଗକୁ ଟାଣିହୋଇଯାଉଥାଏ । କାଠ ଡ୍ରାଗିଙ୍ଗ ବା ଟାଣିବା ପାଇଁ ଏକ ପତଳା ରସ୍ତା ତିଆରି ହୋଇଥାଏ । ସେହି ରାସ୍ତାରେ ହାତୀ ଗଣ୍ଡିକୁ ଟାଣିବ । ଏତେ ବଡ଼ ହାତୀଟା ଥରକରେ ଟାଣିପାରୁନଥାଏ । ବେଳେବେଳେ ତା' ଶୁଣ୍ଢମାଟିକୁ ଛୁଉଁଥାଏ ଆଉ ସେ ପ୍ରାୟ ଆଣ୍ଠେଇବା ଭଳି ଅବସ୍ଥାକୁ ଆସିଯାଉଥାଏ । ତା' ଛାତି ଚାରିପାଖରେ ଏକ ବେଶ ମୋଟା ପଟ୍ଟୀ ଆଗ ଗୋଡ ଉପରଦେଇ ଯାଇ ଲୁହା ଚେନ ସହ ଯୋଡା ହୋଇଥାଏ ଆଉ ସେହି ଲୁହାଚେନ କାଠ ଗରଦେହରେ ଗୁଡାଇ ହୋଇଥାଏ । ହାତୀ ଟାଣି ନପାରିଲେ ମାହୁନ୍ତ ଗୋଡରେ ହାତୀର ବେକ, କାନ ମୂଳରେ ସାମାନ୍ୟ ବାଡାଉଥାଏ । ହାତୀ ମାହୁନ୍ତ ଯେମିତି ହାତୀର କିଛି ଆଘାତ ନହୁଏ ସେଥିପାଇଁ ଧ୍ୟାନ ରଖିଥାଏ । ଏମିତି ହାତୀଦ୍ୱାରା ଟଣା ଚାଲୁଥାଏ ।

ଆରପଟେ ଆଉ ଟିକେ ଆଗରେ ଖୋଲା ଟ୍ରକଟିଏ ଠିଆ ହୋଇଥାଏ । ସେ ଟ୍ରକରେ କାଠଗର ଚଢା ହେବ । ସେଠାରେ ଗର ଏତେ ମୋଟ ନଥିଲା । ତେଣୁ ଗରକୁ ଚଢାଇବା ସହଜ । ଏବେ ଚେନକୁ ବହୁ ଛୋଟେଇ ଦିଆଯାଇଥିଲା ଆଉ ହାତୀର ଶୁଣ୍ଢ ସମାନ ଆକାରର ଥିଲା । ଗରର ଏକ ମୁଣ୍ଡ ଚେନରେ ବନ୍ଧା ହୋଇଥିଲା । ହାତୀ ଶୁଣ୍ଢ ଉଠାଇବା ସହ ସେ ମୁଣ୍ଡ ଟେକି ହୋଇଯାଉଥିଲା ଆଉ ହାତୀ ପାଦେ ଆଗେଇଲେ ଗର ଆଗକୁ ଟାଣି ହୋଇଯାଉଥିଲା । କିଛି ସମୟପରେ ଗର ଟ୍ରକର ପାଖାପାଖି ହୋଇଗଲା । ଟ୍ରକର ଖୋଲା ବଡିରୁ ଦୁଇଟା ମୋଟ କାଠ ମାଟିକୁ ଛୁଉଁଥିଲା । ସେଥିରେ ଭରାଦେଇ ଗଣ୍ଡିକୁ ଉପରକୁ ଚଢାହେବ । ହାତୀ ନିଜର ଶୁଣ୍ଢ ଦ୍ୱାରା ଗଣ୍ଡିକୁ ଏକଦମ କାଠ ପାଖକୁ ନେଇଆଣିଲା । ଏବେ ଲୋଡିଙ୍ଗର ସମୟ । ତା' ଚେନ ଖୋଲିଦିଆଗଲା । ସେ ଶୁଣ୍ଢରେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଗରକୁ ଗୁଡାଇ ଧରି ଏକ କାଠ ଢିରା ଉପରେ ରଖିଦେଲା । କାଠ ଗରଟା ଖସିଆସୁଥାଏ, କିନ୍ତୁ ଶେଷରେ ସିଧା ହୋଇଗଲା । ତା'ପରେ ହାତୀଟି ଗରକୁ ମଝିରୁ ଉଠାଇ ଦୁଇ କାଠ ଡେରା ଉପରେ ରଖିଦେଲା । ତା'ର ବଡ଼ ଦାନ୍ତ ଆଉ ଶୁଣ୍ଢଦ୍ୱାର କାଠଗରକୁ ସେ ଠିକଭାବେ ଧରି ରଖିଥିଲା । କାଠଗରର ଏକ ଅଂଶ ଶେଷରେ ଟ୍ରକ ଉପରେ ଲାଗିଗଲା ଆଉ ହାତୀଟି ଗରର ମଝିକୁ ଛାଡିଦେଇ ମାଟିରେ ଲାଗିଥିବା ଅଂଶକୁ ଉପର ଆଡକୁ ଠେଲିବାକୁ ଲାଗିଲା । ମଝିରେ ମଝିରେ ଗରକୁ ସେ ଶୁଣ୍ଢରେ ଉଠାଇ ଠିକ ଭାବେ ରଖିଦେଉଥିଲା । ହାତୀ ମାହୁନ୍ତ କ୍ରମାଗତ ଭାବେ ହାତୀକୁ ନିର୍ଦ୍ଦେଶ ଦେଇଚାଲୁଥିଲା । ଶେଷରେ ଏମିତି ହାତୀଟି ଗରକୁ ଟ୍ରକ ଉପରେ ଚଢାଇଦେଲା । ପାଖରେ ଠିଆ ହୋଇଥିବା ଫରେଷ୍ଟ କ୍ୟାମ୍ପର ଶ୍ରମିକମାନେ ଆଶ୍ୱାସର ଶ୍ୱାସ ନେଲେ ।

ଅବିନାଶ ନିଜ ଚାରିପାଖରେ ଫରେଷ୍ଟ କ୍ୟାମ୍ପର ଦୈନନ୍ଦିନ କାମ ଦେଖିବା ଭଳି ଅନୁଭବ କରୁଥିଲା । ସେ ଆଖି ବନ୍ଦ କରି ନିଜକୁ ପ୍ରକୃତିସ୍ଥ କଲା । ତା'ପରେ ଓ୍ୟାଚ ଟାଙ୍ଗାର ଉପରୁ ତଳକୁ ଅନାଇଲା । ତା'କୁ ବାହାରେ ବୁଲିବାକୁ ଇଚ୍ଛା ହେଉଥିଲା, କିନ୍ତୁ ଏତେ ବର୍ଷା ଯୋଗୁ ଅବିନାଶ ମୋଟେ ବାହରି ପାରିଲା ନାହିଁ । ପାଖରେ ସମୁଦ୍ର, କିନ୍ତୁ କେମିତି ଧଳା ଚାଦରରେ ଘୋଡାଇ ହୋଇଯାଇଥିଲା । ଭାଙ୍ଗି ପଡୁଥିବା ଢେଉର ଶବ୍ଦ ଶୁଣିବାକୁ ତା'ର ବହୁତ ଇଚ୍ଛା ଥିଲା, ତା'କୁ ଲାଗନ୍ତା ଯେମିତି ସେ ପଥର ଉପରେ ବସିଛି ଆଉ ଢେଉ ତା' ଗୋଡ ଉପରେ ଭାଙ୍ଗି ପଡୁଛି । ଏକ ହାଲକା ଶିହରଣ ଗୋଡରୁ ମୁଣ୍ଡ ଆଡକୁ ଚଢ଼ି ଆସୁଛି । ସେ ନିଜର ଡାହାଣ କଡକୁ ଅନାଇଲା, ସେପଟେ ଜଙ୍ଗଲର କଳା କଳା ଛାଇ ।

ଢଙ୍କା କଳାଛାଇ କୁହାଯାଇପାରେ ।- ବୋପାୟା ସେମିତି କହିଚାଲିଛନ୍ତି । ବୋପାୟାଙ୍କ ଗଭୀର ସ୍ୱର କ'ଣପାଇଁ ସମ୍ମୋହିନୀ ଲାଗୁଛି କେଜାଣି ? ସେ କିଛି ନଭାବି ବୋପାୟାଙ୍କ କଥା ନିଜ ଭିତରକୁ ନେଉଥିଲା ଆଉ ବୋପାୟାଙ୍କ ପରି ଅନୁଭବ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କରୁଥିଲା । ବୋପାୟାଙ୍କ ଦୈନନ୍ଦିନ କଥା ତା' କାନ ପାଖରେ ଝଙ୍କୃତ ହେଉଥିଲା ।

ସେ ଦିନମାନଙ୍କରେ ଫରେଷ୍ଟ ଆଉ ପି ଡବ୍ଲୁଡି, ଏହି ଦୁଇଡିପାର୍ଟମେଣ୍ଟର ଲୋକେ ଜାରଙ୍ଗା ଥିବା ଜଙ୍ଗଲକୁ ଯାଉଥାଆନ୍ତି । ଜାରଙ୍ଗାମାନେ ସେତେବେଳକୁ ପାଖର ମାନାରଘାଟ ଆଉ ମଥୁରା ଅଞ୍ଚଳରେ ଅନେକବାର ଆକ୍ରମଣ କରିସାରିଥାନ୍ତି । ଆଉ ଆମେମାନେ ଜାରଙ୍ଗାମାନଙ୍କ ଏକଦମ ନିଜ ଅଞ୍ଚଳ ଜିରକାଟାଙ୍ଗରେ ରହୁଥାଉ । ସେ ଜାଗା କଥା ଶୁଣିଲେ ଲୋକଙ୍କ ମନରେ କୁଆଡୁ ଡର ମାଡିଆସେ । ସେଠି କାମକରିବା ଅର୍ଥ ହେଉଛି ଯେମିତିକି ମରଣ ଗୁହାରେ ନିତ୍ୟଶୟନ ।

କାମ କଲାବେଳେ ଗଛର ତଳଗଣ୍ଡି (ବଟ୍ରେସ) ପିଟା ଶବ୍ଦ ଆମେ ପ୍ରାୟଶୁଣୁ । ଏଇଟା ଜାରଙ୍ଗାମାନଙ୍କ ବିପଦ ଧ୍ୱନୀ । ସେମାନେ ଆକ୍ରମଣ ପାଇଁ ପ୍ରସ୍ତୁତ ହେଉଛନ୍ତି ।– ଏତିକି କହି ବୋପାୟା ଟିକେ ଅଟକି ଗଲେ । କୁଆଡୁ ଯେମିତି ବଟ୍ରେସର ପିଟା ଶବ୍ଦ ଆସୁଛି କି ନାହିଁ ଜାଣିବାକୁ କାନେଇଲେ । ଏଇଟା ହେଉଛି ଜାରଙ୍ଗା ଅଂଚଳରେ କାମ କଲାବେଳର ସାବଧାନତା । ସେଠି ଆଖି ଛଡା ମଧ୍ୟ ନିଜ କାନ ଉପରେ ବେଶି ବିଶ୍ୱାସ କରିବାର କରିବା ଦରକାର । ଆଖି କଳା ଜଙ୍ଗଲରେ କେତେ ଦେଖିବ ? ପାଞ୍ଚ-ଦଶ ହାତ ଦୂର ପରେ କିଛି ଦିଶିନା ।

ଅବିନାଶ ଏଇ କେତେଦିନ ହେଲା ଆଣ୍ଠାମାନର ପ୍ରଥମ ଦିନମାନଙ୍କର ସଂଘର୍ଷ କଥାମାନ ଶୁଣୁଛି । କିନ୍ତୁ ବୋପାୟାଙ୍କ କଥାରେ ଅବିନାଶ ଏକ ପକ୍କା ପୁରୁଣା ସେଟଲର ଭଳି ଜାରଙ୍ଗା ଆକ୍ରମଣ, ଜଙ୍ଗଲ କଥା ଶୁଣି ବିସ୍ମିତ ହେଉଛି, ପୁଲକିତ ତଥା ଆତଙ୍କିତ ହୋଇଯାଉଛି । ଛୋଟ ଜାଗାରେ କହିବାକୁ, ଆଲୋଚନା କରିବାକୁ ବହୁତ ବିଷୟ ନଥାଏ, ଛୋଟ ଛୋଟ କଥା ମନକୁ ଛାଇ ରଖିଥାଏ । ତେଣୁ ବୁଶ ପୁଲିସ, ଜାରଙ୍ଗା ଆକ୍ରମଣ କଥା ଶୁଣି ସେ ରୋମାଞ୍ଚିତ ହେଉଥିଲା । ତା'କୁ ଲାଗୁଥିଲା ଯେମିତି ସେ ସେବେକାର ଏକ ସେଟଲର, ଆଉ ଜାରଙ୍ଗା ଅଞ୍ଚଳକୁ ତା'ର ପୂର୍ବ ପରିଚିତ ଲୋକମାନେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କାମ କରିବାକୁ ଯାଉଛନ୍ତି । ତେଣୁ ତା'କୁ ଯେମିତି ନିଜ ଅଞ୍ଚଳର ପୁରୁଣା କଥାମାନ ଶୁଣିବାକୁ ମିଳୁଛି ।

ଆପଣ ବଡ଼ ସାହାସର ସହ କାମ କରୁଥିବେ ।– ସେ ନିଶ୍ଚିତ ହୋଇ ମନ୍ତବ୍ୟ ରଖିଲା ।

ଅବିନାଶ ଭାବୁଥିଲା ଏ କାମ କରୁଥିବା ଲୋକମାନେ ଜଙ୍ଗଲର ଏକ ଏକ ସୈନିକ । ସୈନିକ ଦେଶର ସୀମାନ୍ତରେ ଏକ ଏକ ଚେକପୋଷ୍ଟରେ ରହି ଶତ୍ରୁର ଡର ସତ୍ତ୍ୱେ ଦୃଢହୋଇ ଠିଆହୋଇଥାଏ । ସେମିତି ଫରେଷ୍ଟର ଲୋକମାନେ ଅଜଣା ଜୀବ ବା ଆକ୍ରମଣକୁ ନହେଜି ନିଜ କ୍ୟାମ୍ପରେ ଦୃଢ ରହିଥାନ୍ତି । ଅବିନାଶକୁ ଲାଗିଲା ସେ ଆଣ୍ଠାମାନ ଜଙ୍ଗଲରେ ଫରେଷ୍ଟ କ୍ୟାମ୍ପରେ ଯେମିତି ଏକ ଯୁଦ୍ଧର ପ୍ରସ୍ତୁତି ଦେଖୁଛି । ବର୍ଷାର ଝଙ୍କାର ଭିତରେ ଗଛର ଗଣ୍ଠି (ବଟ୍ରେସ) ପିଟାର ଦୁମ୍ ଦୁମ୍ ଶବ୍ଦ ଶୁଣୁଛି । ଅନ୍ଧାରିଆ କଣରୁ ତୀରମାନ ଜୋରରେ ଛୁଟିଆସୁଛି । ବୋପାୟା ନିଜର ଜଙ୍ଗଲ ଜୀବନ କଥା ବିସ୍ତୃତ ଭାବରେ ଏଣେ କହୁଥାନ୍ତି । କଥା ଏତେ ପ୍ରାଞ୍ଜଳ ଆଉ ସ୍ପଷ୍ଟ ଥିଲା ଯେ ଅବିନାଶ ନିଜକୁ ଏକ ପାତ୍ର ଭାବେ ମନେକରୁଥିଲା । ଚାରିପାଖରେ ଯେମିତି କିଛି ଘଟିଯାଉଛି ।

ଢୁ-ଢୁ-ଢୁ-ଢୁ ଅବିନାଶ ହଠାତ୍ ଗୁଳିର ଶବ୍ଦ ଶୁଣିଲା । ବୁଶ ପୁଲିସମାନେ ଜଙ୍ଗଲର ଗୋଟାଏ ପଟକୁ ଲକ୍ଷ୍ୟ କରି ଗୁଳି ଫୁଟାଉଥିଲେ । ଗୁଳିର ଟିକିଏ ବିରତି ହେଲେ ସେପଟୁ ତୀର ଛୁଟି ଆସୁଥିଲା । ଏକ ଏକ କଳା ଛାଇ ଜୋରରେ ଦୌଡି ଗଛ ଉଢାଳକୁ ଚାଲିଯାଉଥିଲା । ଏମିତି ଛକପଞ୍ଜା ଚାଲିଲା । ବୁଶ ପୁଲିସମାନେ ଜଙ୍ଗଲକୁ ବଡ଼ ଧ୍ୟାନରେ ଲକ୍ଷ୍ୟ କରିଥାନ୍ତି । ସାଇଁ ସାଇଁ କରି ଦୁଇଟା ତୀର ଆସି ଏକ ଗଛରେ ଲାଖିଗଲା ଆଉ ଏମାନେ ପୁଣି ଗୁଳି ଫୁଟାଇଲେ । ପ୍ରାୟ ଅଧଘଣ୍ଟା ଏମିତି ଖଣ୍ଡ ଯୁଦ୍ଧ ଚାଲିଲା । ଖାକି ହାଫ ପ୍ୟାଣ୍ଟ, ହାଫ ଶାର୍ଟ ପିନ୍ଧିଥିବା ବୁଶ ପୁଲିସମାନେ ଆଗକୁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମାଡିଗଲେ । ସେମାନଙ୍କ ହାତରେ ଲମ୍ବା ବନ୍ଧୁକମାନ ଆଗୁଆ ହୋଇଯାଇଥିଲା । ଏ ବନ୍ଧୁକରେ ଅବଶ୍ୟ ବାୟୋନେଟ ନଥିଲା । ସେମାନେ ମଝିରେ ମଝିରେ ଗୁଳି ଫୁଟାଉଥିଲେ । ବ୍ୟାରେଲରୁ ଅଳ୍ପ ଧୂଆଁ ବାହାରୁଥିଲା ଆଉ କେଉଁଠି ଡାଳ ପତ୍ର ଭାଙ୍ଗି ପଡୁଥିଲା । ସେପଟୁ ଆଉ କିଛି ତୀର ଆସିଲାନି । ଆଗରେ କୁଡିଆ, ପତ୍ର ଛାଉଣି ହୋଇଛି । କେହି କିନ୍ତୁ କୁଡିଆରେ ନଥିଲେ । ଗୁଳି ଶବ୍ଦରେ ସେମାନେ ସେ ଜାଗାଛାଡି ପଳାୟନ କରିଥିଲେ । ଗୋଟାଏ କୁଡିଆରେ କିଛି ବାଉଁଶ ପଡିଥିଲା । ସେ ବାଉଁଶରେ ସେମାନେ ପିଇବା ପାଣି ସାଇତି ରଖନ୍ତି ।

ଯଦିଓ ଆଉ ତୀର ଆସୁନଥିଲା ବା କିଏ କେଉଁଠି ନଥିଲେ, ତଥାପି ବୁଶ ପୁଲିସମାନେ ଆଉ ଟିକେ ଆଗକୁ ମାଡିଗଲେ । ଆଗକୁ ଜଙ୍ଗଲରେ ମାର୍କିଙ୍ଗ ଆଉ ଫେଲିଙ୍ଗ ହେବ । ଯଦି ଜାରଙ୍ଗାମାନେ ପାଖରେ ରୁହନ୍ତି ତେବେ କାମ ଆଗକୁ ବଢିବ ନାହିଁ । ବୋପାୟାଙ୍କୁ ସବୁ ବିପଦର ସମ୍ମୁଖୀନ ହେବାକୁ ପଡ଼ିବ । ପେରିଫେରି କ୍ଲିଅରିଙ୍ଗର ଆବଶ୍ୟକତା ଅଛି ।

ଆଗକୁ ଯାଅ ।- ବୋପାୟା ଜୋରରେ ଆଦେଶ ଦେଲେ ।

ଏଇ କଥା ପଦକ ପାଇଁ ବୁଶ ପୁଲିସମାନେ ଯେମିତି ଅପେକ୍ଷା କରି ରହିଥିଲେ । ସେମାନେ ଆହୁରି ଆଗକୁ ମାଡିଗଲେ । ବହୁ ସାବଧାନତା ସହ ଆଗାଉଥାଆନ୍ତି । ଗଛ ଉଢାଳରେ ରହି ଗୁଳି ଫୁଟାଉଥାଆନ୍ତି । ମଝିରେ ମଝିରେ ସେପଟୁ ବଟ୍ରେସ ବାଡେଇବାର ଶବ୍ଦ ଆସୁଥାଏ । ସେ ଶବ୍ଦ ଆସିଲେ ପୁଲିସମାନେ ଅଟକି ଯାଉଥିଲେ ଆଉ ବ୍ଲାଙ୍କ ଫାୟାର କରୁଥିଲେ । ଏ ଭିତରେ ଫରେଷ୍ଟ ଶ୍ରମିକମାନଙ୍କ କାମ କରୁଥିବାର ଜାଗାରୁ କିଛି ଆଗକୁ ବୁଶ ପୁଲିସ ଚାଲିଯାଇଥିଲେ । ଚାରିସୀମାର ଆଗ କ୍ଲିଅରିଙ୍ଗ । କାମ କରିବା ଜାଗାକୁ ବେଶ କିଛି ଦୂର ପର୍ଯ୍ୟନ୍ତ ସୁରକ୍ଷିତ ରଖିବା ଆବଶ୍ୟକ । ଶେଷରେ ଜାରଙ୍ଗାମାନେ ସେ ଜାଗାଛାଡି ଦୂରକୁ ପଳାଇଲେ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଅବିନାଶ ନିଜ ମୁଣ୍ଡ ହଲାଇଲା । ସେ ବୁଶ ପୁଲିସଙ୍କର ଏତେ ଗୁଳି ଫୁଟାରେ ନିଜେ ଥରି ଯାଉଥିଲା । ଗୁଳିଗୁଡାକ ଯେମିତି ସର୍ସର୍ କରି ତା' କାନ ପାଖରେ ଚାଲିଯାଉଛି । ସେ ଗୁଳି ମାଡରେ ଗଛର ଡାଳମାନ ଭାଙ୍ଗି ଯାଉଛି । ଏକ ଗୁଳି ତା' କାନ ପାଖରେ ଯେମିତି ଚାଲିଗଲା । ତା' କାନ ଗରମ ହୋଇଗଲା । ଜାରଙ୍ଗାମାନେ ପ୍ରତିରୋଧ କରିବେନି, ତା' ଭିତରୁ କିଏ କହିଉଠିଲା । ତା' ମନକଥା ବୋପାୟା ଜାଣନ୍ତୁ । ସାମାନ୍ୟ ପିମ୍ପୁଡିଟିଏ ହେଲେବି ନିଜ ଜାଗା ଛାଡିଲେ କାମୁଡି ଦିଏ । ଏମାନେ ତ ମଣିଷ । ନିଶ୍ଚିତ ଭାବରେକିଛି ପ୍ରତିରୋଧ କରିବେ । ଜଙ୍ଗଲୀ ମଣିଷହେଲେ ପ୍ରତିରୋଧରେ ରକ୍ତପାତ ହେବ । ସବୁ ଜାଗାରେ ଟିକିଏ ସ୍ଥାନପାଇଁ କେତେ ସଂଘର୍ଷ ଘଟୁଛି ।

ଏ ଭିତରେ କାମ ବହୁତ ଆଗେଇ ଗଲାଣି । ଜଙ୍ଗଲରେ ଫରେଷ୍ଟ କ୍ୟାମ୍ପ ଆଗକୁ ଆଗକୁ ଯାଉଛି । ଅବିନାଶ ଦେଖିଲା ଜଙ୍ଗଲରେଏନୁମୁରେସନ ବା ଗଛ ମାପ କାମ ଜୋରରେ ଚାଲିଛି । ସବୁ ଗଛକୁ ମପାହେଉଛି, କିଏ କିଏ ଖାତାରେ ଟିପି ହିସାବ ରଖୁଛନ୍ତି । ଖରା ଗଡିଯାଇଥାଏ । ପରଦିନକୁ କାମକୁ ପକାଇ ନରଖି ଶେଷ କରିବାକୁ ହେବ । ବୋପାୟା ଟିକେ ଆଗକୁ ଚାଲିଲେ । ପାଖରେ କିଏ ଥିବେ ବୋଲି ମୋଟେ ଭାବିନାହାନ୍ତି । ସେ ଗଛମାନ ଦେଖିଦେଖି ଚାଲିଛନ୍ତି ଆଉ ମଝିରେ ମଝିରେ କିଛି କିଛି ଖାତାରେ ଟିପି ନେଉଛନ୍ତି । ତାଙ୍କ ଦେହରେ ଥିବା ଖାକି ଡ୍ରେସରେ ଝାଳର ଚିହ୍ନ ଦେଖାଯାଉଥିଲା । ମୁଣ୍ଡର ହ୍ୟାଟ ତଳକୁ ଟିକେ ନଇଁ ଆସିଥିଲା । ସିଧା ଠିଆହେଲେ ବୋପାୟା ବଡ଼ ପ୍ରଭାବୀ ମନେ ହୁଅନ୍ତି । ସେ ନିଜର ମୋଟା ବେଲ୍ଟ ଟିକେ ଠିକ କରିଦେଲେ, ଆଉ ହ୍ୟାଟକୁ ସିଧା କରିନେଲେ । ସେତେବେଳକୁ ସେ ଏକ୍ସଟ୍ରାକସନ ଜାଗାରୁ ଟିକେ ଦୂରରେ ଥାଆନ୍ତି । ଅନ୍ୟପଟେ ଲୋକେ କାମକରୁଥିବେ । ବେଶ ଦିନ ଅଛି, ଆଉ କ୍ୟାମ୍ପର ରହିବା ଜାଗା ବେଶି ଦୂର ବି ନୁହେଁ, ତେଣୁ କିଛି ବିପଦର ଆଶଙ୍କା କରୁନଥିଲେ । ସେ କ୍ୟାମ୍ପ ଆଡକୁ ଏକ ଜଙ୍ଗଲ ଭିତରେ ଥିବା ପାଦଚଲା ରାସ୍ତାରେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଏକାକୀ ଚାଲିଚାଲି ଯିବାକୁ ଲାଗିଲେ । ତାଙ୍କର ଆସିଷ୍ଟାଣ୍ଟ କ୍ୟାମ୍ପ ଅଫିସର ଆଉ ଅନ୍ୟମାନେ ଟିକେ ପଛରେ ଥିଲେ ।

ଅନ୍ୟପଟୁ ଏକ ଜାରଙ୍ଗା ଚାଲି ଚାଲି ଆସୁଥିଲା । ଦୁହେଁ ମୁହାଁମୁହିଁ ହୋଇଗଲେ । ଏକ ହାଣ୍ଡିକଳା ଭଳି କଳା ଲୋକ । ଦେହରେ କିଛି କପଡା ବା ଗଛ ବକଳ ପିନ୍ଧିନି । ଉଚ୍ଚତା ପ୍ରାୟ ସାଢେ ପାଞ୍ଚଫୁଟ ପାଖାପାଖି ହେବ । ହାତ ଗୋଡ ବେଶ ବଳିଷ୍ଠ । ମୁଣ୍ଡରେ ବାଳ ଅତି ଛୋଟ, ମୁହଁରେ ଦାଢୀ ନିଶ ନାହିଁ । ଲୋକଟାର ମାଂସପେଶୀ ଫୁଟି ପଡୁଥିଲା । କପାଳରେ ଏକ ପଟି ଲାଗିଥିଲା ଆଉ ଗଳାରେ ଏକ ଧଳା ପତ୍ର ବା ଫୁଲର ମାଳା । ତା' ଚାରିପାଖେ ଘଞ୍ଚ ଅରଣ୍ୟ, ଖରା ଟିକେ ତଳେ ପଡୁନି । ପ୍ରାୟ ସବୁ କଳା ଦେଖାଯାଉଛି, ବେଶ ଗାଢ ସବୁଜ ବର୍ଣ୍ଣ ଟିକେ ଦୂରରୁ ତ କଳା ଲାଗେ । ଏମିତିଆ ପରିବେଶରେ ଜାରଙ୍ଗାକୁ ଦେଖି ଲାଗିଲେ କିଏ ଭାବିବ ଯେମିତିକି ଅତିଥିଙ୍କୁ ପାଛୋଟି ନେବାକୁ ଗାଁରୁ ଜାରଙ୍ଗାଟିଏ ଟିକେ ଆଗକୁ ଆସିଯାଇଛି । ସେମାନଙ୍କ ଭିତରେ ମୋଟେ ତିରିଶି ହାତ ଦୂରତା । ଜାରଙ୍ଗା ବୋପାୟଙ୍କୁ ଦେଖି ଚମକି ପଡି ହରିଣ ଭଳିଆ ଉଛୁଳି ଦୌଡି ପଳାଇଲା । ବୋପାୟାଙ୍କ ରିଫ୍ଲେକ୍ସ ଆକ୍ସନ ସେମିତି କାମକଲା । ସେ କ୍ୟାମ୍ପ ଆଡକୁ ପ୍ରାଣପଣେ ଧାଇଁ ପଳାଇ ଆସଲେ । ଉଛୁର ହେଲାଣି, ଆଉ ଜଙ୍ଗଲରେ କାମ କରିବାକୁ ତାଙ୍କ ସାହାସ କୁଳାଇଲା ନାହିଁ । ଜାରଙ୍ଗାମାନେ ପାଖରେ କେଉଁଠି ଛପିଛନ୍ତି ଆଉ ଏମାନଙ୍କ ଗତିବିଧି ଲକ୍ଷ୍ୟକରୁଛନ୍ତି, ସୁଯୋଗ ମିଳିଲେ ଆକ୍ରମଣ କରିବେ । ଭାଗ୍ୟକୁ ସେଦିନ ଜାରଙ୍ଗା ତୀର ମାରିନି କି ବୁଶ ପୁଲିସଙ୍କ ପଟରୁ ଗୁଳି ଫୁଟିନି ।

ସମସ୍ତେ ସାବଧାନ ରହିଲେ । ଜାରଙ୍ଗାମାନେ ପୁଣି ଆକ୍ରମଣ କରିବେ । କିନ୍ତୁ କାମ ଛାଡିଯାଇ ହେବନି । ଏକ ସପ୍ତାହ ପରର କଥା । ସତକୁ ସତ ଜାରଙ୍ଗାମାନେ କ୍ୟାମ୍ପ ଆକ୍ରମଣ କଲେ । ବଢି ସକାଳ । ପକ୍ଷୀ ନ ଡାକୁଣୁ ସମସ୍ତେ କାମକୁ ଚାଲିଯାଇଥିଲେ । ସେଦିନ ଚାରିଜଣ ବର୍ମିଜ କରେନ ବୁଶପୁଲିସ କ୍ୟାମ୍ପ ଜଗିଥାନ୍ତି । ସେମାନେ ବଡ଼

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସାହାସର ସହ ଜାରଙ୍ଗାମାନଙ୍କ ମୁକାବିଲା କଲେ । ଅନେକ ଫାୟାରିଙ୍ଗ ହେଲା । ଜାରଙ୍ଗାମାନେ ବହୁତ ତୀର ମାରିଲେ । ଜାରଙ୍ଗାମାନେ କ୍ୟାମ୍ପର କିଛି କ୍ଷତି କରିପାରିଲେ ନାହିଁ, କେତେଟା ତୀର ବାଉଁଶ ପାତିଆ କାନ୍ଥରେ ଲାଗିଥିଲା । କେହି ମୃତାହତ ହୋଇ ନାହାନ୍ତି ।

ସବୁବେଳେ ଡର, ଆକ୍ରମଣ ଭିତରେ ଜଙ୍ଗଲରେ କ୍ୟାମ୍ପ କରିରହିବା, ଓଃ ମୁଁ ଭାବି ପାରୁନି ।- ଅବିନାଶ ମନକୁ କହିଲା । ସେମିତି କିଛି ସୁବିଧା ନାହିଁ, ଏକ ସଭ୍ୟମଣିଷ ହୋଇ ଜଙ୍ଗଲରେ କ'ଣ ପାଇଁ ରହିବ ? ଏ ପ୍ରଶ୍ନ ତା' ମନ ଭିତରେ ଖେଳୁଥିଲା । ହଟରେ ବସି ବର୍ଷାର ଝଙ୍କାରରେମନ ଭାସିଯାଏ, ବର୍ଷାର ମହ୍ଲାର ରାଗ ମଧୁର ଲାଗେ ଆଉ ସମୁଦ୍ରର ଭୈରବ ଧ୍ୱନୀରେଶ୍ରୋତା ମୁଗ୍ଧ ହୋଇଯାଏ । ଏଣେ ବୋପାୟା ତାଙ୍କର କଥା ଜାରି ରଖିଥିଲେ ଆଉ ଅବିନାଶ ଏକ ପାତ୍ର ଭଳି ସବୁ ଘଟଣାକୁ ଯେମିତି ଅଙ୍ଗେ ନିଭାଉଥିଲା ।

କ୍ରମଶଃ. . .

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବଡ଼ ବାବୁ

ଧାରାବାହିକ କାହାଣୀ - ଭାଗ ୨

ରମେଶ ଅଫିସ ବାରଣ୍ଡାରୁ ଓହ୍ଲାଇ ନିଜର ପୁରୁଣା ସ୍କୁଟରରେ ବସି ଘରେ ପହଞ୍ଚିବାକୁ ଲାଗିଗଲା ପ୍ରାୟ ଘଣ୍ଟାଏ । ଅନ୍ଧାର ହୋଇ ସାରିଥିଲା । ସେ ସ୍କୁଟରଟିକୁ ଦୁଆର ପାଖରେ ଥୋଇବା ବେଳକୁ ପୁଅ ରବି ଆସି ଗାଡ଼ିକୁ ଧରି ପକାଇଲା । ରମେଶ ଘର ଭିତରକୁ ପଶି ଆସିବା ବେଳକୁ ଦୁଆର ପାଖରେ ହିଁ ଜୟନ୍ତୀକୁ ଦେଖିଲା ।

- ନିଜକୁ ହିରୋ ଭଳି ଲାଗୁଥିବ ତ ! ଜୟନ୍ତୀ ବିରକ୍ତଭାବରେ କହିଲା । ସକାଳୁ କେତେ କରି କହିଲି, ସ୍ୱେଟରଟା ପିନ୍ଧିକି ଯାଅ । ହେଲେ ମୋ କଥା କିଏ ଶୁଣୁଛି ।

ରମେଶ ଘର ଭିତରକୁ ନିରବରେ ପ୍ରବେଶ କରି ଅଫିସ ବ୍ୟାଗକୁ ଟେବୁଲ୍ ଉପରେ ଥୋଇଦେଇ ଶୋଇବା ରୁମକୁ ପଶିଗଲା । ଜୟନ୍ତୀ ପଛେ ପଛେ ଆସୁ ଆସୁ ବ୍ୟାଗକୁ ଉଠେଇ ତାହାର ନିର୍ଦ୍ଧାରିତ ସ୍ଥାନରେ ରଖିବା ବେଳକୁ ଟେବୁଲ୍ ଉପରେ ଚାବି ପେଛାଟିଏ ଦେଖି ପଚାରିଲା, ଏଇ ଚାବି ପେଛାଟା କଣ ?

ରମେଶ ତୌଲିଆ ଗୁଡ଼େଇ ରୁମରୁ ବାହାରି ଆସୁ ଆସୁ କହିଲା, ଆମ ଅଫିସର ଚାବି ।

- ଅଫିସ ଚାବି ପରା ବଡ଼ବାବୁଙ୍କ ପାଖରେ ରହେ ? ଜୟନ୍ତୀ ପ୍ରଶ୍ନ କଲା ।

- ଆଜି ବଡ଼ ବାବୁ ଭୁବନେଶ୍ୱର ଯାଇଛନ୍ତି ତେଣୁ ଅଫିସ ଦାୟିତ୍ୱ ମୋତେ ଦେଇଗଲେ । ସେଇଥି ପାଇଁ ଚାବି ମୋ ପାଖରେ ।

- ଓହ୍ । ସେଇଥିପାଇଁ ଆଜି ଆସିବାକୁ ଏତେ ଡେରି ହେଇଗଲା କି ? ଜୟନ୍ତୀ ଏମିତି ପ୍ରଶ୍ନ କରି ଚାବି ପେଛାକୁ ହାତରେ ଧରି କାନ୍ଥରେ ଝୁଲେଇ ଦେଇ କହିଲା, ହଉ ସଫାସଫି ହୋଇ ଆସ । ଚା' କରି ଦେଉଛି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସଫାସଫି ହୋଇ ରମେଶ ବୈଠକରେ ଟିଭି ସାମନାରେ ବସିଗଲା । ଜୟନ୍ତୀ ରୋଷେଇ ଘରେ ଚା କରିବାରେ ବ୍ୟସ୍ତ । ଏଇ ସମୟରେ ପୁଅ ରବି ଆସି ସେଇଠି ଠିଆ ହେବାପରେ କହିଲା, "ବାପା, ଆମ କଲେଜରେ ପିଲାମାନେ ପିକନିକ୍ ଯିବେ ବୋଲି କହୁଛନ୍ତି ।" ରବି ଜାଣିଛି, ଉତ୍ତର କଣ ହେବ । ଆଜିଯାଏଁ, କେବେ ବି ତାକୁ ସ୍କୁଲରେ ପିକନିକ୍ ଯିବାକୁ ଦିଆଯାଇ ନାହିଁ । ରମେଶ ସବୁବେଳେ ମନା କରେ । କହେ ପିକନିକ ଗଲେ କିଏ ଦାୟିତ୍ୱ ନେବ ? ସୁବିଧା ଅସୁବିଧା ହେଲେ କିଏ ବୁଝିବ । ଏମିତି କହି ସବୁବେଳେ ପିକନିକ୍ ମନା କରାଯାଏ । ହେଲେ ଏବେ ରବି କଲେଜ ଗଲାଣି । ଏବେ କଣ ସେ ନିଜ ଭଲମନ୍ଦ ବୁଝି ପାରିବନି ? ମନେ ମନେ ଏମିତି ଭାବି ଭାବି ସେ କହିଲା, "ଦୁଇଶ ଟଙ୍କା ଚାନ୍ଦା ପଡ଼ିଛି ।"

ରମେଶ ଟିଭି ଦେଖୁ ଦେଖୁ କହିଲା, "ସାର୍ଟ୍ ପକେଟରେ ଅଛି ନେଇ ଯା ।"

ରବି ଆଁ କରି ଚାହିଁ ରହିଗଲା । ଏଭଳି ପରିବର୍ତ୍ତନ କିଭଳି ସମ୍ଭବ । ସେ ଆଦୌ ଭାବିନଥିଲା ଯେ ତା ଅନୁରୋଧ ଏତେ ଶୀଘ୍ର ଶୁଣାଯିବ । ସେ ମନେ ମନେ ଚିନ୍ତା ବି କରିଥିଲା ଯେ ଯଦି ବାପା ମନା କରନ୍ତି ତ ସେ ନ ଖାଇବା କଥା କହି ନିଜ ଦାବୀକୁ ହାତେଇବ । ହେଲେ ଏବେ ତ କିଛି କରିବାକୁ ହିଁ ପଡ଼ିଲା ନାହିଁ । ଯାହା ସବୁ ହେଲା ସେ ସବୁ ଅବିଶ୍ୱସନୀୟ ଥିଲା । ସେ ତରତର ହୋଇ ରୋଷେଇ ଘରେ ପଶିଯାଇ ମାଆକୁ ଚାହିଁ ପଚାରିଲା, "ମମ୍ମି, ବାପାଙ୍କ କଣ ହେଇଛି ?"

ଚା ତିଆରି କରିବାରେ ବ୍ୟସ୍ତ ଜୟନ୍ତୀ ଅନ୍ୟମନସ୍କ ହୋଇ କହିଲା, "ଆଜି ଅଫିସରେ ଅଧିକ କାମ ଥିଲା, ସେଇଥିପାଇଁ ହାଲିଆ ହେଇ ଯାଇଥିବେ ।"

- ନାଇଁ ହାଲିଆ ନାହିଁ ।

- ଆଉ ? ଆଉ କଣ ହେଇଛି କି ? ଜୟନ୍ତୀ ପ୍ରଶ୍ନ କଲା ।

- ତମକୁ କହିଲେ ବିଶ୍ୱାସ କରିବନି । ବାପା ପିକନିକ୍ ଯିବାପାଇଁ ଅନୁମତି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଦେଇଦେଲେ । କହିଲେ ପକେଟରେ ଟଙ୍କା ଅଛି ବାହାର କରି ନେଇଯା ।

ଜୟନ୍ତୀ ଆଶ୍ଚର୍ଯ୍ୟ ହୋଇଗଲା । ଏଇ ଲୋକ କଦାପି ହଁ କହିବନି । ବୋଧହୁଏ ହାଲିଆ ହୋଇ ବସିଥିବେ ତ, ତେଣୁ ତୁଣ୍ଡରୁ ବାହାରି ପଡ଼ିଥିବ । ଚାଲିଲୁ ଦେଖିବା କହି ଚା' କପ୍ ଧରି ଜୟନ୍ତୀ ରମେଶ ପାଖକୁ ଆସିଲା ।

ଚା' କପ୍ ହାତକୁ ବଢ଼େଇ ଦେଉ ଦେଉ ପଚାରିଲା, "ତମେ ରବିକୁ ପିକନିକ୍ ଯିବା ପାଇଁ ହଁ କହିଲ ?"

ରମେଶ ଚା' ଢୋକେ ପାଟିରେ ନେଉ ନେଉ "ହୁଁ" ବୋଲି କହିଲା ।

- ପିକନିକ୍ ଯିବା କଥା କହୁଛି ।

- ହଁ କହିଲି ପରା । ମୋ ସାର୍ଟ୍ ପକେଟରେ ଟଙ୍କା ଅଛି ତାକୁ ଦେଇ ଦିଅ ।

- ତମ ଦେହ ପା ଭଲ ଅଛି ତ ? କେବେ ତ ତାକୁ ପିକନିକ୍ ଯିବାକୁ ଦେଇନଥିଲ ! ଆଜି କେମିତି ହଁ କହିଦେଲ । ଜୟନ୍ତୀ ପ୍ରଶ୍ନ କଲା ।

ଟିଭିରୁ ଧ୍ୟାନ ହଟେଇ ରମେଶ ଜୟନ୍ତୀକୁ ଚାହିଁ କହିଲା, "ସେ କଣ ଛୋଟ ପିଲା ହୋଇଛି ? ବଡ଼ ହେଲାଣି । ନିଜର ଭଲମନ୍ଦ ବୁଝିବା ଶକ୍ତି ତା'ର ଅଛି । ଯାଉ, ଯଦି ପିକନିକ୍ ଯିବ । ସବୁଦିନ ଆମେ ତ ତାକୁ ଧରି ବୁଲି ପାରିବା ନାହିଁ । ତା'ର ବି ସାଙ୍ଗସାଥୀ ଅଛନ୍ତି ।"

ଜୟନ୍ତୀ ଆଁ କରି ଚାହିଁଥିଲା । ରମେଶ ଭିତରେ ଏତେବଡ଼ ପରିବର୍ତ୍ତନ କେମିତି ଆସିଲା ସେଇ କଥା ଭାବୁଥିଲା । ରମେଶ ମୁଣ୍ଡକୁ ଛୁଇଁ ଦେଖୁଥିଲା ଜ୍ୱର ହେଇ ଯାଇନି ତ ?

ସେଇ ରାତି ରମେଶକୁ ନିଦ ହେଉ ନଥିଲା । କାହିଁକି କେଜାଣି ତାକୁ ମନେ ହେଲା ସେ ଆଗରୁ ବଦଳି ହୋଇ ଯାଇଥିଲେ ହୁଏତ ସେ ଏବେ ସୁଦ୍ଧା ବଡ଼ବାବୁ ହୋଇ ସାରିଥାନ୍ତା । ତା ପିଲାପିଲି ମଧ୍ୟ ଖୁସି ହୋଇଥାନ୍ତେ । ଜୟନ୍ତୀ ତ ବହୁତ ଖୁସି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ହୋଇଥାନ୍ତା । ହେଲେ ଘରେ ବୁଢ଼ା ବାପା ମାଆଙ୍କୁ ଛାଡ଼ି କୁଆଡ଼େ ଯିବ । ବାପାଙ୍କ ଦୟାରୁ ଘରଖଣ୍ଡେ ଅଛି । ଆଉ ଭାଇଭଉଣୀ ବି କେହି ନାହାନ୍ତି । ବାପାମା'ଙ୍କୁ ଏକା ଛାଡ଼ି ଦେବା ଉଚିତ ହୋଇନଥାନ୍ତା । ଏମିତି ସବୁ ଭାବୁଭାବୁ କେତେବେଳେ ନିଦ୍ ହୋଇଗଲା ସେ ଜାଣି ପାରିଲାନାହିଁ ।

ହଠାତ ଘରର କଲିଂ ବେଲ୍ ବାଜିବା ପରେ ସେ ନିଦରୁ ଉଠିଲା । ଦେଖିଲା ଜୟନ୍ତୀ ନିଘୋଡ଼ ନିଦରେ ଶୋଇଛି । ଅନ୍ୟ କୋଠରୀରେ ବାପା ବୋଉ ଶୋଇଥିବେ । ସେ କାନ୍ଥ ଘଣ୍ଟାରେ ଦେଖିଲା, ସମୟ ସକାଳ ସାଢ଼େ ପାଞ୍ଚ ହୋଇଛି । ଏଇ ସମୟରେ କିଏ ଆସିଲା ? ଏହି କଥା ଭାବି ସେ ଶେଯରୁ ଉଠି ଘର ବାହାରକୁ ଗଲା । କବାଟ ଖୋଲିବା ବେଳକୁ ଅଫିସର ପିଉନ୍ ଘନ ଠିଆ ହୋଇଥିଲା । ତାକୁ ଦେଖି ଆଶ୍ଚର୍ଯ୍ୟ ହୋଇ ରମେଶ ଚାହିଁଲା । ଘନ କହିଲା, ସାର୍ ଅଫିସ ଯିବାକୁ ପଡ଼ିବ । ଏବେ ହିଁ । ରମେଶ ଆଶ୍ଚର୍ଯ୍ୟ ହୋଇଗଲା । ଏତେ ସକାଳୁ ? ଘନ କହିଲା, ହଁ ସାର୍ । ରମେଶ କିଛି ବୁଝି ପାରୁନଥିଲା । ଘନ କହିଲା, ସାର୍ ବଡ଼ବାବୁ ଆପଣଙ୍କୁ ଫୋନ୍ କରିଥିଲେ, ଆପଣଙ୍କ ଫୋନ୍ ଲାଗିଲାନି ବୋଲି ମୋତେ ଫୋନ୍ କରି କହିଲେ ଯେ ଅଫିସରେ ତାଙ୍କ ଚାମ୍ବରରେ ଟେବୁଲ୍ ଡ୍ରୟରରେ କିଛି ଡକ୍ୟୁମେଣ୍ଟ ଅଛି, ସେଇଟା ତୁରନ୍ତ ତାଙ୍କୁ ପଠାଇବାକୁ ପଡ଼ିବ । ରମେଶ ହୁଁ ବୋଲି କହି ତରବରରେ ପ୍ରସ୍ତୁତ ହୋଇ ଘରୁ ବାହାରୁଥିବା ବେଳେ ଜୟନ୍ତୀ ଉଠି ସାରିଥିଲା । ରମେଶ କହିଲା, ମୁଁ ଟିକେ ଅଫିସ ଯାଇ ଆସୁଛି । ଜୟନ୍ତୀ କିଛି ବୁଝି ପାରୁନଥିଲା, ରମେଶ କହିଲା ମୁଁ ଫେରିଲେ ସବୁ ବୁଝେଇ ଦେବି ।

ଅଫିସରେ ପହଞ୍ଚିବା ପରେ ଘନ କହିଲା, ସାର୍ ଚାବି ଦିଅନ୍ତୁ । ଅଫିସ ଖୋଲିବା ।

- ଚାବି ? ରମେଶ ଭୁଲି ଯାଇଥିଲା ଯେ ଚାବି ସେ ଘରେ ଛାଡ଼ି ଦେଇ ଆସିଛି । ପୁଣିଥରେ ଘରକୁ ଆସିଲା ଆଉ ଚାବି ଧରି ବାହାରିଲା । ଏ ସବୁ କାମ କରିବା ଭିତରେ ସକାଳ ସାଢ଼େ ସାତ ହୋଇଗଲାଣି । ବଡ଼ବାବୁ କାଳେ କହିଥିଲେ ଯେ ସକାଳ ଆଠଟା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପୂର୍ବରୁ ସେ ଡକ୍ୟୁମେଣ୍ଟ୍ ପଠାଇବାକୁ ପଡ଼ିବ ।

ଚାବି ଖୋଲି ସେମାନେ ଅଫିସ ଭିତରକୁ ପଶିଲେ । ବଡ଼ବାବୁଙ୍କ ଚାମ୍ବରର ଟେବୁଲ୍ ଡ୍ରୟର୍ ଖୋଲି ଡକ୍ୟୁମେଣ୍ଟ୍ ଖୋଜିଲେ । ବଡ଼ବାବୁଙ୍କୁ ଅଫିସ ଫୋନରୁ କଲ୍ କରାଗଲା । ବଡ଼ବାବୁ ଫୋନ୍ ଧରିବା ପରେ କେଉଁ ଡକ୍ୟୁମେଣ୍ଟ୍ ଦରକାର କହିଦେଲେ । ସାଙ୍ଗେ ସାଙ୍ଗେ ସେଇ ଡକ୍ୟୁମେଣ୍ଟ୍ ସ୍କାନ୍ କରିଦେଇ ଇମେଲ୍ ଦ୍ୱାରା ପଠାଇ ଦିଆଗଲା । ରମେଶ୍ ଏ ସବୁ କାମ କରୁଥିବା ବେଳେ ଘନ କୁଆଡ଼େ ଚାଲି ଯାଇଥିଲା । କାମ ପ୍ରାୟ ସରି ଆସିବା ବେଳକୁ ଘନ ଚା ଧରି ଆସିଲା ।

ସେଇ ଅଫିସରେ ବସି ଚା ପିଉ ପିଉ ଘନ କହିଲା, "ବୁଝିଲେ ସାର୍ । ଆଜି ଆପଣ ନ ଥିଲେ ବଡ଼ବାବୁଙ୍କ ଚାକିରୀ ପଳେଇ ଥାଆନ୍ତା ।"

ରମେଶ ପଚାରିଲା, କେମିତି ?

ଦେଖୁନାହାନ୍ତି । ଭୁବନେଶ୍ୱର ମିଟିଂକୁ ଯାଉଛନ୍ତି ଆଉ ଜରୂରୀ କାଗଜ ନେବା ଭୁଲି ଯାଉଛନ୍ତି । ଇୟେ କି କଥା । ଭାବନ୍ତୁ ଆପଣ ନଥାନ୍ତେ, ତା'ହେଲେ ?

ତା'ହେଲେ ଆଉ କିଏ ଥାଆନ୍ତା । କାମ ହେଉଥାନ୍ତା ।

ସେମାନେ ଚା ପିଉଥିବା ବେଳେ ହିଁ ଅଫିସର ଫୋନ୍ ବାଜିଲା । ନିଶ୍ଚୟ ବଡ଼ବାବୁ ହିଁ ହୋଇଥିବେ । ରମେଶ ଫୋନ୍ ଉଠେଇବା ପରେ, କିଛି ସମୟ କଥା ହୋଇ ଫୋନ୍ ରଖିଦେଲା । ଘନ କହିଲା, କଣ ହେଲା ସାର ? ରମେଶ କହିଲା, ବଡ଼ବାବୁଙ୍କୁ ପଦୋନ୍ନତି ମିଳିଗଲା । ସେ ଏବେ ଜଏଣ୍ଟ୍ ସେକ୍ରେଟାରୀ ହେବେ ।

ଘନ କହିଲା, ଯା ହଉ, ଏତେ ବର୍ଷର ତପସ୍ୟାର ଫଳ ମିଳିଲା । ନହେଲେ ବଡ଼ବାବୁଙ୍କ ଭଳି ଭଦ୍ରଲୋକ ମିଳିବା ଭାରି କଷ୍ଟ ।

ରମେଶ କହିଲା, ବଡ଼ ଖୁସିର୍ କଥା । ମୁଁ ଯାହାଙ୍କ ଅଧୀନରେ ରହି ଏତେ ବର୍ଷ କାମ କରିଲି ସେ ଏବେ ସରକାରରେ ଜଏଣ୍ଟ୍ ସେକ୍ରେଟାରୀ ହେବେ । ହଉ ଚାଲ ଘରକୁ ଯିବା ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସେମାନେ ଉଠିଲେ ଆଉ ଅଫିସ ଚାବି ବନ୍ଦ କରିଦେଇ ବାହାରିବା ବେଳକୁ ଘନ କହିଲା, ହେଲେ ସାର୍, ଯଦି ବଡ଼ବାବୁ ପ୍ରମୋସନ୍ ପାଇ ଚାଲିଯିବେ, ଅଫିସ ସମ୍ଭାଳିବ କିଏ ? ରମେଶ ଖାମଖିଆଲି ଭାବରେ କହିଲା, ସରକାର୍ ଯାହାକୁ ଦାୟିତ୍ୱ ଦେବେ ସିଏ । ଘନ କହିଲା, ସେମିତି ଦେଖିଲେ ଏଇ ଅଫିସରେ ବଡ଼ବାବୁଙ୍କ ପରେ ସବୁଠୁ ବଡ଼ ହଉଛନ୍ତି ଆପଣ । ତା'ହେଲେ ଏବେ ବଡ଼ବାବୁ ଆପଣ ହେବେ ।

ରମେଶ ମନେ ମନେ ଭାବିଲା ଆରେ କଥା ତ ଠିକ୍ । ହେଲେ ଯେତେବେଳ ଯାଏଁ ସରକାରୀ ନିର୍ଦ୍ଦେଶନାମା ମିଳିନାହିଁ, ସେ ନିଜକୁ ବଡ଼ବାବୁ ବୋଲି କୁହାଇବ କେମିତି ? ମନେ ମନେ ଭାବୁଥିଲା, ଘନର ତୁଣ୍ଡ ସୁତୁଣ୍ଡ ହେଉ ।

କ୍ରମଶଃ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମୁଁ ଯାଯାବର

ଦେବାଶିଷ ମାଇତି

ମଣିଷ ଜୀବନ ଦୂର୍ଲଭ ଜୀବନ, ଜଣେ ବତାଏ, ଜଣେ ସଜାଏ, କିନ୍ତୁ ଅନ୍ୟ ଜଣେ ଉପଭୋଗ କରେ...। କେତେ ଅଜବ ନା..... ! ଗୋଟେ ଲୋକ ଜୀବନ କାଳରେ ଯାହା ବି ରୋଜଗାର କରେ ସେଥିରୁ କିଛି ଉପଭୋଗ କରେ, ବାକି ପର ପିଢ଼ି ପାଇଁ ରଖିଦିଏ, ଆଉ ପର ପିଢ଼ିର ଛୁଆଟି ଭାଗ୍ୟରେ ଥିଲେ ଉପଭୋଗ କରେ ନ ହେଲେ ଅନ୍ୟ କେହି ସେ ଟଙ୍କା ସଂପତ୍ତିରେ ଚଳେ, ଏମିତି କିଛି ଲୋକ ଦୁନିଆରେ ଆଜି ଅଛନ୍ତି, ଯେଉଁଠି ସବୁ ଥାଇ ଟିକେ ବି ଶାନ୍ତିରେ ବଞ୍ଚି ପାରନ୍ତି ନାହିଁ, ଆଉ ଯାଯାବର ଭଳି ଇଆଡେ ସିଆଡେ ଘୁରି ବୁଲନ୍ତି...। ବ୍ୟାଙ୍କ୍ ରେ ଚାକିରି କରନ୍ତି ଖଟୁଆ ସାର୍..., ସକାଳ ୯.୦ ରେ ଅଫିସ୍ ପୁଣି ସନ୍ଧ୍ୟା ୭.୦ ରେ ଘର ... ଧାଁ ଦୌଡ଼.... ହେସ୍ କଣ ଏତେ ସବୁଦିନ... ଯେଉଁ ରବିବାର ମିଳୁଛି ବାକ୍ୟା କାର୍ଯ୍ୟ... ଜୀବନରେ କଣ ଶାନ୍ତି ଟିକେ ନାହିଁ... ବସିକି ଦୁଃଖ ସୁଖ ବାଣ୍ଟିବା, ଭଜନ କୀର୍ତ୍ତନ କରିବା... କିଛି ନାହିଁ..., ଦିନେ କାମ ସାରି ଯେତେବେଳେ ଦି ପ୍ରହରେ ଖାଇ ବସନ୍ତି, ସାଙ୍ଗସାଥୀ ମେଳେ.. ଶ୍ୟାମବନ୍ଧୁ କହୁଛି..., ହେସ ଭାଇ ମୁଁ ଚାକିରି ଛାଡ଼ି ପଳେଇବି.. ଯେତେ ଖଟିଲେ ବି ଘରେ ପଶିଯିବ ଗେରେ ଗେରେ ଡାକିବେ, ଯାହା କଲେ ବି, ଯେତେ ଆଣିଦେଲେ ବି କେହି ସନ୍ତୁଷ୍ଟ ନୁହଁ...। ଖଟୁଆ ସାର୍... ବାବୁର ଦରମା ତ ଟ ୧.୫୦ ଲକ୍ଷ... ଅସୁବିଧା କୋଉଠି...? ଛାଡ଼ ଏଠୁ ଚାଲ, ଉତ୍ତର ନାହିଁ...। ଅଫିସ୍ ସାରିଲା ପରେ ରାସ୍ତାରେ ଟିକେ ଚାହା ଦୋକାନରେ ବସିଗଲି..। ଓକିଲ ବାବୁ... କଣ ସାର୍.. ! ଅଫିସ୍ ରୁ ଆସିଲେ...? ବସନ୍ତୁ ଘରକୁ ଡେରିରେ ଯିବା ଗପ ସପ ହେବା..। ମୁଁ ତ ସବୁଦିନେ ରାତି ୯.୦ରେ ଯାଏ, ନ ହେଲେ ଘର ପହଞ୍ଚିଲେ ବାପା ମା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଦୁଇଜଣ ଏଇଟା ହେଲାନି ସେଇଟା ହେଲାନି..., ସେଠି ଗଛ ମରିଗଲା, ତାଙ୍କ ଘରକୁ ଭାର ଗଲାନି, ସେଠି କାମ ସରିଲାନି, ଆଉ ସ୍ତ୍ରୀ କଥା ନ କହିଲେ ଭଲ ମୁଁହଟାକୁ ମୁଢ଼ି ଭଜା ହାଣ୍ଡି ଭଳି କରିଥିବ ... ସେଥିଲାଗି ଶାନ୍ତି ନାହିଁ.... , ଖଟୁଆ ସାର୍ ସବୁ ବୁଝିଗଲେ, କିଛି ସମୟ ପରେ ଚାହା ପିଇ ସାରି ଚାଲ ଆଗକୁ ବଢିବା...। ତା ପରଦିନ ରବିବାର ଥାଏ ଏକା ବୁଲୁ ବୁଲୁ ନଜର ପଡିଗଲା ଅନାଥଆଶ୍ରମ ଉପରେ ଚାଲିଗଲି ମାଲିକ ସଙ୍ଗେ ଦେଖା ହୁଏ, ଜାଣିଛ ବାବୁ ମୋତେ ଆଉ ପିଲାମାନଙ୍କ କଥା ବୁଝିବାକୁ ଭଲ ଲାଗୁନି, ସମସ୍ତେ ଅବୁଝା ହେଲେଣି କେତେ ବୁଝେଇବି ବିରକ୍ତ ଲାଗିଲାଣି... ଶାନ୍ତି ବୋଲି ସବୁ ଚାଲିଗଲା ଯଦି ବି ପିଲା ବୁଝୁଛନ୍ତି, ବାହାର ଲୋକ ମତେ ଦୁନିଆ କଥା କହୁଛନ୍ତି ମୁଁ କାଳେ ସରକାର ପାଖରୁ ବହୁତ୍ ଟଙ୍କା ପିଲାଙ୍କ ନାମରେ ରୋଜଗାର କରୁଛି.. ଏତେ ଅପବାଦ ମୋର ଦରକାର୍ ନାହିଁ..। ଖଟୁଆ ସାର୍... ହଉ ଆଜ୍ଞା ମୁଁ ଆସିଲି.. ସବୁଠୁ ଆଶ୍ଚର୍ଯ୍ୟର କଥା କିଛି ବୁଝିବା ଆଗରୁ ତାଙ୍କୁ ଉତ୍ତର ମିଳିଯାଉଛି..। ଶେଷରେ ବୁଲି ବୁଲି ଘରୁ ବିଦେଶକୁ ଚାଲିଗଲେ.. ବର୍ଷ ବିତିଗଲା..., ନୂଆ ବର୍ଷ ପ୍ରଥମ ଦିନରେ ଯାଇ ସମୁଦ୍ର କୂଳରେ ବସିଗଲେ ଥକା ମାରି...,ଟିକେ ଆରାମ ଅନୁଭବ ଲାଗିଲା..। ବିଚଳିତ ପ୍ରଶ୍ନ ଜୀବନରେ ଶାନ୍ତିରେ କିଏ ଅଛି.. ? ବସିକି ସମୁଦ୍ରକୁ ଟେକା ଫିଙ୍ଗା ଆରମ୍ଭ କଲେ.., କିଛି ସମୟ ପରେ ଦେଖନ୍ତି, ପାଣି ଆଉ କୂଳରେ ନାହିଁ.., ଗର୍ଜନ ଆଉ ନାହିଁ ଟେକା ସବୁ କୁଢ଼ ହୋଇ ସାରିଲାଣି..। ମନରେ ପ୍ରଶ୍ନ ସମୁଦ୍ର ବି କଣ ସ୍ଥିର ନୁହ କି, ସେ ବି ଅଶାନ୍ତିରେ ଅଛି, ସବୁବେଳେ ଦିଗ ବଦଳାଉଚି, ସେଠୁ ଉଠି ଚାଲିଗଲେ ପୁଣି ବହୁତ୍ ଦୂରକୁ, ଗୋଟେ ପାହାଡ଼ ଉପରେ ଚଢ଼ିଗଲେ ସେଠି ଯାଇ ଦେଖନ୍ତି, କିଛି ପକ୍ଷୀ ଉଡ଼ି ଆସି ଗଛ ଡାଳରେ ବସନ୍ତି, ଆଉ କ୍ଷଣିକ ମାତ୍ର କିଚିରି ମିଚିରି ହୋଇ ଉଡ଼ି ଯାଆନ୍ତି, କାହିଁକି ନା ଡାଳରେ ସାପ ବସା ବାନ୍ଧି ରହି ସାରିଛି..। ମନରେ ପ୍ରଶ୍ନ ବହୁତ୍ ଦୂରରୁ ପକ୍ଷୀମାନେ ଉଡ଼ି ଆସି ଥକାରେ ବସିଗଲେ, ଟିକେ ସମୟ ହେଲାନି ଭୟରେ ଚାଲିଗଲେ, କଥାରେ ଅଛି ଦୁଃଖ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପରେ ସୁଖ, କିନ୍ତୁ ସୁଖ କେଉଁଠି, ଯଦି ପୁଣି ଆଉ କେଉଁ ଡାଳରେ ଆଉ କେହି ଥିବେ ସେଠୁ ବି ଉଡିବାକୁ ପଡ଼ିବ.. ତାହେଲେ ଶାନ୍ତି କେଉଁଠି... ! ସେଠୁ ସେ ନିଜେ ଚାଲିଗଲେ ମନରେ ଅସରନ୍ତି ପ୍ରଶ୍ନ ନେଇ..। ଶାନ୍ତିରେ କିଏ ଅଛି କେଉଁଠି ଅଛି..? ଟଙ୍କା ଅଛି, ଘର ଅଛି, ଗାଡ଼ି ଅଛି.. ଭଲ ଖାଇବା ଅଛି... ତଥାପି ଅଶାନ୍ତି କଣ ପାଇଁ...? କିଛି ଲୋକ ଧନ ରତ୍ନ ରଖି ଶାନ୍ତି ଅନୁଭବ କରନ୍ତି, କିଛି ଜମି ଜାଗା କରି ଶାନ୍ତି ଅନୁଭବ କରନ୍ତି, ଆଉ କିଛି ଭଗବାନ ନାମ ଜପରେ ଶାନ୍ତି ଦେଖନ୍ତି, ଆଉ କେତେଜଣ ଧାଆଁ ଦୌଡ଼ରେ ପରିବାରକୁ ସମୟ ଦେଇ ପାରନ୍ତି ନାହିଁ ଏପରି କି ଯଦି ପରିବାରରେ କାହାର ମୃତ୍ୟୁ ହେଇଯାଏ ଠିକ୍ ସମୟରେ ପହଞ୍ଚି ପାରନ୍ତି ନାହିଁ...ସେଥିରେ କଣ ସେମାନେ ଶାନ୍ତି.. ! ହେଲେ ସେଇ ଲୋକ କିଏ ଯାହାକୁ ପଚାରିଲେ କହିବେ ହଁ ମୁଁ ଶାନ୍ତିରେ ଅଛି...। ଶେଷରେ ଖଟୁଆ ସାର୍ ମନ୍ଦିର ପହଞ୍ଚିଗଲେ, ପ୍ରଭୁ..! କଣ ଏ ଜଗତରେ କର୍ମ ହିଁ ଶାନ୍ତି କି..? ଆଉ କିଛି ନାହିଁ, କିଛି ସମୟ ପରେ ସିଧା ମନ୍ଦିର ଛାଡ଼ି ଚାଲିଗଲେ, ଗୋଟେ ଯାଯାବର ହୋଇ ଜୀବନ ତାଙ୍କୁ ଏମିତି ଜାଗାକୁ ନେଇଗଲା.. ନା ସେ ଆଉ ଘରକୁ ଫେରିଲେ ନା ତାଙ୍କର କିଛି ଖବର ମିଳିଲା.. !

ଅତଏବ ଆପଣ ସଫଳ ପୁରୁଷ ହୁଅନ୍ତୁ କି ସଫଳ ନାରୀ ,ଆପଣ କୋଟିପତି ମାଲିକ ହୁଅନ୍ତୁ କି ମାଲିକାଣୀ ଜୀବନ ବଞ୍ଚିବାଶୈଳୀ ସହ କିଛି ସମ୍ପର୍କ ନଥାଏ, ଯଦି ଆପଣ ନିଜେ ଶାନ୍ତିରେ ଠିକ୍ ସେ ଶୋଇ ପାରନ୍ତି ନାହିଁ । ଜୀବନ ଯୁଦ୍ଧରେ ପଛେ ହାରି ଯାଆନ୍ତୁ, ହାରି ଯାଇ ମଧ୍ୟ ସର୍ବଶେଷରେ ଯଦି ଆପଣ ଦୁଇ ବେଳା ପେଟକୁ ଦାନା ନେଇ ଶାନ୍ତିର ଗୋଟେ ରାତି ବିନା କିଛି ଚିନ୍ତାରେ ଶୋଇପାରନ୍ତି, ତାହେଲେ ବୁଝି ଯାଆନ୍ତୁ ଆପଣ ଜୀବନ ଠିକ୍ ଅତିବାହିତ କରୁଛନ୍ତି.. ଆପଣ ସବୁଠୁ ସମାଜ ରେ ଧନ୍ୟ ମଣିଷ ...।

ସହିଦ୍ ଇରମ, ବାସୁଦେବପୁର ଭଦ୍ରଖ..।
ମୋ: ୯୮୫୩୫୫୬୩୦୪

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କର୍ମଫଳ, ଭାଗ୍ୟ ଓ କୃତଜ୍ଞତା

ଅରୁଣ କୁମାର ଦାସ

ସେଦିନ ଥାଏ ରବିବାର । ସାପ୍ତାହିକ ହାଟକୁ ଯାଇଥାଏ ପରିବା ପାଇଁ । ହଠାତ୍ ଜଣେ ଅଭିଭାବକ ଦେଖା ହେଲେ । ନମସ୍କାର, ଆଜ୍ଞା, ଚିହ୍ନି ପାରୁଛନ୍ତି । କି କଥା ମୁଁ ପୁଣି ଚିହ୍ନି ପାରିବିନି ଉତ୍ତର ଦେଲି । ତାଙ୍କ ପୁଅ ମୋର ଛାତ୍ର ଥିଲା । ପାଠ ମଧ୍ୟମ ଧରଣର । କିନ୍ତୁ ବ୍ୟବହାର ମାର୍ଜିତ । ଶାନ୍ତ ଶିଷ୍ଟ ପିଲା । କାହା ସଙ୍ଗେ ପାଟିତୁଣ୍ଡ ନାହିଁ ।

ପିଲାଟିର ଛବି ମନରେ ଚାଲି ଆସିଲା । ଶ୍ରେଣୀରେ ଚୁପଚାପ୍ ବସି ପାଠ ପଢୁଥିବ । ପିଲାଟିର ନାମ ଥିଲା ଶଶାଙ୍କ ଶେଖର । ଆଜ୍ଞାଧୀନ । ଗୁରୁଙ୍କ କଥା କେବେ ଟାଳିଦିଏ ନାହିଁ । ବାପା ମା ପିଲାଟିର କଥା ବାଟରେ ଦେଖା ହେଲେ ପଚାରିବାକୁ ଭୂଲନ୍ତି ନାହିଁ । କୌଣସି ଦିନ ସେ ଶ୍ରେଣୀରେ ବିଶୃଙ୍ଖଳା କରି ନାହିଁ । ଆଜିର ସମୟରେ ସେ ଭଳି ପିଲା ପାଇବା ଅତି କଷ୍ଟ । ପିଲାଙ୍କୁ ପଦେ କହିବାକୁ ସାହାସ ନାହିଁ । କିଛି ଛାତ୍ର ମୁହେଁ ମୁହେଁ ଜବାବ୍ ଦେବା ପାଇଁ ପଛଉ ନାହାଁନ୍ତି ।

ଯାହା ହେଉ, ପିଲାଟି ମୋର କୂଳରେ ଲାଗିଗଲା । ଦି ପଇସା ରୋଜଗାର କରୁଛି । ଉଚ୍ଚଶିକ୍ଷା ପାଇଁ ଆଗ୍ରହୀ ଅଛି । କେବଳ ଆପଣଙ୍କ ଯୋଗୁ ସମ୍ଭବ ହୋଇପାରିଛି ବୋଲି ସେ ସ୍ୱୀକାର କରିଥିଲେ । ଏଭଳି ଛାତ୍ର ଓ ଅଭିଭାବକ ପାଇ ମୁଁ ଧନ୍ୟ ମଣିଲି । ଏ ଯୁଗରେ ଆଜି ବି ମାନବିକତା ବଞ୍ଚିଛି ।

ଠାକୁରା, ପୁରୁଣା ଜଉଳମାଳ, ଧର୍ମଶାଳା, ଯାଜପୁର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଶାମୁକା ମୋତି ଓ ବାଲି ରାଜା

ଆଶୁତୋଷ ମେହେର

ସମୁଦ୍ର କୂଳରେ ମୋତି ନାମକ ଏକ ଛୋଟ ଶାମୁକା ରହୁଥିଲା । ତାର ପ୍ରିୟ ସାଙ୍ଗ ଥିଲା ମାଣିକ ଶାମୁକା । ସମୁଦ୍ରକୂଳ ବାଲିରେ ସେ ଦୁହେଁ ସାଙ୍ଗସାଥୀମାନଙ୍କ ସହ ନିତି ସକାଳର ଉଦୁଉଦିଆ ଖରାରେ ଖେଳୁଥିଲେ ଓ ପରେ ଦେହରେ ଲାଖିଥିବା ବାଲି ସବୁ ଧୋଇବାକୁ ସମୁଦ୍ରର ନୀଳ ଜଳରେ ମନଭରି ଗାଧୋଉଥିଲେ । ମୋତି ଓ ମାଣିକ ଦୁହିଁଙ୍କର ଖୋଳ ଥିଲା ସୁନା ରଙ୍ଗର ଚକମକିଆ, କିନ୍ତୁ ସେମାନେ ନିଜକୁ ସାଧାରଣ ମନେ କରୁଥିଲେ ଓ ଅନ୍ୟ ସମସ୍ତ ଶାମୁକାଙ୍କ ସହ ମିଶୁଥିଲେ । ସାଙ୍ଗ ମାନଙ୍କ କଥାରୁ ସେଦୁହେଁ ଜାଣିପାରିଥିଲେ ଯେ ନୀଳ ସମୁଦ୍ର ତଳେ ବାଲି ରାଜା ନାମରେ ଜଣେ ଶକ୍ତିଶାଳୀ ରାଜା ରହୁଥିଲେ, ଯିଏ ସମୁଦ୍ରର ସମସ୍ତ ଜୀବଙ୍କୁ ଶାସନ କରୁଥିଲେ । ସେଇଠି ଥିଲା ତାଙ୍କର ଗୋଟାଏ ସୁନ୍ଦର ରାଜପ୍ରାସାଦ ।

ଦିନେ ସମସ୍ତଙ୍କ ମଧ୍ୟରେ ଚହଳ ପଡିଗଲା ଯେ, ବାଲି ରାଜାଙ୍କ ମହଲରୁ ରାଣୀମାଁଙ୍କ ମୁକୁତା ହାର ଚୋରୀ ହୋଇଯାଇଛି । ରାଜା ସବୁଆଡେ ଲୋକ ପଠାଇଛନ୍ତି ସେ ହାରକୁ ଖୋଜି ଉଦ୍ଧାର କରିବାକୁ । ବହୁତ ଖୋଜାଖୋଜି ପରେ କିଛି ଭି ସନ୍ଧାନ ମିଳିଲା ନାହିଁ । ରାଜା ଡେଙ୍ଗୁରା ପିଟେଇ ଘୋଷଣା କଲେ, ଯିଏ ହାର ଖୋଜି ଆଣିଦେବ, ତାକୁ ବଡ ପୁରସ୍କାର ମିଳିବ ।

ମୋତି ଓ ମାଣିକ ସମୁଦ୍ର ଭିତରେ ପହଁରି ପହଁରି ଖୋଜିବାକୁ ଲାଗିଗଲେ । ଅନେକ ଦୂରବାଟ ଖୋଜାଖୋଜି ପରେ, ବହୁତ ବାଧାବିଘ୍ନ ପାର କରି, ସେ ଦୁହେଁ ଗଭୀର ସମୁଦ୍ର ତଳ ଏକ ଗୁମ୍ଫା ପାଖରେ ପହଞ୍ଚିଲେ । ସେ ଗୁମ୍ଫାରୁ ବାହାରୁଥିବା ଆଲୁଅର ଚମକରୁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସେମାନେ ଜାଣିଲେ ସେଇ ଗୁମ୍ଫା ଭିତରେ ହିଁ ହାରକୁ କେହି ଜଣେ ଲୁଚାଇରଖିଛି । ଆହୁରି ପାଖକୁ ଯାଇ ଦେଖିଲେ, ଗୁମ୍ଫା ମୁହଁରେ ଏକ ବଡ଼ କଙ୍କଡ଼ା ପହରା ଦେଉଛି ।

ମୋତି ବୁଦ୍ଧି ଖଟାଇ ସେଇଠି ଗୁମ୍ଫା ଆଗରେ ଜଗି ରହିଲା ଓ ତା ସାଙ୍ଗ ମାଣିକ ଶାମୁକାକୁ ଏ ଖବର ରାଜାଙ୍କୁ ଦେବାକୁ ପଠାଇଲା । ମଣିକ ଶାମୁକା ଠୁଁ ଏ ଖବର ପାଇ ବାଲିରାଜା ତାଙ୍କ ସେନାପତିଙ୍କୁ ଆଦେଶ ଦେଲେ । ସେନାପତି ସୈନ୍ୟସାମନ୍ତ ଧରି ଗୁମ୍ଫାରେ ପହଞ୍ଚି, ଦୁଷ୍ଟ କଙ୍କଡାକୁ ବାନ୍ଧି, ହାରକୁ ଉଦ୍ଧାର କଲେ । ବାଲିରାଜାଙ୍କ ଉଆସକୁ ସେ ହାର ଫେରି ଆସିଲା । ଖୁସିର ମାହୋଲ ଖେଳିଗଲା ।

ବାଲି ରାଜା ମୋତି ଓ ମାଣିକ ଶାମୁକା ଦୁହିଁଙ୍କ ସାହସ ଓ ବୁଦ୍ଧିରେ ଖୁସି ହୋଇ ଦୁହିଁଙ୍କୁ "ସମୁଦ୍ରର ବୀର" ଉପାଧି ଦେଲେ ଓ ଟଙ୍କାସୁନା ପୁରସ୍କାର ଦେଲେ । ମୋତି ଓ ମାଣିକ ଶାମୁକାର କାର୍ଯ୍ୟ ଦେଖି ତାଙ୍କ ଜାତି ଭାଇ ବହୁତ ଖୁସି ହେଲେ ଓ ଉତ୍ସବ ମନାଇଲେ । ସେମାନେ ସମସ୍ତଙ୍କୁ ଶିକ୍ଷା ମିଳିଲା ଯେ ଛୋଟ ହେଲେ ବି ସାହସ ଓ ବୁଦ୍ଧି ଅମୂଲ୍ୟ ଓ ତାକୁ ପ୍ରୟୋଗକରି ଜୀବନରେ ପୁରସ୍କାର ମିଳିବ, ସମ୍ମାନ ମଧ୍ୟ ମିଳିବ ।

୫୪ ଆର୍ଯ୍ୟପଲ୍ଲୀ
କିଟଛକ ପଟିଆ ଭୁବନେଶ୍ୱର ୭୫୧୦୨୪
ଦୂରଭାଷ ୯୪୩୭୦୮୫୩୯୬

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଅଦୃଶ୍ୟ ଛାୟା

ଭବାନୀ ଶଙ୍କର ଦାଶ

ଏ ସଂସାରରେ ଜୀବନ ଅତିବାହିତ କରିବାକୁ ହେଲେ ଗୋଟିଏ ସ୍ତ୍ରୀ ପାଇଁ ତା ସ୍ୱାମୀର ସାଥୀ ହେଇ ଚାଲିବା ନିତ୍ୟାନ୍ତ ଆବଶ୍ୟକ । ସ୍ୱାମୀ ବିନା ସ୍ତ୍ରୀ ନିଜ ଘରକୁ ଚଲାଇବା ବହୁତ କଷ୍ଟ, ବିଭିନ୍ନ କଥା ଶୁଣିବାକୁ ପଡ଼ିଥାଏ । ଏମିତି ଏକ ଉଦାହରଣ ସାଜିଛନ୍ତି ରାଜଧାନୀର ଏକ ଗୃହିଣୀ ସରିତା । କୁହୁଡ଼ି ଗ୍ରାମର ସରିତା ହାତ ଧରି ବାହାହୋଇଥିଲେ ଭୁବନେଶ୍ୱରର ସୁଧୀରଙ୍କୁ । ପେଶାରେ ସୁଧିର ଜଣେ ପ୍ରାଇଭେଟ୍ କମ୍ପାନୀରେ ଚାକିରି କରନ୍ତି । ସୁଧିର ଭାରି ଭଲ ପିଲା କହିବାକୁ ଗଲେ କେହି ନାହିଁ ବିଧବା ମା ଆଉ ସେ । ନିଜର ବୋଲି ଘର ନାହିଁ, ଏବେ ୨ବର୍ଷ ହେଲା ପୁନେ ସହରରେ ଚାକିରି ପାଇଛି ମାଆଙ୍କୁ ନେଇ ସେଠି ଅଛି । ମାଆଙ୍କର ସମ୍ପର୍କୀୟରେ ବାହାଘର ସରିଛି, ନିଜ ସ୍ତ୍ରୀକୁ ନେଇ ପୁନେ ଚାଲିଆସିଛି ।

ସୁଧିରର ଏକ ଭଲସାଙ୍ଗ ଅକ୍ଷୟ ଯିଏ ଜଣେ ଡକ୍ଟର ପୁନେର ଘରୋଇ ହସ୍ପିଟାଲରେ । ବାହାହେଲା ପରେ ସେଇ ଘରକୁ ଯିବା ଆସିବା କରେ । ବାହାଘର ୮ବର୍ଷ ପରେ । କହିବାକୁ ଗଲେ ଯାଆଁଳା ଛୁଆ ସହିତ ବହୁତ ଖୁସିରେ ରହୁଥିଲା, ସୁଖଦୁଃଖରେ ଅକ୍ଷୟ ପାଖେ ପାଖେ ଥାଏ । ସମୟର ଖେଳ ଆଗରେ ମଣିଷ ସବୁବେଳେ ମୁଣ୍ଡ ନୁଆଏ । ସେମିତି ଘଟିଗଲା ସୁଧୀର ସହ । ଅଫିସରୁ ଆସିଲା ବେଳେ ଗାଡିପଛରୁ ବସର ଧକା ହେଇଗଲା ସେ ଯାଇ ବାଡେଇ ହୋଇଗଲା ଗୋଟେ କାନ୍ଥରେ । ତାକୁ ନିକଟସ୍ଥ ଅକ୍ଷୟର ହସ୍ପିଟାଲ୍ କୁ ନେଇଗଲେ । ସେଠି ଚିକିତ୍ସା ପରେ ଜଣା ପଡିଲା ସେ କୋମାରେ । ଦୁଇ ତିନି ମାସ ଆଇସିୟୁରେ ରହିଲା ପରେ ସେ ହୋସକୁ ଆସିଲା କିନ୍ତୁ କାହାକୁ ଚିହ୍ନି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପାରିଲାନି, ସାଧାରଣ ଜିନିଷ ତାକୁ ଶିଖେଇଲେ ସେ ଧରିପାରିଲା ନାହିଁ । ଡକ୍ଟର ମାନେ କହିଲେ ଆକୁ ପୂର୍ବ ଅବସ୍ଥାକୁ ଆଣିବା ପାଇଁ ହେଲେ କିଛି ଚମତ୍କାର ହେବାକୁ ହେବ । ଏତିକି ଭିତରେ ତାର ସମସ୍ତ ଇନ୍‌ସୁରନ୍‌ସ, ସଂଚୟ ସବୁ ସରିଗଲାଣି ସାଙ୍ଗ ସାଥି ସାହାଯ୍ୟ କରିଛନ୍ତି ସେଗୁଡ଼ାକ ମଧ୍ୟ ସରିଗଲାଣି । କହିବାକୁ ଗଲେ ଏକଦମ୍ ଖାଇବାକୁ ଟଙ୍କା ନାହିଁ । ଡକ୍ଟର ଅକ୍ଷୟ ସାହାଯ୍ୟ ଯୋଗୁ ସେମାନେ ଅଛନ୍ତି । ଏତିକି ଭିତରେ ହଟାତ ନିଦରୁ ଉଠିଲା ପରେ ସୁଧୀରର ପୂର୍ବ କଥା ମନେ ପଡ଼ିଲା କିନ୍ତୁ ସେ ଦେଖିଲା ତାଙ୍କ ମା ଆଉ ସ୍ତ୍ରୀ ଏବଂ ଅକ୍ଷୟ କଥା ହେଉଛନ୍ତି ଆଉ କିଛି ଟଙ୍କା ନାହିଁ ହସ୍ପିଟାଲ୍ ରେ ଆଉ ନ ରଖି ଗାଁକୁ ନେଇଯିବୁ । ଏଠି ଚଳିବା ଭାରି କଷ୍ଟ ହେଲାନି । ଏ କଥା ଶୁଣି ସେ ଆଉ କିଛି ନ କହି ରହିଗଲା । ତାର ମାନସିକ ସ୍ଥିତି ପୁଣି ଖରାପ ହେଇଗଲା ଭାବିଲା କଣ ହେଇଗଲା ତା ଦେହ ଖରାପ ହେଇ ।

ଡକ୍ଟର ଅକ୍ଷୟଙ୍କର ଚିହ୍ନା ବୋଲି ଷ୍ଟାଫ୍ ଷ୍ଟ୍ରିକ ହେଉନଥିଲେ, ଦିନେ ହସ୍ପିଟାଲ୍ ୱାର୍ଡରୁ ସୁଧୀର ଉଠି ଚାଲିଆସିଲେ ରୋଡ ଉପରକୁ । ଭାଗ୍ୟର ବିଡମ୍ବନା ଦେଖ ସେଇ ହସ୍ପିଟାଲ୍ ର ମାନସିକରୋଗୀ ବିଭାଗରୁ ଗୋଟେ ରୋଗୀ ଦଉଡ଼ି ଆସି ଗାଡ଼ିରେ ବାଡେଇ ହୋଇଗଲା, ସେ ଆସିବାର କେହି ଦେଖିନାହାନ୍ତି କିନ୍ତୁ ସୁଧିର ଆସିବାର ସମସ୍ତେ ଦେଖିଛନ୍ତି । ଲୋକମାନଙ୍କର ଭିଡ ଲାଗିଗଲା ସେତିକି ଭିତରେ ସେ ଅନ୍ୟ ଆଡ଼େ ଚାଲିଗଲା । ମାନସିକ ରୋଗୀକୁ ଏମିତି ଗାଡ଼ି ମାଡିଥିଲା ତାକୁ ଚିହ୍ନିବା ଭାରିକଷ୍ଟ । ସମସ୍ତେ ଭାବିଲେ ସୁଧିର ମରିଗଲା ସିସିଟିଭିରେ ଦେଖାଯାଉଥିଲା ସୁଧୀର ଗାଡ଼ି ପାଖକୁ ଆସିବାର, ସମସ୍ତେ ଡକ୍ଟର ଅକ୍ଷୟକୁ ଡାକ ଛାଡ଼ିଲେ, ଅକ୍ଷୟ ଆସି ଦେଖିଲା ସେ ମଧ୍ୟ ଗ୍ରହଣ କରିବା ଛଡା କିଛି ରାସ୍ତା ନଥିଲା, କିନ୍ତୁ ସେ ପୋଷ୍ଟମଟମରେ ଠିକ୍ ଜାଣିପାରିଲା ଯେ ଇଏ ସୁଧୀର ନାହିଁ, ତାର ମନକୁ ମାରି ଭାବିଲା ଯଦି ଡେଥ ପ୍ରମାଣ ପତ୍ର ମିଳିଯିବ ତାକୁ ବ୍ୟବହାର କରି ଜୀବନ ବୀମା, ଅଫିସର କିଛି ଟଙ୍କା ମିଳିଯିବ ବୋଲି । ଯାହା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଦ୍ୱାରା ସୁଧିରର ଫେମିଲି ଆରାମରେ ଜୀବନ କାଟିବେ । ସବୁ କାମ ସରିଲା ଅକ୍ଷୟର ସାହାଯ୍ୟରେ ସେମାନେ ସବୁ ଟଙ୍କା ମିଳିଲା ସେମାନେ ଭୁବନେଶ୍ୱରକୁ ଫେରିଆସିଲେ ।

ଅକ୍ଷୟର ମନ କିନ୍ତୁ ମାନୁ ନଥାଏ, ସରିତା ଯିବା ପୂର୍ବରୁ ସେ କହିଲା ଭାଉଜ ଯଦି ଆଖେ ପାଖେ କିଏ ପାଗଳ, କିମ୍ବା ବାବାଜୀ ଦେଖାଗଲା ତାକୁ ଅଣଦେଖା କରିବ ନାହିଁ, ମୋର ମନ କାହିଁ ମାନୁନାହିଁ ସୁଧର ମରିଛି ବୋଲି । ଏମିତି ୪ବର୍ଷ ବିତିଗଲା ଦିନେ ଅକ୍ଷୟ ଏବଂ ତାଙ୍କ ସ୍ତ୍ରୀ ବୌଦ୍ଧ ଆଶ୍ରମ ବୁଲିଯାଇଥିଲେ, ହଠାତ ତାଙ୍କ ସ୍ତ୍ରୀଙ୍କର ନଜର ପଡ଼ିଲା ଗୋଟେ ଲୋକ ଉପରେ ଲୀନ ଶରୀର, ମୁଁହରେ ଦାଢ଼ିରେ ଭର୍ତ୍ତି, ତାଙ୍କ ମନ ହେଲା ଯେ ଏଟା ସୁଧିର ବୋଲି ସଙ୍ଗେ ସଙ୍ଗେ ସେ ଅକ୍ଷୟକୁ ଜଣେଇଲେ, ଅକ୍ଷୟ କିଛି ସମୟ ତାକୁ ନିରୀକ୍ଷଣ କଲା ପରେ ସେ ଜାଣିପାରିଲା ସେ ବାୟା ନୁହେଁ ଭଲ ଲୋକ, ଧିରେ ଯାଇ ସେଠି ପାଖରେ ବସିଲା, ନିଜର ଅତି ଆପଣାର ସାଙ୍ଗକୁ ସୁଧିର ଜାଣି ପାରିଲା କିଛି ନ କହି ବସି ରହିଲା, ଅକ୍ଷୟ ପଚାରିଲା ତୁ ଜାଣିଛୁ ନା ନାହିଁ ତୋର ୨ଟା ଛୁଆ, ସ୍ତ୍ରୀ, ମା ଅଛନ୍ତି ବୋଲି, ସୁଧିର ଜାଣିଶୁଣି କିଛି ନକହି ରହିଲା ତାହାର କୌଣସି ପ୍ରତିକ୍ରିୟା ନ ଦେଖିବା ପରେ ନିଜ ସ୍ତ୍ରୀ କି କହିଲା ଚାଲ ଯିବା ଆମେ ଯୋଉ ସୁଧିର ଭାବିଥିଲେ ସିଏ ନାହିଁ ଏଟା କିଏ ଗୋଟେ ଅନ୍ୟ ଲୋକ ।

ଏତିକି କହି ଉଠିବା ପରେ ସୁଧିର ତାର ହାତ ପଛ ପଟରୁ ଧରି କହିଲା ହଁ ମୁଁ ଜାଣିଛି କିନ୍ତୁ ଖୋଜି ପାଉନାହିଁ, ଅକ୍ଷୟ କହିଲା ଯଦି ପାଉନାହିଁ ଥରେ ମୋ ଘରକୁ ଆସି ପଚାରିଲୁନି କାହିଁକି, ମୋର ସାହସ ହେଲା ନାହିଁ ତେଣୁ ତୋତେ ମୁଁ ପଚାରିଲି ନାହିଁ, ତୋତେ କେତେ ଦିନ ନିରୀକ୍ଷଣ କଲି କାଳେ ତୁ ତାଙ୍କୁ ଭେଟିବାକୁ ଯାଉଥିବୁ ବୋଲି କିନ୍ତୁ ଦେଖିଲି ନାହିଁ ତେଣୁ ଧିରେ ପଳେଇ ଆସିଲି । ଭୁବନେଶ୍ୱର ଯାଇଥିଲି, ଶଶୁର ଘର ଗାଁକୁ ଯାଇଥିଲି କୋଠି ହେଲେ ପାଇଲି ନାହିଁ, ପୁଣି ଫେରି ଆସିଲି ।

ଏଇ ୪ବର୍ଷ ଭିତରେ ସରିତା ସଂଘର୍ଷ କରି ଶିକ୍ଷକଟିଏ ହୋଇଛି, ନିଜକୁ କେବେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବିଧବା ବୋଲି ବାହାରେ ଦେଖାଇ ନାହିଁ, ଏଥିରେ ତାର ଶାଶୁମା ମଧ୍ୟ ବରାବର ସାହାଯ୍ୟ କରୁଛନ୍ତି, କାରଣ ପୁନେ ଛାଡ଼ିଲା ବେଳେ ଅକ୍ଷୟ କହିଥିଲା ଭାଉଜ ମୋର ମନ କାହିଁ ମାନୁ ନାହିଁ ସୁଧିର ମରିଛି ବୋଲି କିନ୍ତୁ ତମ ଫାଇନାନ୍ସ ଅବସ୍ଥାକୁ ଦେଖି ଏଇ ମୃତ ପ୍ରମାଣ ପତ୍ର ଦେଉଛି, ଏଇ କଥାକୁ ଆଖି ଆଗରେ ରଖି ସରିତା କେବେ ନିଜକୁ ବିଧବା କରିନାହିଁ କି ନିଜର ଗାଁକୁ ମଧ୍ୟ ଯାଇ ନାହିଁ । ସୁଧିର ନାମ ପରିବର୍ତ୍ତନ କରି ବୌଦ୍ଧ ଆଶ୍ରମରେ ସୁମନ କରିଦେଇଛନ୍ତି । ଅକ୍ଷୟ ତାଙ୍କୁ ଆଣି କିଛି କସମେଟିକ୍ ସର୍ଜରୀ କରି ମୁଁହକୁ ପରିବର୍ତ୍ତନ କରିଲେ କାରଣ ଦୁନିଆ ଆଗରେ, ଇଁସୁରନ୍ସ କମ୍ପାନୀ ଆଗରେ ସୁଧିର ମରିଯାଇଛି, ନୂଆ ନାମ ନୁଆ ପରିଚୟ ପତ୍ରରେ ସେ ବଞ୍ଚିବାକୁ ହେବ ।

ଅକ୍ଷୟ ତାକୁ ଗାଁ କୁ ଆଣିଲା ଏବଂ ସରିତା ଓ ମାକୁ ମିସେଇଲା, ସମାଜକୁ ଦେଖେଇବା ପାଇଁ ପୁଣି ଥରେ ନୂଆ ନାମରେ ରେଜିଷ୍ଟର ବିବାହ କରିଲା । କୌଣସି ଜାଗାରେ ଚାକିରି ନକରି ନିଜର ଗୋଟେ ଛୋଟିଆ କିରାଣୀ ଦୋକାନ କରି ଜୀବନ ଅତିବାହିତ କରିବାକୁ ଆରମ୍ଭ କଲା । କିଛି ଦିନ ପରେ ଡକ୍ଟର ଅକ୍ଷୟ ମଧ ଭୁବନେଶ୍ୱର ଆସିଗଲେ ତାଙ୍କ ଛୁଆ ପିଲାଙ୍କ ସହିତ, ଦୁଇଜଣ ଗୋଟାଏ ଜାଗାରେ ଘର କରି ବସବାସ କଲେ। ଅକ୍ଷୟ ଯିଏ ନିଜର ବ୍ୟସ୍ତବହୁଳ ଜୀବନରେ ଅଦୃଶ୍ୟ ଛାୟା ହେଇ ସୁଧିର ଆଉ ତା ପରିବାରକୁ ସାହାଯ୍ୟ କରି ଆସୁଥିଲେ ।

ଆଜିବି ସଂସାର ରେ ଏମିତି ବହୁତ କମ୍ ଲୋକ ଅଛନ୍ତି ଯୋଉ ମାନେ ଅନ୍ୟର ଖରାପ ସମୟରେ ସାହଯ୍ୟ କରିବା ପାଇଁ ନିଜ ସମସ୍ତ ବଳ ଖର୍ଚ୍ଚ କରିଦିଅନ୍ତି । ତେଣୁ କଥାରେ ଅଛି "ବିଶ୍ୱାସ ଅଛି ବିଶ୍ୱସ୍ତ ଅଛି ଯଦି ସମାଜରେ କେବେ କିଏ କାହାକୁ ଅସୁବିଧାରେ ପକେଇପାରିବନି, ହଁ ଏହା ସତଯେ କିଛି କଷ୍ଟ ଦେଇ ଜୀବନ ଅତିବାହିତ ହେବ ।"

ଗୌରଦେଇପୁର, କୋଦଳା, ଗଞ୍ଜାମ, ଓଡ଼ିଶା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମଲା ମଣିଷ

ରୁଦ୍ରକାନ୍ତ ରାଉତରାୟ

ସମୟର ଗତିଶୀଳତାକୁ ଅନୁଭବ କରିଛି । ହେଲେ ନୀରବତାକୁ ନୁହେଁ । ଦୀନବନ୍ଧୁର ବନ୍ଧୁପଣରେ କେବେ କୃପଣ ଭାବ ନଥିଲା । କେବେ ସେ କାହାଠାରୁ କିଛି ଆଶା କରିନାହିଁ । ନିର୍ଦ୍ୱନ୍ଦରେ ସମସ୍ତଙ୍କୁ ସାହାଯ୍ୟ କରିଛି । ହେଲେ ତାର ନୀରବତା, ମୌନତାକୁ ଦେଖି ପଚାରି ଦେଲି - ଆରେ କ'ଣ ହେଇଛି, ହାଲ୍କା କଣେଇ ଅସ୍ପଷ୍ଟ ଗଳାରେ କହିଲା ମୁଁ ଆଉ ଦୀନବନ୍ଧୁ ନୁହେଁରେ ମୁଁ ୫ବର୍ଷ ହେବ ମରିସାରିଛି, ମୁଁ ଗୋଟେ ଶବ । ! ? ।।ା

ସମୟ ସୁଅରେ ପତରପରି ଭାସି ଚାଲିଥିବା ଦୀନବନ୍ଧୁ ସାହୁ ପିଲାଟି ଦିନରୁ ବାପ ମା'ଙ୍କୁ ହରେଇବା ପରେ ଦାଦା ଖୁଡ଼ିଙ୍କ ସହ ବଡ଼ ହୋଇଛି । ହଁ ଏକଥା ସତ ଦାଦା ଓ ଖୁଡ଼ି ତାଙ୍କୁ ପାଠ ପଢ଼େଇ ତାର ତହସିଲରେ ଏକ ଚତୁର୍ଥ ଶ୍ରେଣୀ କର୍ମଚାରୀ ହେବା ତାଙ୍କ ଦାନ । ହେଲେ ସେ କ'ଣ ଜାଣିଥିଲା ତାର ଚାକିରି ତାକୁ ଜୀବନର ପରିପୃଷ୍ଟ ଅପ୍ରିୟ ସତ୍ୟର ସଙ୍କା ବୁଝେଇଦେବ ବୋଲି ? ଜୀବନର ଅଙ୍କକଷା ଭିତରେ ଫଳାଫଳ ଅତି ଭୟଙ୍କର ଓ ଏମିତି ଭାବରେ ମିଳବ ଯାହାର ଉତ୍ତରରେ ସମାଧାନ ନୁହେଁ, ପ୍ରଶ୍ନ ହିଁ ପ୍ରଶ୍ନ ସୃଷ୍ଟି ହେବ ।

ଦୀନବନ୍ଧୁ ବାପାଙ୍କର ଗୋଟିଏ ମାତ୍ର ସନ୍ତାନ, ବାପା ମା'ଙ୍କ ମୃତ୍ୟୁପରେ ପିଲାଟି ଦିନୁ ଭୁବନେଶ୍ୱରରେ ଦାଦାଙ୍କ ପାଖରେ ରହି ପାଠ ପଢୁଥିଲା । ଗାଁର ଜମିବାଡ଼ି ସବୁ ଦାଦା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବୁଝନ୍ତି, ଦାଦା ଓ ଖୁଡ଼ିଙ୍କର ପିଲାମାନେ ଅର୍ଥାତ୍ ମନୋଜ ଓ ଅଭିଲିପ୍ସା ମଧ୍ୟ ଖୁବ୍ ଭଲ ପଦବୀରେ କାର୍ଯ୍ୟରତ । ଏଇଥର ଦୀନବନ୍ଧୁର ବିବାହ ହୋଇଥାନ୍ତା । ଦାଦାଙ୍କର ମୃତ୍ୟୁପରେ କର୍ତ୍ତବ୍ୟ ପରାୟଣ ଦୀନବନ୍ଧୁ ଖୁଡ଼ିକୁ ନିଜ ମା' ପରି ସ୍ନେହ କରିଆସୁଥିଲା । ଭାଇ ଭଉଣୀଙ୍କୁ ମଧ୍ୟ ଆପଣାର କରି ସେମାନଙ୍କର ପ୍ରତ୍ୟେକ ଅଳି ଅଝଟକୁ ସହି ଯାଉଥିଲା । ହେଲେ ତହସିଲ କାର୍ଯ୍ୟାଳୟରେ ତାଙ୍କ ଜମିର କାଗଜ ପତ୍ର ଅର୍ଥାତ୍ ମ୍ୟୁଟେସନ କେଶ୍ ରେକର୍ଡ ଅର୍ଡର ସିଟ୍‌କୁ ଦେଖି ସେ ଯେବେ ଜାଣିଲା ତାର ଦାଦା ତାଙ୍କ ବଡ଼ ଭାଇ ନିଃ ଅଂଶ ମୃତ ଯାଇଅଛନ୍ତି ଦର୍ଶାଇ ସମସ୍ତ କାଗଜ ପତ୍ରରେ କେବଳ ଦାଦାଙ୍କ ନାମ ଉଲ୍ଲେଖ ଥାଇ ରେକର୍ଡ ହୋଇଛି । ସେତେବେଳେ ଦୀନବନ୍ଧୁ ସାହୁ ପିତା ସ୍ୱର୍ଗତ ପ୍ରଭାକର ସାହୁ ଥିବା ଆଧାର କାର୍ଡ, ବ୍ୟାଙ୍କ ପାସ୍ ବୁକ୍ ସମେତ ସମସ୍ତ କାଗଜକୁ ଧରି ଆଖି ଲୁହକୁ ସେ କାଗଜରେ ଠପ୍ ଠପ୍ କରି ପକାଇ ବାହୁନି କାନ୍ଦୁଥିବା ବେଳେ ଦେଖି ସତରେ ହୃଦୟ ଆନ୍ଦୋଳିତ ହୋଇଥିଲା । ପ୍ରଭାକର ସାହୁଙ୍କର ରକ୍ତ କଣିକାରୁ ଜନ୍ମ ଦୀନବନ୍ଧୁ ତା ହେଲେ କିଏ ? ଖୁଡ଼ିକୁ ଏସବୁ କହି ଲାଭ ନାହିଁ କହି ଆଜି ଆସି ଏକାନ୍ତରେ ବସି ନିଜକୁ ନିଜର ପରିଚୟ ମାଗୁଥାଏ । ସଂସାରର ବିଧି ବାବସ୍ଥାକୁ ଧିକ୍କାର କରି ସମ୍ପର୍କର ମୂଲ୍ୟ ଖୋଜୁଥାଏ ।

ବ୍ୟକ୍ତ, ଅବ୍ୟକ୍ତ ଭିତରେ ଆଉ ଗୋଟିଏ ଶବ୍ଦ ହେଉଛି ନୀରବତା, ତାହା ଦୀନବନ୍ଧୁ ପାଖରେ ଦେଖି ଆଶ୍ଚର୍ଯ୍ୟ ହେଲି, ହସି ଖେଳୁଥିବା ପିଲାଟା ଆଜି ହଠାତ୍ ..... ! ?

ଘଟଣା ଜାଣିବା ପରେ ଦୀନବନ୍ଧୁ ତା ଖୁଡ଼ିକୁ କିମ୍ବା ଭାଇ ଭଉଣୀ ଦୋଷ ନଦେଇ, କେଶ୍ ନକରି ସେ ଘରୁ ପଳେଇ ଆସି ଆଜିକାଲି ସେ ଖାଲି ତହସିଲ କାର୍ଯ୍ୟାଳୟ ତା ପରେ ଭଡ଼ାଘର । ବାସ, କାହା ସହ ମିଶୁନି କିମ୍ବା କାହା ସହ କଥା ହେଉନି, ପୁରା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ନିରବ, ଶାନ୍ତ । ୨ମାସ ପରେ ତାର ବାହାଘର । ପଚାରିଲି ବାହା ହେବା ପରେ ରହିବୁ କେଉଁଠି ? କହିଲା, କିଏ ? ଦୀନବନ୍ଧୁ, ଦୀନବନ୍ଧୁ ପରା ମରିସାରିଛି ? - ଶବର ବିବାହ ଶାସ୍ତ୍ର ସମ୍ମତ ନୁହେଁ । ମୁଁ ଏକ, ପରିଚୟ ହରା ଶବଟିଏ । ମାଟିତଳେ କିମ୍ବା ଅଗ୍ନିରେ ଦଗ୍ଧିଭୂତ ହୋଇନଥିବା ପାର୍ଥିକ ଶରୀର, ଆଶ୍ଚର୍ଯ୍ୟ ଲାଗିଲେ ବି ଏହା ସତ୍ୟ ।

ତା କଥା ଶୁଣି ଭାବିଲି ଦୀନବନ୍ଧୁ ଭଳି ପିଲାର ଚରିତ୍ର, ବ୍ୟବହାର ଏମିତି ବଦଳିଯିବ, କେବେ ସମ୍ଭବ ନଥିଲା । ସମ୍ପର୍କର କଳାଛାଇ ଭିତରେ ବନ୍ଦୀ ବାପା ମା ଛେଉଣ୍ଡ ଦୀନବନ୍ଧୁ ଆଜି ସମ୍ପର୍କ ବାନ୍ଧିବାକୁ ଡ଼ରୁଛି, ଜୀବନକୁ ଜୀଇଁବାକୁ ମାନେ ଖୋଜୁଛି । ପଚାରିଲେ କହୁଛି, "ମୁଁ ଗୋଟେ ଶବ", ଗୋଟେ "ମଲା ମଣିଷ" ।

ଆଡଭୋକେଟ, ଭଦ୍ରକ

ମୋ. ୯୩୪୮୧୮୪୦୫୪

Email- rudrakanta456@gmail.com

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଉଚିତ ଶିକ୍ଷା

ଅଭୟ କୁଣ୍ଡ

ଏକ ବିରାଟ ପାହାଡ଼ର ଦୁଇ ପାର୍ଶ୍ୱରେ ଅଗନା ଅଗନି ବନସ୍ତୁ । ବନସ୍ତୁ ଭିତରେ ଅନେକ ଜୀବଜନ୍ତୁ ବାସ କରୁଥିଲେ । ସେହି ବନସ୍ତୁର ରାଜା ଥିଲେ ସିଂହ ମହାରାଜା । ସିଂହ ରାଜା ସବୁବେଳେ ନିଜ ପ୍ରଜା ମାନଙ୍କର ମଙ୍ଗଳ ପାଇଁ ବିଭିନ୍ନ ନିୟମ କାନୁନ୍ କରନ୍ତି । ସମସ୍ତ ପ୍ରଜା ବନ୍ୟ ଜୀବଜନ୍ତୁ ମାନେ ମହାରାଜାଙ୍କ ଆଦେଶକୁ ପାଳନ କରନ୍ତି ।

ସେହି ଜଙ୍ଗଲରେ ଗୋଟିଏ ପ୍ରାଚୀନ ଗୁମ୍ଫାରେ ଏକ ବିଲୁଆ ରହୁଥିଲା । ବିଲୁଆଟି ବହୁତ ବୁଢ଼ା ହୋଇଯାଇଥିଲା । ସେହି ଗୁମ୍ଫାର ଅପର ପାର୍ଶ୍ୱରେ ଏକ ଗଧିଆ ତା'ର ପରିବାର ସହ ଖୁସିରେ ବାସ କରୁଥିଲେ । ସେମାନଙ୍କ ବନ୍ଧୁତା ନିବିଡ଼ ଥିଲା । ଉଭୟେ ଉଭୟଙ୍କର ସୁବିଧା ଅସୁବିଧାରେ ସାହାଯ୍ୟ ସହଯୋଗ କରୁଥିଲେ । ଏମିତି କି ବିଲୁଆଟି ବୁଢ଼ା ହେଇଥିବାରୁ ଗଧିଆ ବିଲୁଆ ପାଇଁ ଖାଦ୍ୟର ବନ୍ଦୋବସ୍ତ କରିଦେଉଥିଲା । ହସଖୁସିରେ ସମସ୍ତେ ମିଳିମିଶି ଚଳୁଥିଲେ ଓ ସେମାନଙ୍କ ମଧ୍ୟରେ ଉତ୍ତମ ବନ୍ଧୁ ସମ୍ପର୍କ ସୃଷ୍ଟି ହୋଇଥିଲା ।

ସେହି ଜଙ୍ଗଲ ସନ୍ନିକଟ ଲୋକମାନେ ପ୍ରତିଦିନ ଜଙ୍ଗଲ କାଟିବାରେ ଲାଗିଲେ । ଦିନକୁ ଦିନ ଜଙ୍ଗଲର ଗୋଟିଏ ପାର୍ଶ୍ୱର ଘନତ୍ୱ କମି କମି ଚାଲିଲା । ଜଙ୍ଗଲ ସଫା ହୋଇଗଲା । ବନର ଜୀବନ୍ତୁମାନଙ୍କୁ ଶିକାର ମଧ୍ୟ କରାଗଲା ।ଏହି କଥା ରାଜା ସିଂହଙ୍କ କାନରେ ପଡ଼ିଲା । ସେଥିପାଇଁ ଦିନେ ଜଙ୍ଗଲର ରାଜା ସିଂହ ଏକ ଜରୁରୀକାଳୀନ ସଭା ଡକାଇଲେ । ସେହି ସଭାରେ ଜଙ୍ଗଲର ସମସ୍ତ ଜୀବଜନ୍ତୁ ଯୋଗଦେବାକୁ ବାଧ୍ୟ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କରାଗଲା । ରାଜା ସିଂହ ଜାଣିବାକୁ ଚାହୁଁ ଥିଲେ ତାଙ୍କ ଜଙ୍ଗଲରେ କେତେ ସଂଖ୍ୟକ ବୃଦ୍ଧ ପଶୁ ଥିଲେ । ସେମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ବ୍ୟବସ୍ଥା କରିବାର ଯୋଜନା ରଖିଥିଲେ ରାଜା ସିଂହ ।

ସଭା ବସିଲା । ସମସ୍ତ ପଶୁପକ୍ଷୀ ଯୋଗ ଦେଲେ । ସଭାରେ ଏତେ ସଂଖ୍ୟକ ଦୁର୍ବଳ ବୃଦ୍ଧ ପଶୁଙ୍କୁ ଦେଖି ସିଂହ ରାଜା କ୍ଷୁବ୍ଧ ହେଲେ । ରାଜା ଚିନ୍ତାକଲେ ଏତେ ସଂଖ୍ୟକ ଦୁର୍ବଳ ବୃଦ୍ଧ ପଶୁଙ୍କୁ ନେଇ ରାଜ୍ୟ ଚଳାଇବା କଷ୍ଟସାଧ୍ୟ । ବାହ୍ୟ ଶତ୍ରୁ ଯଥା ମଣିଷମାନଙ୍କ ଜଙ୍ଗଲ ନଷ୍ଟ ପ୍ରଭାବରୁ ରକ୍ଷା ପାଇବାକୁ ହେଲେ କିଛି ଗୋଟେ ବ୍ୟବସ୍ଥା କରିବାକୁ ହେବ ବୋଲି ରାଜା ଚିନ୍ତା କଲେ । ସଭାରେ ରାଜାଙ୍କ ନିର୍ଦ୍ଦେଶ କ୍ରମେ ଏହି ନିଷ୍ପତି ନିଆଗଲା ଯେଉଁ ପଶୁମାନେ ବୃଦ୍ଧ ଓ ଦୁର୍ବଳ ହୋଇଗଲେଣି ସେମାନେ ଜଙ୍ଗଲର ସେହି ପାଶ୍ୱର୍ରେ ରହିବେ ଯେଉଁ ପାର୍ଶ୍ୱରୁ ମଣିଷମାନେ ଜଙ୍ଗଲ କାଟୁଛନ୍ତି । ଅନ୍ୟ ପଶୁପକ୍ଷୀମାନେ ଅପର ପାର୍ଶ୍ୱରେ ରହିବେ । ଏହି ନିଷ୍ପତି ଶୁଣି ଗଧିଆର ମନ ବହୁତ ଦୁଃଖ ହେଲା । ସମସ୍ତେ ନିଜନିଜ ଘରକୁ ଗଲେ । ପରଦିନ ଜଙ୍ଗଲ ଛାଡ଼ିବା ପାଇଁ ପ୍ରସ୍ତୁତ ହେଲେ । ବିଲୁଆ ଓ ଗଧିଆ ଗୋଟିଏ ସ୍ଥାନରେ ରହୁଥିଲେ ବର୍ତ୍ତମାନ ସେମାନେ ଅଲଗା ହେବାର ସମୟ ଆସିଗଲା । ବୃଦ୍ଧ ବିଲୁଆଟି ବହୁତ କାନ୍ଦିଲା । ଗଧିଆ ତା'ର ଏକମାତ୍ର ସହାୟ ଥିଲା । ଗଧିଆ ବି ବିଲୁଆକୁ ଛାଡ଼ି ଏକୁଟିଆ ଯିବାକୁ ଚାହୁଁ ନ ଥିଲା । କିନ୍ତୁ ରାଜାଙ୍କର ହୁକୁମ୍ ନ ଗଲେ ଦଣ୍ଡ ଭୋଗିବାକୁ ପଡ଼ିବ ।

ବିଲୁଆ ଗଧିଆକୁ ଗୋଟିଏ ଉପାୟ ବତାଇଲା । ଗଧିଆ ତା'ର ସାଙ୍ଗସାଥୀଙ୍କୁ ସେହି ଉପାୟ ବିଷୟରେ ବୁଝାଇଲା । ସମସ୍ତେ ମିଳିମିଶି ରହିବେ ବୋଲି ସ୍ଥିର କଲେ । ଗଧିଆ ତା'ର ସାଙ୍ଗସାଥୀମାନଙ୍କ ପାଇଁ ରହିବାର ବ୍ୟବସ୍ଥା କରିଦେଲା । ଜଙ୍ଗଲ ଛାଡ଼ି କେହି ବି ଗଲେ ନାହିଁ ।

ତା ପରଦିନ ମଣିଷମାନେ ଜଙ୍ଗଲ କାଟିବାକୁ ଆସିଲେ । ଜଙ୍ଗଲର ଗଛ ଗୁଡ଼ିକୁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କାଟି ଚାଲିଲେ । ପଶୁପକ୍ଷୀମାନଙ୍କୁ ଶିକାର ମଧ୍ୟ କଲେ । ଏସବୁକୁ ଗଧିଆମାନେ ଦେଖୁଥାନ୍ତି । ଗଧିଆମାନେ ମଣିଷ ମାନଙ୍କୁ ଆକ୍ରମଣ କଲେ ଓ ଗୃହପାଳିତ ପଶୁ ଗାଈ ଛେଳି ମେଣ୍ଢା କୁକୁଡା ମାନଙ୍କୁ ମାରି ଖାଇଗଲେ । ତାଙ୍କ ଚାଷ ଜମିକୁ ମୃଗ ହରିଣ ସମ୍ବର ବାରହା ମାନେ ଉଜାଡି ଦେଲେ । ବେଳକାଳ ଦେଖି ମଣିଷ ଛୁଆଙ୍କୁ ମଧ୍ୟ ଆକ୍ରମଣ କରି ମାରିଦେଲେ । ଏତେ ଭୟ ସୃଷ୍ଟି କଲେ ଯେ ରାତି ହେଲେ ଗାଁରେ ତାଟି କବାଟ ପଡ଼ିଗଲା । ହିଂସ୍ର ପଶୁଙ୍କ ଆକ୍ରମଣରେ ଲୋକେ ତ୍ରାହି ତ୍ରାହି ଡାକିଲେ ।

ଦିନେ କେତେ ଜଣ ଲୋକ ଗୁମ୍ଫା ସମ୍ମୁଖରେ ଯାଉଥିଲେ । ଗଧିଆମାନେ ମଣିଷ ବାସ୍ନା ବାରି ଜାଣିଗଲେ ଓ ଗୁପ୍ତରେ ମେଳି କରି ସେମାନଙ୍କୁ ଆକ୍ରମଣ କଲେ । ଗଧିଆଙ୍କ ସହ ବିଲୁଆ, ଚିତା, ଭାଲୁ ମଧ୍ୟ ମିଳିତ ହୋଇ ଲୋକମାନଙ୍କୁ ଗୁମ୍ଫା ଭିତରକୁ ନେଇଗଲେ ଓ ଆବଦ୍ଧ କରି ରଖିଲେ ।

ଦୁଇ ତିନି ଦିନ ବିନା ଖାଦ୍ୟ, ପାନୀୟ ଓ ଅନ୍ଧାରରେ ସେହି ମଣିଷମାନେ ରହିଥା'ନ୍ତି । ସେମାନେ ଦିନକୁ ଦିନ ଦୁର୍ବଳ ହେଲେ । ଶେଷରେ ମଣିଷମାନେ ଗଧିଆମାନଙ୍କୁ କହିଲେ ଆମକୁ ଛାଡ଼ି ଦିଅ । ଏପରି ଭୁଲ୍ ଆଉ କେବେ ବି କରିବୁ ନାହିଁ । ଏହା ଶୁଣି ଗଧିଆମାନେ କହିଲେ ତୁମମାନଙ୍କୁ ଆସନ୍ତା କାଲି ରାଜାଙ୍କ ନିକଟକୁ ନିଆଯିବ ସେଠି ତୁମମାନଙ୍କର ଫଇସଲା କରାଯିବ ।

ପର ଦିନ ସେହି ଲୋକମାନଙ୍କୁ ନେଇ ରାଜ ଦରବାରରେ ହାଜର କରାଗଲା । ରାଜା ସେମାନଙ୍କୁ ଦଣ୍ଡ ଦେଲେ ଓ ସେମାନେ ମଧ୍ୟ ଆଉ ଏପରି ଜଙ୍ଗଲ କାଟିବେ ନାହିଁ ବୋଲି ଶପଥ ମଧ୍ୟ କଲେ । ତାହା ପରେ ସେମାନଙ୍କୁ ମୁକ୍ତ କରିଦିଆଗଲା ।

ସିଂହ ରାଜା ଗଧିଆମାନଙ୍କୁ ପ୍ରଶଂସା କଲେ । କିନ୍ତୁ ଗଧିଆମାନେ ବୃଦ୍ଧ ବିଲୁଆର ଗୁଣଗାନ କଲେ । ବିଲୁଆର ଏହି ବୁଦ୍ଧି ପାଇଁ ରାଜା ସିଂହ ବହୁତ୍ ଖୁସି ହେଲେ ଓ ନିଜର ଭୁଲ୍ ନିଷ୍ପତି ପାଇଁ ଅନୁତାପ କଲେ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଜୀବନରେ ଆମେ ବେଳେବେଳେ ଅନେକ ସମସ୍ୟାର ସମ୍ମୁଖୀନ ହେଇଥାଉ ଓ ସେହି ସମସ୍ୟାରୁ ବିଭିନ୍ନ ପ୍ରକାରର ଶିକ୍ଷା ଲାଭ କରିଥାଉ । ଜଣେ ଉଚିତ୍ ବ୍ୟକ୍ତି ନିଜ ବିବେକ ଖଟାଇ ଠିକ୍ ନିଷ୍ପତି ନେଇଥାଏ । ତେଣୁ ଆମେ ଯେତେବେଳେ ବି କିଛି ନିଷ୍ପତି ନେଉଛେ ଭାବିଚିନ୍ତି ନେବା ଉଚିତ୍ ।

ସେଥିପାଇଁ ଶାସ୍ତ୍ରରେ କୁହାଯାଇଛି

ବୃଦ୍ଧସ୍ୟ ବଚନଂଗ୍ରାହ୍ୟ

ବିପଦ କାଳ ହି ଉପସ୍ଥିତେ।

ବୃଦ୍ଧାବସ୍ଥା ଜୀବନର ପୂର୍ଣ୍ଣତାକୁ ବୁଝାଏ । ବୃଦ୍ଧ ଅଲୋଡ଼ା ନୁହଁନ୍ତି ।

ସହକାରୀ ଶିକ୍ଷକ

ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟ

ପଡ଼ିଆଭଙ୍ଗା ତାଳଚେର ଅନୁଗୋଳ

ମୋ ୯୫୫୬୯୮୯୭୨୩

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଧଳାହାତୀ ପରି ଦିଶୁଥିବା ପାହାଡ଼

ଡଃ ଆଲୋକ କୁମାର ରାୟ

ଧଳା ହାତୀ ପରି ଦିଶୁଥିବା ପାହାଡ଼(Hills Like White Elephants) - ଅର୍ନେଷ୍ଟ ହେମିଙ୍ଗୱେ (Ernest Hemingway)

ଏବ୍ରୋ ଉପତ୍ୟକାର ପାହାଡ଼ଗୁଡ଼ିକ ଦେଖିବାକୁ ଖୁବ୍ ଦୀର୍ଘ ଓ ସଫେଦ ରଙ୍ଗ ବୋଳି ହୋଇଥିବା ପରି ଦୃଶ୍ୟ ହେଉଥିଲା । ଉପତ୍ୟକାର ଏ ପାଖରେ ଟିକିଏ ହେଲେ ଛାଇ କି କିଛି ଗଛବୃକ୍ଷ୍ୟ କିଛି ବି ଦୃଶ୍ୟ ହେଉନଥିଲା ଓ ରେଲୱେ ଷ୍ଟେସନଟିର ଉଭୟ ପାର୍ଶ୍ୱରେ ଥିବା ଦୁଇଟି ରେଳଧାରଣା ସୂର୍ଯ୍ୟଙ୍କ ଉପସ୍ଥିତିକୁ ଜାହିର କରୁଥିଲା । ହେଲେ ଷ୍ଟେସନ ପାର୍ଶ୍ୱରେ ଥିବା କୋଠାର ସ୍ୱଳ୍ପ ଓ ଉଷ୍ଣ ଛାଇ କିଛି ମାତ୍ରାରେ ବିଛାଇ ହୋଇ ପଡିଥିଲା ଓ ବାଉଁଶ ମାଳିରେ ତିଆରି ଏକ ପରଦା ମାଛିମାନଙ୍କୁ ଘଉଡ଼ାଇବା ପାଇଁ ମଦ୍ୟଶାଳାର ଖୋଲା ଦ୍ୱାର ମୁହଁରେ ଦୋହଲୁଥିଲା । ଆମେରିକୀୟ ପୁରୁଷ ଜଣକ ଓ ତାଙ୍କ ସହିତ ଥିବା ଝିଅଟି କୋଠା ବାହାରେ ବିଛୁରିତ ଛାଇରେ ଏକ ଟେବୁଲ ପାଖରେ ବସିଥିଲେ । ସେଦିନ ଖୁବ୍ ଗରମ ଅନୁଭୂତ ହେଉଥିଲା ଓ ବାର୍ସିଲୋନାରୁ ଏକ୍ସପ୍ରେସ ଟ୍ରେନ ଚାଳିଶ ମିନିଟରେ ଆସି ପହଞ୍ଚିବ ବୋଲି ଦୁହିଁଙ୍କୁ ଜଣାଥିଲା । ଦେଖୁଦେଖୁ ଏହା ଏହି ଜଙ୍କସନରେ ପହଞ୍ଚି, ଦୁଇ ମିନିଟ୍ ପାଇଁ ଅଟକି, ମାଡ୍ରିଡ୍ ଆଡ଼େ ଚାଲିଗଲା ।

"ଆମେ କ'ଣ ପିଇବା ଉଚିତ୍ ?" ଝିଅଟି ପଚାରିଲା । ସେତେବେଳକୁ ସେ ତା' ଟୋପି ମୁଣ୍ଡରୁ କାଢି ଟେବୁଲ ଉପରେ ଥୋଇ ସାରିଥିଲା ।

"ଆଜି ବହୁତ ଗରମ," ପୁରୁଷ ଲୋକଟି କହିଲା ।

"ଆସ ବିୟର ପିଇବା ।"

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

"ଡୋସ୍ ସର୍ଭେଜାସ୍," ପୁରୁଷ ଲୋକଟି ପରଦା ଆଡ଼କୁ ଚାହିଁ କହିଲା ।

"ବଡ଼ ଆକୃତିର ?" ଜଣେ ମହିଳା ଦ୍ୱାର ପାଖରୁ ପଚାରିଲେ ।

"ହଁ । ଦୁଇଟି ବଡ଼ ।"

ମହିଳା ଜଣକ ଦୁଇଟି ଗ୍ଲାସ୍ ବିୟର ଓ ଦୁଇଟି ଫେଲ୍ଟ ପ୍ୟାଡ୍ ଆଣିଲେ । ସେ ଫେଲ୍ଟ ପ୍ୟାଡ୍ ଓ ବିୟର ଗ୍ଲାସ୍ ଟେବୁଲ ଉପରେ ରଖି ଉଭୟ ପୁରୁଷ ବନ୍ଧୁ ଓ ଝିଅଟିକୁ ନିରେଖି ଚାହିଁଲେ । ଝିଅଟି ସେତେବେଳେ ପାହାଡ଼ର କୁଞ୍ଚିତ ରେଖାଗୁଡ଼ିକୁ ଆପଲକ ନୟନରେ ଚାହିଁ ରହିଥିଲା । ସେଗୁଡ଼ିକ ସୂର୍ଯ୍ୟ କିରଣରେ ତୋଫା ଦେଖାଯାଉଥିବା ବେଳେ ସୂର୍ଯ୍ୟକିରଣ ଝାପସା ପଡ଼ିଥିବା ସ୍ଥାନଗୁଡିକ ମାଟିଆ ଓ ଶୁଖିଲା ଦେଖାଯାଉଥିଲା ।

"ସେଗୁଡ଼ିକ ଧଳା ହାତୀ ପରି ଦେଖାଯାଉଛନ୍ତି," ଝିଅଟି କହିଲା ।

"ମୁଁ ତ କେବେ ଗୋଟିଏ ବି ଦେଖିନାହିଁ," ପୁରୁଷ ଲୋକ ଜଣକ ବିୟର ପିଉପିଉ କହିଲା ।

"ନା, ତୁମେ ପାଇବ ନାହିଁ ।"

"ମୁଁ ପାଇପାରେ," ପୁରୁଷ ଜଣକ କହିଲା । "ତୁମେ କହୁଥିବା କାରଣରୁ ଯେ ମୁଁ ପାଇବି ନାହିଁ କିଛି ବି ପ୍ରମାଣିତ କରୁନାହିଁ ।"

ଝିଅଟି ବାଉଁଶ ମାଳିରେ ତିଆରି ପରଦା ଆଡ଼େ ଚାହିଁ ରହିଥିଲା । " ସେମାନେ ଏହା ଉପରେ କିଛି ଆଙ୍କିଛନ୍ତି," ସେ କହିଲା । "ଏହା କଣ ବ୍ୟକ୍ତ କରେ ?"

"ଆନିସ୍ ଡେଲ୍ ଟୋରୋ । ଏହା ଏକ ପାନୀୟ ।"

"ଆମେ ଏହାକୁ ପିଇପାରିବା କି ?"

ପରଦା ଆଡ଼କୁ ଚାହିଁ ପୁରୁଷ ଲୋକଟି "ଶୁଣ" ବୋଲି ଡାକିଲା । ଜଣେ ମହିଳା ମଦ୍ୟଶାଳାର ବାହାରକୁ ଆସିଲେ ।

"ଚାରିଟି ନିଶ୍ଚିନ୍ତ ।"

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

"ଆମେ ଦୁଇଟି ଆନିସ୍ ଡେଲ୍ ଟୋରୋ ଚାହୁଁ ।"

"ପାଣି ସହିତ ?"

"ତୁମେ ଏହା ପାଣି ସହିତ ପିଇବାକୁ ଚାହୁଁଛ କି ?"

"ମୁଁ ଜାଣେ ନାହିଁ," ଝିଅଟି କହିଲା । "ପାଣି ସହିତ ଏହା ଭଲ ଲାଗିବ କି ?"

"ହଉ ଠିକ୍ ଅଛି ।"

"ଆପଣ ଏହାକୁ ପାଣି ସହିତ ମିଶାଇ ପିଇବାକୁ ଚାହୁଁଛନ୍ତି କି ?" ମହିଳା ଜଣକ ପଚାରିଲେ ।

"ହଁ, ପାଣି ସହିତ ।"

"ଏହା ଲାଇକୋରିସ୍ ପରି ସ୍ୱାଦଯୁକ୍ତ" ଝିଅଟି କହିଲା ଓ ଗ୍ଲାସ୍ ତଳେ ରଖିଲା ।

"ସବୁକଥାରେ ଏମିତି ଢଙ୍ଗ ।"

"ହଁ," ଝିଅଟି କହିଲା । "ସବୁଥିରେ ଲାଇକୋରିସ୍ ପରି ସ୍ୱାଦ ଅଛି । ବିଶେଷକରି ସେ ସମସ୍ତ ଜିନିଷ ଯେମିତି ଆବସିନ୍ଥେ ଯାହା ପାଇଁ ତୁମେ ଏତେ ଦିନ ଧରି ଅପେକ୍ଷା କରିଛ ।"

"ଓଃ, ଏହାକୁ କାଟି ଫୋପାଡ଼ି ଦିଅ ।"

"ତୁମେ ତ ଏହାକୁ ଆରମ୍ଭ କରିଥିଲ," ଝିଅଟି କହିଲା । "ମୁଁ ମଜା କରୁଥିଲି । ମୋର ଭଲ ସମୟ ଚାଲିଥିଲା ।"

"ଠିକ୍ ଅଛି, ଚେଷ୍ଟା କର ଓ ଭଲ ସମୟ ପାଅ ।"

"ଠିକ୍ ଅଛି । ମୁଁ ଚେଷ୍ଟା କରୁଥିଲି । ମୁଁ କହିଲି ପର୍ବତଗୁଡ଼ିକ ଧଳାହାତୀ ପରି ଦେଖା ଯାଉଥିଲେ । ସେଗୁଡ଼ିକ ଝଲସୁ ନଥିଲେ କି ?"

"ତାହା ଝଲସୁ ଥିଲା ।"

"ମୁଁ ଏହି ନୂଆ ପାନୀୟ ପରଖିବାକୁ ଚାହୁଁଥିଲି । ଏ ସବୁ ଆମେ କରିପାରିବା, ସତ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ନା ନୁହେଁ - ଆଖି ପୂରେଇ ଦେଖ ଓ ନୂଆ ପାନୀୟ ଚାଖ ?"

"ମୁଁ ସେପରି ଭାବୁଛି ।"

ଝିଅଟି ପାହାଡ଼ ଆରପଟକୁ ଚାହିଁଲା ।

"ପାହାଡ଼ଗୁଡ଼ିକ ଦେଖିବାକୁ ସୁନ୍ଦର," ଝିଅଟି କହିଲା । "ସେଗୁଡ଼ିକ ପ୍ରକୃତରେ ଧଳାହାତୀ ପରି ଦେଖାଯାଉ ନାହାନ୍ତି । ମୁଁ ଗଛ ଫାଙ୍କରେ ଦେଖୁଥିବାରୁ ସେଗୁଡ଼ିକର ଉପରିଭାଗ ରଙ୍ଗୀନ୍ ଦେଖାଯାଉଥିଲା ।"

"ଆମେ ଆଉ ଥରେ ପାନୀୟ ପିଇବା ଉଚିତ କି ?"

"ଠିକ୍ ଅଛି ।"

ଗରମ ପବନ ବହିବାରୁ ବାଉଁଶ ମାଳିର ପରଦା ଟେବୁଲ ଆଡ଼କୁ ଦୋହଲି ଉଡ଼ିବା ଦେଖାଗଲା ।

"ଭଲ ବିୟର ଓ ଥଣ୍ଡା" ପୁରୁଷ ଲୋକଟି କହିଲା ।

"ଏହା ଆନନ୍ଦଦାୟକ" ଝିଅଟି କହିଲା ।

"ଏହା ପ୍ରକୃତରେ ଅପ୍ରୀତିକର ହେଲେ ବି ଏକ ସରଳ ଅସ୍ତ୍ରୋପଚାର, ଜିଗ୍," ପୁରୁଷ ଲୋକଟି କହିଲା । "ଏହା ପ୍ରକୃତରେ ଏକ ଅସ୍ତ୍ରୋପଚାର ହିଁ ନୁହେଁ ।"

ଝିଅଟି ଟେବୁଲର ଗୋଡ଼ ଯେଉଁ ଯାଗାରେ ଭୂମି ସ୍ପର୍ଶ କରିଥିଲା ସିଆଡେ ଚାହିଁଲା ।

"ମୁଁ ଜାଣେ ତୁମେ ଏହାକୁ ସେମିତି ମନେ କରିବନାହିଁ, ଜିଗ୍ । ଏହା ପ୍ରକୃତରେ କିଛି ନୁହେଁ । ଏଥିରେ କେବଳ ପବନ ଭିତରକୁ ଯିବାକୁ ଦିଆଯାଏ ।"

ଝିଅଟି କିଛି କହିଲା ନାହିଁ ।

"ମୁଁ ତୁମ ସହିତ ଯିବି ଓ ସବୁତକ ସମୟ ତୁମ ସହିତ ରହିବି । ସେମାନେ କେବଳ ଭିତରକୁ ପବନ ଛାଡନ୍ତି ଓ ତାପରେ ସବୁକିଛି ସମ୍ପୂର୍ଣ୍ଣ ସ୍ୱାଭାବିକ ।"

"ତା'ପରେ ଆମେ କ'ଣ କରିବା ?"

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

"ପରେ ସବୁ ଠିକ୍ ହୋଇଯିବ । ଆମେ ଯେପରି ପୂର୍ବ ପରି ଥିଲେ ।"

"ତୁମେ ଏପରି କାହିଁକି ଭାବୁଛ ?"

"ଏହା ହିଁ ଏକମାତ୍ର କଥା ଯାହା ଆମ ପାଇଁ ବିରକ୍ତିକର । ଏହା ହିଁ ଏକମାତ୍ର କଥା ଯାହା ଆମକୁ ଅସନ୍ତୁଷ୍ଟ କରି ରଖିଛି ।"

ଝିଅଟି ବାଉଁଶ ମାଳିର ପରଦା ଆଡ଼େ ଚାହିଁଲା, ହାତ ବଢାଇ ଦୁଇଟି ମାଳି ଜାବୁଡ଼ିକି ଧରିଲା ।

"ଏବଂ ତୁମେ ଭାବୁଛ ଯେ ତାପରେ ଆମର ସବୁ ଠିକ୍ ହୋଇଯିବ ଓ ଆମେ ଖୁସି ହେବା ।"

"ମୁଁ ଜାଣେ ଆମର ଏପରି ହିଁ ହେବ । ତୁମକୁ ଭୟ କରିବାର ଦରକାର ନାହିଁ । ମୁଁ ବହୁତ ଲୋକଙ୍କୁ ଜାଣିଛି ଯେଉଁମାନେ ଏପରି କରିଛନ୍ତି ।"

"ତେଣୁ ମୁଁ କରିବି," ଝିଅଟି କହିଲା । "ଏବଂ ପରେ ସେମାନେ ସମସ୍ତେ ବହୁତ ଖୁସିରେ ଥିଲେ ।"

"ଠିକ୍ ଅଛି," ପୁରୁଷ ଲୋକଟି କହିଲା, "ଯଦି ତୁମେ ତୁମ ପାଇଁ ଚାହୁଁନାହଁ ତେବେ ଏହା କର ନାହିଁ । ଯଦି ତୁମେ ଚାହୁଁନାହଁ ତେବେ ମୁଁ ତୁମେ ଏହା କରିବାକୁ ଚାହିଁବି ନାହିଁ । କିନ୍ତୁ ମୁଁ ଜାଣେ ଏହା ସମ୍ପୂର୍ଣ୍ଣ ସରଳ ।"

"ଏବଂ ତୁମେ ପ୍ରକୃତରେ ଏହା ଚାହୁଁଛ ?"

"ମୁଁ ଭାବୁଛି ଏହା ହିଁ କରିବା ଆମ ପାଇଁ ସର୍ବୋତ୍ତମ କାର୍ଯ୍ୟ । କିନ୍ତୁ ଯଦି ତୁମେ ପ୍ରକୃତରେ ଏହା ଚାହୁଁ ନାହଁ ମୁଁ ଚାହିଁବିନି ଯେ ତୁମେ ଏହା କର ।"

"ଏବଂ ଯଦି ମୁଁ ଏହା କରେ ତେବେ ତୁମେ ଖୁସି ହେବ, ଯାହା ଯେପରି ଥିଲା ସେପରି ରହିବ ଓ ତୁମେ ମୋତେ ଭଲ ପାଇବ ?"

"ମୁଁ ଏବେ ବି ତୁମକୁ ଭଲ ପାଉଛି । ତୁମେ ଜାଣ ମୁଁ ତୁମକୁ ଭଲ ପାଏ ।"

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

"ମୁଁ ଜାଣେ । କିନ୍ତୁ ଯଦି ଏହା ମୁଁ କରେ, ତାହେଲେ ପୁଣି ସବୁ ଭଲ ହେଇଯିବ; ଯଦି ମୁଁ କହିବି ଧାରଣା ସବୁ ଧଳା ହାତୀ ପରି ଏବଂ ତୁମେ ଏ କଥା ପସନ୍ଦ କରିବ ?"

"ମୁଁ ଏହାକୁ ଆଦର ପାଇବି । ମୁଁ ଏହାକୁ ଏବେ ବି ଆଦର କରେ କିନ୍ତୁ ମୁଁ ଏ ବିଷୟରେ କିଛି ବି ଭାବିପାରୁନାହିଁ । ତୁମେ ଜାଣ ମୁଁ ଚିନ୍ତାଗ୍ରସ୍ତ ହେଲେ କିପରି ହୋଇଯାଏ । "

"ଯଦି ମୁଁ ଏହା କରେ ତୁମେ କେବେ ବି ଚିନ୍ତାଗ୍ରସ୍ତ ହେବନାହିଁ ?"

"ମୁଁ ଏ ବିଷୟକୁ ନେଇ ଚିନ୍ତାଗ୍ରସ୍ତ ହେବିନାହିଁ କାରଣ ଏହା ସମ୍ପୂର୍ଣ୍ଣ ଭାବେ ସରଳ ।"

"ତାହେଲେ ମୁଁ ଏହା କରିବି । କାରଣ ମୁଁ ମୋ ନିଜ ପାଇଁ ଚିନ୍ତା କରେନାହିଁ ।"

"ତୁମେ କଣ ଅର୍ଥ ବାହାର କରୁଛ ?"

"ମୁଁ ମୋ ନିଜ ବିଷୟରେ ଚିନ୍ତା କରେ ନାହିଁ ।"

"ଠିକ୍ ଅଛି, ମୁଁ ତୁମ ବିଷୟରେ ଚିନ୍ତା କରେ ।"

"ଓହୋ, ହଁ, କିନ୍ତୁ ମୁଁ ମୋ ନିଜ ବିଷୟରେ ଚିନ୍ତା କରେ ନାହିଁ । ଏବଂ ମୁଁ ଏହା କଲା ପରେ ସବୁକିଛି ଠିକ୍ ହୋଇଯିବ ।"

"ଯଦି ତୁମେ ଏପରି ଭାବୁଛ ତେବେ ତୁମେ ଏହା କରିବାକୁ ମୁଁ ଚାହିଁବି ନାହିଁ ।"

ଝିଅଟି ସିଧା ଠିଆ ହେଲା ଓ ଚାଲିକରି ଷ୍ଟେସନର ଶେଷ ଭାଗ ପର୍ଯ୍ୟନ୍ତ ଗଲା । ଆରପଟେ, ଅନ୍ୟ ପାର୍ଶ୍ୱରେ, ଏବ୍ରୋ ନଦୀ କୂଳକୁ ଲାଗି ଶସ୍ୟକ୍ଷେତ୍ର ଓ ଗଛବୁଛ ଶୋଭା ପାଉଥିଲା । ନଦୀର ସେପାରିରେ, ବହୁତ ଦୂରରେ, ପର୍ବତମାନ ଆକାଶକୁ ଛୁଇଁବାକୁ ଉଦ୍ୟତ ହେବା ପ୍ରତିତ ହେଉଥିଲା । ଭସା ବାଦଲର ଛାଇ ଶସ୍ୟକ୍ଷେତ୍ର ଉପର ଦେଇ ଭ୍ରମୁଥିଲା ଓ ଝିଅଟି ଗଛଗୁଡ଼ିକର ଫାଂକଦେଇ ନଈକୁ ଦେଖିବାରେ ଥିଲା ନିମଗ୍ନ ।

"ଏବଂ ଆମେ ଏସବୁ ପାଇଯିବା," ଝିଅଟି କହିଲା । "ଏବଂ ଆମେ ସବୁକିଛି ପାଇବା ଓ ପ୍ରତ୍ୟେକ ଦିନ ଅନ୍ତରରେ ଆମେ ଏହାକୁ ଆହୁରି ଅସମ୍ଭବ କରିଚାଲିବା ।"

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

"ତୁମେ କ'ଣ କହିଲ ?"

"ମୁଁ କହିଲି ଆମେ ସବୁକିଛି ପାଇପାରିବା ।"

"ଆମେ ସବୁକିଛି ପାଇବା ।"

"ନା, ଆମେ ପାରିବା ନାହିଁ ।"

"ଆମେ ସମଗ୍ର ବିଶ୍ୱକୁ ହାତ ମୁଠାରେ ରଖି ପାରିବା ।"

"ନା, ଆମେ କରିପାରିବା ନାହିଁ ।"

"ଆମେ ସବୁଆଡ଼େ ଯାଇପାରିବା ।"

"ନା, ଆମେ ପାରିବା ନାହିଁ । ଏହା ଆଉ ଆମର ହୋଇ ନାହିଁ ।"

"ଏହା ଆମର ।"

"ନା, ଏହା ନୁହେଁ । ଏବଂ ଥରେ ସେମାନେ ଏହାକୁ ନେଇଗଲେ, ତୁମେ ଏହାକୁ କେବେ ଫେରି ପାଇବ ନାହିଁ ।"

"କିନ୍ତୁ ସେମାନେ ଏହାକୁ ଏବେ ଯାଏଁ ନେଇ ନାହାଁନ୍ତି ।"

"ଆମେ ଅପେକ୍ଷା କରିବା ଓ ଦେଖିବା ।"

"ଛାଇ ତଳକୁ ଫେରିଆସ," ପୁରୁଷ ବନ୍ଧୁ କହିଲା । "ତୁମେ ଏପରି ଅନୁଭବ କରିବା ମୋଟେ ଉଚିତ୍ ନୁହେଁ ।"

"ମୁଁ କୌଣସି ପ୍ରକାର ଅନୁଭବ କରୁନାହିଁ" ଝିଅଟି କହିଲା । "ମୁଁ କେବଳ ପ୍ରଚଳିତ ଧାରଣାଗୁଡ଼ିକ ଜାଣେ ।"

"ମୁଁ ଚାହୁଁନାହିଁ ଯେ ତୁମେ ଏପରି କିଛି କର ଯାହା ତୁମେ କରିବାକୁ ଚାହୁଁନାହଁ—"

"ନା ତାହା ମୋ ପାଇଁ ଭଲ ନୁହେଁ," ଝିଅଟି କହିଲା । "ମୁଁ ଜାଣେ । ଆମେ କ'ଣ ଆଉ ଏକ ବିଅର ପାଇପାରିବା ?"

"ଠିକ୍ ଅଛି । କିନ୍ତୁ ତୁମକୁ ବୁଝିବାକୁ ପଡିବ—"

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

"ମୁଁ ବୁଝିପାରୁଛି," ଝିଅଟି କହିଲା । "ଆମେ କଣ କଥାବାର୍ତ୍ତା ବନ୍ଦ କରିପାରିବା ନାହିଁ ?"

ସେମାନେ ଟେବୁଲ ପାଖରେ ବସିଲେ ଓ ଝିଅଟି ଉପତ୍ୟକାର ଶୁଖିଲା ପାର୍ଶ୍ୱରେ ଥିବା ପାହାଡ଼ଗୁଡ଼ିକୁ ଚାହିଁ ରହିଲା ଏବଂ ପୁରୁଷ ଜଣକ ଉଭୟ ଝିଅଟି ଆଡ଼େ ଓ ଟେବୁଲକୁ ସେମିତି ଚାହିଁ ଭବନା ରାଜ୍ୟରେ ବିଚରଣ କରିବା ପରି ଜଣା ପଡୁଥିଲା । "ତୁମକୁ ବୁଝିବାକୁ ପଡିବ," ପୁରୁଷ ବନ୍ଧୁ କହିଲା, "ଯଦି ତୁମେ ଚାହୁଁନାହଁ ତେବେ ମୁଁ ଚାହିଁବି ନାହିଁ ଯେ ତୁମେ ଏହା କର ।

ଯଦି ଏହା ତୁମ ପାଇଁ କିଛି ଅର୍ଥ ବହନ କରୁଛି ତେବେ ମୁଁ ନିଶ୍ଚିନ୍ତ ରୂପେ ଏହି କାର୍ଯ୍ୟକୁ ଆଗେଇ ନେବା ପାଇଁ ଇଚ୍ଛା ବ୍ୟକ୍ତ କରିବି ।"

"ତୁମ ପାଇଁ ଏହାର କିଛି ମାନେ ନାହିଁ କି ? ଆମେ ଏକମତ ହୋଇପାରିବା ।"

"ଅବଶ୍ୟ ଏହା ସମ୍ଭବ । କିନ୍ତୁ ମୁଁ ତୁମ ବ୍ୟତୀତ ଆଉ କାହାକୁ ଚାହେଁ ନାହିଁ । ମୁଁ ଆଉ କାହାକୁ ଚାହେଁ ନାହିଁ । ଏବଂ ମୁଁ ଜାଣେ ଏହା ସମ୍ପୂର୍ଣ୍ଣଭାବେ ସରଳ ।"

"ହଁ, ତୁମେ ଜାଣ ଏହା ସମ୍ପୂର୍ଣ୍ଣ ସରଳ ।"

"ତୁମ ପାଇଁ ଏପରି କହିବା ଠିକ୍ , କିନ୍ତୁ ମୁଁ ମଧ୍ୟ ଏ ବାବଦରେ ଜାଣେ ।"

"ତୁମେ ଏବେ ମୋ ଖାତିରିରେ କିଛି କରିବ କି ?"

"ମୁଁ ତୁମ ପାଇଁ ସବୁକିଛି କରିବି ।"

"ତୁମେ ଦୟାକରି ଦୟାକରି ଦୟାକରି ଦୟାକରି ଦୟାକରି ଦୟାକରି ଦୟାକରି ଦୟାକରି ଦୟାକରି କଥାବାର୍ତ୍ତା ବନ୍ଦ କରିବ କି ?"

ପୁରୁଷ ଜଣକ କିଛି କହିଲା ନାହିଁ କିନ୍ତୁ ଷ୍ଟେସନର କାନ୍ଥକୁ ଆଉଯା ହୋଇ ପଡ଼ିଥିବା ବ୍ୟାଗଗୁଡ଼ିକୁ ଏକ ନୟନରେ ଚାହିଁ ରହିଲା । ସେମାନେ ଯେଉଁ ଯେଉଁ ହୋଟେଲରେ ରାତି ବିତାଇଥିଲେ ସେ ସବୁ ଜାଗାରେ ସେମାନଙ୍କ ପରିଚୟ କାହାକୁ ଅଛପା ନଥିଲା ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

"କିନ୍ତୁ ମୁଁ ଚାହୁଁନାହିଁ ତୁମେ ଏପରି କର," ପୁରୁଷ ବନ୍ଧୁ କହିଲା, "ମୁଁ ଏ ସବୁ କଥାରେ କିଛି ଚିନ୍ତା କରେ ନାହିଁ ।"

"ମୁଁ ଚିତ୍କାର କରି ପାଟି କରିବି" ଝିଅଟି କହିଲା ।

ଜଣେ ମହିଳା ଦୁଇଟି ଗ୍ଲାସ୍ ବିୟର ସହିତ ପରଦା ଦେଇ ବାହାରକୁ ଆସିଲେ ଓ ସେଗୁଡ଼ିକୁ ଓଦା ହୋଇଯାଇଥିବା ଫେଲ୍ଟ ପ୍ୟାଡ୍ ଉପରେ ରଖିଲେ । "ଟ୍ରେନ୍ ପାଞ୍ଚ ମିନିଟରେ ଆସି ପହଞ୍ଚିବ" ମହିଳା ଜଣକ କହିଲେ ।

"ସେ କ'ଣ କହିଲେ ?" ଝିଅଟି ପଚାରିଲା ।

"ପାଞ୍ଚ ମିନିଟ୍ ଭିତରେ ଟ୍ରେନ୍ ଆସୁଛି ।"

ଝିଅଟି ମହିଳାଙ୍କୁ ସହାସ୍ୟ ବଦନରେ ଧନ୍ୟବାଦ ଜଣାଇଲା ।

"ମୁଁ ବ୍ୟାଗଗୁଡ଼ିକୁ ଷ୍ଟେସନର ଅପର ପାର୍ଶ୍ୱକୁ ନେଇଯିବା ଠିକ୍ ହେବ" ପୁରୁଷ ଜଣକ କହିଲା । ଝିଅଟି ତାଙ୍କୁ ଚାହିଁ ଅଳ୍ପ ହସିଲା ।

"ଠିକ୍ ଅଛି । ତା'ପରେ ଫେରି ଆସ ଓ ଆମେ ବିୟର ସାରିଦେବା ।"

ପୁରୁଷ ବନ୍ଧୁ ଜଣକ ଦୁଇଟି ଓଜନିଆ ବ୍ୟାଗ ଉଠାଇଲା ଓ ଷ୍ଟେସନ ଦେଇ ସେଗୁଡିକୁ ଆର ରେଳଧାରଣା ପାଖକୁ ଯତ୍ନବତ୍ ନେଲା । ସେଠାରେ ସେ ରେଳଧାରଣା ଉପରକୁ ଜିଜ୍ଞାସୁ ନୟନରେ ଚାହିଁଲା ହେଲେ ଟ୍ରେନ ଆସିବା ଦେଖିପାରିଲା ନାହିଁ ।

ସେଠାରୁ ଫେରିଆସି ଟ୍ରେନ୍ ପାଇଁ ଅପେକ୍ଷାରତ ଲୋକମାନେ ଯେଉଁ ବାରରୁମରେ ବସିରହି ମଦ୍ୟପାନ କରୁଥିଲେ ସେଇ ବାଟ ଦେଇ ସେ ଆସିବାର ଦେଖାଗଲା । ସେ ବାର୍ ରେ ଏକ ଆନିସ୍ ପିଇଲା ଓ ଲୋକମାନଙ୍କ ଆଡ଼େ ନଜର ବୁଲାଇ ଆଣିଲା ।

ସେଠାରେ ବସିଥିବା ସମସ୍ତ ଲୋକ ଟ୍ରେନ ପାଇଁ ପ୍ରକୃତରେ ଅପେକ୍ଷା ହିଁ କରିଥିଲେ । ପୁରୁଷ ବନ୍ଧୁ ଜଣକ ମାଳି ପରଦା ଆଡେଇ ବାହାରକୁ ଗଲା । ଝିଅଟି ଟେବୁଲ ପାଖରେ ବସିଥିଲା ଓ ତାକୁ ଦେଖି ହସିଲା ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

"ତୁମେ ଭଲ ଅନୁଭବ କରୁଛ କି ?" ପୁରୁଷ ବନ୍ଧୁ ପଚାରିଲା ।

"ମୁଁ ଭଲ ଅନୁଭବ କରୁଛି," ଝିଅଟି କହିଲା । "ମୋର କିଛି ଅସୁବିଧା ନାହିଁ । ମୁଁ ଭଲ ଅନୁଭବ କରୁଛି ।"

(ଅର୍ନେଷ୍ଟ ହେମିଙ୍ଗୱେଙ୍କ ଦ୍ୱାରା ଲିଖିତ "ହିଲ୍ସ ଲାଇକ୍ ହ୍ୱାଇଟ୍ ଏଲିଫ୍ୟାନ୍‌ଟସ୍" ୧୯୨୭ ମସିହା ଅଗଷ୍ଟ ମାସରେ ଟ୍ରାନଜିସନ୍(Transition) ନାମକ ଏକ ସାହିତ୍ୟ ପତ୍ରିକାରେ ପ୍ରକାଶିତ ହୋଇଥିଲା। ଏହା ପରେ ଲେଖକଙ୍କ ଦ୍ୱିତୀୟ କ୍ଷୁଦ୍ର ଗଳ୍ପ ସଂଗ୍ରହ ମେନ୍ ୱିଦାଉଟ୍ ଓମେନ୍ (Men Without Women) ରେ ଏହା ୧୯୨୭ ମସିହା ଅକ୍ଟୋବର ମାସରେ ଅନ୍ତର୍ଭୁକ୍ତ ହୋଇଥିଲା।)

Hints (ସୂଚନା):

Ebro/ ଏବ୍ରୋ - a river flows in the northern part of Spain/ ସ୍ପେନ ର ଉତ୍ତର ଭାଗରେ ବହୁଥିବା ଏକ ନଦୀ ।

Beer/ବିଅର୍ - soft alcoholic drink/ ନିଶା ଉଦ୍ରେକକାରୀ ସୁକ୍ଷ୍ମ ପାନୀୟ ।

Dos cervezas/ ଡୋସ ସର୍ଭେଯାସ - Spanish word meaning two in English/ ସ୍ପାନିସ ଶବ୍ଦ ଯାହାର ଇଂରାଜୀ ଅର୍ଥ ଦୁଇ ।

Felt pad/ ଫେଲ୍ଟ ପ୍ୟାଡ - small,soft pad used to protect surfaces from scratches and scuffs/ ଛୋଟ, ନରମ ପ୍ୟାଡ୍ ଯାହା ଟେବୁଲର ଉପରିଭାଗରେ ଚିହ୍ନ ଓ ଦାଗ ନଲାଗିବା ପାଇଁ ବ୍ୟବହୃତ ହୁଏ।

Anis del Toro/ ଅନିସ ଡେଲ ତୋରୋ- a brand of Spanish liqueur/ ଏକ ପ୍ରକାର ସ୍ପାନିଶ ମଦ ।

Licorice/ ଲିକୋରିସ୍ - a sweet, aromatic black substance/ ଏକ ମିଠା, ସୁଗନ୍ଧିତ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କଳା ପଦାର୍ଥ absinthe/ ଆବସିନ୍ଥ - alcoholic beverages/ ନିଶା ଉଦ୍ରେକକାରୀ ପାନୀୟ ।

Barroom/ ବାରରୁମ୍ - a room where alcoholic drinks are served/ ଏକ କୋଠରୀ ଯେଉଁଠି ନିଶା ପାନୀୟ ମିଳେ

ମର୍ମାନୁବାଦକ:

ମାର୍ଫତ - ଶ୍ରୀମତୀ ସଂଘମିତ୍ରା ମହାପାତ୍ର,
ଡାକପାଳ, ସହୀଦ ନଗର ଏମ. ଡି. ଜି, ସହୀଦ ନଗର,
ଭୁବନେଶ୍ୱର -୭୫୧୦୦୭
ମୋ:୯୪୩୭୦୬୮୦୦୩
ଇ ମେଲ୍ ଆଇ ଡି - alokray 1966@gmail.com

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କବିତା ବିଭାଗ

ଯଦି ଆପଣ ଏହି ଇ-ପତ୍ରିକାରେ ନିଜ ଲେଖା ପ୍ରକାଶିତ କରିବାକୁ ଚାହୁଁଛନ୍ତି, ତା ହେଲେ ନିଜ ଲେଖାକୁ ଓଡ଼ିଆ ଭାଷାରେ କମ୍ପ୍ୟୁଟର ଦ୍ୱାରା ଟାଇପ୍ କରନ୍ତୁ ଏବଂ ସେହି ଆଲେଖ୍ୟକୁ ଆମ ନିକଟକୁ ଇମେଲ୍ ଦ୍ୱାରା ପ୍ରେରଣ କରନ୍ତୁ । ଓଡ଼ିଆରେ ଆପଣ ଯେକୌଣସି ସଫଟ୍‌ୱେରରେ ଟାଇପ୍ କରି ପଠାଇ ପାରିବେ । ଧାରାବାହିକ କାହାଣୀ ପାଇଁ ସମସ୍ତ ଭାଗକୁ ଅଲଗା ଅଲଗା ଫାଇଲ୍ କରି ଏକାଥରେ ପଠାଇବେ । ପ୍ରତ୍ୟେକ ଲେଖା ସହ ନିଜ ଛବି ଓ ଠିକଣା ଲେଖି ପଠାନ୍ତୁ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଅଭିମାନ

ଶିବନାରାୟଣ ଦାସ

ତୁମରି ପାଇଁ ମୁହିଁ ରଖିଛି ଯେତେ ଗୀତ
ତୁମରି ନାମ ଧରି ଗାଇଛି ଯେ ସଂଗୀତ,
ନ ହେଉ ତାହା ପ୍ରଭୁ କେଉଁଠି କେବେ ଲେଖା
ନ ଜାଣୁ କେହି ତାହା ଥାଉ ସେ ଏକା ଏକା ।

ଏକାକୀ ଏକ କୋଣେ ଥାଉ ସେ ହୃଦେ ମୋର,
ହୃଦୟ ଗଲେ ପୁରି ଛୋଟିଆ ହୋଇ ଝର,
ଯାଉ ଗୋ ଯାଉ ବହି ନୟନ ପଥ ଦେଇ
ଏ ଆଖି ଲୁହ ହୋଇ ହୃଦୟ ଯାଉ ଧୋଇ ।

ଅଶ୍ରୁ ହୋଇ ଝରି ପଡୁ ସେ ଥିରି ଥିରି,
ତବ ଶ୍ରୀଚରଣରେ ରଖ ଗୋ ତାକୁ ଧରି,
ସେ ଆଖି ଲୁହ ଦେଇ ଦେବି ଗୋ ଦେବି ଧୋଇ
ତୁମରି ପଦ୍ମ-ପାଦ ସରାଗଭରେ ମୁହିଁ ।

ଦିଅ ଗୋ ଦିଅ ମୋତେ ଏତିକି ଅଧିକାର
ନ ଦେଲ ଯଦି ଆଉ ଜୀବନେ କିଛି ମୋର,
ଦିଅ ଗୋ ମୋତେ ତୁମେ ଏତିକି ଅଭିମାନ,
କ୍ଷୁଦ୍ର ଏ ଜୀବନେ ସେଇ ମୋ ମହାଧନ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଶାନ୍ତ ରାତ୍ରୀ

ବିଶ୍ୱ ରଞ୍ଜନ ମହାନ୍ତି

ହେ ରାତ୍ରି, ତୁମେ କାହିଁକି ପଡ଼ିଗଲ ଶାନ୍ତ ?

ରାତ୍ରି, କୁଆଡେ ଗଲା ତୁମ କାନ୍ତି
କୋଳାହଳମୟ ଆନନ୍ଦ ମୁଖରିତ ଦୀପ୍ତି
ନିର୍ଜୀବ ହୋଇଗଲା ତାଳ ସଙ୍ଗୀତର
ନିଶବ୍ଦ ହୋଇଗଲା ବାଦ୍ୟର ଝଙ୍କାର ।

ନିରବ ନିସ୍ତବ୍ଧ ତୁମ କୋଳେ
ଶୋଇବାର ଇଚ୍ଛା ଥିଲା ବେଳେ
କାହିଁକି ଥିଲ ତୁମେ ଯାନ୍ତ୍ରିକ
ସଙ୍ଗୀର ସମିପେ ଯେପରି ପ୍ରେମିକ ।

ସମସ୍ତେ ଯୁଦ୍ଧ, ସନ୍ତ୍ରାସବାଦରେ ଅତିଷ୍ଠ
ବିହଙ୍ଗ ଯେପରି ବାହୁଡ଼େ ସୂର୍ଯ୍ୟ ହେଲେ ଅସ୍ତ
ଜାଣିଲେନି କେହି ବନ୍ଦ ହେଲା ବାଣିଜ୍ୟ
ମୁଦ୍ରାସ୍ଫିତି ବିସ୍ତାର କଲା ସାମ୍ରାଜ୍ୟ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସୁନା ଦର ହେଲା ଆକାଶ ଛୁଆଁ

ସେଆର ବଜାର କମିଲା ବୁଲାଇ ଭୁଆଁ

ଜନତା ଦିନରେ କରେ ପରିଶ୍ରମ ଅକ୍ଳାନ୍ତ

ପଡୋଶୀ ଦେଶଗୁଡିକର ଚମକ ଅଶାନ୍ତ ।

ହେ ରାତ୍ରି, ତୁମେ କାହିଁକି ପଡ଼ିଗଲ ଶାନ୍ତ ?

ଚାଟାର୍ଡ ଆକାଉଣ୍ଟାଣ୍ଟ

ୟୁନିଟ ୬, ଭୁବନେଶ୍ୱର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ନବଉଦ୍ଦୀପନା

ଅମୃତନାରାୟଣ ଶତପଥୀ

ନବ ଉଦ୍ଦୀପନା ଉତ୍ସାହ ବର୍ଦ୍ଧକ ଆଉ ଏକ ନବ ବର୍ଷ,

ପୁଲକିତ ଦେହ ପ୍ରଫୁଲ୍ଲିତ ମନ କରୁ ସମସ୍ତଙ୍କୁ ସ୍ପର୍ଶ ।(୧)

ଜାନୁଆରୀ ଠାରୁ ଡିସେମ୍ବର ଯାଇ ପୁରୁଣା ବରଷ ଗଲା,

ପୁଣି ଥରେ ଜାନୁଆରୀ ମାସ ପ୍ରଥମ ତାରିଖ ନବ ବର୍ଷ ଉଭା ହେଲା ।(୨)

ପୁରୁଣା ବରଷ ହୋଇଲା ଅତୀତ କେତେ ସ୍ମୃତି ଅନୁଭୂତି ନେଇ,

କେତେ ଘଟଣା ବା କେତେ କ'ଣ ସବୁ ସଭିଏଁ ଅଙ୍ଗେନିଭାଇ ।(୩)

କେବେ ଯେ ଆଦର କେବେ ଅନାଦର କେବେ ପୁଣି ରାଗ ରୁଷା,

କେବେ ଯେ ଆନନ୍ଦ କେବେ ଯେ ଅଧୀର ସ୍ମୃତିର ଯେ ପରିଭାଷା ।(୪)

କେତେ ଗ୍ରୀଷ୍ମ ତାପ ନିଦାଘର ଅଗ୍ନି ବର୍ଷାର ଅମୃତ ରସରେ ଶାନ୍ତ,

କେତେ ପୁଣି ଉତ୍ସବ ଶରତ ହେମନ୍ତେ ଆନନ୍ଦମୟ ଶୀତ ମଳୟ ବସନ୍ତ ।(୫)

କେତେବେଳେ ଦୁଃଖ ସ୍ପର୍ଶ କରି ହୃଦ ନୟନ ଯୁଗଳରୁ ଝରାଇଲା ଅଶ୍ରୁ,

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଅବା କେତେବେଳେ ହୃଦୟ ଭାଙ୍ଗି କେ ମୁଖରେ ପୁଣି ବଢାଇଲା ଶୁଶ୍ରୁ ।(୬)

ପୁଣି ସେ ଶୁଶ୍ରୁଳ ନାୟକ ଚଳଚ୍ଚିତ୍ର ବର୍ଷଟିରେ ରଚି ଦେଲା କୀର୍ତ୍ତିମାନ,
କ୍ରୀଡାରେ ଅନେକ ସଫଳତା ସହ ବିଶ୍ୱକପ ବିଜେତା ଭାରତୀୟ ଦଳ ମହାନ ।(୭)

ଅନେକ ସକାରାତ୍ମକ ପୁଣି ନକାରାତ୍ମକ ଘଟଣାରେ ବିତିଗଲା ପୁରୁଣା ବର୍ଷ,
ନବ ଉଦ୍ଦୀପନା ନବ ସମ୍ଭାବନା ପାଇଁ ଉଭା ନବ ବର୍ଷ ।(୮)

ଅତୀତରେ ଆଉ ନାହିଁ ଯେ କର୍ତ୍ତୁତ୍ୱ ଭବିଷ୍ୟତ ସଭିଙ୍କ ପାଇଁ ଅଜ୍ଞାତ,
ବର୍ତ୍ତମାନ କେବଳ କର୍ତ୍ତବ୍ୟର ବେଳ ଅତୀତରୁ ଶିଖି ବଦଳାଇବା ଭବିଷ୍ୟତ ।(୯)

ମଙ୍ଗଳମୟ ହେଉ ସଭିଙ୍କର ନବ ବର୍ଷ ଈଶ୍ୱରଙ୍କ ନିକଟରେ ଏହି ପ୍ରାର୍ଥନା,
ଖୁସି ଶାନ୍ତି ପ୍ରଗତି ସମୃଦ୍ଧିରେ ଭରିଯାଉ ବିଶ୍ୱ ବିନାଶ ହେଉ ଦୁଃଖ ଯାତନା ।(୧୦)

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ନୂଆଁଣିଆ ଆକାଶରେ

କିରନ୍ ସ୍ୱାଇଁ

ବରଷ ଆସିଛି ଆଜି
ନୂଆଁଣିଆ ଆକାଶରେ
ବହୁଦିନ ପରେ ।
କେବଳ ତାରିଖଟେ
ବଦଳି ଯିବା
ସାମାନ୍ୟ ନୁହେଁ
ସେଥିରେ ଲାଗେ
ଜୀବନର ପ୍ରଚ୍ଛଦ ସବୁ
ପୁଣି ଥରେ ଗଢ଼ା ହେବ
ଅନେକ ସମ୍ଭାବନା ନେଇ ।
ସ୍ୱପ୍ନର ସୂର୍ଯ୍ୟମୁଖୀ
ସୂର୍ଯ୍ୟକୁ ମୁହଁ କରି
ଛିଡ଼ା ହୋଇ ଥିବ
ମନରେ ନୂତନ ଉତ୍ତାପ
ଓ ଆକାଂକ୍ଷା ସଜେଇ ।

ବରଗଡ଼

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସତ୍ୟ

ରାକେଶ ମୁଦୁଲି

ସତ୍ୟ ଗୋଟେ ଗଭୀର ସମୁଦ୍ର,
ନୁହେଁ ମୃଗମାର୍ଗ, ନୁହେଁ କୌଣସି ନୂଆ କୌଶଳ,
ନା ଥାଏ ଏଥିରେ ଆଡମ୍ବର, ନ ଥାଏ ମିଥ୍ୟା ଆଭା,
ତଥାପି ଏ ଜ୍ୱଳା ଆଲୋକରେ ଅନ୍ଧକାର ଶର୍ମିତ ହୁଏ ।

ମିଥ୍ୟାର ରାଜ୍ୟ ରହିବ ବା କେତେ ଦିନ ?
ଦିନେ ନା ଦିନେ ତ ପ୍ରଚଣ୍ଡ ହେବ ସତ୍ୟର ପଦଚିହ୍ନ,
ଭୟ ଆଗରେ ସତ୍ୟ ଦୀପ ହୁତୁହୁତୁ ହୋଇ ଜଳିବ,
ଆଉ ନିଜ ପଥକୁ ଅନ୍ୟଙ୍କୁ ଦେଖାଇ ନିର୍ଭୟ କରିବ ।

ସତ୍ୟ କେବେ ଜୋର୍ କରେନାହିଁ,
କେବେ କାନ୍ଦେ ନାହିଁ, କେବେ ଶୋର୍ କରେ ନାହିଁ,
କିନ୍ତୁ ଯେତେବେଳେ ଏହା ଜଗତ ଉପରେ ପଡ଼େ,
ସେତେବେଳେ ସତ୍ୟର ଚହଳ ପଡେ ମିଥ୍ୟା ଗହଳିରେ ।

ସତ୍ୟ ନୁହେଁ କେବଳ ଶବ୍ଦର ଝଙ୍କାର,
ଏହା ନୀତି, ଆତ୍ମା ଓ ଶୂରତାର ଅଭିମାନ,
ଏଥିରେ ନ ଥାଏ ଦୁର୍ନୀତି, ନ ଥାଏ ଭୟ,

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଯିଏ ଏହାକୁ ଧାରଣ କରେ ସେ ଅନ୍ଧକାରକୁ କରେ ଜୟ ।

ସତ୍ୟ ନୁହେଁ ଲାଭର ହିସାବ,
ସେ ହେଉଛି ଆତ୍ମାର ଉତ୍ସବ,
ଯିଏ ଏହାକୁ ଅଙ୍ଗୀକାର କରେ ନିଷ୍ଠାରେ,
ସେ ଆପଣା ଜୀବନ ଜିତିଥାଏ ସତ୍ୟତାର ଦୂତ ଭାବେ ।

ତୁମେ ଅସତ୍ୟକୁ ଅଳ୍ପ ସମୟ ପାଇଁ ଲୁଚେଇପାର,
କିନ୍ତୁ ସତ୍ୟ ହେଉଛି ଅଗ୍ନି - ସେ ଆପେ ଆପେ ଜଳି ଉଠେ,
ସତ୍ୟ ହେଉଛି ଶିକ୍ଷା - ଯାହା ଅନୁସରିଲେ,
ମନୁଷ୍ୟ ତାଙ୍କ ନୀତି, ମୂଲ୍ୟ ଓ ବିଶ୍ୱାସରେ ଅଟୁଟ ଥାଏ ।

ଯେଉଁମାନେ ସତ୍ୟରେ ବିଶ୍ୱାସ କରନ୍ତି,
ସେମାନେ ଅନ୍ଧକାରରେ ମଧ୍ୟ ଆଲୋକ ଖୋଜନ୍ତି,
ନେତୃତ୍ୱ, ସଫଳତା, ଯଶ, କୀର୍ତ୍ତି, ବୈଭବ ସବୁ,
ସତ୍ୟରେ ଥିଲେ ନିଜେ ଆସି ଚୁମିଥାଏ ପାଦ ।

ସତ୍ୟ ନୁହେଁ କେବଳ ବଚନର ଗାନ,
ଏହା ହେଉଛି ବ୍ୟବହାରର ଉଜ୍ଜ୍ୱଳ ପରିଚୟ,
ଯେଉଁମାନେ ଅନ୍ତରେ ଏହାକୁ ଧାରଣ କରନ୍ତି,
ସେମାନେ ନିଜ ପାଦରେ ଭବିଷ୍ୟତ ଗଢ଼ନ୍ତି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସତ୍ୟ ଯଦି ହୃଦୟର ଆଭୂଷଣ ହୁଏ,
ତେବେ ବାହ୍ୟ ରତ୍ନ ବ୍ୟର୍ଥ ହୋଇଯାଏ,
ମନୁଷ୍ୟ ହୋଇଯାଏ ଦୈବତ ସମ୍ମାନିତ,
ସତ୍ୟ ତାଙ୍କୁ ଦିଏ ଆନ୍ତରିକ ସମ୍ପୂର୍ଣ୍ଣତା ।

ସତ୍ୟର ରାସ୍ତା ବେଳେବେଳେ କଠିନ ଥାଏ,
କିନ୍ତୁ ଏହି କଠିନତା ହେଉଛି ପ୍ରକୃତ ନୀତିର ପରୀକ୍ଷା,
ଯିଏ ଧୈର୍ଯ୍ୟ ଧରେ, ସେ ଶ୍ରେଷ୍ଠ ଲକ୍ଷ୍ୟକୁ ଛୁଏଁ,
ଯିଏ ଭୟ କରେ, ସେ ନିଜକୁ ହାରେ ।

ସତ୍ୟ ହେଉଛି ଏମିତି ଏକ ଅମର ଅସ୍ତ୍ର,
ଯାହା ଅନ୍ୟାୟ ଓ ଅସତ୍ୟର ଦୁର୍ଗକୁ ବି ଭେଦି ଦିଏ,
ଯେଉଁ ଜୀବନ ଏହି ସତ୍ୟର ଆଧାରରେ ଗଢ଼ିଥାଏ,
ସେ ମହାନ ନୁହେଁ, ବରଂ ଅନ୍ୟମାନେ ପାଇଁ ହୁଏ ଦୀପାଲୋକ ।

ପଥ ଯେତେ ଖରାପ ହେଉ, ଅନ୍ୟାୟରେ ଯେତେ ଆନନ୍ଦ ଥାଉ,
ସତ୍ୟର ଚରଣ ଯେଉଁଠି ପଡ଼ିଥାଏ, ସେଠି ଧର୍ମ ହସି ଫୁଟିଉଠେ,
ଏ ଜନମ ଯଦି ନିଷ୍ଠାରେ ସତ୍ୟ ପାଇଁ ବିତିଯାଏ,
ତେବେ ଏହି ଜୀବନ ଅକ୍ଷୟ ଶିକ୍ଷା ଛାଡ଼ିଯାଏ ।

ଠିକଣା - ନରସିଂହପୁର, କଟକ, ଓଡିଶା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କେହି ଚାହେଁ ନାହିଁ

ଗୋଲୋକବିହାରୀ ବେହେରା

କେହି ଚାହେଁ ନାହିଁ ଭୁଲି ଯିବା ପାଇଁ
ସମୟ ଭୁଲେଇ ଦିଏ,
ଚାହେଁ ନାହିଁ କେହି ହରାଇବା ପାଇଁ
ଭାଗ୍ୟ ତ ଛଡେଇ ନିଏ ।
ଏହି ଦୁନିଆରେ ଯାହା ତୁ ଚାହିଁବୁ
ପାଇବା ବଡ କଠିନ,
ପାଇକରି ଥରେ ହରାଇ ଦେଲେ ତୁ
ଦୁଃଖ ବଢିଯାଏ ଜାଣ ।
ଆପଣଙ୍କୁ କେହି ବୁଝି ପାରନ୍ତିନି
ସେଥିପାଇଁ ଦୁଃଖ ନାହିଁ,
ଭଲ ବହି ଆଉ ଭଲ ମନ କଥା
ବୁଝିବା ସହଜ ନୋହି ।

ଏକଲା ଜୀବନ କଲରା ସମାନ
ପିତା ଲାଗୁଥାଏ ସିନା,
ଦେହ ପାଇଁ ହିତ ଭବିଷ୍ୟତ ପଥ
ବଞ୍ଚିବ ଟେନ୍ ସନ୍ ବିନା ।
ସଂସାରରେ ଜଣେ ଭଲକାମ କଲେ
ଦୁଃଖ ଯାତନାରେ ସଢ଼େ,
ଫଳନ୍ତି ଗଛ ତ ଫୋପଡ ସହିବ
ଅଫଳନ୍ତି ଗଛ ବଢେ ।

ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ
ଷଡ଼ଙ୍ଗୀ, ଢେଙ୍କାନାଳ
ମୋ : ୯୯୩୮୩୦୩୦୪୬

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ନାହିଁ କେହି ସଖା ମୋର

ଦୁର୍ଗା ଚରଣ ମଲ୍ଲ

ନାହିଁ କେହି ସଖା ମୋର
ପଚାରିବାକୁ ଖବର ମୋ ସୁଖ ଦୁଃଖର
ଜୀବନ ଜଞ୍ଜାଳ ବିଷମ ଜଗତେ
ନାହିଁ କେହି ଭଲ ଆପଣାର ସତେ

ମିଛ ମୋହ ମାୟା ସବୁ ତ ଏଇଠି
ସ୍ୱାର୍ଥ ପାଇଁ ସବୁ ସମ୍ପର୍କ ଗଠନ କରନ୍ତି
ସ୍ୱାର୍ଥ ସରିଗଲେ ତୁ ଅବା କିଏ
ଯେପରି ମୁଁହ ଦେଖି ସୁନା ବଣିଆ ଦିଏ

ସଖା ସଖା କହି କେତେ ଯେ ଡାକ
ସ୍ୱାର୍ଥ ସରିଗଲେ ଦେଖେ ତା ବାଟ
ମନରେ ନ ଥାଇ ପ୍ରକୃତ ପ୍ରେମ
ସଭିଙ୍କ ଆଗରେ କୁହେ ସେ ମୋ ରଙ୍କ ରତନ

ବିନା ଖୋଜିବାରେ ବୋଧେ ମିଳେ ଏମିତି ବନ୍ଧୁ
ବିନା ଶୋଷରେ ବି ପିଆଏ ପାଣି ସେ କାଚକେନ୍ଦୁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କେଜାଣି କୋଉ ମୁହୂର୍ତ୍ତରେ କା ସହ ହୁଏ ଏମିତି ଭେଟ
ଜାଣି ଜାଣି ଜୀବନ ସାରା ମୁଁ ହୁଏ ଛଟପଟ

ବୋଧେ ଭଗବାନ ଦେଲେ ଏମିତି ବର
ଜୀବନରେ ସବୁ ତୁଚ୍ଛ ଖାଲି ବନ୍ଧୁ ହେଲା ନିଜର
ହେଲେ ବନ୍ଧୁ ହେଲା ବନ୍ଧୁକ
ଯେବେ ଖୋଲି ଦେଲା ତା ମନର ସିନ୍ଦୁକ

ସମୟର ସୁଅରେ ଭାସି ମୁଁ ଆଜି କୋଉଠି
ବିନା ସଖା ରେ ଆଜି ମୁଁ ଜୀବନ ଜିଁଉଛି
ନାହିଁ କେହି ସଖା ମୋର
ପଚାରିବାକୁ ଖବର ମୋ ସୁଖ ଦୁଃଖର

କିଏ ହବକି ସଖା ମୋର ?
ଅପେକ୍ଷାରେ ରେ ରହିଲି ଦେବ ପ୍ରତିଉତ୍ତର .....

ସମାଗୋଳ, କୁଜଙ୍ଗ
ଜଗତସିଂହପୁର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କାଠ ଲଙ୍ଗଳ

ଧିରୋଜ କୁମାର ପାତ୍ର

ପୂର୍ବ ଆକାଶରେ ଫୁକିଆ ତାରାକୁ
ଦେଖି ମୋ କୃଷକ ଭାଇ
କତରା ଛାଡିଣ ପ୍ରଭୁଙ୍କୁ ସୁମରି
ଚାହା କରେ ଆଗେ ଯାଇ ॥
ଗୁଡ ଚିନି ମିଠା କୁଆଡେ ପାଇବ
ବଗଡା ଚାଉଳ ଭଜା
ବାଲି ହାଣ୍ଡିଟାରେ ଭାଜିଛି ଘରଣୀ
ତା ସହିତ ଲିଆ ଖୋଜା ॥
ଜିଭ ଅଗେ ଚିନି ଢୋକେ ନାଲି ଚାହା
ଦେହ କଡକା ହୋଇବ
ବଳଦ ମୁହାଁଇ କୁଣ୍ଡା କୁ ତୋରାଣି
ବିଲକୁ ସେ ହଳ ନେବ ॥
ଲଙ୍ଗଳ ର ଇଷ ହୁଏ ଖଡ ଖଡ
ହଳୁଆ ପାଞ୍ଚଣ ଧରେ
ବଳଦ ବେକରେ ଘଣ୍ଟି ଘାଗୁଡି ଟା
ଟିଣି ଟିଣି ଶବ୍ଦ କରେ ॥

ଝୋଟରୁ ତିଆରି ତଲପ କରିଛି
ଜୁହାଳିରେ ଚାରି କଣା
ଖସିବାର ବାଟ ନାହିଁ ଦାମ୍ଭୁଡିଙ୍କୁ
ନଚେତ ହଳୁଆ ବଣା ॥
ଖିଡିଖିଡି ଚାଷ ଅଳସୁଆ ପଣ
ଗଭୀରିଆ ଚାଷ ଭଲ
ହିଡକୁ ଲାଗିଣ ହଳ କରିଥିଲେ
ଷୋଳଣା ହେବ ଫସଲ ॥
ଜୟ ଜଓ୍ୱାନ ଜୟ କିଶାନ ।।

କୁସୁର୍ଲା, କଳାହାଣ୍ଡି,
ଫୋନ୍- ୯୭୭୭୩୯୭୭୯୮

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପ୍ରେମ

ଅରୁଣ କୁମାର ଦାସ

ଏମିତି ଏକ ପୁଲକ
ଯେତେ ବାସି ହୁଏ ସେତେ ବାସୁଥାଏ
ଏମିତି ଏକ ଅନୁଭବ
ଯେତେ ଦୂରେ ଥାଅ ସେତେ ନିଜର ଲାଗେ ।
ଏମିତି ଏକ ସ୍ପନ୍ଦନ
ହୃଦୟ ତନ୍ତ୍ରୀକୁ ଛିନ୍ ଭିନ୍ କରିଦିଏ
ଏମିତି ଏକ ଆଲୋକ
ଗାଢ ଅନ୍ଧକାରରେ ଆଶାର କିରଣ ବୁଣେ ।
ଏମିତି ଏକ ସୌଧ
ବାଲିରେ ଗଢିହୁଏ ସପନର ଘର
ଏମିତି ଏକ ଭାବନା
ପର ହୁଏ ନିଜର ନିଜର ।
ଏହା ଏକ ଭସା ବାଦଲ
ବିନା ବର୍ଷାରେ ଭିଜିଯାଏ ତନୁମନ
ଲାଗି ଯାଇଥାଏ କାଳିମା
ବନ୍ଧା ହୋଇ ରହେ ଯୌବନ ।

ଠାକୁରା, ପୁରୁଣା ବଉଳମାଳ, ଧର୍ମଶାଳା, ଯାଜପୁର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଅପେକ୍ଷା

ଅନାମିକା ଜେନା

ସେଇ ଅସରନ୍ତି ବାଟକୁ ଚାହିଁ
ଆଜି ରହିଛି ମୁଁ ଆଶାବାଦୀ ହୋଇ ,
ଚାହିଁ ରହିଛି ମୁଁ କାହାକୁ କେଜାଣି
ଯାହା ଅପେକ୍ଷାର ଅନ୍ତ ହିଁ ନାହିଁ ! !

ସେଇ ଅନ୍ତହୀନ ଅପେକ୍ଷାର
ଆଜି ସାଜିଛି ମୁଁ କଣ୍ଟେଇଟିଏ ,
ଯାହାକୁ ରଖିଛି ସେ ନିଜ ଆୟତ୍ତରେ
ନଚାଏ ତାର ଅଶେଷ ପ୍ରତୀକ୍ଷାରେ ।।

ମନରେ ଆସେ ବହୁତ ପ୍ରଶ୍ନ
କଣ ଅନ୍ତ ଅଛି ଏଇ ପ୍ରତୀକ୍ଷାର ?
ମିଳିବ ମୂଲ୍ୟ ଏଇ ଅପେକ୍ଷାର ! ?
କିନ୍ତୁ ପାଏନି ଉତ୍ତର ଏଇ ପ୍ରଶ୍ନର ।।

କଟକ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସମ୍ପର୍କ

କୁଞ୍ଜବିହାରୀ ରାଉତ

ସମ୍ପର୍କ ସୃଷ୍ଟିହୁଏ
ହୃଦୟର ଖୋଲା ହସ ଟିରେ
ଶତ୍ରୁ ବି ବାନ୍ଧିହୁଏ ଆପଣାପଣରେ.....
ସମ୍ପର୍କକୁ ଉପେକ୍ଷା
ଅବା ହାତରେ ସମୟ ନାହିଁ
ଯିଏବି କହଇ
ତା ପାଇଁ ଆପଣାବି
ପର ହୋଇଥାନ୍ତି
ଅତି ନିଜରବି ସନ୍ଦେହ କରନ୍ତି
କାରଣ ସମ୍ପର୍କ ଉପେକ୍ଷାକୁ
ପାରେ ନାହିଁ ସହି.....
ତେଣୁ ସମ୍ପର୍କ ଭାଙ୍ଗିବା ପୂର୍ବରୁ
ଆଉ ଥରେ ଭାବିନିଅ
ହୁଏତ ଖୋଜିଲା ବେଳକୁ
ସମ୍ପର୍କ ହାତ ପାହାନ୍ତାରୁ
ଦୂରକୁ ଚାଲିଯାଇଥିବ
ସେତେବେଳେ ମନକୁ ହେଜି ହଉଥିବ
ଜୀବନଟା ମରୁଭୂମି ପାଲଟିବ.....
ତେଣୁ ସମ୍ପର୍କର ମୂଲ୍ୟକୁ
ଅର୍ଥରେ ତଉଲିବାକୁ ନକର ପ୍ରଚେଷ୍ଟା
ଭାବର ଆଦାନପ୍ରଦାନହିଁ
ସମ୍ପର୍କର ମୂଳଦୁଆ ପକାଇବ
ଆଉ ଉପେକ୍ଷା,
ସମ୍ପର୍କର ସେତୁ ଭାଙ୍ଗିଦେବ
ତେବେ କୁହ ବନ୍ଧୁ
ସମ୍ପର୍କ ନା ଉପେକ୍ଷା
କାହାକୁ ବାଛିବ ? ? ?

ପ୍ଲଟ-୧୪୮/୫,ହମିରପୁର,ରାଉରକେଲା-୩
ମୋ=୯୦୯୦୦୯୦୨୨୫

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ନୀଳାଦ୍ରି ସାମନ୍ତ

ପାରଦ କୁମାର ପାଢ଼ୀ

ଜଗତ ଜନଙ୍କ ହୃଦୟ ଦେବତା
ଓଡିଆ ଜାତିର ଗର୍ବ ,
ତାଙ୍କୁ ଆମେ କହୁଁ ମଉଡ଼ମଣି ହେତୁ
ଆମ ଜାତିର ଗୌରବ । ୧
ସେହିଟି ଅଟନ୍ତି ଆମ ଜଗନ୍ନାଥେ
ତାଙ୍କୁ ଋଷି ବିଶ୍ୱାମିତ୍ର,
ସମୟୁ ଗୋପନେ ପୂଜା ନୀଳ ଶୈଳେ
ବିଶ୍ୱାବସୁ ପରି ପୁତ୍ର । ୨
ଦ୍ୱାପର ଶେଷରୁ ଯେ ନୀଳମାଧବ
ଅବା ବ୍ରହ୍ମ ଶ୍ରୀକୃଷ୍ଣଙ୍କ,
ଇନ୍ଦ୍ର ନୀଳମଣି ପ୍ରସ୍ତରରେ ବିଜେ
ପୂଜିତ ଥିଲେ ନିଷ୍କଙ୍କ ; ୩
(ନିଷ୍କଙ୍କ = ବିମଳ, ପବିତ୍ର)
ସେହି ବ୍ରହ୍ମ ଏବେ କଳିଯୁଗେ ପୂଜା
ପାଉଛନ୍ତି ଶ୍ରୀ ମନ୍ଦିରେ,
ଉଦ୍ୟୋଗ ପ୍ରାରମ୍ଭ ହୋଇଥିଲା ଯାହା
ଇନ୍ଦ୍ରଦ୍ୟୁମ୍ନ ସମୟରେ । ୪
(ପ୍ରାଚୀନ ମାଳବ ରାଜା ଇନ୍ଦ୍ରଦ୍ୟୁମ୍ନ)
କୌଣସି ପ୍ରକାରେ ବଞ୍ଚିବା ମଧ୍ୟରେ
ପ୍ରାକୃତିକ ବା କୃତ୍ରିମ,
ଭିତ୍ତିର ସାମର୍ଥ୍ୟ ଅଭାବ ମୋଚନେ
ପ୍ରଜାଏ ହେଲେ ଅକ୍ଷମ ; ୫
ପ୍ରାଚୀନ କାଳରେ ସାମନ୍ତ ରାଜାଙ୍କୁ
ଭକ୍ତି ସହ ଭେଟୁଥିଲେ ,
ଗୁହାରି ଶୁଣିକି କୃପାଳୁ ସାମନ୍ତେ
ସାହାଯ୍ୟ ବି କରୁଥିଲେ । ୬
ଏଥିରେ ପ୍ରଜାଏ ଉପକୃତ ହୋଇ
ଅଭାବ ମେଣ୍ଟାଉଥିଲେ ,
ଏକାଳେ ସେ ପ୍ରଥା କେବଠୁଁ ମଳାଣି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସ୍ୱାର୍ଥୀ ଶାସକେ ଆସିଲେ ; ୭
କାହା ଅସୁବିଧା ଅକ୍ଷମତା ଦୂର
ହେଉନାହିଁ କଦାଚିତ ,
ଏଣୁ ସର୍ବେ ଏବେ ହୋଇବାକୁ ବାଧ୍ୟ
ପ୍ରଭୁ ଆରାଧନେ ଭକ୍ତ । ୮
ଭକତି ଭାବରେ ପ୍ରେମେ ସମର୍ପିତ
ପୁରୀ ଧାମେ ନୀଳାଦ୍ରିଶେ,
ଅହଂ ଭାବ ତେଜି ଗହଳେ ଜଣାନ୍ତି
ଆକୁଳ ପ୍ରାର୍ଥନା ବଶେ । ୯
(ପ୍ରାର୍ଥନା + ଅବଶେ = ପ୍ରାର୍ଥନାବଶେ
= ଅଣାୟତ୍ତ ହୋଇ ପ୍ରାର୍ଥନା କରି)
ଜଗତ ଯାକର ଭକ୍ତ ଏଠି ରୁଣ୍ଡ
ସଭିଙ୍କର ଶୁଣନ୍ତି ସେ ,
ଏଇଥି ପାଇଁ ହିଁ ଦୟାନିଧି ବୋଲି
ନୀଳାଦ୍ରିର ସାମନ୍ତ ସେ । ୧୦

ଅବସରପ୍ରାପ୍ତ ଶିକ୍ଷକ,
ହିଞ୍ଜିଳିକାଟୁ, ଗଞ୍ଜାମ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପ୍ରେମିକ ପ୍ରଚ୍ଛଦ ପଟର ପ୍ରଶ୍ନ

ନାରାୟଣ ରାଉତ



ମୁଁ ଏକ ପ୍ରେମିକ, ପ୍ରେମରେ ହାରିଥିବା ପ୍ରେମିକ
ମୋର ସବୁଆଡେ ଦୁର୍ନାମ -
ମୁଁ ଖାଲି ଛଳନା କରେ, ମିଛ କହେ
ଶିରାରେ ପ୍ରବାହିତ ହୁଏ ପ୍ରତାରଣାର ରକ୍ତ
ମୋ ପାଇଁ ସେ ଅଶ୍ରୁସିକ୍ତ
ଚାରିଆଡେ କହିବୁଲେ
ମୋ ପାଇଁ କୁଆଡେ ତା ଜୀବନ ଅନ୍ଧକାର ।

ତା' ଆଖିରେ ମୁଁ ସେଥିପାଇଁ
ଅମଣିଷ,
ଲମ୍ପଟ,
ଚରିତ୍ରହୀନ ।
ସମାଜ ବି ସେଇଥିପାଇଁ
ମୋ ବିରୁଦ୍ଧରେ
କୁତ୍ସାରଟଣା କରେ
ଅପପ୍ରଚାର କରେ
ଜାଣିବାକୁ ଟିକେ ଚେଷ୍ଟା କରେନା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଅମଣିଷ ମୁଁ ହେଲି କାହିଁକି ?
ଲମ୍ପଟ ମୁଁ ହେଲି କାହିଁକି ?

ହେ ମୋର ସାମାଜିକ ମଣିଷମାନେ
ମୁଁ ଅମଣିଷ କହୁଚି
ଟିକେ କାନଡେରି ଶୁଣ -
ମଣିଷମାନଙ୍କ ଭିତରେ ମୁଁ ଏକ ମଣିଷ
ସୃଷ୍ଟିକର୍ତ୍ତାଙ୍କର ନୂତନ ସୃଷ୍ଟି ।
ସୃଷ୍ଟି ଭିତରେ ପ୍ରତ୍ୟେକର
ନିଜର ରୁଚି ଅଛି,
ସ୍ୱାଧୀନତା ଅଛି,
ବଞ୍ଚିବାର ନିଜସ୍ୱ ଶୈଳି ଅଛି ;
ମୋର ବି ଅଛି ।
ମାତ୍ର ମୁଁ ପାଇଚି କ'ଣ ?
ପାଉଚି କ'ଣ ?

ଭଲପାଇବା ଦେଇ ମୁଁ ପାଇଛି ଘୃଣା
ଅମୃତ ଦେଇ ମୁଁ ପାଇଛି ବିଷ
କଳା ଦେଇ ମୁଁ ପାଇଛି କଳଙ୍କ,
ସେବା ବଦଳରେ ଅବହେଳା
ପ୍ରେମ ବଦଳରେ ପବଞ୍ଚନା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବିଶ୍ୱାସ ବଦଳରେ ଛଳନା
ଫୁଲର ସ୍ପର୍ଶ ଦେଇ
ମୁଁ ପାଇଛି କଣ୍ଟାର ଯନ୍ତ୍ରଣା
ସେ ଆଘାତ ସହି ମୁଁ ବଞ୍ଚୁଛି
ଅମଣିଷ ହେବିନିତ
ହେବି କ'ଣ ?

ହେ ମୋର ପ୍ରିୟା, ତୁମେ କହିଲ
ମୋର ଲକ୍ଷ୍ୟର ପରିଚୟ କେଉଁଠି ?
ଜାଣିଛ ମୋର ଅନ୍ତରର ପାନ୍ଥଶାଳା
ଶୁଣିଛ ତା'ର ଶବ୍ଦହୀନ ଭାଷା
ଦେଖିଚ ତମେ
ମୋ ଜୀବନର ଦିଗବଳୟ
ସୂକ୍ଷ୍ମଦୃଷ୍ଟିରେ ଆବିଷ୍କାର କରିଚ
ଆମୂଳରୁ ଚୂଳ ଯାଏଁ
ପୁଖାନୁପୁଙ୍ଖ ଭାବରେ ତର୍ଜମା କରିଚ
ମୁଁ କେତେ ଶାନ୍ତ,
କେତେ କାନ୍ତ ! !
ମୁଁ କେତେ ସରଳ,
କେତେ ନିସ୍କପଟ ।
ଅଥଚ ମୋ ନାଁରେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଅପନିନ୍ଦାର ନାଗରା ।
ମତେ ଥରେ ବୁଝି
ନିଜକୁ ବୁଝାଇବାକୁ ଚେଷ୍ଟାକର ।

ହେ ଦୂର ସଦୂରର ବାନ୍ଧବୀ
ମୋ ହୃଦୟର
ନିକୁଞ୍ଜ କାନନ,
ଗୋପ ବୃନ୍ଦାବନ !
ତୁମକୁ ଦିନରାତି
ଖୋଜି ବୁଲେ ।
ମତେ ତୁମେ ବୁଝ ନ ବୁଝ
ଦୁଃଖ ନାହିଁ ।
ମତେ ସେମାନେ ବୁଝିବେ
ଯିଏ ରାଧା ହେବ ।
ଯିଏ ମୀରା ହେବ ।
ଯିଏ ଗୋପୀ ହେବ ।

ନାମ-ନାରାୟଣ ରାଉତ
ଠିକଣା-ନଛିପୁର, ଖଇରା, ବାଲେଶ୍ୱର
ଯୋଗାଯୋଗ-୮୫୯୪୮୫୩୫୯୩

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଧର୍ମ

ବାସନ୍ତୀ ଦେଇ

ଧର୍ମେ ଆତଯାତ ଏ ବିଶ୍ୱ ବ୍ରହ୍ମାଣ୍ଡ
ଧାରୟତେ ଇତି ଧର୍ମ
ଧର୍ମ ଧାରଣେ ଏ ଧରିତ୍ରୀ ରହିଛି
ବାସୁକୀ ଶିରେ ଶୋଭନ ।।

ଧର୍ମେ ଆତଯାତ ହୋ'ନ୍ତି ରବି ଶଶୀ
ନବଗ୍ରହ ନକ୍ଷତ୍ରାଦି
ଧର୍ମରେ ସାଗର ଲଙ୍ଘେ ନାହିଁ କୂଳ
ବ୍ରହ୍ମ କୀଟପତଙ୍ଗାଦି ।।

ଧର୍ମ ଧାରଣରେ ପ୍ରକୃତି ବଦଳେ
ଋତୁଚକ୍ର ଅନୁସାରେ
ଜଳ ସ୍ଥଳ ନଭ ତହିଁରୁ ଉଦ୍ଭବ
ସର୍ବେ ଧର୍ମ ଅଧୀନରେ ।।

ଧତ୍ୟଯୁଗେ ଧର୍ମ ଥିଲା ଚାରିପାଦ
ତ୍ରେତୟାରେ ତିନିପାଦ
ଦ୍ୱାପରେ ଦି'ପାଦ ଧର୍ମ ଘୁଞ୍ଚି ଗଲା
କଳିରେ ସେ ଏକପାଦ ।।

ଏ ତ କଳିକାଳ ଅଧର୍ମ ପ୍ରବଳ
ଧର୍ମକୁ କେ ମାନୁଅଛି
ବଡିମା ପଣରେ ମତ୍ତ ଅହଙ୍କାରେ
(ଧର୍ମକୁ) ଆଖିଠାର ମାରୁଅଛି ।।

ଧର୍ମବନ୍ତ ପ୍ରାଣୀ ପାଏ ବହୁ କଷ୍ଟ
ଅଧର୍ମର ଅଟ୍ଟହାସ୍ୟେ
କଳିଯୁଗ ରୀତି ମନେ ଆଣେ ଭୀତି
ଧାର୍ମିକ ଶରଣ ପଶେ ।।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଅଧର୍ମ ବିନାଶି ଧର୍ମ ସଂସ୍ଥାପନେ
ଯୁଗେ ଯୁଗେ ଅବତାର
ସେ ଧର୍ମ ପୁରୁଷ ସତ୍ୟ ଧର୍ମେ ବଶ
ଅସତ୍ୟ କରନ୍ତି ଦୂର।।

ଭଲମନ୍ଦ କର୍ମ ଅକର୍ମ ରହିଛି
ଧର୍ମ ଅଧର୍ମ ସହିତ
ବିଧି ମୁତାବକ ନୀତିନିଷ୍ଠ କର୍ମ
ଅଟଇ ଧର୍ମ ନିଶ୍ଚିତ।।

ସତ୍ୟ ନ୍ୟାୟ ଧର୍ମ ବିହିତ କର୍ମରେ
ଇଶ୍ୱର ତୁଷ୍ଟ ହୁଅନ୍ତି
ମିଛ ହିଂସା କର୍ମ ଅନୀତି ଅଧର୍ମେ
ଇଶ୍ୱର ରୋଷ କରନ୍ତି।।

କର୍ମାକର୍ମ ଦେଖି ଚିତ୍ର ଗୁପ୍ତ ପାଞ୍ଜି
ଅନ୍ତକାଳେ ଖୋଲିଦିଏ
କର୍ମ ଫଳ ଅନୁସାରେ ପ୍ରତି ଜୀବ
ପ୍ରାରବ୍ଧ କୁ ପ୍ରାପ୍ତ ହୁଏ।।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ତଥାପି ମୁଁ ବଦନାମ

ବିଶ୍ୱଜିତ ନାୟକ

ସବୁକିଛି ଠିକ ଠାକ
କଲାପରେ ମଧ୍ୟ
ବିନା ଦୋଷରେ
ଚଢ଼େଇ ଦିଆଯାଏ
ମୋତେ ଫାଶୀ ଖୁଣ୍ଟରେ !

ସଭିଙ୍କର ପ୍ରତିଟି କଥାକୁ
ଆଦେଶ ଭାବି
ପାଳନ କଲାପରେ ମଧ୍ୟ
ମୋତେ ଦୋଷୀ
ବନାଇ ଦିଆଯାଏ
ଏ ଦୁନିଆ ଆଖିରେ !

ମୋ ବିବେକ ଅନୁସାରେ
ସବୁକିଛି କଲାପରେ ମଧ୍ୟ
କିଛି ସ୍ୱାର୍ଥନ୍ଧ ମଣିଷ
ମୋତେ ବଦନାମ
କରି ଚାଲିଛନ୍ତି
ନିଜ ସ୍ୱାର୍ଥ ଅନୁସାରେ !

ମୋର ବିଶ୍ୱାସ
ନିଶ୍ଚୟ ଦିନେ ସକାଳ ଆସିବ
ଅନ୍ୟାୟ ଅନ୍ଧକାର
ଆପେ ଆପେ ହଟିଯିବ
ସତ୍ୟ ଓ ନ୍ୟାୟର
ପରାକ୍ରମ ଆଗରେ !

ତୁଣ୍ଡପଡ଼ା, କେଦାରପୁର
ସୋରୋ, ବାଲେଶ୍ୱର
ମୋ : ୭୯୭୮୨୫୬୩୮୬

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପ୍ରେମିକା

କରିଶ୍ମା ତ୍ରିପାଠୀ

ତୋ ସହ ଦେଖା ହେବ ବୋଲି ଜାଣି ନଥିଲି,

ଦେଖା ହେଲା ପରେ ପ୍ରେମ ହେବ ସେ କଥା ମୁଁ ଭାବି ନଥିଲି,

ଆମ ଦେଖା ହେବା ଭଗବାନଙ୍କ ଇଚ୍ଛା ଥିଲା,

କିନ୍ତୁ ତତେ ଛାଡି ଆଉ କାହା ହାତ ଧରିବା ମୋ ଭାଗ୍ୟରେ ଥିଲା...

ଭୁଲ ବୁଝୁବନି ମତେ,

ଆଜି ବି ବହୁତ ଭଲ ପାଏ ତତେ,

କ୍ଷମା କରିଦେବ ଭୁଲ ମୁଁ ମାଗୁଛି ତତେ ,

ଦୋଷ ମତେ ଦେବ ନାହିଁ ,

ବେଦୀ ରେ ବସିବାକୁ ପରିସ୍ଥିତି ବାଧ୍ୟ କରିଛି ମତେ ...

ସମୟ ର ତାଳେ ତାଳେ ଘଟି ଯାଇଛି ଅନେକ ଘଟଣା,

ଚେଷ୍ଟା କରି ବି ପ୍ରତିଚେଷ୍ଟା ମୋର ହୋଇଛି ବିଫଳ,

କହିବାକୁ ଚାହିଁ ବି କରିପାରିଲିନି ତତେ କିଛି,

ଚେଷ୍ଟା କରିକି ବି ମିଳିଲାନି କୌଣସି ମଉକା ମତେ...

ଜୀବନର ଶେଷ ନିଃଶ୍ୱାସ ଥିବା ଯାଏ କେବେ ଭୁଲି ପାରିବିନି ତତେ,

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଯେତେ ଥର ନିଃଶ୍ୱାସ ନଉଥିବି,
ସେତେ ଥର ତୁ ମନେ ପଡୁଥିବୁ ମତେ,
ଏବେ ବି ବହୁତ ଭଲ ପାଏ ମୁଁ ତତେ...

ହୃଦୟ ଦେଇ ବହୁତ ଭଲ ପାଉଥିଲି ତତେ,
ଲୁହ ରେ ଭିଜି ଯାଏ ଆଖି ମୋର ଯେବେ ତୋ କଥା ମନେ ପଡ଼ି ଯାଏ ମତେ,
ଛଳନା ନ ଥିଲା ପ୍ରେମ ମୋର,
ମିଛ ଥିଲା କହି କଷ୍ଟ ଦିଅନି ମନ କୁ ମୋର...

ନିରୁପାୟ ଆଜି ମୁଁ ,
ହାତ ରେ କିଛି ନାହିଁ ମୋର,
କି ଅବା କରିବି ! ! !
ଜୀବନେ ଯଦି ବିଧାତା ସାଜିଛି ଦାଉ ମୋର...

ଟିକେ ବି ଛଳନା ନଥିଲା ପ୍ରେମ ରେ ମୋର,
ଭାବିବନି ମତେ ପ୍ରତାରିକା,
ଆଜି ବି ଲୁହ ରେ ଭିଜୁଛି ଆଖି ମୋର,
ଥିଲି ମୁଁ ସଚ୍ଚା ପ୍ରେମିକା ତୋର...

ଭୁବନେଶ୍ୱର, ଓଡ଼ିଶା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମୁକ୍ତିତୀର୍ଥ

ପ୍ରଶାନ୍ତ କୁମାର ଦାଶ

ମମତା ବିହୁନେ ନିରାଶାର ତାତି
ହୃଦକୁ ଦହନ କରେ
ଲୁହ ବିନ୍ଦୁ ଢାଳି ଜୀବନ କାରାରେ
ସବୁ ଅଭିନୟ ସରେ ।।

ବେଳ ରତ ରତ ଫଗୁଣରେ ନିଏ
ବିଦାୟ ନୀଡ଼କୁ ପକ୍ଷୀ
କଳାରାତି ଗାଏ କରୁଣ ରାଗିଣୀ
ଦୁନିଆତ ରହେ ସାକ୍ଷୀ ।।

ଅଧାଗଢାଭାବ ଛିଣ୍ଡାଇ ଦିଏତ
ପ୍ରେମର ସମ୍ପର୍କ ଡୋର
ଶ୍ରଦ୍ଧା ସୁମନାସ ମହଙ୍ଗା ପଡ଼ଇ
ଦେଖାଯାଏ ଦୁଃଖଘୋର ।।

ମମତା ନଥିଲେ ହୁଏ ଛାରଖାର
ସୁନାର ସଂସାର ଏକ
ମମତାର ବିନା ଏ ଜୀବନ ପାଏ
କେତେଯେ ଅଲୋଡ଼ା ଦୁଃଖ ।।

ଭଙ୍ଗା ଆଇନାକୁ ଯୋଡ଼ି ହୁଏନାହିଁ
ଥରେ ଯଦି ସିଏ ଭାଙ୍ଗେ
ମନ ପରାଣରେ ମେଲାଣି ନେବାକୁ
କେତେ ଆଶା ପୁଣି ଜାଗେ ।।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପାଲଟିଛି ଆଜି ବୃଦ୍ଧପିତା ପାଇଁ
ମୁକ୍ତିତୀର୍ଥ ଜରାଶ୍ରମ
କାହିଁ କେତେଦିନୁ ଅଭାବ ହେଲାଣି
ସଭିଙ୍କ ପାଖରେ ପ୍ରେମ ।।

ଜୀବନ ତପନ କରିଛି ପ୍ରତୀକ୍ଷା
ଯିବାପାଇଁ ଅସ୍ତାଚଳ
ଆସିବ ତମସା ଝରିଯିବ ଖାଲି
ଆଖିଧାରୁ ଅଶ୍ରୁଜଳ ।।

କୁଞ୍ଜର -ସଙ୍ଗଳାଇ
ପିପିଲି -ପୁରୀ
ମୋବାଇଲ -୯୬୬୮୮୨୨୧୯୦

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଯଦି ବୁଦ୍ଧ ଏକ ମା ହୋଇଥାନ୍ତେ

ଇତିକ୍ଷା ମିଶ୍ର

ଯଦି ବୁଦ୍ଧ ଜଣେ ମା' ହେଇଥାନ୍ତେ...
ଛାଡ଼ି ପାରିଥାନ୍ତେ କି ସ୍ୱାମୀପୁତ୍ର ସଂସାର,
ତ୍ୟାଗ ନୁହେଁ,
ବରଂ ବନ୍ଧନ ହୋଇଥାନ୍ତା ନିର୍ବାଣର ଦ୍ୱାର !

ଘର ଭିତରେ ହୋଇପାରିଥାନ୍ତା
ବୈରାଗ ସାଧନା,
ଆଖିର ଲୁହରେ ତେଜ୍ୟା ହୋଇଥାନ୍ତା
ବି ବିଷୟ ବାସନା,
ଛାତିର କୋହରେ ଲେଖା ହୋଇଥାଆନ୍ତା
ଶାନ୍ତିର ସ୍ୱଚ୍ଛାଧୀନତା,
କୁନି ପୁଅର କାନ୍ଦ ଅର୍ଦଳିରେ ଖୋଜିବାକୁ
ପଡ଼ିଥନ୍ତା ନିର୍ବାଣର ସତ୍ତା ।

ଯେ ସଂସାର ବତାଇପାରେ ସଂସ୍କାରର ମାର୍ଗ
ସଂସାର ସାଗରେ ରହି ବି କେହି
ହୋଇପାରେ ବୁଦ୍ଧ, ନାହିଁ ଭେଦଭାଦ,
ଆପଣା କର୍ତ୍ତବ୍ୟ ହିଁ ହୋଇପାରେ ପ୍ରକୃତ ତପ,

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଚାରିକାନ୍ଥ ଭିତରେ ହିଁ ଶୁଭିପାରେ ମୋକ୍ଷ ର ଆଳାପ।

ଛାଡି ଯିବାର ନଥିଲା ବାଟ, ଥିଲା ଏକା କର୍ମ କରିବାର,
ଫଳ ତ୍ୟାଗ କରି ଶିଖିଥାନ୍ତା, ବିରକ୍ତିରେ ମନ ଭାରିବାର।
ପୁତ୍ରର ମମତା ସ୍ୱାମୀର ସେବା ହେଇଥାନ୍ତା ଧର୍ମ,
ପ୍ରତିଟି କାର୍ଯ୍ୟରେ ଦେଖିହୋଇଥାନ୍ତା ଅନାସକ୍ତିର ମର୍ମ ।
ବୈରାଗ୍ୟ ବେଶରେ ନୁହେଁ,
ସଂସାରୀ ରୂପରେ ତେଜିହୋଇଥାନ୍ତା ମାୟା,
ଦୁଃଖକୁ ନିଜରକରି ବାଣ୍ଟିହୋଇଥାନ୍ତା କରୁଣାର ଛାୟା।
ମନକୁ ଜିତିଲେ ହିଁ ବୁଦ୍ଧ ହେବା ସମ୍ଭବ,
ଏଇ ସଂସାର ତ କେବଳ ଏକ ମିଥ୍ୟାର ବୈଭବ।
କର୍ମ କରିବୁ ହେ ନାରୀ, କିନ୍ତୁ କର୍ମ ତତେ ବାନ୍ଧିବ ନାହିଁ,
ତୋ ମନର ଶାନ୍ତି ତୋ ମୁକ୍ତି ଆଉ କିଛି ନାହିଁ।

ଭୁବନେଶ୍ୱର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବିଧବା ମନର କଥା

ସ୍ମୃତି ପ୍ରିୟଦର୍ଶିନୀ ପ୍ରଧାନ

ନିର୍ଜନ ଘରେ ଲାଗେ ଶୂନ୍ୟତା,
ହସର ସ୍ୱର ଏବେ ନାହିଁ ।

ସ୍ମୃତିରେ ତା'ର ହସ ଫେରେ,
ମନରେ ତଥାପି ଯନ୍ତ୍ରଣା ରହି ।

ସଂସାର କହେ "ଭୁଲି ଯାଅ,"
ମନ କହେ "ଭୁଲିବି କେମିତି ?"

ଅଂଶୀଦାର ନାହିଁ ଏବେ ଜୀବନେ,
ତଥାପି ସେ ଦୃଢ଼ ଭାବେ ଦଣ୍ଡାଇ ରହି ।

ଲୁହ ତ' ତା'ର ଦୁର୍ବଳତା ନୁହେଁ,
ସେଇ ତ ଶକ୍ତି ମନର ମାଟି ।

ନିରବ ଯନ୍ତ୍ରଣାର ସେ ରାଣୀ—
ବିଧବା ହୋଇ ମଧ୍ୟ ଅପରାଜିତ ଜଗନ୍ନାଥ ପାଠୀ ।
ମନକୁ ଦିଏ ସେ ସାନ୍ତ୍ୱନା ,
"ମୋ ଜୀବନ ହେଉଛି ନୂଆ ପଥ ।"

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଦିନର ହସରେ ଯେତେ ଝରେ ଦୁଃଖ,
ରାତି ଆସି ଢ଼ାଙ୍କେ ନିରବ ହସ ।

ପୁଅ–ଝିଅର ଭବିଷ୍ୟତ ପାଇଁ,
ସେ ହେଉଛି ଆଲୋକର ଗଛ ।

କେବେ ନାହିଁ ସେ ଆତ୍ମଦୟା ମାଗେ,
ମନରେ ଜାଗେ ଅନେକ ଭକ୍ତ ତପସ ।

ଏକାକୀ ପଥର ତଳେ ସେ ଚାଲି,
କାହାକୁ ନ କହେ ଭିତରର ଯାତ୍ରା ।

ବିଧବା ଶବ୍ଦଟି ଯଦିଓ ଭାରୀ,
ତଥାପି ସେ ନିଜେ ହେଉଛି ଜୀବନର ପ୍ରତିଛାୟା ।

ଆଘାତରେ ଗଢ଼ା ପର୍ବତ ହୃଦୟ,
ବେଦନାରେ ତିଆରି ଅନ୍ତର ଶକ୍ତି ।

ସେ କହେ—
"ମୋତେ ଭାଙ୍ଗିପାରିବ ନାହିଁ,
ମୋ ଆତ୍ମା ହେଉଛି ଭଗବାନଙ୍କ ଶକ୍ତି ।"

ଠିକଣା - ପୂରଣ, ଜଗତସିଂହପୁର,୭୫୪୧୦୨

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପୃଥିବୀ ଲାଗୁଛି ପର

ଶୁଭ ସାର୍ଥକ

କଳ୍ପନାର କଳା କୋଠରୀ କୋଣରେ ଦରଲିଭା କେତେ ଦାଗ
ଭରଷା ଭିଜୁଚି ବରଷାରେ ବୁଡି , ଭୋକିଲା ଭାସୁଛି ଭାବ

ସ୍ମୃତି ସଞ୍ଚାଳି ମୋ ପସରା ଶ୍ରାବଣେ , ପଙ୍କରେ ପ୍ରଣୟ ଯାଉଚି ଭାସି
କେଜାଣି କୂଳରେ ଲାଗିଗଲେ କାହା କଲିଜା କୋରଡ ଧରିବ କଷି

ଅତିତଟା ଆଜି ଅଳନ୍ଦୁ ଅଳନ୍ଦୁ ଦରଜରେ ନାହିଁ ଦାଢ଼
ହଜିଲା ହସକୁ ନିଠେଇ ଖୋଜୁଛି ହୃଦୟକୁ କରି ହାଡ଼

କଳା କିଟିମିଟି କଲିଜା କୋରଡ
ବିଶ୍ୱାସରେ ବିଷ ବାନ୍ଧେ କିବା ବାଡ଼ ?

ବିଶ୍ୱାସ ବାଟରେ ଛଳନା ଛାଟଟା , ବୟସକୁ ବାଧେ ବେଶୀ !
କି ଲାଭ ଲିପିଲେ ଅଲୋଡ଼ା ଆଶାକୁ, ପୋଡ଼ା ପିରତୀରେ ପେଶୀ ?

ଦୁଃଖ ଦିମୁଠା ତ ଦୁରେଇ ଦେଲୁନି , କାରଣ ପାରୁନି ଜାଣି
ଧିକ୍କରେ ବିଧାତା ବଡପଣକୁ ତୋ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଅଭାବରେ ଭାବ ପାରୁନି ଭରି ମୋ ହୃଦୟ ହଉଛି ହାଣି
ମୋ ହୃଦୟ ହଉଛି ହାଣି !!

ତରୁଣତା ତୀରେ ପାରୁନି ତୋଳି ମୁଁ , ସମ୍ପର୍କର ଷଠିଘର
ଅତୀତ ଆଜିବି ଆତତାୟୀ , ମତେ ପୃଥିବୀ ଲାଗୁଚି ପର !!

ଯୁକ୍ତ ତିନି ତୃତୀୟ ବର୍ଷ ଛାତ୍ର
ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ , ଫୁଲବାଣୀ
କନ୍ଧମାଳ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଅଶ୍ରୁ

ପୂଜା ସାହୁ

ଆଖିର ଦୁଇ ଟୋପା ଲୁହ
ମନର ହଜାର କଥାକୁ
ମସୃଣ ଗାଲରେ ଗାରେଇଦିଏ
ହୃଦୟର ଅକୁହା ଯନ୍ତ୍ରଣାକୁ
ଆଖି ଦେଇ କହିଦିଏ ।

ଅଶ୍ରୁ -
ଯିଏ ଦୁଃଖ ପ୍ରକାଶର ମାଧ୍ୟମ
ପଦାଘାତ ହୃଦୟର ମଲମ
ଏ ଅଶ୍ରୁ ର ପ୍ରତ୍ୟେକ ବୁନ୍ଦା
ଯନ୍ତ୍ରଣାସିକ୍ତ ମନକୁ ସାନ୍ତ୍ୱନା ଦିଏ ।

ଅଶ୍ରୁ -
ଏକାକିନୀ ବସି ଜୀବନକୁ
ନିଜ ଦୃଷ୍ଟିରେ ଅବଲୋକନ ବେଳେ
ଯିଏ ଆପେ ଝରିପଡି
ନିଜ ଅସ୍ତିତ୍ୱ ଜାହିର କରେ ।

ଯେତେବେଳେ ନିଜ ପୃଥିବୀ
ନିଜର ପ୍ରତିକୂଳ ରେ ଘୁରେ
ଆଖିରେ ଅଶ୍ରୁ ଆପେ ବହିଯାଏ
ଭୁଲ୍, ଠିକ୍ ର ହିସାବ ନଜାଣି
ମନର କଥାକୁ ମନରେ ମାରି
ଯେବେ ମଣିଷ ନିଜ ଭିତରେ ଜଳେ
ଆଖିର ପତା ଲୁହରେ ଭିଜି ଯାଏ ।

ଯେବେ ଅସହାୟ ହୋଇ
ପାଟିକୁ ସିଲେଇ ଦେଇ
ସମସ୍ତଙ୍କ ଉପହାସର ପାତ୍ର ହୁଏ
ଓଠକୁ ନିଜ ସ୍ୱାଦ ଚଖେଇ
ଅଶ୍ରୁ ନୟନରୁ ନିର୍ଗତ ହୁଏ ।

ନୟାଗଡ଼, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ନାଆଁଟି ମୋର ଆଳୁ

ରାମ ଚନ୍ଦ୍ର ପ୍ରଧାନ

ପରିବା ଭିତରେ ଅଟଇ ମୁଁ ରାଜା
ନାଆଁଟି ମୋର ଆଳୁ,
ଏ ରାଇଜ ନୁହେଁ ସବୁ ରାଇଜେ ମୁଁ
ରହିଛି କେଉଁ କାଳୁ ।
ସନ୍ତୁଳା, ଭରତା ତରକାରୀ, ଭଜା
ମୋ ପାଇଁ ଲାଗେ ମଜା,
ଆମିଷ ହେଉ କି' ନିରାମିଷ ହେଉ
ସବୁଥିରେ ମୁଁ ଖୋଜା ।
ଶର୍କରା ଜାତୀୟ ଖାଦ୍ୟ ବୋଲି ମୁହିଁ
ପାଟିକୁ ଲାଗେ ମିଠା,
ମଧୁମେହ ରୋଗୀ ଖାଇଦେଲେ ମୋତେ
ହୁଅଇ ହଟହଟା ।

ଯେଉଁଠି ଖୋଜିବ ଯିଏ ବି ଖୋଜିବ
ପାଇବ ମୋତେ ତହିଁ,
ସହର, ବଜାର ମଫସଲି ଗାଆଁ
ସବୁଠି ମିଳେ ମୁହିଁ ।
ସୁଲଭ ଦରରେ ମିଳିଥାଏ ବୋଲି
ନ ଥାଏ କାହା ଭୟ,
ହେଉ ସିଏ ପିଲା ଅବା ବୁଢ଼ାଲୋକ
ଅଟେ ସଭିଙ୍କ ପ୍ରିୟ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପଖାଳ ସାଥିରେ ଲଙ୍କା ଲୁଣ ଦେଇ

ପୋଡ଼ି ଖାଇଲେ ମୋତେ,

ଭୋକିଲା ପେଟଟା ଆପେ ପୁରିଯାଏ

ଶକତି ମିଳେ କେତେ ।

ପଥୁରୀ, ପୋଡ଼ା ଘା' ବେରିବେରି ରୋଗ

ମୋ ପାଇଁ ଭଲ ହୁଏ,

ହେଉ ରକ୍ତପିତ୍ତ ଅବା କଳାଦାଗ

ସବୁ ଦୂରେଇ ଦିଏ ।

ଏଣୁ ଭାଇମାନେ ପ୍ରଚୁର ମାତ୍ରାରେ

କର ମୋହରି ଚାଷ,

ବାଡ଼ି ବଗିଚାରେ ଉପୁଜାଇ ଫଳ

ହସ ବରଷ ମାସ ।

ଶିକ୍ଷକ, ଟେକ୍ନିକାଲ୍ ହାଇସ୍କୁଲ୍ ଆସିକା, ଗଞ୍ଜାମ

ମୋ: ୯୮୬୧୬୩୮୭୩୬

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଘର

ଦୀପାଲି ବେହେରା

ମୋ ପଢ଼ାଘରର ନକସା ଆଙ୍କିଛି
ବାର ବାର ଫୁଟର କାନ୍ଥ,
ସଫା ସୁତୁରା ନିର୍ମଳ ପରିବେଶ
ପରିଷ୍କାର ପରିଚ୍ଛନ୍ନତା ପଢ଼ାଘର ।

କେତେ ରାତି ପାହି ସକାଳ ହେବ
ମାସ ମାସ ସରି ବରଷ ହୋଇ,
କାଳ ଅକାଳ ସବୁ ଯେ ସରେଇ
ଦିନ ମୋର ଏ ଘରେ କଟେଇ ।

ଲୁହ ମୋର ଯେତେ ଲହୁ ଭିଜିବ
କଲମ ଲୋଡ଼ା କାଗଜରେ,
ଭିଜିବ ମୋ ଆଖିପତାରେ ଲୁହ
ବହି ଭିଜି ନୂଆ ଇତିହାସ ହେବ ।

ଜିନିଷ ପତ୍ର ସଜଡ଼ା କରି ରଖି
ନିଇତି ଘଣ୍ଟାଏ ପଢ଼ିବି ବହି,
ସାଥେ ଥିବ ମୋର କଲମ
ଲେଖି ପଢ଼ି କରିବି କରମ ।

କାନ୍ଥରେ ଟାଙ୍ଗି ଦେବି ଅନେକ
ମହାପୁରୁଷଙ୍କ ଫଟୋ .....
ସାଙ୍ଗେ ଥିବେ ଗଣେଶ ବାବା
ପୂଜିବି ଧୂପ,ଚନ୍ଦନ,ଫୁଲ ଦେଇ ।

ଜୀବନ ଯୁଦ୍ଧରେ ବିଜୟିନୀ ହୋଇ
ଲେଖିବି ଅନେକ କଳ୍ପନାର କବିତା
ଲୁଚି ରହିଥିବ ମରମ ବ୍ୟଥା ,
ପାଠକ ପଢ଼ି ଜାଣିବେ ସତ କଥା ।

ମୟୂରଭଞ୍ଜ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବଦଳିଲା

ମଧୁସ୍ମିତା ସାହୁ

ଭୁଲିବା ପ୍ରୟାସ ଅଭିପ୍ରାୟ ଯେତେ
ଧୂଳିସାତ ହୋଇଗଲା
ତୁମ କଥା ଭାବି ଶୀତ ରଜନୀରେ
ନିଦ ତକ ହଜିଗଲା....
ତୁମରି କୁହୁକ ଶବ୍ଦ ଚାତୁରୀରେ
ଦିବା ରାତ୍ରି ଭଳି ହେଲି
ମଧୁର ଆଳାପେ ପ୍ରୀତିର ସାଗରେ
ଦିନେ ମୁହିଁ ଫସିଗଲି...
କେଜାଣି କିପରି ନିବିଡ଼ ପ୍ରଣୟେ
ମନ ମୋର କିଣିନେଲ
ଶାଶ୍ୱତ ପ୍ରେମରେ ଅଶ୍ଳେଷକୁ ଭରି
ମୋତେଯେ ନିଜର କଲ...
ନିବିଡ଼ ସମ୍ପର୍କ ଅତୁଟ ନିମନ୍ତେ
ଅସୁମାରୀ ଆଶା କହେ
ଆତ୍ମ ସମର୍ପଣେ ଭାବ ବିହ୍ୱଳରେ
ପ୍ରୀତି ସ୍ରୋତସ୍ୱିନୀ ବୋହେ...

ପୀରତି ସୌରଭ ସୌଭାଗ୍ୟ ଆଣିଲା
ପ୍ରୀତି କୁଞ୍ଜ ଚହଟାଇ
ନିଷ୍କ୍ରିୟ ପରାଣେ ଆନନ୍ଦ ଭରିଲା
ସକ୍ରିୟ ଭାବନା ଦେଇ...
ନିରୀହ ନିଉଛ କୋମଳ ହୃଦୟ
ଆପଣାର ହୋଇଗଲା
ନୈରାଶ୍ୟ ନିଃସଙ୍ଗ ନିଛାଟିଆ ପଣ
ନିମିଷକେ ବଦଳିଲା...

ବ୍ରହ୍ମା ନଗର, ପ୍ରଥମ ଗଳି, ବ୍ରହ୍ମପୁର
ଜିଲ୍ଲା-ଗଞ୍ଜାମ ଓଡ଼ିଶା
ମୋ-୯୩୪୮୨୮୫୪୧୬

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଭାବରେ ଭାବଗ୍ରାହୀ

ମୁକେଶ କୁମାର ପଣ୍ଡା

ସରିଲା ବରଷ ପୁରିଲାନି ଶୋଷ
    ଶ୍ରୀମୁଖ ନଦେଖି ତୋର
ଘୋଡାଘୋଡ଼ିହୋଇ ନିଘୋଡ଼ ନିଦରେ
    ସୋଇଛକି ଦାମୋଦର
କୋରା ଖଇ କାନ୍ତି ଖଇରଚୁଳକୁ
    ଆରିସା ଆମ୍ବାଲୁ ଖିରି
ଆନନ୍ଦରେତାକୁ ଭୁଞ୍ଜି ଶୋଇଯାଅ
    ଦୁଃଖିର ଦୁଃଖ ପାସୋରି
ଗୁଳାକାଟି ପ୍ରଭୁ ପାଳି ପକୋଉଛ
    କେବେ ଆସିବମୋ ଦିନ
ଆଖିଏ ଲୁହରେ ଓଦାକରିଦେବି
    ତୋହରି କଳାବଦନ

ବୋଲଗଡ, କୋଟସିଂଘା, ଖୋର୍ଦ୍ଧା
୭୫୨୦୬୪
ଦୂରଭାଷ-୯୯୩୭୪୯୫୦୮୫

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପଲ୍ଲୀର ଶୀତ ସକାଳ

ଡଃ ମନ୍ଦାକିନୀ ପାଢ଼ୀ

ଶୀତଲହରୀ ର ଆଗମନେ ପଲ୍ଲୀ
ହସେ ଖିଲି ଖିଲି ହୋଇ
ସବୁଜ ଘାସରେ କାନି ପଣତଟା
ସତେକି ଲୋଟି ପଡ଼ିଛି ।।

ଶୀତ ସକାଳର ଶିତୁଆ ପବନ
ଛୁଇଁ ଛୁଇଁ ଯାଏ ଗାଆଁ
ପୂରୁବ ଦିଗରୁ ସୂରୁଜ ଉଇଁଲେ
ଦିଶୁଅଛି ମନଲୋଭା ।।

ନୂତନ ସକାଳ ନୂତନ ଭାବନା
ପ୍ରସ୍ଫୁଟିତ ହୁଏ ଫୁଲ
ହଳଦୀ ମୁହିଁ ନବବଧୂଟି ଫେରେ
ସାରି ସେ ସକାଳ ସ୍ନାନ ।।

ଶୁଭ୍ର ସକାଳର ସୁନେଲି କିରଣେ
ହସି ଉଠେ ଗାଆଁ ଦାଣ୍ଡ
ଥରିଲା ଦେହରେ ଗାଇଆଳ ଟୋକା
ଫିଟାଏ ଗାଇଙ୍କ ଗୋଠ ।।

ପଲ୍ଲୀସାରା ହସେ ଶୀତ ଆସିଲେ
ସୁନାର କ୍ଷେତ ଫସଲ
ଅମାର ପୂରଇ ଚାଷୀ ହସୁଥାଇ
ପାଇ ବର୍ଷର ଅମଳ ।।

ରାତିସାରା ଶୁଭେ ହଳିଆ ଗୀତଟି
ଖୁସିରେ ଗାଉଛି ଚାଷୀ
ଖଳାରେ ଧାନର ଅମଳ କରୁଛି
ଜାଳି ପାଏ ନଡ଼ା ତାତି ।।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଶୀତଳ ସମୀର ବହୁଛି ଶୀତରେ
ମନ୍ଦିର ଲାଗଇ ଭିଡ଼
ସବୁଜ ବନାନୀ କାକର ବିନ୍ଦୁରେ
ଦିଶୁଅଛି ଢ଼ଳଢ଼ଳ ।।

ପ୍ରିୟ ଗାଁର ଫୁଲେଇ ନଦୀର ପାଣି
କରେ ମନକୁ ମୋହିତ
ବରଗଛ ଛାଇ କେଡ଼େ ମନୋହର
ପାଣି ଟିକେ ଦେଲେ ପ୍ରୀତ ।।

ପଲ୍ଲୀର ସଂସ୍କୃତି ଅତି ମନୋହର
ସୁନ୍ଦର ମନ୍ଦିର ମଠ
ଟାଣି ନେଇଯାଏ ପ୍ରତ୍ୟେକ ମନକୁ
ଶୁଣିବାକୁ ଗୀତାପାଠ ।।

ଗାଁ ନଇପଠା ଆମ୍ବତୋଟା ଗାଡ଼ିଆ
ଶୀତରେ ହେଉଛି ସଜ
ପର୍ଯ୍ୟଟକଙ୍କୁ ନିତି ଆକୃଷ୍ଟ କରେ
ବଣଭୋଜି ସଜବାଜ ।।

ରାଜନୀତି ବିଜ୍ଞାନ ବିଭାଗ
ପଦ୍ମପୁର ବରଗଡ଼

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ରୁହନା ମଉନେ ଉଦାସୀ

ତାରା ପ୍ରସାଦ ଜେନା

ମାନସୀ....ରୁହନା ମଉନେ ଉଦାସୀ
ପ୍ରୀତିର ଛନ୍ଦରେ ମିଳନ ସ୍ୱର୍ଗରେ
ତୁମେ ମୋ ସ୍ୱପ୍ନ ଉର୍ବଶୀ
ମାନସୀ....ରୁହନା ମଉନେ
ଉଦାସୀ.... ! ୦ !

ତୁମ ଗୋଲାପି ଓଠର ହାସ୍ୟ ଚୋରାଇ
ଭାସି ଉଠେ ଯଦି ଫଗୁଣ
ତୁମ ବେଦନା ବିଧୁର ରୋଷ ଚୋରାଇ
ନାଚି ଉଠେ ଯଦି ଶ୍ରାବଣ,
ତଥାପି ତୁମକୁ ନିଜର ମଣିବି
ତୁମେ ମୋ ପ୍ରାଣ ପ୍ରେୟସୀ
ମାନସୀ....ରୁହନା ମଉନେ
ଉଦାସୀ.... ! ୧ !

ତୁମ ରୂପେଲି ଅଙ୍ଗର ଲାସ୍ୟ ଚୋରାଇ
ହସି ଉଠେ ଯଦି ପୂର୍ଣ୍ଣିମା
ତୁମ ଶିଳିପୀ ରଙ୍ଗର ଭାଷ୍ୟ ଚୋରାଇ
ଆଙ୍କେ ଯଦି ତୂଳୀ ଗାରିମା,
ତଥାପି ତୁମକୁ ତୋଳି ମୁଁ ଧରିବି
ତୁମେ ମୋ ମନ ରୂପସୀ
ମାନସୀ....ରୁହନା ମଉନେ
ଉଦାସୀ.... ! ୨ !

ରାଜ ରଣପୁର, ଜିଲ୍ଲା-ନୟାଗଡ଼
ଦୂରଭାଷ- ୯୩୪୮୦୫୪୩୦୦

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ନୂଆ ବର୍ଷ ଅନିଶ୍ଚିତ ଭବିଷ୍ୟତ

ବିନୟ ମହାପାତ୍ର



ହେ ନବ ବର୍ଷ, ତୁମେ ଆସିବ,
ତୁମ ଆସିବାଟା ଧାର୍ଯ୍ୟ,
କିଏ ବା ତୁମକୁ ଅଟକେଇ ଦେବ ।
ବିନା ବ୍ରେକର ଗାଡିଟେ ପରି
ସମସ୍ତଙ୍କ ଜୀବନରେ
ତୁମେ ଧସେଇ ପଶିବ ।

ନୂଆ ବର୍ଷ, ତୁମେ ସବୁ ବର୍ଷ ଆସୁଛ,
ଏ ବର୍ଷ ବି ଆସିବ,
ଘଡିର ଦୁଇଟି କଣ୍ଟା
ଯେବେ ଏକାଠି ଉର୍ଦ୍ଧମୁଖୀ ହେବ,
ମୁହୁର୍ତ୍ତକ ପାଇଁ, ଉତ୍ସବମୁଖର ରାତ୍ରୀ
ସ୍ତବ୍ଧ ହୋଇ ଯିବ ।
ଏକ ଐତିହାସିକ ମୁହୁର୍ତ୍ତର
ସାକ୍ଷୀଟିଏ ହେବା ପାଇଁ,
ନିଶ୍ୱାସକୁ ଜାବୁଡି ଧରି
ସମସ୍ତେ ଚାହିଁ ରହି ଥିବେ,
ଜଣେ ହଜି ଯାଉ ଥିବ,
ପରତ ପରତ ଇତିହାସ ପୃଷ୍ଠାରେ,
ଆଉ ଜଣେ, ଏକ ନୂଆ ସୂର୍ଯ୍ୟ ପରି
ନୂଆ ତେଜ ନେଇ, ଉଇଁ ଆସୁ ଥିବ ।

କେତେ ସ୍ୱପ୍ନ, କେତେ ଆଶା,
କେତେ ନବ ଉଦ୍ଦିପନା
ମନରେ ସଂଯୋଗୀ ରଖିଛି,
କିନ୍ତୁ କେହି ଜାଣେ ନାହିଁ
ନୁଆ ବର୍ଷ ତାର ଯାଦୁର ଝୁଲାରେ
କଣ, କଣ ଲୁଚାଇ ଆଣିଛି ।
ନୂଆ ବର୍ଷ ନିଜ ସାଥେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କେତେ କଣ ନୂଆ କଥା ଆଣି ଥିବ,
ଯେବେ ତୁମେ ଡାଇରୀର
ନୂଆ ପୃଷ୍ଠା ନିତି ପାଲଟିବ
ସବୁ କିଛି ତୁମକୁ ଜଳ ଜଳ ଦିଶିବ ।

ସ୍ୱାଗତଂ ହେ ନୂତନ ଅତିଥି,
ତୁମେ ଯେମିତି ବି ଥାଅ
ତୁମ ସାଥେ ରହିବାକୁ ହେବ
ଅନିଶ୍ଚିତ ଗୋଟିଏ ବରଷ,
ଏତିକି ଭରସା, ରଖିଛୁ ମନରେ
ସବୁ କିଛି ଭଲ ଭଲ ହେବ,
ତୁମେ ଦେଇ ଯିବ ସବୁରି ଜୀବନେ
ନିରୁତା ପ୍ରେମର ଆନନ୍ଦ, ଆଉ
ସର୍ବ ମୁଖେ ମିଠା ମିଠା ହସ ।

ପଟିଆ, ଭୁବନେଶ୍ୱର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ନୀଳ ପ୍ରଜାପତି

ବିଶ୍ୱନାଥ କର

ନୀଳ ପ୍ରଜାପତିଟିଏ ଖୋଜେ ଉନ୍ମୁକ୍ତ ଆକାଶ
ପ୍ରେମର ସପ୍ତରଙ୍ଗ
ଅପେକ୍ଷା କରେ ବସନ୍ତକୁ ଫୁଲର ହାଟ ବସିବ
ସୁନ୍ଦରୀ ଗୋଲାପ ମଧୁସ୍ନିଗ୍ଧା ମଲ୍ଲି ଆଉ ଚହଟ ଚମ୍ପା
ମିଠା ମିଠା ମହକରେ ନିମନ୍ତ୍ରଣ ଦେବେ ।

ନିଜ ପ୍ରତିବିମ୍ବ ଖୋଜେ ଫୁଲ ପାଖୁଡାରେ
ରୂପେଲି ଋତୁର ମହୋତ୍ସର ଅପେକ୍ଷାରେ
ନୀଳନିଆଁରେ ଜଳେ
ଧାଏଁ ନିଜ ମଧୁସ୍ନାତା ସ୍ୱପ୍ନର ପଛେ ପଛେ
ଦୂର ବଗିଚାରେ ଯହିଁ ଧାଡିଏ ଗଛରେ ଫୁଲ ଫୁଟିଛି
କଅଁଳିଆ ଖରାରେ ଦୋହଲୁଛି
ଫୁଲଫୁଟା ଋତୁର ଆଙ୍କାରେ ।

ବଉଳ ଫୁଲର ମହ ମହ ବାସ୍ନାରେ ମତୁଆଲା ପ୍ରଜାପତି
ନୀଳ ପ୍ରଜାପତି
ପବନରେ ହିଲ୍ଲୋଳରେ ଭାସି ଆସୁଥିବା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବଣୁଆ ଫୁଲର ଭୁରୁଭୁରୁ ଗନ୍ଧରେ ଅଧିର ହୁଏ କେବେ କେବେ
ନୀଳ ଆକାଶର ରଙ୍ଗର ଅଧିର ଆବେଗ
ଫୁଲ ମାନଙ୍କ ଡେଣାରେ ନେସି ହୋଇ
ତାକୁ ପ୍ରେମ ମନସ୍କ କରେ ।

ପ୍ରେମର କ'ଣ ରୂପ ଅଛିଯେ
କିଏ ତାକୁ ଦେଖେଇ ପାରିବ
ଯେଉଁ କୋମଳ ସ୍ପର୍ଶଟି ଆନ୍ଦୋଳିତ କରେ ମନ
ଋତୁମାନେ ଯେବେ ବୋଲ ମାନନ୍ତିନି
ଫୁଲ ମାନଙ୍କ ସହ ସେ ପ୍ରେମାଳାପ କରେ
କେଉଁ ଅଜଣା ଭାଷାରେ ନୀରବ ଭାଷାରେ
ପ୍ରଜାପତି
ପ୍ରେମ ମନସ୍କ ନୀଳ ପ୍ରଜାପତି ।

ସାଇ କଲୋନୀ, ଦେଉଳସାହି, ତୁଳସୀ ପୁର, କଟକ୭୫୩୦୦୮
ସମ୍ପର୍କ : ୯୭୭୬୩୩୨୬୩୯

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବ୍ରାହ୍ମଣୀ ଜଙ୍ଗଲ

ଦଶରଥ ମାଝୀ

ଆହାକି ସୁନ୍ଦର ବ୍ରାହ୍ମଣୀ ଜଙ୍ଗଲ
କଳାହାଣ୍ଡି ଜିଲ୍ଲା କୋଳେ
ଭବାନୀପାଟଣା ବଲକ ମାଟିରେ
ତାହା ଦେଖିବାକୁ ମିଳେ (୧)

ସବୁଜିମା ଭରା ବ୍ରାହ୍ମଣୀ ଜଙ୍ଗଲ
ପ୍ରକୃତି ଦେଇଛି ଗଢି
କୁଳୁକୁଳୁ ନାଦେ ନିର୍ଝରିଣୀ ବହେ
ହୋଇଲେ ବରଷା ଝଡି (୨)

ଚିରସ୍ରୋତା ଝର ଏଇଠି ନାହିଁରେ
ଶୁଖିଯାଏ ଝରନାଳ
ବନ୍ୟଜନ୍ତୁମାନେ ପାଣି ଟୋପେ ପାଇଁ
ହୁଅନ୍ତି ଡହଳବିକଳ (୩)

କୁରୁମାଚୁଆଁ ଗାଁ ଲାଗି କରି ମଧ୍ୟ
ଅଛି ବ୍ରାହ୍ମଣୀ ଜଙ୍ଗଲ
ଶୀତଋତୁ ଆଉ ବର୍ଷାଋତୁ ବେଳେ
ଦିଶଇ କେତେ ଡଉଲ (୪)

ବଣ କ୍ଷୟ ଯୋଗୁଁ ସମ୍ବର ଜୀବଟି
ଲୋପ ହୋଇଗଲେ ଏଠି
ଏବେ ଦେଖା ଯାଉ ନାହିଁ ଜଙ୍ଗଲରେ
ପଳାଇ ଗଲେ କେଉଁଠି (୫)

କୁରୁମାଚୁଆଁ, ଭବାନୀପାଟଣା, କଳାହାଣ୍ଡି
ମୋ: ୮୨୪୯୨୧୨୪୭୨

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଜୟ ଶ୍ରୀ କୃଷ୍ଣ

ହୃଦାନନ୍ଦ ସୁନାନୀ

କୃଷ୍ଣ ହେ ପଙ୍କଜ ଡୋଳା
ସୁନ୍ଦର ବାଲ୍ୟ ଲୀଳା
ତୁମ୍ଭ ନାମ ଧରି ପ୍ରଭୁ
କରେ ମୁଁ କେତେ ଖେଳା -(୦)

ବଢ଼ଇ ଧରା ଉପରେ
ଯେବେ ପାପର ଭାର
ବେଳ ଜାଣି ଜନମୁ ଛ
ନରକୁ ଅଗୋଚର -(୧)

ଅନ୍ତର୍ଯ୍ୟାମୀ ପ୍ରଭୁ ତୁମେ
ନାମ ଯେ ନାରାୟଣ
ଡାକି ଦେଲେ ତୁମ
ପଡିଯିବେ ଶରଣ -(୨)

ଭାଦ୍ରବ ଅଷ୍ଟମ ତିଥି
ଘୋର ଅନ୍ଧାର ରାତି
ଜନମ ହୋଇଛ ପ୍ରଭୁ
ଦିବ୍ୟ ରୁପେଣ ଜ୍ୟୋତି -(୩)

ଗୋପପୁରେ ଶିଶୁ ବେଳେ
କରିଦେଲ ଉଜାଲା
ଯଶୋଦା ମା ପାଇଁ ହେଲ
କଅଳ ନନ୍ଦ ବାଳା -(୪)

କଳାହାଣ୍ଡି,
ମୋ - ୯୧୭୮୫୪୪୮୫୯

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ନବବର୍ଷର ଜୟ

ଅଲେଖ ମେହେର

ହିଂସା ଦ୍ୱେଷ ଘୃଣା ଯେତେ ମନୁ କରି ନାଶ ,
ନବ ବରଷ ପ୍ରଭାତେ ଭର ଉର୍ଜୋଲ୍ଲାସ ।
ଆତ୍ମଗ୍ଲାନୀ ଅତୀତର ପୋଛି ଶ୍ରମ ବଳେ ,
ନବ ଅତିଥି ସତ୍କାର କର କୌତୁହଳେ ।
ଆସ ଆସ ଭାଇ ବନ୍ଧୁ ଦେଖ ଅଂଶୁମାନ,
ଆଶିଷ କରନ୍ତି ଅଭ୍ରେ ଜ୍ୟୋତି କରି ଦାନ।
ଉଚ୍ଚେ ଥାଇ ନମ୍ରଗୁଣେ ପାଳନ୍ତି ଧରଣୀ,
ତାଙ୍କ ପାଇଁ ସିନା ଦୃଶ୍ୟ ଏ ଭବ ସରଣୀ ।
ଶକ୍ତି ଥାଇ ମହାଜନ କ୍ଷମା ଆଚରଇ,
ଛଳ କପଟ ପ୍ରବୀଣ ଜାଳେ ସିନା ରଇ ।
ଭବିଷ୍ୟତ ଗଠନରେ ବିଳମ୍ବ ନ କର,
ସ୍ନେହ ଶ୍ରଦ୍ଧା ଭାବ ବସ୍ତ୍ରେ ଆଣ୍ଠ କରି ଧର।

ବିଗତ ଖ୍ରୀଷ୍ଟିୟ ବର୍ଷ ବିଷର୍ଣ୍ଣତା ଛାଡି ।
ପ୍ରସନ୍ନ ଚିତ୍ତେ ଛୁଟାଅ ଜୟଘୋଷ ଗାଡି ।
ଉଚ୍ଚ ଆଶା ପାଞ୍ଚି ମନେ ଧ୍ୟାୟି ଆଶୁତୋଷ,
ନ୍ୟାୟୋଚିତ କର୍ମ କରି ହୋଇବା ସନ୍ତୋଷ
ଦୁଇ ଶୁନ ଦୁଇ ଛଅ ହେଉ ଶୁଭଙ୍କର,
ବିଶ୍ୱ ଗୁରୁ ହେଉ ଦେଶ ହସିଉଠୁ ଘର।
ଜୟ ଗୀତି ଯାଉଅଛି ହେ ନବ ବରଷ,
ସକଳେ ପ୍ରାଣେ ଖେଳାଅ ବିଜୟର ହସ।

ଝର,ସୋହେଲା,ବରଗଡ଼ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଲୁହ ଟିକେ ଦେଇ ଯାଆ

ହରେରାମ ପଣ୍ଡା

ଜାଣି ନଥିଲି ମୁଁ ସପନଟା କେବେ
ମିଛ ହେଇଯାଏ ବୋଲି ,
ଜାଣିଥିଲେ ଜମା ଦେଖି ନଥାନ୍ତି ମୁଁ
ଆଙ୍ଗୁଳେ ସପନ କାଲି ।
ସପନ ଠୁଁ କେତେ ଦୂରରେ ସତଟା
ଯଦି ମୁଁ ମାପି ଥାଆନ୍ତି ,
ଆଖିରେ ଆଖିଏ ସପନ ନେଇ ମୁଁ
କେବେ ବି ଝୁଣ୍ଟି ନଥାନ୍ତି ।
ଦେଖି ନଥିଲି ମୁଁ ଏମିତି ସପନ
ଭାବି ନଥିଲି ବି ମନେ ,
ଫିକା ଜହ୍ନଟାକୁ ମେଘ ଢାଙ୍କି ଦେବ
ଉଆଁସ ଆସିବ ଦିନେ ।

ସତରେ ନୁହଁ କି ସପନରେ ନୁହଁ
କାଲିକୁ ମୁଁ ଖୋଜି ନାହିଁ ,
ଭିଜା ଆଖିର ତୋ ଅକୁହା କଥାକୁ
ବୁଝିକି ବି ବୁଝି ନାହିଁ ।
ଉଆଁସ ରାତିର କୁଆଁତାରା ପରି
ସପନରେ ଆସୁଥାଆ ,
ହସ ନ ଦେଲେ ବି ଆଖିରେ ମୋହର
ଲୁହ ଟିକେ ଦେଇ ଯାଆ ।

ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ।
କୁଆଁସ , ମେରଦା କାଟିଆଛକ , ଯାଜପୁର ।
ଆଳାପ - ୯୪୩୮୦୬୫୧୯୫

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଶୀତ ସକାଳ

ସୁଜିତ କୁମାର ମିଶ୍ର

ଶୀତ ସକାଳ ଗୋ ତୁମେ ସପନର ଜୁଡୁବୁଡୁ ଲମ୍ବାରାତି,
ତୁମ କୋହର ସେ ନୀରବ ସଂଳାପ ଲକ୍ଷେ ଫଗୁଣର ଗୀତି ।
ଶୀତ ସକାଳ ଗୋ ତୁମେ ଗାଆଁର ସେ ଭାଗବତ ଟୁଙ୍ଗୀ ଗୀତ,
ଭାବରଙ୍ଗ ତଳେ ମିଳନ ମୁଖର ଭକ୍ତି ବନ୍ଧନର ସ୍ରୋତ ।

ଶୀତ ସକାଳ ଗୋ ତୁମେ ଝରୁଥିବା ଭୁଆସୁଣୀ ମିଠାଲାଜ,
ଆପଣାପଣର ସରୁ ହସ ଧାରେ ତୁମେ ଅର୍ପଣର ସଜ୍ଜ ।
ଶୀତ ସକାଳ ଗୋ ତୁମେ ଆକଟର ସୁରଭିତ ବଡପଣ,
ପୃଷ୍ଠା ପୃଷ୍ଠା ତୁମ ପୁଲକିତ ଡାକ ପ୍ରୀତିଭରା ଶିହରଣ ।

ଶୀତ ସକାଳ ଗୋ ତୁମେ ଚାଷୀ କ୍ଷେତ ଐଶ୍ୱର୍ଯ୍ୟର ସବୁଜିମା,
ଦାତାପଣ ତୁମ ଚିର ନିନାଦିତ ଭୂମିଠୁ ନିଖିଳ ଭୂମା ।
ଶୀତ ସକାଳ ଗୋ ତୁମେ ଶୈଶବର କୁଲେଇ ବାଲିର ଖେଳ,
କୁନିକୁନି ଓଠେ ନିଷ୍ପାପ ହସର କି ସୁନ୍ଦର ମଧୁକାଳ ।

ଶୀତ ସକାଳ ଗୋ ତୁମେ ଆନନ୍ଦର ସହୋଦର ସୁଖଶିରୀ,
ତୁମରି ଛୁଆଁରେ ଅନ୍ତରର ଦୀପ ଜଳୁଥାଏ ଅସୁମାରୀ ।

ଜନାର୍ଦ୍ଦନପୁର ଶାସନ, କେନ୍ଦୁଝର
୭୬୮୩୮୬୭୭୪୨

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସେଇଥି ପାଇଁ

ଶିଶିର କୁମାର ପଣ୍ଡା

ଯେତେ ଥିଲେ ଥାଉ ପଇସା ତୁମର
ପରିବାର ଯଦି ନଥିବ ସଙ୍ଗେ
ସଂସାର ନଉକା ବାହି ପାରିବନି
ଗ୍ୟାରେଣ୍ଟି ଦେଉଛି ସଠିକ୍ ଢଙ୍ଗେ ।
ସବୁ ସ୍ନେହ , ପ୍ରେମ , ମମତାରେ ବନ୍ଧା
ଅଢ଼େଇ ଦିନକୁ ଜୀବନ ଯାହା
ତୁମ ବିପଦରେ ନିଜର ଛାଡ଼ିକି
କିଏବା କାହିଁକି କହିବ ଆହାଃ ?
କେତେ ଟଙ୍କା କୁହ ରୋଜଗାର ଥିଲା
ହ୍ୟୁମାନ ସାଗର ଗାଇଲା ବେଳେ
ଟଙ୍କା କି ବଞ୍ଚେଇ ପାରିଲା ତାହାକୁ
ଆଜି ତା' ଡିହରେ ବିଲୁଆ ଖେଳେ ।

ସ୍ତ୍ରୀ ଚାଲିଗଲା , ଝିଅ ଚାଲିଗଲା
ମାଆ ବି ରହିଲା ଦୂରରେ ଆସି
ସବୁ ଦୁଃଖ , କଷ୍ଟ ହୃଦୟରେ ଚାପି
ନିଜକୁ ଅକାଳେ ଦେଲା ସେ ନାଶି ।
ସେଇଥିପାଇଁ ,
କାହାକୁ କେବେବି ବଡ଼ ବଡ଼ କଥା
ଜୀବନରେ ତୁମ କହିବ ନାହିଁ ।

କୁଆଁସ , ମେରଦା କାଟିଆ , ଯାଜପୁର
ଆଳାପ:~୮୯୮୧୭୩୭୨୨୮

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଆସ ରହିବା ସୁଖରେ

ପ୍ରଶାନ୍ତ ବ୍ରହ୍ମା

ପିତା ମାତାଙ୍କର ଆଶୀର୍ବାଦ ନେଇ
ପାଦ ବଢ଼ାଇବା ଆଗ
ଭଲ କଥା ସବୁ ଗ୍ରହଣ କରିବା
ଖରାପକୁ କରି ତ୍ୟାଗ ।

ଆୟ ଠାରୁ ବ୍ୟୟ ଅଳପ କରିବା
ମନରେ ଧରି ସଞ୍ଚୟ
ତହିଁରେ ରହିବା କାଳକ ସୁଖରେ
ନଥିବ ମନରେ ଭୟ ।

ପରିଶ୍ରମ କରି ଜୀବନେ ଚଳିବା
ତହିଁରେ ପାଇବା ଫଳ
ଚାଲୁଥିବା ନିତି ଈଶ୍ୱର ବିଶ୍ୱାସେ
ଆସୁଥିବ ଭଲ ବେଳ ।

ସଞ୍ଜ ସକାଳେ ଶାସ୍ତ୍ର ଆଲୋଚନା
କରୁଥିବା ଆମେ ନିତି
ତହିଁରେ ରହିବା କାଳକ ସୁଖରେ
ଆସୁ ଯେତେ ରାଜନୀତି ।

ମଦ୍ୟ ମତ୍ସ୍ୟ ଭଳି ପଦାର୍ଥକୁ ଛାଡି
ସୁଷମ ଖାଦ୍ୟକୁ ଧର
ଖରାପ କଥାକୁ ପଛରେ ପକାଇ
ଭଲକୁ ବରଣ କର ।

ଦାନ ଧର୍ମ ଦୟା କ୍ଷମା ଆଚରଣ
ନ୍ୟାୟକୁ ବରଣ ଦେବା
ରାଗ ଅଭିମାନ ମନରୁ ତେଜିଲେ
ସଭିଙ୍କର ପ୍ରିୟ ହେବା ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଗୁରୁଙ୍କ ଆଦେଶ ଚାଲୁଥିଲେ ନିତି
ବିପଦ ନପଡେ କେବେ
ଗୁରୁ ବାକ୍ୟ ମାନି ଚାଲୁଥିଲେ ବାଟ
ଆଦର ପାଇବା ତେବେ।

ଅଯଥା କଥାରେ ମୁଣ୍ଡ ନ ପୁରାଇ
ଆନନ୍ଦେ କରିବା ବାସ
ସବୁଜ ସୁନ୍ଦର ରଖି ପରିବେଶ
ଚାଲୁଥିବା ନିତି ଆସ।

ଗଢିବା ସଂସାର ସଭିଏଁ ଆମେରେ
ପିଲାଙ୍କୁ ଦେଇ ସଂସ୍କାର
ଖରାପ କଥାକୁ ପଛେ ପକାଇଲେ
ଦୁଃଖ ହୋଇଯିବ ଦୁର।

ଅଯଥା ଆଳାପ ନକରି କେବେହେଁ
ସୁଖରେ ରହିବା ଆମେ
ତହିଁରେ ରହିବା କାଳକ ସୁଖରେ
ଲାଗିଥିବା ଭଲ କାମେ ।

ପଳାଶପୁର, ଖୋର୍ଦ୍ଧା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଯୁଗ

ବିନୟ କୁମାର ମିଶ୍ର

ବଦଳୁନି ଯୁଗ ମଣିଷ ହୋଇଛି
ଚରିତ୍ରେ ରାକ୍ଷସ ପରି,
ପରିବେଶ ହାନି କରେ ବେଇମାନୀ
ଏ ସଂସାର ହତଶିରୀ,
ଭଲ ମନ୍ଦ ନ୍ୟାୟ କାହିଁ,
ଧ୍ୱଂସ ଆଡ଼କୁ ସେ ଧାଉଁଛି ନିୟତେ
ଖାଲ ଖମା ମାନୁ ନାହିଁ ॥

ଷଡ ଋତୁ ଆଉ ଆସୁନାହିଁ କାହିଁ
ଗ୍ରୀଷ୍ମ ଉତ୍ତାପ ବଢ଼ିଛି,
ଶୀତରେ ବରଷା ବରଷାରେ ଗ୍ରୀଷ୍ମ
ଅନୁଭବ ହେଉଅଛି,
ନାହିଁ ଶରତ ହେମନ୍ତ,
ଶୀତ ମାଉସୀର ବୃକକ ଖରାପ
ସଂଚାଲିତ ନୋହେ ରକ୍ତ ॥

ଋତୁ ଅନୁସାରେ ଫୁଟୁନାହିଁ ଫୁଲ
ଫଳୁ ନାହିଁ ଫଳ କାହିଁ,
ସବୁ ସମୟରେ ସବୁ ପରିବାର
ଅଭାବ ବଜାରେ ନାହିଁ,
ଏଣୁ ବଢୁଅଛି ରୋଗ,
ଋତୁ ଫଳ ଆଜି ନ ଖାଏ ମଣିଷ
କରୁଅଛି ଦୁଃଖ ଭୋଗ ॥

ଗାଆଁ ନଈ ସବୁ ଶୁଖିଲା ପଡ଼ିଛି
କୂଳେ ଆଉ ଡଙ୍ଗା ନାହିଁ,
ସତେଜ କାକର ପଡ଼ିବା ଆଗରୁ
ଶୋଷି ନେଉଅଛି ଭୂଇଁ,

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସୁନେଲି କିରଣ କାହିଁ,
ବନେ ଉପବନେ ପ୍ଲାଷ୍ଟିକ କାନନେ
ଅତର ସିଞ୍ଚୁଚି ଭାଇ ॥

କୁହୁଡ଼ି କେଉଁଠି ଠାଏ ଠାଏ ହୁଏ
ଶୀତରେ ଚାଲୁଛି ଏସି,
ଜଙ୍ଗଲ ହଜିଚି କାଠ ମିଳୁନାହିଁ
ପୁଇଁବ କେ ନିଆଁ ବସି,
ରାତି ପାହିଲେ ସବୁରି,
ଦିନର ଆରମ୍ଭ ତକିଆ ତଳରୁ
ମୋବାଇଲକୁ ଅଣ୍ଡାଳି ॥

ଗାଆଁ ଛାଡ଼ି ସର୍ବେ ସହର ଆଡ଼କୁ
ମୁହାଁଇ ବାରେ ତପୂର,
ବୁଢ଼ା ବାପା ମାଆ ଲୁହ ପୋଛି ପୋଛି
କପାଳରେ ମାରି କର,
ଦୁଃଖ ଶୋକରେ ମରନ୍ତି,
ସେଥିପାଇଁ ଆଜି ରୋଷ କରିଅଛି
ଧରଣୀ ମାଆ ପ୍ରକୃତି ॥

ସପନ ହେଲାଣି ଗାଆଁର ସେ ରୂପ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସହର ପରି ଲାଗୁଛି,
ଓଷା ବ୍ରତ ପିଠା ପଣା ସ୍ନେହ ପ୍ରେମ
ସବୁ ତ ହଜି ଯାଇଛି,
ଆମ୍ବ ତୋଟା ଆଉ ନାହିଁ,
କୋଇଲିର ସେହି ପଞ୍ଚମ ଗାଉଣା ସୁର ଆଉ ଶୁଭୁ ନାହିଁ।

ଆଧୁନିକତାର ରୂପ ଉଗ୍ର ହେଲା
ପୋଷାକ ବେଶ ଦେଖିଲେ
ଲାଗୁଛି ଯେମିତି ବୁଢ଼ା ବୁଢ଼ୀ ଆଜି
କେଦାର ଗୌରୀ ତୁଲେ,
ପିଲା ଛୁଆ ଘରେ ନାହିଁ,
ସହରେ ରହିଲେ ବାପା ମା ଗାଆଁରେ ରୋମାନ୍ସ କରନ୍ତି ରହି ॥

ପାଇଜାମା ପିନ୍ଧା କ୍ଷୀର ପିଇବାକୁ
ମାଆ କୋଳେ କାନ୍ଦେ ଛୁଆ,
ପଣତ କାନୀ ତ କା ପାଖରେ ନାହିଁ
ଘୋଡାଇଙ୍ଗ କହ କିଆଁ
ମଥାରେ ସିନ୍ଦୂର ନାହିଁ,
ଚୁଡ଼ି କଥା ସବୁ ଗୁଳି ମାର ଏବେ
ପଟେ ଅଛି ପଟେ ନାହିଁ ॥

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପରମ୍ପରା ନିଜ ସଂସ୍କୃତିକୁ ଭୁଲି
ପାରିବାରିକ ଉତ୍ସବ,
ଏପରି ହେଉଛି ଋତୁ ପରି ଆଜି
ଏ ସବୁର ପରାଭବ,
ଭୋଗିବାକୁ ସିନା ହେବ,
ପ୍ରକୃତି ବିପକ୍ଷେ ପାଦ ପକାଇଲେ
କିଏ ସୁଖରେ ରହିବ ?

ନଣ୍ଡା ପାହାଡକୁ ଶୁଖିଲା ନଈ ଯେ
ଜଙ୍ଗଲ ହୋଇଛି ପଦା,
ଋତୁ ପାଇଁ ଆଜି ବିଳାପ କରିଲେ
ଆଖି ହୁଏ ସିନା ଓଦା,
ହିଂସା ଦ୍ୱେଷ ସ୍ୱାର୍ଥ ଅର୍ଥ,
ଆଜି ମଣିଷର ଉଦ୍ଧତ ପ୍ରକୃତି
ଜୀବନ କରେ ବିଅର୍ଥ ॥

ମଲ୍ଲିପୁର, ଗଡ଼ ନିଆଳ,
ଖୋର୍ଦ୍ଧା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କବିତା ଲେଖି ମୁଁ ବଡ଼ ଅପରାଧୀ

ନିରଞ୍ଜନ ସାହୁ

କବିତା ଲେଖି ମୁଁ ବଡ଼ ଅପରାଧୀ
ଏହି ଦୁନିଆର ଆଗେ
ତଥାପି କାହିଁକି କବିତା ଲେଖିବା
ମୋତେ ଭାରି ଭଲଲାଗେ ।

କାଗଜ କଲମ ହାତରେ ଧରିକି
ଯେବେ ମୁଁ କବିତା ଲେଖେ
ଦୁନିଆ ଯାକର ସମସ୍ତ ଘଟଣା
ଭଲକି ନିରେଖି ଦେଖେ
ତଥାପି କବିତା ଲେଖି ପାରେନା ମୁଁ
କଦାପି କେବେହେଁ ବାଗେ ।

ସତକଥା ଲେଖି ଶତ୍ରୁ ହୋଇଛି ମୁଁ
ବଞ୍ଚେ ହୋଇ କଲବଲ
ଅନେକ ଧମକଚମକ ପାଇଛି
ମୋ ଜୀବନ ହଲଚଲ
ତଥାପି ଲକ୍ଷ୍ୟରୁ ହଟିଯାଇନି ମୁଁ
ପରିସ୍ଥିତି ପାଣିପାଗେ ।

କଲମ ଅଟଇ ବଡ଼ ଶକ୍ତିଶାଳୀ
ବଲମ ହାରେ ତା ପାଖେ
ଏ ପାଗଳା ମନ ସବୁଆଡେ ବୁଲି
କବିତା ପାଖରେ ଲାଖେ
ସେଥିପାଇଁ ମୁହିଁ ସାରଦାଙ୍କ ଠାରୁ
ନିଇତି କରୁଣା ମାଗେ ।

କବିତା ଅନେକ ପ୍ରଂଶସା ଆଣିଛି
ଏକଥା ନିହାତି ସତ
ସାହିତ୍ୟ ଜଗତ ସୁନାମ ଦେଇଛି
ଦ୍ୱାରେ ଯଶ ଉପଗତ
ଆହୁରି ଅଧିକ ଲେଖିବା ପାଇଁକି
ମନରେ ଶରଧା ଜାଗେ ।

ନିହଲ ପ୍ରସାଦ, ଗଁଦିଆ ପାଟଣା, ଢେଙ୍କାନାଳ --
୭୫୯୦୧୬, ମୋ :- ୯୯୩୮୭୪୧୫୮୩

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ହେ ଉତ୍କଳ ବ୍ୟାସ

ନୀଳମଣି ଚାନ୍ଦ

ହେ ଉତ୍କଳ ବ୍ୟାସ
ଦେଲ ଜୀବନ୍ୟାସ
ଆମ ଭାଷାକୁ
ଉଜ୍ଜିବିତ କଲ ଆମ ଆଶାକୁ
ନ ଧରି ଅସି
ଧରିଲ ମସି
ମକର ସଂକ୍ରାନ୍ତି ତୁମ ଜନ୍ମତିଥି
ତୁମ କଥା କେତେ ଭାବୁରେ ବସି ।

ପ୍ରଥମ ନାମ
'ବ୍ରଜମୋହନ'
ବଦଳିଗଲା
'ଫକୀରମୋହନ' ସିନାରେ ହେଲା
ତୁମରି ସ୍ଥାନ
ସେ ଅବଦାନ
କେମିତି ଭୁଲିବ ଏ ଲଢୁଆ ଜାତି
ଟେକ ରଖିଥିଲ ରାଇଜ ମାନ ।

ଆମଠୁ ଦୂରେ
ସରଗପୁରେ
ରହିଛ ଯାଇ
ତୁମ କଥା କହେ "ରେବତୀ" ଥାଇ
"ଆତ୍ମଚରିତ"
ହେଲେ ପଠିତ
ତୁମ ସମ୍ପର୍କରେ ସବୁ ଜାଣିଯିବେ
ଜାଣିଥିଲେ ଯାହା ଅଳ୍ପ ବହୁତ ।

ମନ୍ତ୍ର ମାନୋର,ଗୋଠପାଟଣା
ଭୁବନେଶ୍ୱର,ମୋ:୯୫୮୩୨୦୨୩୫୭

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଆସିଛି ନୂଆ ବରଷ

ଚନ୍ଦ୍ରକାନ୍ତ ଜେନା

କାଲିର ପୁରୁଣା ଦିନ ସବୁ ଭିତରେ.....

କିଛି ନୂଆ ସମ୍ଭାବନାକୁ ନେଇ,

କିଛି ସଫଳତା ଓ କିଛି ବିଫଳତାରେ,

ସ୍ମୃତି-ବିସ୍ମୃତିର ବିଗତରେ,

ଆଗତ ଭବିଷ୍ୟତକୁ ସ୍ୱାଗତକରି.....

କିଛି ପରିବର୍ତ୍ତନ ଓ କିଛି ଅପରିବର୍ତ୍ତନ ମଧ୍ୟରେ....

ବଦଳିଛି ଖାଲି କ୍ୟାଲେଣ୍ଡର....

ଆସିଛି ଇଂରାଜୀ ନୂଆ ବରଷ.....

ଆଉ କିଛି ବଦଳିବା ଆଉ ନ ବଦଳିବା ଭିତରେ ଅଙ୍କକଷା,

ସେହି "ମୁଁ", "ମୋର" ଡିଣ୍ଡିମରେ !

ମନରେ ବିକାର ଈର୍ଷା,ହିଂସାର,

ଗର୍ବ, ଅହଂର !

ଅନ୍ୟାୟ,ଅନୀତିର !!

ସେହି ପୁଳା-ପୁଳା ଦୁଃଖ,କ୍ଲେଶ..

କେତେ ଯେ କଷ୍ଟ, ଯାତନା ଓ ନିର୍ଯାତନା....

ଲୋଭ,ମୋହ ଓ ସ୍ୱାର୍ଥର ଧାଁ- ଧପଡ୍ ରେ,

ସେବା,ତ୍ୟାଗ ଓ ସୁ-ସମ୍ପର୍କର ଅଭାବ ବୋଧ.....

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ତଥାପି କିଛି....

ପୁଣି,

ନୂଆ ଆଶା

ନୂଆ ଭରସା

ନୂଆ ଉନ୍ମାଦନା....

ନୂଆ ହର୍ଷ

ନୂଆ ଉଲ୍ଲାସ

ନୂଆ ଅଭିଳାଷ....

ନୂଆ ସ୍ମୃତି

ନୂଆ ଭାବନା

ନୂଆ ଅନୁଭୂତି....

ନୂଆ ସ୍ୱପ୍ନ

ନୂଆ ବିଶ୍ୱାସ

ନୂଆ ସମ୍ଭାବନା...ର ଆଶା, ଆକାଂକ୍ଷା ଭିତରେ,

ପୁଣି ଏକ ନୂଆ ଜୀବନ ଓ ନୂତନତାର ଅସୁମାରୀ ଶୁଭେଚ୍ଛା.....

ସହକାରୀ ଶିକ୍ଷକ

ବ୍ରାହ୍ମଣସାଇଲୋ ସରକାରୀ ଉଚ୍ଚ ବିଦ୍ୟାଳୟ

କଣ୍ଟାପଡ଼ା, କଟକ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଲୀଳାମୟି ରାଧାରାଣୀ

ମଧୁସ୍ମିତା ନନ୍ଦ

ହେ ମୋ ରାଧା ରାଣୀ
ତୁମ ଉପସ୍ଥିତି ବର୍ଣ୍ଣନା ପାଇଁ
ମୁଁ ଅଧମ ମୋର ସକ୍ଷମ ନାହିଁ ।।
ମାତୃ ଗର୍ଭୁ ମତେ ଉଦ୍ଧାର କରିଛ
ବଞ୍ଚିବା ପାଇଁ ବ୍ୟବସ୍ଥା ଖଞ୍ଜିଛ ।।
ଗର୍ଭେ ଥିଲା ବେଳେ ପ୍ରତିଜ୍ଞା କରିଲି
ସଂସାରେ ଆସି ମୁଁ ତୁମକୁ ଭୁଲିଲି ।।
ଯିବ ଙ୍କର ପ୍ରତି ହିଂସା ଭାବ ଆଣି
ଭକ୍ଷଣ କଲି ମୁଁ ପ୍ରତି ଦିନ ପୁଣି ।।
ପ୍ରତି ଯିବ ମଧ୍ୟେ ଇଶ୍ୱର ଅଛନ୍ତି,
ଜଣା ଶୁଣା ହୋଇ ଅଜଣା ହୋଇଲି ।।
ମୁଖ ର ସ୍ୱାଦ କୁ ପ୍ରଥମେ ଦେଖିଲି
ନିରୀହ ପ୍ରାଣୀ ଙ୍କ ଜୀବନ ମୁଁ ନେଲି ।।

ଭୁଲିଲି ତୁମେ ବି ମୋ ଭିତରେ ଅଛ
କରିଲି ମନ କୁ ସମ୍ପୂର୍ଣ୍ଣ ଅସ୍ୱଚ୍ଛ ।।
ଲୋଭ, କ୍ରୋଧ, ହିଂସା ଧରି ମୋ ମନ ରେ
ବିଚରଣ କଲି ସଂସାର ଭିତରେ ।।
ସଂସାର ଯେ ଏକ ରଙ୍ଗ ମଞ୍ଚ ଟିଏ
ମୁଁ ଯେ ଏଠି ଛାର ଅଭିନେତ୍ରୀଟିଏ ।।
ଅଭିନୟ କୁ ମୁଁ ସତ୍ୟ ମଣି ନେଲି
ମାୟା ର ନଈ ରେ ବୁଡି ମୁଁ ଚାଲିଲି ।।
ନଈ ରେ ବୁଡି ମୁଁ ଆଶ୍ରା ହିନ ହେଲି
ତେଣୁ ତୁମ ପାଦେ ଶରଣ ମୁଁ ନେଲି ।।
କୃପା ଦୃଷ୍ଟି ଦେଲ ଏ ପତିତ ପ୍ରତି
ନେଇଛ ଆଦରି ଦେଲ ତୁମ ପ୍ରିତୀ ।।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଏ ପ୍ରୀତିକୁ ବୃଦ୍ଧି କରିବାର ଚେଷ୍ଟା
ରହିବ ଜୀବନ ଶେଷ ଯାଏ ଆସ୍ଥା
ତୁମ କୃପା ବିନା ସମ୍ଭବ ତା ନୁହେଁ
କୃପା ମୋଠି ରଖ ଏତିକି ମୁଁ ଚାହେଁ ।।
ସଂସାରୁ ବିଦାୟ ନେବାକୁ ଚାହୁଁଛି
ତୁମ ଚରଣ ରେ ସ୍ଥାନ ମୁଁ ମାଗୁଛି ।।
କଷ୍ଟ ଦିଅ ପଛେ ରୁହ ମୋର ସାଥି
ଶରୀର ର ଅନ୍ତେ ନିଅ ତୁମ ସାଥେ ।।
ତୁମରି କୃପା ରୁ ମୋ ଗୁରୁ ଙ୍କୁ ପାଇଛି
ତୁମେ କୃପାମୟୀ ପ୍ରମାଣ ପାଇଛି ।।
କୃପା ଦୃଷ୍ଟି ତୁମ ମୋହ ଠାରେ ଅଛି
ଏହି ବିଶ୍ୱାସ ରେ ଜୀବନ ବଞ୍ଚୁଛି ।।
ମୋ ବିଶ୍ୱାସ ତୁମେ, ମୋ ଭରସା ତୁମେ,
ମୁଁ ଅନ୍ଧୁଣି ଟେ ମୋ ଆଶାବାଡି ତୁମେ ।।
ତୁମ ପାଇଁ ଆଜି ତୁମକୁ ଭଜୁଛି
ତୁମ ନାମ କୁ ମୋ ତୁଣ୍ଡ ରେ ଧରୁଛି
"ରାଧା" ନାମ ମୋର ସକଳ ସମ୍ପତି
"ରାଧା" ନମେ ମୋର ସଦା ରହୁ ପ୍ରୀତି ।।

ଗ୍ରାମ - କୃଷ୍ଣପଲ୍ଲି ପାଟଣା
ଜିଲ୍ଲା - କଟକ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ରକ୍ତ ବି କଥା କହେ

ଦୀନବଂଧୁ ବେଜ

ପାଣିର ଧର୍ମ ନିମ୍ନଗାମୀ
ବଡ଼େ ପାଣି ବାମ୍ଫ ହୋଇ ,
ଗତି କରେ ଏକ ନିଶ୍ୱାସରେ
ଆକାଶ ମୁହାଁ ବାଷ୍ପ ରୁପ ହୋଇ ।

ରକ୍ତ ପାଣି ପରି ତରଳେ
ଚନ୍ଦନ ପେଡ଼ିରେ ଘୋରି,
କେତେ ଗୁଣ ଧର୍ମ ଦିଶି ଯାଏ
ସ୍ପଷ୍ଟ ହୁଏ ଯୁଗ ଯୁଗ ଧରି ।

ରକ୍ତ ଓ ପାଣି ...ପାଣି ଓ ରକ୍ତ
ଧର୍ମ ବାଣ୍ଟେ ବାରତା ଅନେକ,
ବାର୍ତ୍ତାକୁ ଗଣ୍ଠିଲିରେ ଭର୍ତ୍ତିକରେ
ସର୍ବେ ହୁଅନ୍ତି ଭାବୁକ ।

ଝରିଲେ ରକ୍ତ ଧ୍ୟାନ ରୋକେ
ବିଭକ୍ତ ହୁଏ ବାତ ପିତ୍ତ କଫ,
ଏମିତି ଡି ଏନ ଏ, ଆର ଏନ ଏ
ହୁତ ହୁତ ଜଳେ ଆଖି ନାକ ।

ରକ୍ତବର୍ଗ କିଛି ଲୋଡ଼ା ନାହିଁ
ରକ୍ତ ପାଇଁ ରକ୍ତ ଝରେ,
ରକ୍ତ କଥା କହେ ସଂଗ୍ରାମ ଘଟି
ବିତ୍ତିୟ ସଂସାରେ ।

ମାଲକାନଗିରି, ଓଡ଼ିଶା'
ଭାମ୍ୟଭାଷ:-୭୬୮୩୯୨୦୨୨୧

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସ୍ମୃତି ତୁମେ ଯେବେ ଆସ

ସୁନିତା ମହାନ୍ତି

ସ୍ମୃତି ତୁମେ ଯେବେ ଆସ
ମନ ଆଇନାରେ
ହସ ହୋଇ ଫୁଟି ଉଠ
ମୋ ଦୁଇ ଓଠରେ ।

ସ୍ମୃତି ତୁମେ ଯେବେ ଆସ
ମୋ ଆଖି ଆଗରେ
ଲୁହ ହୋଇ ବହିଯାଅ
ମୋ ଅଜଣାତରେ ।

ସ୍ମୃତି ତୁମେ ଯେବେ ଆସ
ନିସ୍ତବ୍ଧ ରାତିରେ
ନିଦକୁ ହଜାଇ ଦିଅ
ସପନ ସାଥିରେ ।

ସ୍ମୃତି ତୁମେ ଯେବେ ଆସ
ହୃଦୟ ମନ୍ଦିରେ
ଭଜନ ସଂନ୍ଧ୍ୟାରେ ମୋର
ଗୀତାର ଶ୍ଳୋକରେ ।

ସ୍ମୃତି ତୁମେ ଯେବେ ଆସ
ଲେଖନୀ ମୁନରେ
ଅତୀତ ମୋ ଝରିଯାଏ
ହସ ଓ ଲୁହରେ ।

ସ୍ମୃତି ତୁମ ଯେବେ ଆସ
ଫଗୁଣ ସାଥିରେ
ବସନ୍ତର ସାତ ରଙ୍ଗ
ମୋ ଦେହରୁ ଝରେ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପେଛା ପେଛା ପୁଲ ହୋଇ
ମହକ ମୁଁ ବାଣ୍ଟେ
କୋଇଲିର କୁହୁ କୁହୁ
ସ୍ୱର କୁ ମୁଁ ରଟେ ।

ହୃଦୟ ବୀଣାରେ ତୁମେ
କେବେ ମୋ ଓଠରେ
କେବେ ପୁଣି ମୋ ଆଖିରେ
କେବେ ସପନରେ ।

ଭଲ ପାଇ ଭୁଲି ଗଲ
ଅଧୁରା ଏ ପ୍ରୀତି
ଭାବନାରେ ବଞ୍ଚିଛି ମୁଁ
ଅଭୁଲା ତୁମେ ସ୍ମୃତି ।

କେନ୍ଦ୍ରାପଡ଼ା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଅସରାଏ ବର୍ଷା ପରେ

ସୁଶାନ୍ତ ଶେଖର ଦାଶ

ଅସରାଏ ବର୍ଷା ପରେ
ମୁଁ ହାତ ବଢ଼ାଇଲି ଶୂନ୍ୟତାକୁ
ସ୍ପର୍ଶ କରିବାକୁ କଳା ବାଦଲକୁ
ଆକାଶର ନୀଳ ପଣତ ତଳେ ଥିବା
ନିରେଖିଲି ତା' ମନର ଅବସାଦକୁ
ଅତି ସନ୍ତୁର୍ପଣରେ ଜିଜ୍ଞାସିଲି....
"ପୋଛିଦେବିକି ଏ ଲୁହ ଭିଜା-
ନିରବତାରେ" ?
ଦେବି କି ସାଥି ଟିକେ ଏକାକି ପଥରେ ?
ଅସରାଏ ବର୍ଷା ପରେ..... (୦୧)

ସେହି ପଣତ ସେପାଖୁ ଉଙ୍କିମାରି
ମୁହଁ କାଢିଲା ସୂର୍ଯ୍ୟଙ୍କର ନରମ କିରଣ
ପବନର ତରଳ ସ୍ପର୍ଶରେ ଭିଜିଯାଇ
ଆଲୋକ ହୋଇ ତା'କୁ ଚୁମିଗଲା
ଚିବୁକରୁ ଝୁଲୁଥିବା ଜଳବିନ୍ଦୁ
ଆଖି କୋଣର ତା' ଭିଜା ଭିଜା ଲୁହ
ତୃଷ୍ଣାତୁର ଚାତକପରି ପିଇଗଲା....
ପ୍ରଚ୍ଛନ୍ନରେ ଦେଖୁଥିଲି,
ଆର୍ଦ୍ରତା ଲୁଚିଗଲା ଦୁଲୁକାଏ ପବନରେ ।
ଅସରାଏ ବର୍ଷା ପରେ..... (୦୨)

ଖୋଲିଗଲା ଆକାଶ ମୋ ସାମ୍ନାରେ
ଏକ ଶାନ୍ତ ନୀଳ ଚିତ୍ରପଟ ଭଳି !
ଅପଲକେ ଚାହିଁ ରହିଲି ମୁଁ
ଭିଜା ଆକାଶରେ ଦେଖୁଥିଲି
ପଛରୁ ତା' ସ୍ପଷ୍ଟ ପ୍ରତିବିମ୍ବଟିଏ
ସେ କି କେବଳ ଆକାଶର ଛାୟା ?

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ନା ମୋ ମନ ଆକାଙ୍କ୍ଷାର ଜ୍ୱଳନ୍ତ ଚିତ୍ର ?
ତା' ନୀରବତାରେ ତା'କୁ ଖୋଜୁଥିଲି
ଦୂର ଆକାଶରେ....
ତେର୍ଛା ଆଲୋକର ନରମ ଆଭାରେ ।
ଅସରାଏ ବର୍ଷା ପରେ..... (୦୩)

ଝଡ଼ ଶାନ୍ତ ହୋଇ ଶାନ୍ତି ଖୋଜୁଥିଲା
ଲୁଚିଗଲା ଜଳବିନ୍ଦୁ ଶେଷ ସ୍ମୃତି ଯାଏ
ଲୁଚିଗଲା ପ୍ରତିବିମ୍ବ ଅସ୍ପଷ୍ଟ ଛାଇରେ
ଖୋଜୁଥିଲି ତା' ଓଦା ପାଦ ଚିହ୍ନ
ସିକ୍ତ କେଶ, ସିକ୍ତ ବେଶ ଆଚ୍ଛାଦନ
ଫେରି ଚାହିଁଲାନି ଥରେ !
ଛାଇ ସାଥେ ଚାଲୁଥାଏ ନିଃସଙ୍ଗତାରେ
ଅସରାଏ ବର୍ଷା ପରେ..... (୦୪)

ରୟାଲ ଲାଗୁନ
ନନ୍ଦନକାନନ ରୋଡ଼
ଭୁବନେଶ୍ୱର- 24 sushant.dash1962@gmail.com

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଅଟଳ

ସୁପ୍ରିୟା ମହାନ୍ତି

ହାରିବି ନାହିଁ ମୁଁ ଡରିବି ନାହିଁ
ମରଣକୁ କିଏ ବା ଦେଖିଛି
ମନଭରି ଜିଇଁଯିବି, ନିଶ୍ୱାସ ଅଟକିବାଯାଏ...
ଶରୀର ପାଉଁଶ ହେବା ପରେବି ଜୀବିତ
ୟା ଠୁ ବଳି ସତ ଆଉ କିଛି ନାହିଁ।
ଦେଖିଛି ମୁଁ ଫୁଟପାଥ ରେ ଶୋଇ ଶୋଇ
ମୁଁ ସ୍ୱାଧୀନ କହୁଥିବା ଦରଦୀ ହୃଦୟ
ମୁଁ ଦେଖିଛି ଖଣ୍ଡିତ ଭାରତର ଉପରକୁ ଧାରେ ହସ
ଅନ୍ତରଟା କେତେ ଅସହାୟ।
ଅଣ୍ଟା ଭିଡ଼ି ଛିଡା ହୋଇଛି, ମୁଁ ଅଟଳ
ମୋ ନିଷ୍ପତ୍ତି ଅଟଳ, ମୋ ପ୍ରତିଜ୍ଞା ଅଟଳ
ମୋ ବାକ୍ୟ ଅଟଳ, ମୋ କର୍ମ ଅଟଳ
ମୁଁ ରୁହେ ବା ନରୁହେ
ନୀତି ଓ ଆଦର୍ଶ ମୋର ଦିନେ
ଖଣ୍ଡିତ ଭାରତକୁ ଅଖଣ୍ଡ ବନାଇବାର ସପ୍ନ କୁ
କରିବ ସଫଳ...
ମୁଁ ଅଟଳ, ମୁଁ ନିଶ୍ଚଳ,
ପଥରରେ ହୀରାର ଚମକ ଭରିବାରେ ମୁଁ ଚଞ୍ଚଳ
ମୁଁ ଅଟଳ...

କେନ୍ଦ୍ରାପଡ଼ା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଅଧୁରା ଅପେକ୍ଷା

ଜିତେନ୍ଦ୍ର ସାହୁ

ଡିସେମ୍ବରର ଏଇ ଶୀତୁଆ ସଞ୍ଜେ,
ସୂର୍ଯ୍ୟ ବୁଡ଼େ ଆଜି ଅକୁହା ଲାଜେ ।

ସରି ସରି ଆସେ କାଳନ୍ଦୀ ବର୍ଷ,
ଦେଇଗଲା ଖାଲି ବିରହର ହର୍ଷ ।

ତୁମରି ବାଟକୁ ଚାହିଁ ଚାହିଁ ମୁଁ,
ନିଜକୁ ପାଶୋରି ଦେଇଛି କେବେଠୁ ।

ଅପେକ୍ଷାର ଏଇ ଶେଷ ମାସ ହେବ,
ନୂଆ ବର୍ଷେ ନୂଆ ରୂପ ମୋର ଥିବ ।

ହୃଦୟର ସବୁ ସାଇତା ସ୍ମୃତିକୁ,
ଦେବି ମୁଁ ପୋଡ଼ି ଏଇ ଜୁଇ ନିଆଁକୁ ।

ବଦଳେଇ ଦେବି ନିଜକୁ ମୁଁ ଆଜି,
ହାରିଗଲା ପ୍ରେମେ ମୁଁ ହେବିନି ରାଜି ।

ଲୁହ ନୁହେଁ ଏବେ ହସ ଥିବ ଓଠେ,
ତୁମ ନାଁ ନଥିବ ମୋ ମନର ପଟେ ।

ବିଦାୟ ବର୍ଷ ସାଥେ ବିଦାୟ ତୁମକୁ,
ଫେରିବିନି ଆଉ ସେ ପୁରୁଣା ଦିନକୁ ।

ପାଇକ ଯମୁନା, ଗଞ୍ଜାମ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପ୍ରୟାସ

ସାଗର ଖରା

ତୁମକୁ ବାନ୍ଧିବାକୁ ଆଜି
ସାମର୍ଥ୍ୟ ନାହିଁ ମୋର
ତୁମକୁ ବାହୁରେ ଆପଣାଇବାକୁ
ପରିଚୟ ବା କାହିଁ ମୋର
ମୋ କବିତାର ଶବ୍ଦରେ ତୁମକୁ
ଭିଡ଼ି ଧରିବାର ସାହସ ଅଛି ମୋର
ମୋ ଉପନ୍ୟାସର ନାୟିକା କରିବାର
ଅଭିଳାଷ ଅଛି ମୋର
ତୁମେ ଯେତେ ପାରୁଛ ଦୂରେଇ ଯାଅ
ମୁଁ କିନ୍ତୁ ରୋକିବାର ପ୍ରୟାସ କରିବି ନାହିଁ
କେବଳ ବିରହର ଯନ୍ତ୍ରଣାରେ
ନିଜେ ଜଳିବି ଆଉ ସେହି
ଜ୍ୱଳନରୁ ଆରାମ ପାଇବା ପାଇଁ
ତୁମକୁ ଆବଦ୍ଧ କରିବି ମୋର
କବିତାର ନିବୁଜ ଶବ୍ଦରେ
ନିଇତି ଦେଖିବି ତୁମ ରୂପ
ମୋ ଉପନ୍ୟାସର ନାୟିକାରେ

ଗ୍ରାମ:- ପୁରୁଣାଚିତାପାରି, ମାଲକାନଗିରି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଭଗ୍ନ କୁଟୀର ବାସୀଟିଏ

ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ

ତୁମେ ଅଳସୀ ରାତିର
ଆକାଶ ବୁକୁ ରେ
ଆଖି ଠାର ମରା ଜହ୍ନ ଟିଏ,
ମୁଁ ଯେ ଅଥଳ ସାଗରେ
ନାବିକ ବିହୀନ
ଦିଗହରା ନାବ ଯାତ୍ରୀଟିଏ ।।

ତୁମେ ଦିଗବଳୟର
ରକ୍ତିମ ଚଟାଣେ
ବାରୁଣୀର ଚିର ସାଥୀଟିଏ,
ମୁଁ ଯେ ଅନ୍ଧାର ରାତିର
ଗହଳ କୁଞ୍ଜରେ
ଭୟାର୍ତ୍ତ ନୀଡ଼ର ପକ୍ଷୀଟିଏ ।।

ତୁମେ ନୂଆ ସକାଳର
ଆଶାର ଆଲୋକେ
ସବୁଜିମା କ୍ଷେତ ପରୀଟିଏ,
ମୁଁ ଯେ ଡହଳ ବିକଳ
ଭୋକ ଉପାସରେ
ଭଗ୍ନ କୁଟୀର ବାସୀଟିଏ ।।

ବଣମଲ୍ଲୀର ମହକ
ମଙ୍ଗଳାଯୋଡି ଖୋର୍ଦ୍ଧା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଅନନ୍ୟା ଖୋଜୁଛି ବିତିଲା ସ୍ମୃତି

ନରେନ୍ଦ୍ର କୁମାର ଦାସ

ଆଜି, ବର୍ତମାନ ଯାହା ଘଟୁଅଛି
କାଲିକୁ ଅତୀତ ହୁଏ,
ଅତୀତ ଗର୍ଭରେ ଇତିହାସ,ସାଜି
ସ୍ମୃତି ହୋଇ ରହି ଯାଏ ।
ସ୍ମୃତିର ଶାମୁକା ଗୋଟାଏ ମଣିଷ
ଅତୀତକୁ ଝୁରି ଥାଏ,
ମଧୁର ସ୍ମୃତିର "ତାଜ ମହଲ"ଟି
ସୁଖ ଶାନ୍ତି, ତୃପ୍ତି, ଦିଏ ।
ଚତୁର୍ଦ୍ଦଶ ମହୋତ୍ସବ ପାଳନରେ
"ଅନନ୍ୟା"ସଫଳ ହୁଏ,
ଦେଶ,ବିଦେଶର କବି,ଲେଖକଙ୍କୁ
ଅଭିନନ୍ଦନ ଜଣାଏ ।
ମଦର୍ସ ପବ୍ଲିକ ସ୍କୁଲ ସଭାଗୃହେ
ବାର୍ଷିକ ଉତ୍ସବ ହୁଏ,
କୀର୍ତ୍ତନ,ସଙ୍ଗୀତ,ନୃତ୍ୟ ,ତାଳେ ତାଳେ,
ଆତ୍ମହରା ହୋଇ ସିଏ ।
ଉପହାର ଦେଇ, ସମ୍ବର୍ଦ୍ଧିତ କରି
ସମସ୍ତଙ୍କୁ ଆପଣାଏ,
କବିତା ଶେଫାଳୀ ପେନ୍ଥା, ପେନ୍ଥା ହୋଇ,
ଅତିଥି ସତ୍କାରେ ଥାଏ ।

ଜାତୀୟ ସଂହତି ବୃଦ୍ଧିରେ ଅନନ୍ୟା
ସ୍ମୃତି ଦୀପାଳୀ ଜଳାଏ,
ଭାଷା ସାହିତ୍ୟର ସ୍ୱାଭିମାନ ସହ
ଅସ୍ମିତା ବଜାୟି ଥାଏ ।
ଅତିଥି ମାନଙ୍କ ବକ୍ତବ୍ୟରେ ମୁଖ୍ୟ
କଥାବସ୍ତୁ ସିଏ ହୁଏ,
ସାଧନା କ୍ଷେତ୍ରରେ, ଅବଦାନ ତାର
ଶୀର୍ଷ ସ୍ଥାନେ ରହିଥାଏ ।
ହଜିଲା ସ୍ମୃତିକୁ ଝୁରୁଛି "ଅନନ୍ୟା
ଖୋଜୁଛି ଶାମୁକାଟିଏ,
ସାହିତ୍ୟ ମେଘର ମହ୍ଲାରେ ସ୍ମୃତି
"ଇନ୍ଦ୍ରଧନୁ ଆଙ୍କି ଥାଏ ।

ଅବସର ପ୍ରାପ୍ତ ଶିକ୍ଷକ. ଦଶରଥପୁର, ଜିଲ୍ଲା-ଯାଜପୁର।
ମୋ-୭୭୩୫୬୦୭୨୮୪

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଅନନ୍ୟା ଖୋଜୁଛି ବିତିଲା ସ୍ମୃତି

ଶ୍ୟାମା ପ୍ରସାଦ ବୋଷ

ଅନନ୍ୟା ଖୋଜୁଛି ବିତିଗଲା ସ୍ମୃତି
ଅତୀତର ଅନୁଭୂତି
ପଛରେ ଛାଡିଛି କେତେ ମିଠା ସ୍ମୃତି
ଅର୍ଜିଛି ଅନେକ କୃତୀ । ୧

ଫୁଲ ସାଉଁଟିଛି ବାସ ଛୁଟାଉଛି
ଗାଇଛି ଜମ୍ବୁରା ଗୀତି
ସ୍ୱପ୍ନ ଦେଖାଇଛି ସାକାର କରିଛି
କୋଟି ହୃଦୟକୁ ଜିତି। ୨

ଅନନ୍ୟା ଖୋଜୁଛି ଅତୀତର କିଛି
ଅଭୁଲା ତା ଯଶ କୀର୍ତ୍ତି
ଆଖିରେ ନାଚୁଛି ଅଗଷ୍ଟ ପନ୍ଦର
ଦିହଜାର ବାର ସ୍ମିତି । ୩

ଆଗକୁ ବଢିଛି ସାହସ ବାନ୍ଧିଛି
ସାଉଁଟିଛି କଳାକୃତି
ସାହିତ୍ୟ ସାଧିଛି ପ୍ରତିଭା ଖୋଜିଛି
ଆପଣାଇ ତାର ବୃତ୍ତି । ୪

ଅନନ୍ୟା ଖୋଜୁଛି ବଣମଲ୍ଲୀ କିଛି
ଦେଇଅଛି ପରିଚିତି
ସ୍ନେହରେ ବାନ୍ଧିଛି ପ୍ରେମରେ ଛନ୍ଦିଛି
ଆଦର୍ଶରେ ଅଗ୍ରଗତି । ୫

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସମ୍ଭାବନା ଅଛି ବାର୍ତ୍ତା ସେ ଦେଉଛି

ସମାଜସେବା ରେ ପ୍ରୀତି

ଲକ୍ଷ୍ୟ ରଖିଅଛି ଶ୍ରଦ୍ଧା ବାଣ୍ଟିଅଛି

ଉନ୍ନତି ପଥରେ ନିତି। ୬

ଅନନ୍ୟା ଖୋଜୁଛି ସ୍ମୃତି ସାଉଁଟୁଛି

ନାରାୟଣ ସେନାପତି

ଚଉଦ ବରଷ ବିତି ଯାଇଅଛି

ସ୍ମୃତି ସେ ମଧୁର ଅତି । ୭

ସ୍ମୃତି ସେ ମଧୁର ଅତି ।।

ଗ୍ରାମ : ବେଗୁନିଆଁ , ମଲ୍ଲୀକ୍ ସାହି

ପୋଷ୍ଟ : - ଗୋପ୍, ଜିଲ୍ଲା : - ପୁରୀ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଅନନ୍ୟା ଖୋଜୁଛି ବିତିଲା ସ୍ମୃତି

ଅନନ୍ୟା ଖୋଜୁଛି ବିତିଲା ସ୍ମୃତିକୁ
କାଲି ଘଟିଥିଲା ଯାହା
ହୃଦୟ କୋଣରେ ଅନୁଭୂତି ହୋଇ
ସାଇତା ଆଜି ଯେ ତାହା ।
ବାସନାରେ ତାର ବିଭୋରିତ ହୋଇ
ଧାଇଁଲେ ଭୁବନେଶ୍ୱର
ଲାଗିଲା ସତେକି ସଭିଙ୍କର ସ୍ୱପ୍ନ
କରିଛି ସିଏ ସାକାର ।
ଅତି ମନଲୋଭା ପରିବେଶ ଥିଲା
ସଭିଏଁ ଖୁସି ହୋଇଲେ
କାର୍ଯ୍ୟକ୍ରମ ପୁଣି ଅତି ମନଛୁଆଁ
ଖୁସିରେ ବିଭୋର ହେଲେ ।

ପରସ୍ପର ମଧ୍ୟେ ସ୍ନେହ ପ୍ରୀତି ବାଣ୍ଟି
ସାଉଁଟିଲେ କେତେ ସ୍ମୃତି
ସେହି ସ୍ମୃତି ପୁଣି ଅଟଇ ଅଭୁଲା
ଆଖିରେ ନାଚୁଛି ଆଜି ।
ଭାଷା ସାହିତ୍ୟର ବିକାଶର ଧାରା
ଅନନ୍ୟା ବୁହାଇ ଦେଇ
ସଭଙ୍କୁ କରିଛି ଅତି ଆପଣାର
ଆପଣାର ସ୍ନେହ ଦେଇ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଅନନ୍ୟା ଖୋଜୁଛି ବିତିଲା ସ୍ମୃତି

ଡଃ ତାନଶ୍ରୀ ପାଣିଗ୍ରାହୀ

ଭାଷା ସାହିତ୍ୟର ଅନିନ୍ଦ୍ୟ ସୁନ୍ଦରୀ
ଆମରି ପ୍ରିୟ ଅନନ୍ୟା
ଆଖିରେ ସାଇତା ଅସୁମାରୀ ସ୍ୱପ୍ନ
ହୃଦୟେ ପ୍ରୀତିର ବନ୍ୟା
ପାଇଛୁ ତା ପାଇଁ ନୂଆ ଜୀବନଟେ
ସର୍ବଗୁଣେ ପ୍ରୀତିପର୍ଣ୍ଣା
ଆମରି ପ୍ରିୟ ଅନନ୍ୟା...

ଇନ୍ଦ୍ରଧନୁର ସପ୍ତରଙ୍ଗରେ
ହୁଏ କେବେ ଆନମନା
ଗାଇଯାଏ କେତେ ପ୍ରୀତିର ଗୀତିକା
ଦିଏ ନବ ଉନ୍ମାଦନା
କବିତା ପସରା କେବେ ଅନ୍ତାକ୍ଷରୀ
କେବେ ଗଳ୍ପର ସର୍ଜନା
ଆମରି ପ୍ରିୟ ଅନନ୍ୟା...

ସୁଖରେ ସେ ହସେ ଦୁଃଖରେ କାନ୍ଦେ ସେ
ଦିଅଇ ଆଶା ସାନ୍ତ୍ୱନା
ପ୍ରତିଭାକୁ ସିଏ ଦିଅଇ ସମ୍ମାନ
କରେ ସେ ହୃଦେ ଆପଣା
ସାହିତ୍ୟ ସଂସ୍କୃତି ରୂପ ମାଧୁରୀରେ
ସତେ କି ରୂପସୀ କନ୍ୟା
ଆମରି ପ୍ରିୟ ଅନନ୍ୟା...

ଅନନ୍ୟା ଖୋଜୁଛି ବିତିଲା ସ୍ମୃତିକୁ
ଆସେ ଅନେକ ଭାବନା
ଜ୍ଞାନର ପ୍ରଦୀପ ଜାଳୁଥିବ ସଦା
ଅସୀମ ତାର ସାଧନା
ସାରା ଜଗତକୁ ଦେଖାଇବ ନୂଆ
ସୃଜନର ସମ୍ଭାବନା...
ଆମରି ପ୍ରିୟ ଅନନ୍ୟା ॥

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଅନନ୍ୟା ଖୋଜୁଛି ବିତିଲା ସ୍ମୃତି

ସୁଶାନ୍ତ କୁମାର ସାହୁ



ବିତିଲା ଦିନ ଚାଲି ଯାଇଥିବା ସ୍ମୃତି
ମନରେ ଭରି ଦିଏ କୋମଳ ଗୀତି
ସେଇ ଗୀତିସୁରେ ହଜିଲା କଥା
ହୃଦୟ ରେ ରହେ ମରମ କଥା
ସ୍ମୃତି ଆସେ ଉଦବେଳନ ନେଇ
କିଛି ବ୍ୟଥା କିଛି ମନ ବୁଝେଇ
ସେ ସ୍ମୃତି ଯାଇଛି ହଜି ଅତୀତ ହୋଇ
ତଥାପି ତା ଚିହ୍ନ ରହିଛି ରହିବ ଅଭୁଲା ହୋଇ
କେତେ ଆନନ୍ଦ ନୁଆଁ ପରଶ ରେ ଅଧୀର
ଅନନ୍ୟା ଭିତରେ ଭରିଛି ଖୁସି ଉଲ୍ଲାସର
ଉଲ୍ଲସିତ କରିଛି କବି ଭାବୁକ ପରାଣ
ମନେ ମନେ ଭରି ଅଫୁରନ୍ତ ସପନ
ସପନେ ଗୋପନେ ଭାବନା ସ୍ଫୁରଣ
ସ୍ମୃତି ସବୁ ଫୁଟେ ହୋଇ ପ୍ରୀତି ଫୁଲ
ସେ ଫୁଲ ସୁବାସରେ କବି ମନ ଉଛଳ
ଅନନ୍ୟ ପ୍ରତିଭା ସବୁ ଆସି ମେଳି ହେଲେ
ମିଳିତ ପ୍ରୟାସ ମାନ ବିକଶି ଉଠିଲେ
ଉପବନେ ଯେମିତି ନାନା ଜାତି ପୁଷ୍ପ
ସୁମିଷ୍ଟ ଫଳ ରେ ଭରେ ଯେ ପାଦପ
ସେମିତି ଅନନ୍ୟା ପ୍ରାଙ୍ଗଣେ ସୁବାସ ବିତରଣ
ସବୁରି ଚିତ୍ତ ଆକାଶେ ରଂଗୀନ ବରଣ
ଏଇ ମଧୁ ସ୍ମୃତି ଏଇ ଅଭୁଲା କଥା
ଅନନ୍ୟା ଖୋଜି ବୁଲେ ଅନନ୍ୟ ବାରତା

ଭୁବନେଶ୍ୱର, ଖୋର୍ଦ୍ଧା
୭୫୧୦୦୨, ୭୯୭୮୮୨୦୭୮୩

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଅନନ୍ୟା ଖୋଜୁଛି ବିତିଲା ସ୍ମୃତି

ମାହେଶ୍ୱରୀ ଦାଶ୍

ସ୍ମୃତି ଇଲାକାରେ ପ୍ରୀତି ପଦଚିହ୍ନ
ଅନନ୍ୟା ଆଶ୍ଳେଷେ ହେଲା ଅଙ୍କିତ
ବାର୍ଷିକୋତ୍ସବର ମାର୍ମିକ ମୁହୂର୍ତ୍ତ
ଆକର୍ଷଣେ ଗାଇଥିଲା ସଙ୍ଗୀତ।

ସଜାଇ ତୋରଣ ହରିଲା ପରାଣ
ପରିବେଶ ନେଇଥିଲା ପାଛୋଟି
ଶ୍ରଦ୍ଧାସୁମନର ଭାବ ଉପହାର
ହୃଦୟକାନ୍ଥରେ ଛାଟିଲା ଝୋଟି।

ପଞ୍ଜୀକରଣର ସୌହାର୍ଦ୍ଦ୍ୟତା ସୁର
ଆସନଗ୍ରହଣ ଦେଲା ସୂଚାଇ
ଆବାହନୀ ଗୀତି ଦର୍ଶାଇଲା ରୀତି
ଦିବ୍ୟ ମୂର୍ଚ୍ଛନାରେ ଦେଲା ଭିଜାଇ।
ପ୍ରଣବର ସ୍ୱର ଅମୃତ ଝଙ୍କାର
ଶ୍ରୀପୟରେ ଢାଳି କୋଟି ପ୍ରଣତି
ମଙ୍ଗଳାଚରଣ ମାଙ୍ଗଳିକା ନାଦେ
ସମର୍ପିତ କଲା ଭବ୍ୟ ଆଳତୀ।

ମଞ୍ଚ ଆମନ୍ତ୍ରଣ ଶବ୍ଦ ନିୟନ୍ତ୍ରଣ
ପୁଷ୍ପଗୁଚ୍ଛେ ବରିନେଲା ଅତିଥି
ପ୍ରୀତି ପରିଚୟ ସୁସ୍ଥ ସମନ୍ୱୟ
ଆଲିଙ୍ଗନେ ହସିଉଠିଲା ତିଥି।

ମହନୀୟତାର ମୁଗ୍ଧ ସମ୍ଭାଷଣ
ପୂଜ୍ୟ ବ୍ୟକ୍ତିତ୍ୱଙ୍କ ଅଧର ଖୋଲି
ଶୁଦ୍ଧ ଉଦ୍ଦେଶ୍ୟର ଉପସ୍ଥାପନାରେ
ଅନ୍ତରେ ବିଞ୍ଚିଲା ସଦ୍ଭାବ ହୋଲି।

ଯୁଗଳବନ୍ଦୀର କଳ୍ପିତା ଆସର
ବଖାଣିଲା କବିତ୍ୱର ଗରିମା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଉନ୍ମୁକ୍ତ ଛନ୍ଦର ତୃପ୍ତ ଭାବାବେଗ
ଲଙ୍ଘିଗଲା ପରିବେଷଣ ସୀମା।

ଅଧିବେଶନର ପ୍ରଥମ ପର୍ଯ୍ୟାୟ
ମୋ ପାଇଁକି ଟାଣିଲା ଯଞ୍ଜନିକା
ଅସୁସ୍ଥତା ଲାଗି ଆସିଲି ବାହୁଡି
ସମୟ ସାଜିଲା ମୋ ସମାପିକା।

ଚିତ୍ର ଉହାଡରୁ ବାସ୍ତବ ଚରିତ୍ର
ଉତ୍‌ଫୁଲ୍ଲିତ ମନେ ନେଲେ କୋଳେଇ
ମନ ଲଫାପାରେ ସ୍ମୃତିପାଖୁଡାଙ୍କୁ
ଅତି ଯତନରେ ଥିଲି ଜଡେଇ।

କବୀ କାଦମ୍ବିନୀ ଯଶ ମନ୍ଦାକିନୀ
ଅରପିଲା ମୋତେ ପ୍ରୀତି ସମ୍ମାନ
ଅନନ୍ୟା ଅଗଣା ମୋ ପ୍ରିୟ ଠିକଣା
ଭାଷାସମୃଦ୍ଧିରେ ହେଉ ଅମ୍ଳାନ।

ନିମାପଡ଼ା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସରିଯାଉଥିବା ବର୍ଷ

ବିଭୁ ପ୍ରସାଦ ପଣ୍ଡା

ସମୟ ସତରେ ବଡ଼ ବଳବାନ
ନହେଲେ ସେ କଣ ଗୋଟେ ବର୍ଷକୁ ଶେଷ କରିଦିଅନ୍ତା
ଯେଉଁଠି ଦିନେ ନୂଆ ବର୍ଷ ଆସିଲେ ଆନନ୍ଦ ମିଳେ
ସେଠି ଏ ସମୟ ସେ ଆନନ୍ଦ କୁ ମାଟିରେ ମିଳେଇ ଦିଅନ୍ତା
ସତରେ ଏ ସମୟ ବଡ଼ ବଳବାନ
ଗୋଟେ ସରିଯାଉଥିବା ବର୍ଷ ଅନେକ ଜିନିଷ ସାଙ୍ଗରେ ନେଇଯାଏ
ସାଙ୍ଗରେ ନେଇଯାଏ ବର୍ଷସାରା ଘଟିଥିବା ବିଭିନ୍ନ ଘଟଣାକୁ
ସାଙ୍ଗରେ ନେଇଯାଏ ହୃଦୟ ବିଦାରକ ଘଟଣାକୁ
ଅତୀତର ଅନ୍ଧାରିମୁଲକରେ ଚାପିଦିଏ ଅନେକ ଘଟଣାକୁ
ନୂତନ ଆଶା ଆକାଂକ୍ଷା ନେଇଆସେ ସଭିଙ୍କ ମନରେ
ଏହା ହେଉଛି ସେହି ସରିଯାଉଥିବା ବର୍ଷ
ସମୟ ରୂପକ ଡାଏରିରୁ ଅନ୍ୟ ଏକ ପୃଷ୍ଠାକୁ ଯାଏ ସତ
କିନ୍ତୁ ମନରୁ କଣ ଲିଭିପାରେ ରେଖାପାତ କରିଥିବା ଘଟଣା
ମନରୁ କଣ ଲିଭିପାରେ ଘଟଣା ଜନିତ ନୀତିଶିକ୍ଷା ?
ବରଂ ନୂଆ ବର୍ଷକୁ ମୁଣ୍ଡ ଟେକି ଅଟ୍ଟହାସ୍ୟ କରେ
ଏହା ହେଉଛି ସେହି ସରିଯାଉଥିବା ବର୍ଷଟିଏ।
ସତରେ ମଣିଷ କେତେ ହୃଦୟହୀନ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଯେଉଁଠି ଦିନେ ନିଜର ଆତ୍ମୀୟ ସ୍ୱଜନଙ୍କୁ ହରାଇ କାନ୍ଦିଥାଏ
ନିଜପାଇଁ ଏକ କଳୁଷିତ ବର୍ଷ ବୋଲି କହିଥାଏ
ସେହିଲୋକ ନୂଆ ବର୍ଷ ଆସିଲେ ଖୁସି ମନାଏ
ସେଥିପାଇଁ ତ କୁହାଯାଏ ସମୟ ବଡ଼ ବଳବାନ
ବହିଯାଉଥିବା ଜଳ ଯେପରି ପଛକୁ ଆଉ ଫେରେନି
ସେହିପରି ଗୋଟେ ବର୍ଷ ଗଲେ ଆଉ ଫେରେନି
କିନ୍ତୁ ମାନସ ପଟରେ ଚିରଉଜ୍ଜୀବିତ ହୋଇ ରହେ
ଘଟିଥିବା ଘଟଣା ଗୁଡିକ, ଅପୂରଣୀୟ କ୍ଷତି ଗୁଡିକ
ଏହାହିଁ ହେଉଛି ଏକ ସରିଯାଉଥିବା ବର୍ଷ

ଚିରାମାରୁ, ଖୋର୍ଦ୍ଧା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଚାଲ ବୁଲିଯିବା ଓଡ଼ିଶା - ୨

ଜସ୍ମିନ୍ ସାହୁ

ଜିରାଙ୍ଗ, ଖସଡ଼ା ସଙ୍ଗେ ତପ୍ତପାଣି,
କି ! ସୁନ୍ଦର ଦିଶେ ଆହା ପ୍ରକୃତି ରାଣୀ ।
ଉତ୍ତରରେ ଶିମିଳିପାଳ ଜାତୀୟ ଉଦ୍ୟାନ,
ଯେତେ ବୁଲିଲେ ବି ନ ଥକେ ମନ ।
ପୂର୍ବରେ ସ୍ଥିତ ପାରାଦ୍ୱୀପ ବନ୍ଦର,
ବନ୍ଦର ମଧ୍ୟରେ ସର୍ବଶ୍ରେଷ୍ଠ ଅତ୍ୟନ୍ତ ସୁନ୍ଦର
ଗଣ୍ଡା ହାତୀ ସ୍ଥିତ ଦକ୍ଷିଣରେ,
ଗଜପତି କୁ ଭରିଦିଏ ଅପୂର୍ବ ସୌନ୍ଦର୍ଯ୍ୟରେ
ଦାରିଙ୍ଗବାଡି ବୋଲାଏ କାଶ୍ମୀର ଓଡ଼ିଶାର,
କଫିର ସୁଗନ୍ଧ ସଙ୍ଗେ ମଜା ଶୀତର ।
କୋରାପୁଟରେ ସ୍ଥିତ ଦେଓମାଳୀ ପର୍ବତ,
ସୌନ୍ଦର୍ଯ୍ୟର ରାଣୀ ଡୁଡୁମା ଜଳପ୍ରପାତ ।

ଚାଲ ବୁଲିଯିବା ଭଞ୍ଜନଗର,
ବୋଲାଏ ଓଡ଼ିଶାର ସୌନ୍ଦର୍ଯ୍ୟର ଘର ।
ଭୁଲିବା ନାହିଁ ଯିବାକୁ ଟାମ୍ପେରା,
ନୌକା ବିହାରର ମଜା ନିଆରା ।
ଓଡ଼ିଶା ପାଇଁ ଆଜି ମୁଁ ଗର୍ବିତ,
ଓଡ଼ିଆ କରିଛନ୍ତି ଏହାକୁ ବିଖ୍ୟାତ ।
ଆହେ ଚକାଡୋଳା ଏତିକି ଗୁହାରି,
କର ଓଡ଼ିଶାକୁ ସବୁ ବିପତ୍ତିରୁ ପାରି ।
କହି ରଖୁଛି ଯିଏ ସ୍ୱର୍ଗ ନ ଦେଖିଛି,
ଉତ୍କଳରେ ଜନ୍ମ ନେଇ ସ୍ୱର୍ଗ ପାଇଛି ।

ଥାନା ସାହି, ହିଞ୍ଜିଳିକାଟୁ, ଗଞ୍ଜାମ, ଓଡ଼ିଶା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ହେ ନୂଆବର୍ଷ ତୁମକୁ ସ୍ୱାଗତ

ଜ୍ୟୋତି ରଞ୍ଜନ ପାତ୍ର

ସ୍ୱାଗତଂ... ସ୍ୱାଗତଂ... ସ୍ୱାଗତଂ
ହେ ନୂଆ ବର୍ଷ ତୁମକୁ ସ୍ୱାଗତ
କ୍ୟାଲେଣ୍ଡର ସିନା ବଦଳି ଗଲା
ସମୟ ଟା ପରା ଅଟେ ସମାନ
ନୂତନ ବର୍ଷରେ କରିବା ପଣ
ପୂର୍ଣ୍ଣ କରିବାକୁ ଅଧୁରା ସ୍ୱପ୍ନ
ଘର ଅଗଣା ରେ ତାରାଫୁଲ ଖଞ୍ଜି
ଘାସ ଗାଲିଚା କୁ ଦେଇଛି ମେଲି
ସାତ ସୁର ମୃଦ୍ୟୁ ଗୁଞ୍ଜରଣ ପାଇଁ
ମୋ ପ୍ରିୟା ଝରଣା କହିଛି ଆସିବ ବୋଲି
ଶଙ୍ଖ ମହୁରୀ ଓ ଢୋଲର ତାଳେ
ଝୁମି ଝୁମି ହୋଇ ନାଚିବା ଆମେ
ପୁରୁଣା କୁ ଛାଡି ନୂତନ ଆଶା
ମନେ ଭରିବାକୁ କହୁଛି କାନେ
ଦୁଃଖ ସଞ୍ଚାରୀକୁ ପଛରେ ଥୋଇ
ସୁଖ ସବାରୀରେ ଆସିବ ଧାଇଁ
ହସ ଖୁସି ମୈତ୍ରୀ ପ୍ରୀତି ବାଣ୍ଟିବ
ପୁରୁଣା ବି ନୂଆ ନୂଆ ଲାଗିବ
ଛାଡି ହିଂସା ହତ୍ୟା ଈର୍ଷା ଅପହରଣ
ସୁପଥ ବାଟୋଇ ହେବାକୁ କରିବା ପଣ
ହେ ବିଶ୍ୱ ବିଧାତା ବିଶ୍ୱ ନିୟନ୍ତା
ତୁମ ଶ୍ରୀ ପୟରେ କରେ ପ୍ରଣାମ
ତୁମ ସେବା ଧର୍ମେ ଜିତୁ ଏ ଜୀବନ
ମୁଖେ ଥାଉ ସଦା ତୁମ ନାମ..

@ ଜ୍ୟୋତି ରଞ୍ଜନ ପାତ୍ର
@ କରଞ୍ଜିଆ, ମୟୂରଭଞ୍ଜ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସ୍ୱାଗତ ନୂଆବର୍ଷ

ନଳିନୀ ପ୍ରଭା ମିଶ୍ର

ଆସିବା ଯିବା ଏ ଚିରନ୍ତନ
ପ୍ରଥା ହୋଇଛି ଚିରାଚରିତ
ପୁରୁଣା ବିଦାୟୀ ପଚିଶି ହୋଇଲା
ତୁମକୁ କରୁ ସ୍ୱାଗତ ।
ଆଶା, ଆକାଂକ୍ଷାର ହୃଦ
ଆଞ୍ଜୁଳିରେ ସ୍ୱାଗତର ପୁଷ୍ପ ଭରି
ଶୁଭ ଶଙ୍ଖ ଧ୍ୱନି ସ୍ୱାଗତ ଗୀତିକା
ସର୍ବ କଣ୍ଠୁ ଆସେ ଝରି ।
ହେ ! ନବ ବରଷ କରୁଛୁ
ସ୍ୱାଗତ ଆସ ! ଏ ମରତ ପରେ
ଉଷା ଅରୁଣିମା ନବ ଉନ୍ମେଷିତ
ଦୂର୍ବାଦଳ ଶିଶିରରେ ।
ତୁମରି ପରଶ ଆଣିବ ହରଷ
ପୁରାତନ ଦୁଃଖ ଫେଇ
ଶାନ୍ତ ସୌନ୍ଦର୍ଯ୍ୟ ନବୀନ
ପ୍ରଭାତ ହସାଇବ ଧରା ଭୂଇଁ ।
ହିଂସା ଦ୍ୱେଷ ସବୁ ଦୂର କରି
ମନ ଖୋଲି ଦେବା ହସି
ବିଶ୍ୱ ପ୍ରେମରେ ହୋଇ ଉଦବୁଦ୍ଧ
ଖୁସି ହେବେ ଧରାବାସୀ ।
ଶିକ୍ଷା, ସ୍ୱାସ୍ଥ୍ୟ, କୃଷି ସକଳ
କ୍ଷେତ୍ରରେ ଅଗ୍ରଗତିର ଅଗ୍ରେ
ଯୋଜନା ସଫଳ ଶାସନ ନିର୍ମଳ
ଆଶା କରୁଅଛୁ ସର୍ବେ ।
ମଣିଷ ଚିହ୍ନିବ ମଣିଷ ହୃଦୟ
ମାନବିକତାର ବଳେ
ଅହିଂସା ଧର୍ମର ହେବ ଜୟ
ଗାନ ଶ୍ରେଷ୍ଠ ନୀତି ଧରା ତଳେ ।
ମଧ୍ୟ ରାତ୍ରିର କବିତା ଆସର
ପ୍ରତୀକ୍ଷିତ ଆଗମନ
ସ୍ୱାଗତ ତୁମକୁ ହେ ! ନବ ବରଷ
କରୁଛୁ ଅଭିନନ୍ଦନ ।

ମୁକୁନ୍ଦ ପୁର, ଆସ୍କା, ଗଞ୍ଜାମ, ୯୭୭୭୮୮୭୯୪୨

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ନୂଆବର୍ଷ ତୁମ ପ୍ରତୀକ୍ଷାରେ

ରୀତା ଅପରାଜିତା ମହାନ୍ତି



ତୁମେ ଆସିବାର ଥିଲା

ଏଇ ତୁମେ ଆସୁଛ ନୂଆ ବର୍ଷ

ତୁମ ପ୍ରତୀକ୍ଷାରେ ।

ଘଣ୍ଟାର ଟିକ ଟିକ

ସହ ମନର ଉତ୍ତେଜନା ବଢିଯାଉଛି ।

ତୁମ ଆଗମନରେ

ସଭିଏଁ ବ୍ୟସ୍ତ ।

ସତେ ଯେମିତି କ୍ୟାଲେଣ୍ଡର

ବଦଳିଲେ ବଦଳିଯିବ

ମଣିଷର ଭାଗ୍ୟ ।

ପେଟ ଚାଖଣ୍ଡ ପାଇଁ

ଘର ଛାଡ଼ି ବାହାରେ ଦାଦନ ଖଟୁଛି ।

ବୋଉର ପଖାଳ

ବାପାଙ୍କ ଗାଳି ଏବେ ଭାରି ମନେପଡୁଛି ।

ସବୁଦିନ ସମାନ ବେଦନାର ଗୀତିଗାଏ

ସବୁ ରାତି ଜଞ୍ଜାଳର ଚାଦରରେ

ମୋ ଦୁଃଖ ଢାଙ୍କିଦିଏ ।

ନୂଆ ବର୍ଷ ସତରେ ତୁମେ ଆସିଲେ

ଅନେକ ଉଜୁଡା ସ୍ୱପ୍ନ ପୁରା ହେବ ।

ଭଙ୍ଗା ଘର କୁ ମିଳିଯିବ ଘର ନା

ଯୋଜନା ପାହାଡ ପରି

ଏ ବର୍ଷ ବି ସେମିତି କାଗଜ

କଲମରେ ଯିବ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସବୁ ଶିଶୁ ହୁଅନ୍ତୁ ମେଧାବୀ

ଫୋନରେ ନୁହେଁ ।

ବହିର ପାଠ ପଢନ୍ତୁ ବେଶୀ ।

ଶୀତ ସମୟରେ ଶୀତ ଭଲ ହେଉ

ବର୍ଷା ସମୟରେ ହେଉ ମେଘ

ହସୁ ଚାଷୀ କୁଳ ।

ଏ ଇଂରାଜୀ ନୂଆ ବର୍ଷରେ ଜଗନ୍ନାଥ

ଦୂର କର ସଭିଙ୍କ ବେଦନା

ଅଗଣିତ ପୀଡା ।

ଅପରାଜିତାକୁ ଦିଅ ତୁମ ଚରଣ ତଳେ ଦିଅ ଜାଗା ।

ପ୍ଲଟ ନ -୮୩(ସି) ଆମ୍ରପଲ୍ଲୀ ଭୁବନେଶ୍ୱର -୨୧

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ନୂଆବରଷ

ତରୁଣ କୁମାର ମିଶ୍ର

ଆସିବ ଆସିବ ହେଉଥିଲା ସଜ
ଆସିଲା ଅଧରାତିରେ ,
ନଡରି ଶୀତକୁ କାକର ଭିଜାକୁ
ପହଞ୍ଚିଲା ଏ ଧରାରେ ।
ସ୍ୱାଗତଇ କିଏ ବାଣ ରୋଷଣୀରେ
ସୁରା ସାକିରେ ବି କେହି ,
ଆଉ କିଏ ଚିରାଫଟା କନ୍ଥାଘୋଡ଼ି
ତାକୁ ସ୍ୱାଗତ କରଇ ।
ପୁଣି କିଏ ଅବା ଉଠି ସକାଳରୁ
ମୋବାଇଲି ଧରି କାନେ ,
ସ୍ୱାଗତ କରନ୍ତି ହାଲୋ ହାଏ କହି
କେ ପୁଣି ବିରଷ ମନେ ।
ଏସବୁ ତା'ପାଇଁ ଫରକ ପଡ଼େନି
ଯେଣୁ ସିଏ ନିର୍ବିକାର.
କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ
ଅଟଇ ବିଚାର ତା'ର ।

ଅଟେ ଏ ସମୟ ଧାରା ପ୍ରବାହର
କର୍ମଯୋଗୀ ଅଟେ ସେହି ,
ଜ୍ଞାନଯୋଗେ ବିବେକକୁ ଧରି ନର
ସଂସାରେ କର୍ମ କରଇ ।
ତମାମ ବରଷେ କେତେ ଦୁଃଖ ସୁଖ
ଘଟଣା ଘଟେ ଧରାରେ ,
ହିସାବ ନିକାଶ କରଇ ମଣିଷ
ସେ ସମୟ ଗଲାପରେ ।
ଆସିଲାବେଳରେ ଆଣେ ଉନ୍ମାଦନା
ଆଶାକୁ ମନେ ଜଗାଇ ,
ଗଲାବେଳେ ନିଶବ୍ଦରେ ଯାଏ ଚାଲି
ବର୍ଷେ ଆୟୁଷ କମାଇ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମରୀଚିକା ପଛେ ଧାଇଁବା ପରାୟେ
ମାୟା ମୋହାଚ୍ଛନ୍ନ ନର ,
ସବୁଜାଣି ତାକୁ କରଇ ସ୍ୱାଗତ
ସତେ ଯେହ୍ନେ ଆପଣାର ।
ପଦ୍ମପତ୍ରେ ଜଳ ପ୍ରାୟ ଢଳଢଳ
ସମୟ ଆସକ୍ତି ହୀନ ,
କାହାଠାରେ କେବେ ହୁଏନାହିଁ ବାନ୍ଧି
ଥାଏ ସଦା ଚଳମାନ ।
ଏହିପରି ସିଏ ଆସୁଥାଏ ସଦା
ଧରି ଆଶା ଭରଷାକୁ ,
ସ୍ୱାଗତ ଜଣାଏ ତମାମ ଏ ବିଶ୍ୱ
ତାହାର ଆଗମନକୁ ।

ଖଣ୍ଡଗିରି ,ଭୁବନେଶ୍ୱର ।
ମୋ : ୯୮୫୩୩୧୦୨୯୨

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବିଶ୍ୱ ପ୍ରକୃତି ଓ ନୂଆବର୍ଷ

କାହ୍ନୁ ଚରଣ ପାଣିଗ୍ରାହୀ

ତୁମେ ପରା ସୃଜି ଅଛ ସୁନ୍ଦର ଏ ଧରା
ସବୁଜିମା ଶସ୍ୟକ୍ଷେତ୍ର ସୌନ୍ଦର୍ଯ୍ୟର ଭରା
ପୟସ୍ୱିନୀ ଗିରିବନ କରି ଅଳଙ୍କାର
ମଣ୍ଡନ କରିଛ ତୁମ ପାର୍ଥିବ ଶରୀର

ତୁମେ ତ ରଚିଛ ଦିଗହଜା ନୀଳ ସାଗର
ସୀମାହୀନ ନୀଳ ଆକାଶ ଆହାକିସୁନ୍ଦର
ମେଘମନ୍ଦ୍ର ଆକାଶରେ ମେଘମାଳା ଦେଖି
ଉଲ୍ଲସିତ ନୃତ୍ୟଛନ୍ଦେ ନିମଜ୍ଜିତ ଶିଖୀ ।

ଆମ୍ର କୁଞ୍ଜେ ସୁମଧୁର ସୁଲଳିତ ତାନେ
ପିକ ଦିଏ ତୁମ ବାର୍ତ୍ତା ଆମ ପ୍ରାଣ ମନେ
ଦିବସରେ ଦିବାକର ବିତରନ୍ତି ଜ୍ୟୋତି
ଶେଯ ଛାଡି କାମେ ଲାଗେ ପୃଥିବୀ ପ୍ରକୃତି

ନିଶିଥିନୀ ନଭେ ଦେଖି ବିଧୁର ଉଦୟ
ତଡାଗ ବକ୍ଷେ କୁମୁଦ ହୁଏ ଶୋଭାମୟ
ତୁମେ ତ ରଚିଛ ଯେତେ ରମ୍ୟ ଉପବନ
ଫୁଟାଇଛ ତା ତନୁ ରେ ଅନିନ୍ଦ୍ୟ ପ୍ରସୂନ

ଝରୁଅଛି ଅବିରତ ତୁମ କୃପା ବାରି
ସମର୍ଥ କର ଆମକୁ ପାରିବାକୁ ଧରି
ଧନ୍ୟ ପ୍ରଭୁ ଧନ୍ୟ ଆହେ ସୃଷ୍ଟି କାରିଗର
ତୁମେ ହିଁ ତ ଗଢିଛ ବିଶ୍ୱ ଚରାଚର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବିଦାୟ ନେଉଛି ପୁରୁଣା ବରଷ ପଚିଶ
ଅପେକ୍ଷା ସଭିଏଁ ସ୍ୱାଗତିବେ ନୂଆ ବର୍ଷ
ହେ ନୂଆ ବର୍ଷ ଆସ ନେଇ ପରିବର୍ତ୍ତନ
ହୃଦୟେ ସ୍ପନ୍ଦିତ ହେଉ ଜଗତ କଲ୍ୟାଣ

ଆଶା ଆକାଙ୍କ୍ଷା ପୂରଣ ହେଉ ସଭିଙ୍କର
ନବ ଚେତନା ଉନ୍ମେଷ ହେଉ ଜଗତ ର
ହଜିଲା ସଂପ୍ରୀତି ଫେରି ହୁଅନ୍ତୁ ପୁଲକିତ
ଆଶା ଭରସା ସମ୍ଭାବନା ର ନୂଆ ଦିଗନ୍ତ

ସତ୍ୟବିହାର ରସୁଲଗଡ଼, ଭୁବନେଶ୍ୱର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସମର୍ପଣ

ସିଦ୍ଧେଶ୍ୱର ତ୍ରିପାଠୀ

ଜୟ ଜୟ ଗଜାନନ ଜୟ ମାଆ ଭାରତୀ
ଜୟ କାଳିଆ ଠାକୁର ଅଗତିର ଗତି
ଜୟ ଜୟ ସୀତାରାମ ଜୟ ହନୁମାନ
ଜୟ ଗ୍ରାମେଶ୍ୱରୀଶ୍ୱର ଦିଅ ଦିବ୍ୟ ଜ୍ଞାନ ।

ଜୟ ଜୟ ଗୁରୁଦେବ ଜୟ ପିତାମାତା
ତୁମରି କରୁଣା ବିନା ସବୁତ ଅନ୍ୟଥା
ଜୟ ଜୟ ସୁର୍ଯ୍ୟ ଚନ୍ଦ୍ର ଦଶଦିଗପାଳ
ସର୍ବ ମଧ୍ୟେ ସେ ଗୋବିନ୍ଦ ଜଣେ ଆଦିମୂଳ

ଆସ ଆସ ଭାବଗ୍ରାହୀ ମାୟା ଯାଉ କଟି
ମିଛମୋହର ବନ୍ଧନ ଯାଉ ସବୁ ତୁଟି
ପ୍ରହେଳିକା କୁହୁଡ଼ିର ବାଟ ଯାଉ ସରି
ମରୀଚିକାକୁ ଦୁରେଇ ଦିଅହେ ମୁରାରୀ ।

କହେ ସିଦ୍ଧେଶ୍ୱର ଦିନ ଯାଏ ସରି ସରି
କରୁଣା ନେତ୍ରରେ ଚାହିଁ ଦିଅ ଚକ୍ରଧାରୀ
ନୋହିଲେ ଜୀବନ ଡଙ୍ଗା ଅବେଳେ ବୁଡିବ
ଭାବଗ୍ରାହୀ ନାମେ ନିଶ୍ଚେ କଳଙ୍କ ଲାଗିବ ।

କେଉଁ ଭାବରେ ଡାକିବି ଜାଣିନି ଅଧମ
ତୁଣ୍ଡେ ଥାଉ ଆଦ୍ୟ ପ୍ରାନ୍ତେ ସେହି ରାମ ନାମ ।

କବିର ଘର, କୁଣ୍ଡିଲୋ, କେରଙ୍ଗ ଖୋର୍ଦ୍ଧା
୭୫୨୦୫୭
୭୦୦୮୩୧୫୦୪୦ / ୮୦୧୮୬୪୬୭୦୪

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପ୍ରେମ ଦୁନିଆ ଦେଖୁଛି ପ୍ରଭୁ ଜଗନ୍ନାଥ

ଆଲୋକ ପଣ୍ଡା

ପ୍ରେମ ଦୁନିୟା ଦେଖୁଛି ହସୁଛି ଅଧର୍ମ
ଧର୍ମ ଗଡ଼ାଉଛି ଲୁହ
ତଥାପି ଭାବୁଛି ଭାବୁଥିବ
ଧର୍ମର ହେବ ଜୟ ପ୍ରଭୁ ଜଗନ୍ନାଥ !!

ମନର ସମୟ ଦେଇଛ କେତେ ମହାଶିକ୍ଷା
କରିବା ତାହାର ଉପଯୋଗ
ବହୁମୂଲ୍ୟ ଅଟେ ଜୀବନ ସମୟ
ଥରେ ମିଳିଥାଏ ଏହି ସୁଯୋଗ ପ୍ରଭୁ ଜଗନ୍ନାଥ !!

ପ୍ରେମ ବଡ଼ ବଳିବାନ ସମୟର ବେଗ
ଚାଲିଥିଏ ଅବରତି
ରହିଯାଏ ଖାଲି ପାଦ ଚିହ୍ନ କିଛି
ଅଭୁଲା ମନ ବିଗତ ପ୍ରଭୁ ଜଗନ୍ନାଥ !!

ମନର ପାପର ପୁଣ୍ୟ ବିଚାର କରିଛ
ସମୟର ଇତିହାସ
କାଳ ଚକ୍ରେ ଏହି ଧରା ପୃଷ୍ଠେ
ଅଂହକାରର ବିନାଶ ପ୍ରଭୁ ଜଗନ୍ନାଥ !!

ଜିଏ-୪୩୯, ଶୈଳଶ୍ରୀ ବିହାର, ଭୁବନେଶ୍ୱର-୨୧ (ଓଡ଼ିଶା)
୭୩୭୭୨୪୫୪୦୪, ୭୯୭୮୮୬୪୮୧୧

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ନୂଆ ବର୍ଷ ୨୦୨୬

ରମେଶ୍ ଟାକ୍ରୀ

ନୂତନ ବରଷ ସେନେହ ପରଶ
ପାଇବୁ ବୋଲି ତୁମରି
ବିଦାୟ୍ ସ୍ୱାଗତ ହୁଅଇ ସର୍ବତ୍ର
ମନେ ଆଶା ଅସୁମାରୀ ।୦।

ଆସ ନୂଆଁ ବର୍ଷ ଥାଅ ଆମ ପାଶ
ସ୍ୱାଗତ କରୁଛୁ ଆମେ
ଦୁଇ ହଜାର ଏ ଛବିଶି ମସିହା
ଆସ ଏହି ଧରା ଧାମେ ,

ନୂଆଁ ବରଷର ମିଳନ ଆସର
ଆଗକୁ ରହିଛି ଜାରି ।୧।

ନୂତନତା ପ୍ରତି ମନେ ଭରି ପ୍ରୀତି
କରିବୁ ମହତ କାମ
ତ୍ୟାଗ ନୀଷ୍ଠା ରଖି କର୍ମ କଲେ ଦେଖି
ସ୍ୱାର୍ଥକ ହୋଇବ ଶ୍ରମ,

ପ୍ରଭୁଙ୍କ ଆଶିଷ ରହିଥାଉ ପାଶ
ଜୀଇଥବା ମନଭରି ।୨।

ସାରା ବିଶ୍ୱ ବାସୀ ମନେ ହୋଇ ଖୁସି
ରହିବୁ ଜଗତ ହିତେ
ରହି ପର ହିତେ ବଞ୍ଚିଲେ ଜଗତେ
ଖୁସିରେ ଜୀବନ ବିତେ ,

ଯାଇଛି ପଚିଶି ଆସିଛି ଛବିଶି
ମଙ୍ଗଳ କାମନା କରି ।୩।

ଏ ବି ଇ ଓ ତେନ୍ତୁଳିଖୁଣ୍ଟି
ନବରଙ୍ଗପୁର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ନୂଆବର୍ଷ ୨୦୨୬କୁ ସ୍ୱାଗତ

ବିଦ୍ୟୁତ ପ୍ରଭା ମିଶ୍ର

ନୂଆ ବରଷ ହେ କୋଡିଏ ଛବିଶି
ସ୍ୱାଗତ କରୁଛୁ ଆମେ ତୁମରି,
ବୁହାଇ ଦିଅହେ ଶାନ୍ତିସୁରଧୂନୀ
 ରୋଗ ଶୋକସବୁ ଦିଅ ହେ ହରି ।(୦)

ତୁମ ପଣତରେ ପୋଛି ଦିଅ ବାରେ
ବିଗତ ବର୍ଷର ମନର ବ୍ୟଥା,
ବନ୍ଧନ ଆମର ଖୋଲିଦେଇ ତୁମେ
ଶୁଣାଇ ଦିଅହେ ମୁକ୍ତି ର ଗାଥା ।
ତୁମ ଆଗମନେ ସଭିଙ୍କର ମନେ
ଖେଳି ଯାଉ ଆନନ୍ଦର ଲହରୀ ॥
ନୂଆ ବରଷ....(୧)

ଶାନ୍ତ କର ହେ ମାନବ ଜାତିକୁ
ସଭିଙ୍କ ହୃଦୟେ ସଦବୁଦ୍ଧି ଆସୁ,
ପାପ ତାପ ନାଶି ଏଇ ଜଗତରୁ
ଶାନ୍ତି ଓ ମୈତ୍ରୀର ସୁଧା ବରଷୁ ।
ଧର୍ମରେ ବିଶ୍ୱାସ କର୍ମରେ ସାହସ
ମନରେ ସଭିଙ୍କ ଯାଉ ସଞ୍ଚରି ॥
ନୂଆ ବରଷ *****

ସତ୍ୟର ଭାବନା ଶାନ୍ତିର ସ୍ଥାପନା
କରହେ ଧରାରେ ନୂଆ ବରଷ,
ହେଉ ଏ ଧରାର ଉନ୍ନତି ପ୍ରଗତି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସଭିଙ୍କର ମନେ ବୁଣ ହରଷ ।
ଭାଇଚାରା ଭାବ ମନରେ ସଦ୍ଭାବ
ଏକତ୍ରିତ କରୁ ମନ ସବୁରି ॥
ନୂଆ ବରଷ..... (୨)

କୃଷିର ଉନ୍ନତି ହେଉ ଏ ସଂସାରେ
ଅଭାବ ନରହୁ କେବେ କାହାର,
ପରିଶ୍ରମୀ ସଦା ହୁଅନ୍ତୁ ଜନତା
ଭରି ଦିଅ ମନେ ଉତ୍ସାହ ଭାର ।
ଶସ୍ୟ ଶ୍ୟାମଳା କର ଏ ଧରଣୀ
ଅଭାବ ଦୁର୍ଭାଗ୍ୟ ଦିଅ ହେ ହରି ॥
ନୂଆ ବରଷ

ଯାଜପୁର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କୋରାପୁଟିଆ ପୁଷପୁନି

ଗୌରୀ ପଣ୍ଡା

ପ୍ରକୃତିର ଗନ୍ତାଘର
ସବୁଜ ପୁଣି ସୁନ୍ଦର
ଆମ ଏଇ କୋରାପୁଟ
ଆଦିବାସୀ ଅଧ୍ୟୁଷିତ। ୧

ଆଦିବାସୀ ପରମ୍ପରା
ସଂସ୍କୃତି ତାଙ୍କ ନିଆରା
ପ୍ରକୃତି ର ଯେତେ ଦାନ
ଆଦିବାସୀ ପାଇଁ ମହାନ । ୨

ବରଷରେ ଯେତେ ପର୍ବ
ଆଦିବାସୀ କରେ ଗର୍ବ
ପାଳିଥାନ୍ତି ବିଶ୍ୱାସ ରେ
ପ୍ରକୃତିକୁ ପୂଜା କରେ । ୩

ସେଇ ପରବରୁ ଏକ
ପୁଷପୁନିର ମହକ
ଧାନର ଅମଳ ପରେ
ମନ ଖୁସି ମଉଜରେ । ୪

ପାଳିଥାନ୍ତି ପୁଷପୁନି
ବୁଢ଼ା, ବୁଢ଼ୀ, ନୁନା, ନୁନି
ଧାଙ୍ଗଡା, ଧାଙ୍ଗିଡି ମେଳେ
ଢେମସା ଗୀତର ତାଳେ । ୫

ଲେଖା ନାହିଁ କିଛି ଗୀତ
ଅନୁଭବର ମହତ୍ୱ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସ୍ୱର, ଲୟ କି ମଧୁର
ଗାଇଥାନ୍ତି କି ସୁନ୍ଦର । ୬

ପୁଷପୁନି ପାଳିବାରେ
ଟିକିଏ ଉଣା ନକରେ
ଘରକୁ ଘର ଖୁସିରେ
ମାଗେ ସେ ବୁଲି ବୁଲିରେ । ୭

ଶେଷ ଦିନ ପରବର
ଗାଁଆ ସାରା ମଉଜର
ଭୋଜି ଭାତ କରିଥାନ୍ତି
ମିଳିମିଶି ଖାଇଥାନ୍ତି। ୪

ଆଦିବାସୀ ଠାରୁ ଶିଖ
ଭାଇଚାରା ଟିକେ ରଖ
ପ୍ରକୃତିକୁ ଭଲ ପାଅ
ପ୍ରକୃତିର ଗୀତ ଗାଅ। ୨

ଜୟପୁର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଜୟ ମା ମଙ୍ଗଳା

ନଳିନୀ ଦାଶ

ବିପଦେ ଡ଼ାକିଲେ ଭକ୍ତିରେ ପୂଜିଲେ
ମାଆ କରୁ ତୁ ଆହା
ଘଣ୍ଟ ଘୋଡ଼ାଉ ତୁ ଅଭୟ ଦାୟିନୀ
ସର୍ବଜନେ ହେଉ ସାହା ।
କଣ୍ଟା ହୁଏ ଫୁଲ ତୋତେଲୋ ଡ଼ାକିଲେ
ଅନ୍ଧ ପାଏ ଚକ୍ଷୁଦାନ
ପଥରକୁ ପାଣି କରିଦେଉ ମାଆ
ବନ୍ଧ୍ୟା ପାଏଟି ସନ୍ତାନ ।
ଘିଅ ଦୀପ ଜାଳି ଭକତି ଚିତ୍ତରେ
ନୈବେଦ୍ୟ ବାଢ଼ି ମୁଁ ଦେବି
ଗୋଳା ସିନ୍ଦୁରକୁ ମଥାରେ ତୋହର
ଲଗାଇ ପୂଜା କରିବି ।
ଅତି ଯତନରେ ଗୁନ୍ଥି ପିନ୍ଧେଇବି
ଗଳାରେ ପେନ୍ଧି ମନ୍ଦାର
ତୋ ଆଶିଷ ଟିକେ ପାଇବା ପାଇଁକି
ଜଗି ବସିବି ଦୁଆର ।

ଜଗତ ଜନନୀ ବିଘ୍ନ ବିନାଶିନୀ
ସକଳ ଦୁଃଖକୁ ହରୁ
ଡାକିଲେ ମାଆଲୋ ତୋ ନାମ ଥରଟେ
ବିପଦ ଖଣ୍ଡନ କରୁ ।
ଆରତ ନାଶିନୀ ପାପ ବିନାଶିନୀ
କରୁଥିବୁ ଟିକେ ଆହା
ମୋ ସଂସାର ରଥ ଗଡ଼ାଇ ତୁ ନେବୁ
ଭରଷା କଲିଲୋ ମାଆ ।

ଶରଣକୁଳ, ଭିକାରିପଡ଼ା, ନୟାଗଡ଼
ମୋ---୯୨୩୮୯୯୬୬୪୯

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବଡ଼ଦିନର ବଡ଼ମଣିଷ

ସ୍ୱର୍ଣ୍ଣ ରଥ ମହାପାତ୍ର



ଖୁସି ନଈ ହେଇ ବହିଯାଉଥିଲା
ସେ ରୋକିଲା , ବନ୍ଧ ବାନ୍ଧିଲା
ସବୁ ଖୁସି ସଂରକ୍ଷିତ ଏବେ ତା ଜଳଭଣ୍ଡାରରେ
ସବୁ ଆନନ୍ଦ ପରମାନନ୍ଦ ହେଇଗଲେ
ଆନନ୍ଦ ବାଣ୍ଟିବାର କଳା ଆଖିରେ ମାଖିଲା
ବେଶ ଭୂଷା ଚାଲ୍ କଳାକାର
ଢଙ୍ଗ ରଙ୍ଗ ମିଜାଜ କଳାକଳ୍ପ
କଳା ମଚ ମଚ ଶୀତ ରାତିରେ
ଖୁସି ବାଣ୍ଟି ଚାଲେ ସେ ଅଦୃଶ୍ୟ କଳାକାର ।
ସହସ୍ର ଆଖିର ନଈ ପାର ହେଇ
ସେ ବାଣ୍ଟେ ଉପହାର ପିଲାଙ୍କ ନିଦ ଝୁଲାରେ
ରାତିର ଘନ କଳା ଖୋସାରୁ
ଫୁଲ ଗଜରା ଖସି ଆସିବା ଆଗରୁ
ସେ ଖସି ଚାଲିଯାଇଥାଏ ଦିଗନ୍ତରୁ ।

ଆଖି ମିଟି ମିଟି କରୁଥିବା ତାରାମାନଙ୍କୁ
ଉଡନ୍ତା ଚୁମ୍ବନ ଭାସନ୍ତା ହସ ଦେଇ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବଡପଣରେ ବଡଦିନ ସାଙ୍ଗେ ଧରି
ଧରଣୀକୁ ଓହ୍ଲେଇ ଆସେ ସେ ବଡ ମଣିଷ
ପ୍ରେମ ଏବଂ କ୍ଷମାର ସନ୍ଦେଶ ଟୋପି ପିନ୍ଧି ।
ଆଜିକାଲି ସେ ପ୍ରଚ୍ଛଦପଟ ନାୟକରୁ
ଯାତ୍ରା ହିରୋ ବନି ମେଳା ଉତ୍ସବରେ
ଖୁସି ଷ୍ଟଲ୍ ସବୁ ଲଗେଇଛି
ତା ଆନନ୍ଦ ବଜାରରେ ବିକା ହୁଏ ଖୁସି
ବଦଳରେ କିଣେ ମହଣେ ତୃପ୍ତି
କଷି କଷି ମନକୁ ଟୁସି ଟୁସି ଭେଟିରେ ତୋଷି
ନବ ବର୍ଷରେ ନବ ପଲ୍ଲବଙ୍କୁ ଶୁଭେଚ୍ଛା ବାଣ୍ଟି
ସେ ବାଏ ବାଏ କରି ବର୍ଷରୁ ଯାଏ ଖସି ।

ବିଜୟା ଗାର୍ଡେନ, ଜାମଶେଦପୁର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଆମ ବରଗଡ଼

ସୁହଂସ ଭୋଇ

ଆମ ବରଗଡ଼ ରାଇଜର ବଡ
ସଂସ୍କୃତି ସମ୍ପନ୍ନ ଘର
ଅଗଣାରେ ତାର ବହେ ନିରନ୍ତର
ଗନ୍ଧମାର୍ଦ୍ଦନର ଝର

ମହା ତରଙ୍ଗିଣୀ କନକ ନନ୍ଦିନୀ
ମାଟିକୁ ଯାଇଛି ଛୁଇଁ
ଅଙ୍ଗ ଜିରା ନଦୀ ନାଚି ଖେଳି କୁଦି
ବେନି ବିରାଜିତ ଯହିଁ

ସହରଟା ଯାକ ମଥୁରା କଟକ
ଏକାଦଶ ଦିନ ପାଇଁ
ଜିରା ନଈ ଜଳ ଯମୁନାର କୂଳ
ଅମାପାଲି ଗୋପ ଭୂଇଁ

ଦରବାର ଚାଲେ ମୁକ୍ତାକାଶ ତଳେ
କଂସ ରାଜା ବିଧିମତେ
ମନେ କୂଟ ଭାବ ଧନୁ ମହୋତ୍ସବ
ଦ୍ୱାପର ଆସିଛି ସତେ

ଅଳପ ଦୂରରେ ବରପାଲି ପୁରେ
ଜଳୁଛି ଅମର ଜ୍ୟୋତି
ଶିଳ୍ପୀ ସୂତ୍ରଧର ଓଡ଼ିଆ ଭାଷାର
କବି ଗଙ୍ଗାଧର ସ୍ମୃତି

ପ୍ରାଚୀନ ମନ୍ଦିର ଆହାଃ କି ସୁନ୍ଦର
ବିଜେ ଶ୍ରୀ ନୃସିଂହନାଥ
ଜନ ମୁଖେ ଖ୍ୟାତ ଦ୍ୱିତୀୟ ଶ୍ରୀକ୍ଷେତ୍ର
ଜଗନ୍ନାଥେ ଅବସ୍ଥିତ

କୃଷିର ସମ୍ଭାର ଅନ୍ନର ଭଣ୍ଡାର
ନୂଆଖାଇ ଗଣପର୍ବ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମିଳେ ସହଜରେ ବୈଶାଖ ମେଳାରେ
ଲଘୁ ବନଜାତ ଦ୍ରବ୍ୟ

ଦେଶ ଜାତି ହିତେ ଜନ୍ମିଛନ୍ତି କେତେ
ଏ ମାଟିରେ ଯୋଗ୍ୟ ସୁତ
ସ୍ରଷ୍ଟା ହଳଧର ଭଗବାନ ବୀର
ନାଟ୍ୟକାର ଭାଗବତ

ଶ୍ରେଷ୍ଠ ବୁଣାକାର ଦକ୍ଷ କଳାକାର
ସଭିଏଁ ଆମର ଗର୍ବ
ଐତିହ୍ୟ ବିବିଧ ସାହିତ୍ୟ ସମୃଦ୍ଧ
ହୃଦୟେ ମଧୁର ଭାବ

ଅତିଥି ସତ୍କାର ଅଛି ଭରପୁର
ବରଗଡ଼ ଥରେ ଆସ
ଏ କଥାଟି ସତ କଲି ସୁନିଶ୍ଚିତ
ମୁହଁରେ ଫୁଟିବ ହସ

ପହଣ୍ଡି, ବିଜେପୁର, ବରଗଡ଼
୯୪୩୭୫୨୨୪୫୫

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପିତୃ ପ୍ରେମ

ନନ୍ଦିତା ବଢ଼ାଇ

ଗତକାଲି ମୁଁ ହୋଇଥଲି ଶ୍ରୀକୃଷ୍ଣ
ଏବଂ ଥିଲି ଧାବମାନ ଅବସ୍ଥାରେ ।
କାରଣ କଣ କହିଲ ?
ମୁଁ ଜିଦ୍ ଧରି ବସିଥିଲି
ନ ଖାଇବା ପାଇଁ ।
ଆଉ ବାପା ମୋ ପଛରେ ଗୋଡ଼ାଉଥିଲେ
ଖଜୁରୀପେଣ୍ଡି ଧରି ।
ସତରେ ବାପାଙ୍କର ସ୍ନେହ ଓ ପ୍ରେମ
ଜୀବନରେ ତାହା ଏକ ବାସ୍ତବ
ପିତୃତ୍ୱର ଅନୁଭୂତି ସତେ ।
ଏବେ ମନେ ହୁଏ
ସେହି ଆନନ୍ଦର ପାଇଁ ବୋଧେ
ଶ୍ରୀକୃଷ୍ଣ ମାତାଙ୍କୁ ହଇରାଣ କରୁଥିଲେ ।
ଆଜି ମୁଁ ସେହି ଆନନ୍ଦକୁ ଉପଲବ୍ଧି କଲି ।

ନନ୍ଦିତା ବଢ଼ାଇ
କଦଳୀମୁଣ୍ଡା, ସମ୍ବଲପୁର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଯୁଗାନ୍ତକାରୀ

ଆକୁଳାନନ୍ଦ ପୃଷ୍ଟି

ଗୁରୁ ଗଉରବ ଚୂଲିକି ଗଲାଣି
ଗୁରୁ ଠିକା ଚାକିରିଆ
ଠିକା ନିଯୁକ୍ତି କି ଦରମା ଅଳପ
ପେଟକୁ ନିଅଣ୍ଟ ଯାହା ।

ଛଅ ବର୍ଷ କାଳ ଚଷିବେ ଅଧିକ
କାଟିବେ ନାମକୁ ମାତ୍ର
ନିଦା ବିଷ୍ଣୁ ହେଲେ ଆମ ସରକାର
ଦେଖି ଦେଖନ୍ତି ନି
ଗୁରୁଙ୍କ କରୁଣ ଚିତ୍ର ।

ମଧ୍ୟାହ୍ନ ଭୋଜନ ଦାୟିତ୍ୱ ବୁଝନ୍ତି
ବୁହନ୍ତି ପରିବା କାଠ
କୋଠରୀ ଅଭାବ ଶିକ୍ଷକ ଅଭାବ
ଜଣେ ପଢେଇବେ
ତିନୋଟି ଶ୍ରେଣୀରେ ପାଠ ।

ଭୋଟର ଆଧାର ସଂଶୋଧନ କାର୍ଯ୍ୟ
ତା ସଙ୍ଗେ ପୋଷାକ ବଣ୍ଟା
ହତା ସଫେଇ ଠୁ ବୃକ୍ଷରୋପଣ
ରାସ୍ତା ସାରା ଖାଲି କଣ୍ଟା ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କଣ୍ଟା ନ ହଟେଇ ଅଣ୍ଟା ଭାଙ୍ଗୁଛନ୍ତି
ଆମ ପ୍ରିୟ ସରକାର
ମଣିଷ ତିଆରି କାରଖାନା ପାଇଁ
କେତେ ଦରଦ ତାଙ୍କର ?

ନିଜ ଦରମାକୁ ତିନି ଗୁଣ କଲେ
ଭତ୍ତା ଗସ୍ତ ଖର୍ଚ୍ଚ ବୃଦ୍ଧି
ପୁଷ ମାସ ହେଲା ସମସ୍ତଙ୍କ ପାଇଁ
କୁଆଡେ ଗଲେ ବିରୋଧୀ ?
କହିଲେ ଯୁଗାନ୍ତକାରୀ
ସ୍ୱାର୍ଥ ପାଇଁ ଏଠି ସମସ୍ତେ ଏକାଠି
ଭୋଟ ନିଲାମ ଧାରୀ !

ଅବସରପ୍ରାପ୍ତ ପ୍ରଧାନଶିକ୍ଷକ
ମହାଳପଡ଼ା କଖଡି କଟକ
ମୋ -୯୪୩୭୮୬୪୫୬୨

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମୋବାଇଲ୍ ଫୁନ୍

କବିରାଜ ଭୋଇ

ବଦଲିଗଲା ଆଗର୍ ଯୁଗ୍
ଆଏଲା ନୂଆଁ ଦିନ୍,
ପିଲା କହୁଛେ ମୋବାଇଲ୍ ଧରମି
ବୁଆ କହୁଛେ ଘିନ୍ ।
ମାଷ୍ଟର୍ କହେ ପାଠ୍ ପଢ଼ ପିଲେ
ନାଇଦେଖ ଫୁନ୍ ଜହ,
ପିଲା କହୁଛେ ଫୁନ୍ ଛାଡ଼ିଦେଲେ
ପାଠ୍ ପଢ଼ମା କେନ୍ତା କହ ।
ଯାହାକେ ଦେଖବ ମୋବାଇଲ୍ ଫୁନ୍
ସକାଲ୍ ପାଏଲେ ତା'ର ଗାଉଛନ୍ ଗୁନ୍,
ମୋବାଇଲ୍ ଯୁଗେ ଆଏଜ୍ ସଭେ ଡନ୍
ଘିନି ନେଉଛେ ସେ ସବକର୍ ମନ୍ ।
ମୋବାଇଲ୍ କଲା ଆଏଜ୍ ସମକୁ ରଜା
ଛୋଟ୍ ବଡ୍ ସଭେ ମାରୁଛନ୍ ମଜା,
ଜାହିଁ ଗଲେ ବି ସାଙ୍ଗେ ଧରିଥିବେ
ଫୁନ୍ କିଏ ନାଇଁ ଛାଡ଼େ
ସକାଲୁ ଉଠଲେ ଫୁନ୍ ନାଇଁ ଦେଖଲେ
ମନ୍ କାହାରିର୍ ନାଇଁ ମାଡ଼େ ।
ଇ ଫୁନ୍ ହେଲା ଯେଭୁ ସାଥି
ଫୁନଥି ଗଲେ ନ ମାତି,
ଝୁମୁରା ନାଇଁ ପଡ଼େ ରାତି
ଦେଖୁଥିସନ୍ ମୁଡ ପାତି ।
ଫୁନ୍ ହେଉଛେ ଆଜିର୍ ଗୁରୁ
ନାଇଁ ଭାବ କିହେ ସୁରୁ,
ଫୁନନେ ଅଛେ ସବୁ ଗିଆନ୍
ପାଠେ ଯିଏ ଦେବା ଧିଆନ୍ ।
ଘିନ ପଛେ କମ୍ ଦାମେ
ଲଗାବ ଠିକସେ କାମେ,
ମୋବାଇଲ୍ ଧରି ପାଠ୍ ପଢ଼ି
ଜୀବନଟାକେ ଦେମା ଗଢ଼ି,
ଆସ, ଜୀବନଟାକେ ଦେମା ଗଢ଼ି ।

ମସିଣା, ଟଙ୍କପାଣି, ଲାଠୋର୍, ବଲାଙ୍ଗୀର, ୭୬୭୦୩୮,
ମୋ:୭୭୩୫୭୯୧୭୦୨

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କବି

ସୁନୀଲ କୁମାର ଅଗସ୍ତି

ଧରମ୍ ଶୁଇନ୍ ସମାଜ୍ ଥିଁ
ଦେଖ ଘାଏ ଛିଡାର୍ ଗୁଲଗୁଲା,
କାଁ'ଯେ ଦାଦନ୍ ?
କାଁ' ଯେ ମାହାଲିଆ ବେପାର୍ ?
ଗୁଟେ ଭେଲି ଉତାର୍ କେ ଉତାର୍
ପାଏଲେ ସକାଲ୍ ମଲେଇ ଜଲେବି, କାଁ' ଯେ ?
ଇମାନକଁର୍ ଠାବେନ୍ ଚାଁଟି କୁକୁର୍ ମାକର୍
ଥିଲେ ଗଲେ ଲୋକର୍ ଦରବାରର୍ ହିଡେ
ଅଛନ୍ ନିଏର୍ କୁଶେ ଦୁରେଁ, କାଁ'ଯେ ?
ଭୋକର୍ ପେଟ୍ କେ ନିଜର୍ ଟା ନିଜେ ନ'
ନିଜର୍ କୁଟୁମ୍ ନିଜର୍ ସାଁକାର୍
ଇନେ କେନ୍ ନି'ସେ କାହାର୍,,
ଚାଁଟି ମକରା ତମର୍ ଗଲେ ହକ୍ ଅଛେ ଯେ
ସୋର୍ କର ଘାଏ 'ଲୁଇ'
ଆ'ନ ଉଲଟେଇ ଜୁନହାଁ ଫରଦ୍,
ତଲବାରର୍ ଚେହେନୀ ସିନେ
ନିଏ ଆର୍ ଗାଗରର୍ ରକତ୍, ହେଲେ
କବି କଁର୍ କଲମ୍ ସାହି କାଗଜ୍
ବରକସ୍ ସମାଜର୍ ଭକତ୍,,

ଟିଟିଲାଗଡ଼, ବଲାଙ୍ଗୀର ମୋ/୯୪୩୭୨ ୧୦୮୮୭

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପ୍ରବନ୍ଧ ବିଭାଗ

ଯଦି ଆପଣ ଏହି ଇ-ପତ୍ରିକାରେ ନିଜ ଲେଖା ପ୍ରକାଶିତ କରିବାକୁ ଚାହୁଁଛନ୍ତି, ତା ହେଲେ ନିଜ ଲେଖାକୁ ଓଡ଼ିଆ ଭାଷାରେ କମ୍ପ୍ୟୁଟର ଦ୍ୱାରା ଟାଇପ୍ କରନ୍ତୁ ଏବଂ ସେହି ଆଲେଖ୍ୟକୁ ଆମ ନିକଟକୁ ଇମେଲ୍ ଦ୍ୱାରା ପ୍ରେରଣ କରନ୍ତୁ । ଓଡ଼ିଆରେ ଆପଣ ଯେକୌଣସି ସଫଟ୍‌ୱେରରେ ଟାଇପ୍ କରି ପଠାଇ ପାରିବେ । ଧାରାବାହିକ କାହାଣୀ ପାଇଁ ସମସ୍ତ ଭାଗକୁ ଅଲଗା ଅଲଗା ଫାଇଲ୍ କରି ଏକାଥରେ ପଠାଇବେ । ପ୍ରତ୍ୟେକ ଲେଖା ସହ ନିଜ ଛବି ଓ ଠିକଣା ଲେଖି ପଠାନ୍ତୁ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସମ୍ବଲପୁର ହିତୈଷିଣୀ

ଡଃ ସମୀର କୁମାର ନନ୍ଦ

ସମ୍ବଲପୁର ହିତୈଷିଣୀ - ବାମଣ୍ଡାର ଗୌରବ

ଉତ୍କର୍ଷ କଳା ଓ ସଂସ୍କୃତିର ପ୍ରାଣକେନ୍ଦ୍ର ଥିଲା ତତ୍କାଳୀନ ବାମଣ୍ଡା ରାଜ୍ୟ । ଏହି ରାଜ୍ୟର ଗାରିମାମୟ ତଥା ଗୌରବମୟ ଇତିହାସ ପୃଷ୍ଠାର କିୟଦଂଶ ଅବିଭକ୍ତ ସମ୍ବଲପୁର ଜିଲ୍ଲାର ଦେବଗଡ଼ ଉପଖଣ୍ଡ । ଟିକିରା, ଗୋହିରା ଓ ବ୍ରାହ୍ମଣୀର ଅବବାହିକାରେ ସୁନାର ଫସଲ, ଘଂଚ ଅରଣ୍ୟାନି, ଉତୁଙ୍ଗ ପର୍ବତମାଳା, କୁଳୁକୁଳୁ ନିନାଦିନୀ ଝରଣା, ସାହିତ୍ୟ ଓ ସଂସ୍କୃତି କେଉଁ କାଳରୁ ପର୍ଯ୍ୟଟକ, ପଥଚାରୀ ଓ ବିଦ୍ୱାନ ମାନଙ୍କୁ ଆକର୍ଷିତ କରିପାରିଛି । ବସ୍ତୁବାଦୀ ସଭ୍ୟତା ଯେଉଁଠି ମାନବିକ ମୂଲ୍ୟବୋଧର ପ୍ରାସାଦ ଭୂଲୁଣ୍ଠିତ ସେତେବେଳେ ଏ ଅଂଚଳର ସାରସ୍ୱତ ସାଧକ, ପଣ୍ଡିତ ଓ ଜନମାନସର ପ୍ରାଣତନ୍ତ୍ରୀର ଉଲ୍ଲାସମୟ ଅଭିପ୍ସାକୁ ପରିପୂରଣ କରିବାପାଇଁ ଏବଂ ବୁଦ୍ଧିଜୀବିଙ୍କ ଲେଖନୀ ନିସୃତ ଅନୁଚିନ୍ତନକୁ ପ୍ରକାଶ କରିବା ନିମନ୍ତେ ରାଜା ବାସୁଦେବ ସୁଢଳ ଦେବ ଜୀବନର ଶେଷ ସମୟ ପର୍ଯ୍ୟନ୍ତ ଚେଷ୍ଟା କରିଥିଲେ । ଆଧୁନିକ ଓଡିଶାର କେତେକ ଅଂଚଳ ସେଂଟ୍ରାଲ ପ୍ରେସିଡେନ୍ସିର ଅଧିନରେ ରହି ଛତିଶଗଡ ରାଜ୍ୟ ସମୁହରେ ବାମଣ୍ଡା ଆଦି ଶାସିତ ହେବାଦ୍ୱାରା ଓଡିଆ ଭାଷା ଅବହେଳିତ ହୋଇପଡିଥିଲା । ତେଣୁ, ରାଜା ବାସୁଦେବ ମର୍ମାହତ ହୋଇ ଓଡିଆ ଭାଷା ସାହିତ୍ୟର ବିକାଶ ପାଇଁ କେତୋଟି ପତ୍ର ପତ୍ରିକା ଆରମ୍ଭ କରିଥିଲେ ।

୧୮୮୬ ମସିହାରେ ରାଜା ବାସୁଦେବ ନିଜ ରାଜଧାନୀ ଦେବଗଡରେ ସୁଢଳ ପ୍ରେସ ସ୍ଥାପନ କରିଥିଲେ । ଏହା ପୂର୍ବରୁ ସେ ଗୌରୀଶଙ୍କର ରାୟଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କଟକ ଠାରେ ସୁଢଳ ପ୍ରେସ ପ୍ରତିଷ୍ଠା କରିଥିଲେ । ସମାଜ ସଂସ୍କାର ଉଦ୍ଦେଶ୍ୟରେ ଚତୁର୍ଭୁଜ ପଟନାୟକଙ୍କ ସଂପାଦନାରେ ରାଜା ବାସୁଦେବଙ୍କ ଦ୍ୱାରା କଟକର ସୁଢଳ ପ୍ରେସରୁ ପ୍ରଥମେ "ସଂସ୍କାରକ' ପତ୍ରିକା ପ୍ରକାଶ ପାଉଥିଲା । ଭାବଗ୍ରାହୀ ଦାସଙ୍କ ସଂପାଦନାରେ ପ୍ରକାଶିତ "ସେବକ' ପତ୍ରିକା "ସଂସ୍କାରକ' ସହିତ ଯୋଗଦେଲା । ଉଭୟ ପତ୍ରିକା ରାଜା ବାସୁଦେବଙ୍କ ଆର୍ଥିକ ସହାୟତାରେ ପ୍ରକାଶିତ ଥିଲା । ପରବର୍ତୀ ସମୟରେ କିଛି ଲେଖାକୁ ନେଇ ବିବାଦୀୟ ପରିସ୍ଥିତି ସୃଷ୍ଟି ହେବାରୁ ରାଜା ବାସୁଦେବ ଏହି ପ୍ରେସକୁ ଦେବଗଡକୁ ସ୍ଥାନାନ୍ତରିତ କଲେ । ଏହି ପ୍ରେସ ଜଗନ୍ନାଥ ବଲ୍ଲଭ ପ୍ରେସ ସହିତ ସଂଯୁକ୍ତ ହେଲା । ବ୍ରିଟିଶ ସରକାରଙ୍କୁ ରାଜ୍ୟର ସମସ୍ୟା ଅବଗତ କରାଇବା ପାଇଁ ରାଜା ବାସୁଦେବ ୧୮୮୭ ମସିହାରେ ପ୍ରଥମେ ଏକ ଇଂରାଜୀ ଓଡିଆ ଦ୍ୱିଭାଷୀ ପତ୍ରିକା ଶ୍ରୀ ଗଣେଶ୍ୱର ପଟନାୟକ ଓ ଶ୍ରୀ ନୀଳମଣି ବିଦ୍ୟାରତ୍ନଙ୍କ ସଂପାଦନାରେ ପ୍ରକାଶ କରିଥିଲେ ଯାହାକି ପରବର୍ତୀ ସମୟରେ ବନ୍ଦ ହୋଇ ଯାଇଥିଲା । ଦେବଗଡର ଏହି ଜଗନ୍ନାଥ ବଲ୍ଲଭ ପ୍ରେସରୁ ୧୮୮୯ ମସିହା ମେ ମାସ ୩୦ ତାରିଖ ଦିନ ଯୁଗାନ୍ତକାରୀ ସାପ୍ତାହିକ ସଂବାଦ ପତ୍ରିକା "ସମ୍ବଲପୁର ହିତୈଷିଣୀ' ପ୍ରକାଶ ଲାଭ କଲା । ରାଜା ବାସୁଦେବ ଏହି ପତ୍ରିକାର ସଂପାଦନା ପାଇଁ ପ୍ରଥମେ ନୀଳମଣି ବିଦ୍ୟାରତ୍ନଙ୍କୁ ନିଯୁକ୍ତି ଦେଇଥିଲେ । ସମ୍ବଲପୁର ଅଂଚଳର ସମସ୍ତ ଗଡଜାତ ଅଂଚଳର ସାମଗ୍ରିକ ହିତସାଧନ ସହିତ ଶାସକୀୟ ବାଣୀକୁ ପ୍ରଜାନିକଟରେ ପହଂଚାଇବା, ଶିକ୍ଷା ଓ ସଭ୍ୟତାର ପ୍ରସାର, ଓଡିଆ ଭାଷା ସାହିତ୍ୟକୁ ସମୃଦ୍ଧ ଓ ଗତିଶୀଳ କରିବା ଉଦ୍ଦେଶ୍ୟରେ ଏହି ପତ୍ରିକାର ନାମ "ସମ୍ବଲପୁର ହିତୈଷଣୀ' ରଖିଥିଲେ । ଏହି ପତ୍ରିକାର ପଂଜୀକରଣ ସଂଖ୍ୟା ଥିଲା ଡି-୩୦ । "ସମ୍ବଲପୁର ହିତୈଷିଣୀ' ନାମ ସହିତ "ଦ ସମ୍ବଲପୁର ପାଟ୍ରିଅଟ୍", "ଦି ଓଲ୍ଡେଷ୍ଟ ଜିକଲୀ ଅଫ୍ ସମ୍ବଲପୁର ଡିଷ୍ଟ୍ରିକ୍ଟ" ଲେଖା ହେଉଥିଲା । ଏହି ପତ୍ରିକା ତିନୋଟି ପିଢିର ସାହିତ୍ୟିକ ସୃଷ୍ଟି କରି ପାରିଥିଲା ବୋଲି ଉଲ୍ଲେଖ ଅଛି । "ସମ୍ବଲପୁର ହିତୈଷିଣୀ' ଥିଲା ରାଜା ବାସୁଦେବଙ୍କ ମାନସର ଆଦର୍ଶର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପ୍ରତିବିମ୍ବ । ଚାରି ପୃଷ୍ଠାର ଏହି ପତ୍ରିକାରେ ପ୍ରାୟ ସମସ୍ତ ଗଡଜାତର ସମ୍ବାଦଦାତା ରହିଥିଲେ । ରସତରଙ୍ଗ ଛାନ୍ଦ, ବିବିଧ ସମାଚାର, ରାଜପୌତ୍ର ଭିକ୍ଟର, ପ୍ରେରିତ ପତ୍ର, ପ୍ରାପ୍ତ, ଶିକ୍ଷା ଶୀର୍ଷକ ଲେଖା ମାନ ପ୍ରକାଶ ପାଉଥିଲା । ୧୯୨୩ ମସିହା ଜାନୁୟାରୀ ମାସର ପ୍ରଥମ ପ୍ରକାଶନରେ ଗଙ୍ଗାଧର ମେହେରଙ୍କ "ନବବର୍ଷର ପ୍ରାର୍ଥନା' ଶୀର୍ଷକ କବିତା ଖୁବ ସୁନ୍ଦର ଭାବେ ବର୍ଣ୍ଣିତ ହୋଇଛି । ଗୁରୁ ଟ୍ରେନିଙ୍ଗ ସ୍କୁଲରୁ ଉତୀର୍ଣ୍ଣ ୧୪ ଜଣ ଛାତ୍ରଙ୍କ ନାମ, କଟକ ଜିଲ୍ଲାର ଭର୍ଣ୍ଣାକୁଲାର ଇଂରାଜୀ ମିଡିୟମ ସ୍କୁଲରୁ ୧୯୨୩ ମସିହାରେ ପାସ କରିଥିବା ଛାତ୍ରମାନଙ୍କ ନାମ, କଲିକତାର ବଜାର ଦର ତାଲିକା ମଧ୍ୟ ଏହି ପତ୍ରିକାରେ ସ୍ଥାନ ପାଉଥିଲା । ଆଜକୁ ଶହେ ବର୍ଷ ତଳେ ଗମନାଗମନ, ଡାକବ୍ୟବସ୍ଥା ଇତ୍ୟାଦିର ବହୁଳ ବ୍ୟବସ୍ଥା ନଥାଇ ମଧ୍ୟ ଦିଲ୍ଲୀ, ଆଗ୍ରା ଓ ମିରଟ ଜିଲ୍ଲାରେ ଧର୍ମ ପରିବର୍ତ୍ତନ ଶୀର୍ଷକ ସମାଚାର ମଧ୍ୟ ଏହି ପତ୍ରିକାରେ ସ୍ଥାନିତ ହୋଇ ପାରିଥିଲା । ବିଜ୍ଞାପନ ସ୍ତମ୍ଭରେ କଲିକତା ସମେତ ଅନେକ ସ୍ଥାନରୁ ବିଜ୍ଞାପନ ପ୍ରକାଶିତ ହେଉଥିଲା । ସେତେବେଳେ ମଧ୍ୟ ଗ୍ରାହକଙ୍କୁ ଆକର୍ଷିତ କରିବା ପାଇଁ ଏକ ଟଙ୍କାରେ ୨୪୮ଟି ଜିନିଷ, ଯାଦୁର ଅବ୍ୟର୍ଥ ମହୌଷଧି ଓ ଜଳଛବି ଆଦି ବିଜ୍ଞାପନ ଏହି ପତ୍ରିକାରେ ପ୍ରକାଶିତ ହେବାର ଦେଖାଯାଏ । ବାମଣ୍ଡା ରାଜାଙ୍କ କଟକ ରାଣୀହାଟ ସ୍ଥିତ ଏକ ଗୋଦାମ ଟ୩୦୦୦/-ରେ ବିକ୍ରିର ବିଜ୍ଞାପନ ମଧ୍ୟ ଅତ୍ୟନ୍ତ ମର୍ମସ୍ପର୍ଶୀ । ଏହି ପତ୍ରିକା ଓଡିଆ ଭାଷା ସାହିତ୍ୟକୁ ପ୍ରସାରିତ କରିବା ସହିତ ଓଡିଆ ଭାଷା ଆନ୍ଦୋଳନରେ ନେତୃତ୍ୱ ନେଇ ସମ୍ବଲପୁର ଅଂଚଳରୁ ଓଡିଆ ଭାଷାର ଉଚ୍ଛେଦ ବିରୁଦ୍ଧରେ ସଂଗ୍ରାମ କରିବାରେ ମୂଖ୍ୟ ଭୁମିକା ଗ୍ରହଣ କରିଥିଲା । ହିତୈଷଣୀର ଉଦ୍ୟମ ଫଳରେ ସମ୍ବଲପୁରରେ ଓଡିଆ ଭାଷାର ପୁନଃ ପ୍ରଚଳନ ସମ୍ଭବପର ହୋଇ ପାରିଥିଲା । ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନ ଓ ବିଚ୍ଛିନ୍ନାଚଂଳର ଏକତ୍ରୀକରଣ ପାଇଁ ପ୍ରଥମ ସ୍ୱର ଉତ୍ତୋଳନ କରିବା, ଓଡିଶାରେ ରେଳରାସ୍ତା ନିର୍ମାଣରେ ପ୍ରମୁଖ ଭୂମିକା ଗ୍ରହଣ କରିବା, ଶୁଦ୍ଧ ସମାଜ ଗଠନ କରିବା ପାଇଁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କୁସଂସ୍କାରକୁ ଦୂର କରିବା ସହିତ ନିଶା ଓ ମାଦକ ଦ୍ରବ୍ୟର ଅପକାରିତା ସଂପର୍କରେ ଜନ ଆନ୍ଦୋଳନ ସୃଷ୍ଟି କରିବାରେ ଏହି ପତ୍ରିକା ସଫଳ ହୋଇ ପାରିଥିଲା । ଫକୀର ମୋହନ ସେନାପତିଙ୍କ ଉତ୍କଳ ଭ୍ରମଣ, ରାଧାନାଥଙ୍କ ଯାଯାତି କେଶରୀ, ପାର୍ବତୀ କାବ୍ୟ, ବିଶ୍ୱନାଥ କରଙ୍କ କଟକ ନର୍ମାଲ ସ୍କୁଲ, ବାଲ୍ୟଶିକ୍ଷା, ଅନଧିକାର ଚର୍ଚ୍ଚା, ରାକ୍ଷସୀ ଲୀଳା, ବାଈନାଚ ଓ ଗଭର୍ଣ୍ଣମେଂଟ, ସାହିତ୍ୟ ସମାଲୋଚନା, ସାହିତ୍ୟ ଚର୍ଚ୍ଚା, କବି ଉପେନ୍ଦ୍ର ଭଂଜ, ଗୋଟିଏ ଉତ୍ତର, ଶରୀରଂ ବ୍ରହ୍ମ ମନ୍ଦିର, ବ୍ରାହ୍ମ ଧର୍ମର ଅଭ୍ୟୁତ୍ଥାନ ଓ ଦେଶ କାଳ ପାତ୍ର, ଭାଷାର ଅପବ୍ୟବହାର, ଜାତିଭେଦ, ଏକ ପୁରୁଷିଆ କର୍ତ୍ତା, ପୁରାତନ ଇତିହାସ ପ୍ରଭୃତି ସହିତ ଭ୍ରମଣ ବୃତାନ୍ତ ପ୍ରକାଶିତ ହୋଇଥିଲା । ୧୯୧୩ ମସିହା ସୁଦ୍ଧା ପତ୍ରିକାଟି ଲୋକ ପ୍ରିୟ ହୋଇ ୨୦୦୦ ଜଣ ପାଠକଙ୍କ ପ୍ରିୟଭାଜନ ହୋଇ ପାରିଥିଲା । ୧୯୦୪ ମସିହା ପରେ ପରେ ଦୁର୍ଗାପୂଜା ସମୟରେ ଏହାର ବାର୍ଷିକ ସଂଖ୍ୟା ମଧ୍ୟ ପାଇଥିଲା ବୋଲି ଜଣାପଡେ । ଅତ୍ୟନ୍ତ ସ୍ୱଳ୍ପ ମୂଲ୍ୟ ବାର୍ଷିକ ଦୁଇ ଟଙ୍କାରେ ଉପଲବ୍ଧ ହେଇଥିବା ଏହି ପତ୍ରିକାର ୫୦୦ ଖଣ୍ଡ ବିନା ମୂଲ୍ୟରେ ମିଳୁଥିଲା । ଏହି ପତ୍ରିକାର ସଂପର୍କରେ କବି ଗଙ୍ଗାଧର ମେହେର ଲେଖିଥିଲେ-

"ଉତ୍କଳରେ ହେଲା ନବ ଯୁଗର ଆରଂଭ,
ଚଉଦିଗେ ବ୍ୟାପିଗଲା ସାହିତ୍ୟ ସୌରଭ'.

"ସମ୍ବଲପୁର ହିତୈଷିଣୀ' ଆଧୁନିକ ଓ ପ୍ରାଚୀନ ସାହିତ୍ୟ ବିତର୍କର ମଂଚର ଭୂମିକା ଗ୍ରହଣ କରିବା ସହିତ ଓଡିଆ ଭାଷା ସାହିତ୍ୟର ଉନ୍ନତି ପାଇଁ ଆଜୀବନ ନିଜକୁ ଉତ୍ସର୍ଗ କରିଥିଲା । ଏହି ପତ୍ରିକାର ଶେଷ ପ୍ରକାଶନରେ ୦୩/୦୩/୧୯୨୩ ଦିନ ସଂପାଦକ ଦୀନବନ୍ଧୁ ଗଡନାୟକ ଉଲ୍ଲେଖ କରନ୍ତି- "ଆଗାମୀ ସପ୍ତାହରୁ ସମ୍ବଲପୁର ହିତୈଷିଣୀ ୩୨ ବର୍ଷ ପରେ ଚିରଦିନ ପାଇଁ ବନ୍ଦ ହୋଇଯିବ' । ସମସ୍ତ ଲେଖକ, ପାଠକ ଓ ବିଜ୍ଞାପନ ଦାତାଙ୍କୁ ସେ ଧନ୍ୟବାଦ ଦେବା ସହିତ ଏହି ପତ୍ରିକା ପ୍ରକୃତରେ ଚିରଦିନ ପାଇଁ ଅସ୍ତମିତ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ହୋଇଗଲା ।

ରାଜା ବାସୁଦେବଙ୍କ ସଂପର୍କରେ ରାଧାନାଥଙ୍କ ଚିଲିକା କାବ୍ୟରେ ବର୍ଣ୍ଣିତ ନିମ୍ନଲିଖିତ ପଦ୍ୟ ସମ୍ବଲପୁର ହିତୈଷିଣୀ ପ୍ରତିପାଦିତ କରିଥିଲା ।

ପାହିଲାଣି ଘୋର ତାମସୀ ଯାମିନୀ,
ଫୁଟିବ ଉତ୍କଳ ଭାଷା କମଳିନୀ
ଏ ଘୋର ଯାମିନୀ ଅବସାନ ଶଂସି,
କାବ୍ୟତାରା ରୂପେ ବୀର ଗଙ୍ଗବଂଶି
ଉଦିଲେ ପ୍ରଥମେ ବାମଣ୍ଡା ରାଜନ,
ବାସୁଦେବ ବିଶ୍ୱ କଲ୍ୟାଣଭାଜନ ।

ଦେବଗଡ଼
ମୋବାଇଲ-୯୪୩୭୨୧୮୯୧୭

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଅନ୍ୟପାଇଁ ବଞ୍ଚିବାର ସଂକଳ୍ପ ନେବା

ଆଶୁତୋଷ ନାୟକ

ଏ ବିଶ୍ୱ ବ୍ରହ୍ମାଣ୍ଡରେ ମନୁଷ୍ୟ ସର୍ବଶେଷ୍ଠ ପ୍ରାଣୀ । ଆମ ହିନ୍ଦୁ ଶାସ୍ତ୍ରରେ ଏହା ବର୍ଣ୍ଣିତ ଅଛିଯେ ମନୁଷ୍ୟ ଜୀବନ ଅତି ଦୁର୍ଲଭ କାରଣ ଏହା ବିଶ୍ୱାସ କରାଯାଏ ଅନେକ ତପସ୍ୟା ଏବଂ ପୁଣ୍ୟ ବଳରେ ଏହି ଦୁର୍ଲଭ ମନୁଷ୍ୟ ଜନ୍ମ ମିଳିଥାଏ । ବିଶ୍ୱର ଅନେକ ପ୍ରସିଦ୍ଧ ବୈଜ୍ଞାନିକଙ୍କ ଆକଳନ ଅନୁଯାଇ ୧୮ ଲକ୍ଷ ପ୍ରଜାତିର ଜୀବଙ୍କ ମଧ୍ୟରୁ ମନୁଷ୍ୟ ସର୍ବଶେଷ୍ଠ, ସର୍ବଶକ୍ତିମାନ, ବିଚକ୍ଷଣ ବୁଦ୍ଧି ସମ୍ପନ୍ନ ପ୍ରାଣୀ । ସେଥିପାଇଁ ଶ୍ରୀମଦଭାଗବତମଂ ୭/ ୬/୨ ରେ ଏହା ବର୍ଣ୍ଣିତ ଅଛି,

"କୌମାର ଆଚରେତ ପ୍ରାଜ୍ଞ ଧର୍ମାନ ଭାଗବତାନିହ ।

ଦୁର୍ଲଭଂ ମାନୁଷଂ ଜନ୍ମ ତଦପ୍ୟ ଧ୍ରୁବମର୍ଥଦମ୍ ।"

ପରମ ଶାସ୍ତ୍ର ଭାଗବତରେ ଏହା ବର୍ଣ୍ଣିତ ରହିଛି ୮୪ଲକ୍ଷ ଜନ୍ମ ପରେ ଦୁର୍ଲଭ ମନୁଷ୍ୟ ଜନ୍ମ ମିଳିଥାଏ । ସେଥିପାଇଁ କୁହାଯାଇଛି ବାଲ୍ୟକାଳରୁ ମନୁଷ୍ୟକୁ ଈଶ୍ୱରଙ୍କ ଆଶ୍ରିତ ହେବା ଅତ୍ୟନ୍ତ ଆବଶ୍ୟକ କାରଣ ଏହି ଦୁର୍ଲଭ ମନୁଷ୍ୟ ଜନ୍ମ କ୍ଷଣିକ ଏବଂ ପରମାର୍ଥ ପ୍ରଦାନ କରିବାରେ ସମର୍ଥ । ଏ ବିଶ୍ୱବ୍ରହ୍ମାଣ୍ଡରେ ଦେଖାଯାଉଥିବା ସମସ୍ତ ସୁନ୍ଦର ବସ୍ତୁ ବଡ଼ ବଡ଼ ଅଟ୍ଟାଳିକାଠାରୁ ଆରମ୍ଭ କରି ନଦୀ ପୁଷ୍କରିଣୀ ଅରଣ୍ୟ ସାଗର ପ୍ରଯ୍ୟନ୍ତ ସବୁଦିନ ମାଟିରେ ମିଶିବ । ଯାହାର ସୃଷ୍ଟି ହୋଇଛି ତାହାର ଧ୍ୱଂସ ସୁନିଶ୍ଚିତ ସେ ସଜୀବ ହୁଅନ୍ତୁ କିମ୍ବା ନିର୍ଜୀବ । ଏହା ଚିରନ୍ତନ ସତ୍ୟ । ମନୁଷ୍ୟ ଜୀବନ ମଧ୍ୟ କ୍ଷଣସ୍ଥାୟୀ । ପାଣି ଫୋଟକା ପରି ମନୁଷ୍ୟର ଆୟୁଷ ମଧ୍ୟ ଅତି ସଂକ୍ଷିପ୍ତ ।

ଜନ୍ମ ଏବଂ ମୃତ୍ୟୁ ମନୁଷ୍ୟର ନିୟଂତ୍ରଣରେ ନଥାଏ । ଅନନ୍ତ କୋଟି ବ୍ରହ୍ମାଣ୍ଡ ନାୟକ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସୃଷ୍ଟିକର୍ତ୍ତା ଜଗତର ନାଥ ଜଗନ୍ନାଥଙ୍କ ନିର୍ଦ୍ଦେଶ ବିନା କୌଣସି କାର୍ଯ୍ୟ ହୋଇନଥାଏ । କିନ୍ତୁ ଅତ୍ୟନ୍ତ ଦୁଃଖ ଏବଂ ପରିତାପର ବିଷୟ ଏହିକି ଏକବିଂଶ ଶତାବ୍ଦୀର ଅହଙ୍କାରୀ ସ୍ୱାର୍ଥବାଦୀ ମନୁଷ୍ୟ କାମନା ବାସନା ଓ ମାୟାବନ୍ଧନରେ ଆବଦ୍ଧ ହୋଇ ଈଶ୍ୱରଙ୍କ ଅସିତ୍ୱ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି । ମୃତ୍ୟୁ କେତେବେଳେ କେଉଁ ରୂପରେ କାହା ମାଧ୍ୟମରେ ଆସିବ ତାହାକୁ କଳ୍ପନା କରିବା ମନୁଷ୍ୟ ପକ୍ଷରେ ଅସମ୍ଭବ । ତାହା କେବଳ ସୃଷ୍ଟିକର୍ତ୍ତା ପରମବ୍ରହ୍ମ ଅନାଥର ନାଥ କାଳିଆ ସାଆନ୍ତଙ୍କୁ ଜଣା ।

ମହାଭାରତ ଯୁଦ୍ଧକ୍ଷେତ୍ରରେ ମୋହବଦ୍ଧ ଅର୍ଜୁନଙ୍କ ଉଦ୍ଦେଶ୍ୟରେ ସ୍ୱୟଂ ଭଗବାନ ଶ୍ରୀକୃଷ୍ଣ କହିଥିଲେ, ଯେତେବେଳେ ସଂସାରରେ ଧର୍ମର ପରାଭବ ଘଟି ଅଧର୍ମର ଉତଥାନ ହୁଏ, ମୁଁ ସେତେବେଳେ ବିଧର୍ମୀମାନଙ୍କୁ ବିନାଶକରି ଧର୍ମର ସୁରକ୍ଷା ଏବଂ ସାଧୁ ମାନଙ୍କର ପରିତ୍ରାଣ ପାଇଁ ଅବତାର ଗ୍ରହଣ କରେ । ଅତ୍ୟାଚାରୀ ଶାସକମାନେ ଆମ ସଂପ୍ରସାରଣର ହୀନ ମନବୃତ୍ତି ବଶତଃ "ଧର୍ମ" ଭଳି ଶବ୍ଦକୁ ରାଜନୈତିକ ସ୍ୱାର୍ଥସାଧନରେ ବ୍ୟବହାର କରୁଛନ୍ତି । ଅତ୍ୟାଚାରୀ ଓ ଅଧର୍ମୀ ଆଉରଙ୍ଗଜେବଙ୍କ ଧର୍ମଭୀର୍ତ୍ତିକ ରାଜନୀତି ତତ୍କାଳୀନ ହିନ୍ଦୁ ପ୍ରଜାମାନଙ୍କୁ ନିର୍ଯାତନା ଓ ଅତ୍ୟାଚାର ସହିବାକୁ ପଡିଥିଲା ।

ଏକବିଂଶ ଶତାବ୍ଦୀର ମନୁଷ୍ୟ ପ୍ରଭୁ ଶ୍ରୀରାମଙ୍କର ନୀତି ଆଦର୍ଶରେ ଅନୁପ୍ରାଣୀତ ହୋଇ କାର୍ଯ୍ୟ ସମ୍ପାଦନ କରିପାରିଲେ ରାମରାଜ୍ୟର ପରିକଳ୍ପନା ବାସ୍ତବରେ ସମ୍ଭବ ହୋଇପାରିବ । ପିତୃସତ୍ୟ ପାଳନ କରିବା ପାଇଁ ଯେପରି ଭଗବାନ ଶ୍ରୀରାମ ୧୪ବର୍ଷ ଧରି ବନବାସରେ ଅତିବାହିତ କରିଥିଲେ । ସେହିପରି ମନୁଷ୍ୟ ଜୀବନରେ ଯେତେ ବାଧାବିଘ୍ନ, ଦୁଃଖକଷ୍ଟ, ଘାତପ୍ରତିଘାତ ଆସିଲେ ମଧ୍ୟ କଦାପି ସତ୍ୟପଥରୁ ବିଚ୍ୟୁତ ହେବା କାପୁରୁଷର ଲକ୍ଷଣ । ଭଗବାନ ଶ୍ରୀରାମ ସତ୍ୟ,ଧର୍ମ, ନ୍ୟାୟ ଏବଂ ଆଦର୍ଶର ମୂର୍ତ୍ତିମନ୍ତ ପ୍ରତୀକ ଥିଲେ ।

ଏହିସବୁ ମହନୀୟ ଗୁଣ ମନୁଷ୍ୟ ନିଜର ବାସ୍ତବ ଜୀବନରେ ଉପଯୋଗ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କରିପାରିଲେ ସେ ନିଜକୁ ପ୍ରତିଷ୍ଠିତ କରିପାରିବ । ଭଗବାନ ଶ୍ରୀରାମ ଯେପରି ବିଶ୍ୱବ୍ରହ୍ମାଣ୍ଡର ଛୋଟ କୀଟପତଙ୍ଗ ଠାରୁ ଆରମ୍ଭ କରି ପଶୁପକ୍ଷୀ, ମନୁଷ୍ୟ ପର୍ଯ୍ୟନ୍ତ ସମସ୍ତଙ୍କୁ ସମାନ ଦୃଷ୍ଟିରେ ଦେଖୁଥିଲେ । ତାଙ୍କ ପାଖରେ ଉଚ୍ଚନୀଚର ଭେଦଭାବ ନଥିଲା । ସେହିପରି ଆମକୁ ଅହଂକାର ପରିହାର କରି ସମସ୍ତଙ୍କୁ ଆପଣାର ଭାବିବାକୁ ପଡିବ, କାହାକୁ ବି ହେୟ ଜ୍ଞାନ ମନେକରିବା ଉଚିତ ନୁହେଁ । ସମସ୍ତଙ୍କୁ ସମାନ ଦୃଷ୍ଟିରେ ଦେଖିବା ଆବଶ୍ୟକ । ପ୍ରଭୁ ଶ୍ରୀରାମ ଯେପରି ନମ୍ର ଶାଳୀନତାପୂର୍ଣ୍ଣ ଆଚରଣ ପ୍ରଦର୍ଶନ କରୁଥିଲେ ତାହା ଏକବିଂଶ ଶତାବ୍ଦୀର ମନୁଷ୍ୟ ପାଇଁ ନିଶ୍ଚିତ ଭାବେ ପ୍ରେରଣାଦାୟୀ । ମନୁଷ୍ୟକୁ ସଫଳ ହେବାକୁ ହେଲେ ବାସ୍ତବ ଜୀବନରେ ନମ୍ର, ଉଦାରବାଦୀ, ଦୟାଳୁ, କର୍ତ୍ତବ୍ୟନିଷ୍ଠ, ସତ୍ୟବାଦୀ ହେବାକୁ ପଡିବ । ଭଗବାନ ଶ୍ରୀରାମ ଆଦର୍ଶବାଦୀ, ନ୍ୟାୟବନ୍ତ, ପ୍ରଜାଅନୁରାଗୀ, ସତ୍ୟନିଷ୍ଠ ରାଜା ଥିଲେ । ଠିକ୍ ସେହିପରି ଏକବିଂଶ ଶତାବ୍ଦୀର ରାଜନେତା କ୍ଷମତା ମୋହରେ ଅନ୍ଧ ନହୋଇ ଖାଦ୍ୟ, ଶିକ୍ଷା, ସ୍ୱାସ୍ଥ୍ୟରୁ ବଞ୍ଚିତ ହେଉଥିବା ଗରିବ ଓ ଅସହାୟ ଜନତାଙ୍କ ସେବା କରିବା ଉଚିତ । ପ୍ରଭୁ ଶ୍ରୀରାମ ଯେପରି ନିଜର ନୀତି, ଆଦର୍ଶ, ନୈତିକତା ସହିତ କୌଣସି ସାଲିସ କରୁନଥିଲେ ଠିକ୍ ସେହିପରି ଯେତେ ବାଧାବିଘ୍ନ ଘାତପ୍ରତିଘାତ ଆସିଲେ ମଧ୍ୟ ଆମେ ନିଜର ନୈତିକତା, ନୀତି, ଆଦର୍ଶ ସହିତ ସାଲିସ କରିବା ଅନୁଚିତ । ଯେପରି ମର୍ଯ୍ୟାଦା ପୁରୁଷୋତ୍ତମ ଭଗବାନ ଶ୍ରୀରାମ ମୃତ୍ୟୁଶଯ୍ୟାରେ ପଡିରହିଥିବା ଅହଂକାରୀ ଦାନବ ରାବଣ ଠାରୁ ଶିକ୍ଷା ଗ୍ରହଣ କରିବା ପାଇଁ ନିଜର କନିଷ୍ଠ ଭ୍ରାତ୍ରା ଲକ୍ଷ୍ମଣଙ୍କୁ ପ୍ରେରଣ କରି ନିଜର ମହାନତା, ନମ୍ରତାର ପରିଚୟ ଦେଇଛନ୍ତି ଏହା ସଦାସର୍ବଦା ମାନବଜାତି ପାଇଁ ପ୍ରେରଣାଦାୟୀ ।

ନିଶାଦ୍ରବ୍ୟ ସେବନ ସ୍ୱାସ୍ଥ୍ୟ ପକ୍ଷେ କ୍ଷତିକାରକ ଜାଣି ମଧ୍ୟ ମନୁଷ୍ୟ ନିଶାଦ୍ରବ୍ୟ ସେବନ କରୁଛି । ମଦ୍ୟପାନ ଠାରୁ ଆରମ୍ଭ କରି ପାନ, ଗୁଟକା, ସିଗାରେଟ, ହେରୋଇନ, ଡ୍ରଗସ ସେବନ କରି ନିଜ ଜୀବନକୁ ରସାତଳଗାମୀ କରିଦେଉଛି ଏବଂ ତା ସହିତ ତାର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ହସ ଖୁସି ପରିବାରକୁ ନଷ୍ଟ କରିଦେଉଛି । ସେଥିପାଇଁ ପରମଶାସ୍ତ୍ର ଭାଗବତରେ କୁହାଯାଇଛି,

"ଆପଣା ହସ୍ତେ ଜିହ୍ୱା ଛେଦି

କେ ଅଛି ତାର ପ୍ରତିବାଦୀ "

ଏହାର ଅର୍ଥ ମନୁଷ୍ୟ ନିଜେ ନିଜକୁ ଧ୍ୱଂସ କରୁଛି । ନିଶାଦ୍ରବ୍ୟ ସେବନ କରିବା ଦ୍ୱାରା ଅତ୍ୟନ୍ତ ମରାତ୍ମକ ବ୍ୟାଧି ଯେପରି କ୍ୟାନସର, ଶ୍ୱାସ ରୋଗ, ହୃଦରୋଗ, କିଡ଼ନୀ ଜନିତ ଗମ୍ଭୀର ରୋଗ ଏହିପରି ଅନେକ ସ୍ୱାସ୍ଥ୍ୟଗତ ସମସ୍ୟା ମନୁଷ୍ୟ ଠାରେ ପରିଲକ୍ଷିତ ହେଉଛି । ଏବେ ନିକଟରେ ଓଡ଼ିଆ ସିନେଜଗତରେ ଜଣେ ଆଗଧାଡିର ଅଭିନେତା ସାତ୍ୟକି ମିଶ୍ର ସମଗ୍ର ଓଡିଶା ବାସୀଙ୍କୁ ନିଜର ଭିଡିଓ ସନ୍ଦେଶ ମାଧ୍ୟମରେ ନିଶାଦ୍ରବ୍ୟ ସେବନ ନକରିବା ପାଇଁ ସମସ୍ତଙ୍କୁ ନିବେଦନ କରିଛନ୍ତି । ସେ ନିଜେ ନିଶାଦ୍ରବ୍ୟ ସେବନ କରିବା ଦ୍ୱାରା କିପରି ଏକ ବର୍ଷ ଧରି ଜୀବନ ମୃତ୍ୟୁ ସହିତ ସଂଗ୍ରାମ କରି କଷ୍ଟ ପାଇଛନ୍ତି ତାହା ଉପସ୍ଥାପନା କରିଛନ୍ତି । ଆମ ସମାଜରେ ଏପରି ଅନେକ ବ୍ୟକ୍ତି ଅଛନ୍ତି ଯେଉଁମାନେ ଅର୍ଥ ଏବଂ ଧନସମ୍ପତ୍ତିକୁ ନିଜର ସର୍ବସ୍ୱ ମନେ କରନ୍ତି । ସ୍ନେହ, ପ୍ରେମ, ଆନ୍ତରିକତା, ମାନବିକତା, ଦୟା, କ୍ଷମା, ଆଦର୍ଶତା, ନିଷ୍ଠା, ନୈତିକ ମୂଲ୍ୟବୋଧ, ନିସ୍ୱାର୍ଥପରତା, ତ୍ୟାଗ ସେମାନଙ୍କ ପାଇଁ ମୂଲ୍ୟହୀନ । ନିଜର ଏବଂ ନିଜ ପରିବାର ବ୍ୟତୀତ ଅନ୍ୟ କଥା ଭାବିବା ପାଇଁ ତାଙ୍କ ପାଖରେ ସମୟ ନଥାଏ । ସେମାନେ ସଦାସର୍ବଦା ନିଜର ସ୍ୱାର୍ଥ ପାଇଁ ଅନ୍ୟମାନଙ୍କ ସହିତ ବନ୍ଧୁତା ସ୍ଥାପନ କରିଥାନ୍ତି । ଆପେ ବଞ୍ଚିଲେ ବାପର ନାଁ ନୀତିରେ ସେମାନେ ସଦାସର୍ବଦା କାର୍ଯ୍ୟ କରନ୍ତି ।

ଏକବିଂଶ ଶତାବ୍ଦୀର ସ୍ୱାର୍ଥବାଦୀ ମନୁଷ୍ୟ ଅହଂକାରରେ ବଶବର୍ତ୍ତୀ ହୋଇ ଅର୍ଥ ଏବଂ ପ୍ରାଚୁର୍ଯ୍ୟ ବଳରେ ଅନ୍ଧ ହୋଇ ନିଜକୁ ସର୍ବଶ୍ରେଷ୍ଠ, ସର୍ବଶକ୍ତିମାନ ମନେକରୁଛି । ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ ଏହିକି କଳିଯୁଗ ମନୁଷ୍ୟର ଔଦ୍ଧତ୍ୟ ଏବେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଚରମସୀମାରେ । ଇଶ୍ୱରଙ୍କ ସୁନ୍ଦର ସୃଷ୍ଟି ପ୍ରକୃତିକୁ ଧ୍ୱଂସ କରିବାରେ ସେ ବ୍ୟଗ୍ର । ଅନେକ ଜଙ୍ଗଲ, ଗଛଲତାକୁ ମନୁଷ୍ୟ ନିଜର ସ୍ୱାର୍ଥ ପାଇଁ ଧ୍ୱଂସ କରିଦେଉଛି । ଏହାଛଡା ନିରୀହ ପଶୁପକ୍ଷୀଙ୍କ ଉପରେ ସ୍ୱାର୍ଥବାଦୀ ମନୁଷ୍ୟ ନିଷ୍ଠୁରତା, ବର୍ବରତା ଆଚରଣ କରୁଛି । କେତେବେଳେ ସେମାନଙ୍କ ଉପରେ ଏସିଡ, ଗରମ ପାଣି ପକାଇଦଉଚି, ସେମାନଙ୍କ ଖାଉ ଥିବା ଖାଦ୍ୟରେ ବିଷ ମିଶାଇଦଉଚି ତ ଆଉ କେତେବେଳେ ସେମାନଙ୍କୁ ହତ୍ୟା କରି ସେମାନଙ୍କ ମାଂସ ଭକ୍ଷଣ କରୁଛି । ଝିଟିପିଟି ଯେପରି ରାତିସାରା ଅନେକ ପୋକ ଝିଣ୍ଟିକା ଖାଇ ପ୍ରାତଃ ସମୟରେ ମହାପୁରୁଷଙ୍କ ଫୋଟ ପଛପଟେ ଲୁଚିଯାଏ ଏକ ବିଂଶ ଶତାବ୍ଦୀ ମନୁଷ୍ୟର ଚରିତ୍ର ଠିକ୍ ସେହିପରି ।

୧୪୦ଖଣ୍ଡ କାରରେ ବସି ବୁଲୁଥିବା ଏବଂ ୧୦୦୦୦କୋଟିରୁ ଅଧିକ ସମ୍ପତ୍ତିର ଅଧିକାରୀ ଥିବା ଆମ ଓଡିଶାର ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସ ବହୁ ଚେଷ୍ଟା କରି ମଧ୍ୟ ନିଜ ଜୀବନ ବଞ୍ଚାଇ ପାରିନଥିଲେ । ଯଦି ପୁଳାପୁଳା ଟଙ୍କା ବାଟି ବାଟି ସମ୍ପତ୍ତି ବଳରେ ସବୁକିଛି ହୋଇପାରୁଥାନ୍ତା, ତାହେଲେ ସବୁ ନେତା, ମନ୍ତ୍ରୀ, ଅଫିସର ଅମର ହୋଇଯାଇଥାନ୍ତେ । ସେଥିପାଇଁ ଆମ ଶାସ୍ତ୍ରରେ କୁହାଯାଇଛି

"ଦଇବ ଦଉଡି ମଣିଷ ଗାଈ
ଯେଣିକି ଟାଣଇ ଶେଣିକି ଯାଇ"

ଆସନ୍ତୁ ଏଇ ନୂତନ ବର୍ଷକୁ ସ୍ୱାଗତ କରିବା ସହିତ ସଂକଳ୍ପ ନେବା ଆମ ରାଷ୍ଟ୍ର ତଥା ବିଶ୍ୱର କଲ୍ୟାଣ ପାଇଁ ଈଶ୍ୱରଙ୍କ ପାଖରେ ହାତଯୋଡ଼ି ପାର୍ଥନା କରିବା ଏବଂ ଅନ୍ୟ ପାଇଁ ବଞ୍ଚିବାର କଳା ଶିଖିବା, ନିଜ ମନ ଭିତରେ ଥିବା ଅହଂଭାବ ଓ ଆତ୍ମବଡ଼ିମା ପରିତ୍ୟାଗ କରିବା ।

ଗୋପାଳପୁର,ବାଲେଶ୍ୱର
ମୋବାଇଲ-୭୦୨୦୬୧୧୩୦୦

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଶିଶୁର ଜୀବନଶୈଳୀରେ ସମୟ

ପୁଷ୍ପଲତା ମିଶ୍ର

ଆଜି କାଲି ଦେଖାଯାଉଛି ସମସ୍ତଙ୍କ ଘରେ ଗୋଟିଏ ସନ୍ତାନ । ଗୋଟିଏ ପିଲାର ଯତ୍ନ ପାଇଁ ଅଭିଭାବକ ମାନେ ତତ୍ପର ହୋଇ ଉଠୁଛନ୍ତି କିନ୍ତୁ ସେମାନଙ୍କ ପାଖରେ ଯଥେଷ୍ଟ ସମୟ ନାହିଁ ପିଲାଙ୍କର ହାନି ଲାଭ ବୁଝିବା ପାଇଁ, ପିଲା କଣ ଚାହେଁ ? ତାର ଭାବନା କଣ ପିଲାର ମନୋଭାବକୁ ଜାଣିବାକୁ ସମୟ କାହିଁ ?

ମନସ୍ତତ୍ତ୍ୱବିଦଙ୍କ ମତରେ ପିଲା କଣ ଚାହେଁ, କଣ ତାର ଭାବନା କେବଳ ମାଆ ହିଁ ବୁଝିପାରେ ତାଙ୍କ ମତରେ ମାଆ ହିଁ ଜଣେ ଫିଲୋସଫର ! କିନ୍ତୁ ଆଜିର ମାଆ ଟଙ୍କା ରୋଜଗାର କରିବାରେ ଏପରି ଛନ୍ଦି ହୋଇ ରହୁଛନ୍ତି ପିଲାକୁ ସମୟ ଦବା ଦୂରର କଥା ଆୟା ଦ୍ୱାରା ପରିଚାଳିତ ହେଉଛି ଛୁଆ ! !

ଅଭିଭାବକଙ୍କର ସମୟର ଅଭାବ ପିଲାମାନଙ୍କର ଜିଦର କାରଣ ନୁହେଁ ତ... ?

ବର୍ତ୍ତମାନର ଅଭିଭାବକ ପିଲାମାନଙ୍କୁ ଅପ୍ରାକୃତିକ ସୌନ୍ଦର୍ଯ୍ୟ ଭରପୁର ସ୍ଥାନକୁ ତଥା ମଲ୍, ବହୁତଳ ପ୍ରାସାଦ ମଧ୍ୟରେ ଖେଳାଇବା ଶିଶୁର ବିକାଶ ବୃଦ୍ଧିକୁ ବିରୋଧର ସମ୍ମୁଖୀନ ହେଉଛନ୍ତି । ଖୋଲା ପବନ ଖୋଲା ପରିବେଶରେ ଶିଶୁର ମାନସିକ ବୃଦ୍ଧି ହୁଏ ବୋଲି ମନସ୍ତତ୍ତ୍ୱବିଦଙ୍କ ମତ । ପାପା ଓ ମାଙ୍କ ପାଖରେ ସମୟର ଅଭାବ ଓ ସଦୁପଯୋଗକୁ ନେଇ ଗୋଟିଏ ଗଳ୍ପ..... ।

ରମାକାନ୍ତ ବାବୁ ବ୍ୟସ୍ତବହୁଳ କାର୍ଯ୍ୟପରେ ଘରେ ପହଞ୍ଚିଲା ବେଳକୁ ନଅଟା ବାଜିଲାଣି ସ୍ତ୍ରୀ କବାଟ ଖୋଲୁ ଖୋଲୁ କବାଟର ଠକ୍ ଠକ୍ ଶବ୍ଦରେ ପୁଅ ରାହୁଲ ବିଛଣାରୁ ଉଠି ଆସି ପହଁଚି ଗଲା, ସବୁଦିନ ପରି ସେ ଦିନ ବି ଶୋଇ ନ ଥିଲା, ପିଲାଟିକୁ ଟିକେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଗେହ୍ଲା କରି କହିଲେ କଣ ଆଜି ଶୋଇବା ହେଇନି ? ନିଦ ଲାଗୁନି କିରେ ବାବା ? ଆଗରୁ ରମାକାନ୍ତ ବାବୁ ପୁଅକୁ ଗପ କହି ଶୁଆଇ ଦେଉଥିଲେ । ଆଜି କାଲି କିନ୍ତୁ ଆଉ ଗପ ନାହିଁ କମ୍ପାନୀରୁ ଫୁରସତ ମିଳିଲେ ତ କାମ ର ଅଧିକ ଚାପ ହେତୁ ସମୟ ମିଳୁନି । କିଛି ସମୟ ପାଇଲେ ପତ୍ନୀ ସହ ଟିକେ ଆଳାପ ଆଲୋଚନା ଭୁଲନ୍ତି ନାହିଁ ରମାକାନ୍ତ ବାବୁ, ପୁଅ କିନ୍ତୁ ନିରାଶ ହୋଇ ଶୋଇପଡେ ।

ରମାକାନ୍ତ ବାବୁ ପୋଷାକ ବଦଳାଇବା ବେଳେ ପୁଅ ରହିଲ ଆସି ପଚାରିଲା ପାପା ଗୋଟେ କଥା କହିବି ? ରମାକାନ୍ତ ବାବୁ ଅନ୍ୟମନସ୍କ ଭାବେ କହିଲେ କହ, ତୁମେ ଅଫିସରୁ ଏକ ଘଣ୍ଟାକୁ କେତେ ଟଙ୍କା ପାଅ ପାପା ! ପୁଅର ପ୍ରଶ୍ନ ଶୁଣି ରମାକାନ୍ତ ବାବୁ ରାଗିଗଲେ ଇଏ କି ପ୍ରଶ୍ନ ଆରେ.....। ଏତେ ଛୋଟ ପିଲା ତୋର ଏତେ କଥା ଜାଣିବା କଣ ଦରକାର ? ତଥାପି କହିଲେ ମୋର ଘଣ୍ଟାକୁ ରୋଜଗାର ଦୁଇଶହ ହବ । ପୁଅ କହିଲା ପାପା ମତେ ପଚାଶ ଟଙ୍କା ଦବ ? ଦିଅନା ପାପା ମୋର ପଚାଶ ଟଙ୍କା ଦରକାର, ରମାକାନ୍ତ ବାବୁ ଆହୁରି ରାଗିଗଲେ ଓ କହିଲେ ବଦମାସ ଶୋଇଛୁ ନା ନାହିଁ କାନକୁ ଧରି ପଚାରିଲେ ଟଙ୍କା କଣ କରିବୁ ଆଯେ ବାଜେ ପିଲାଙ୍କ ସହିତ ମିଶି ମନଇଚ୍ଛା ଯାହା ନାହିଁ ତାହା କିଣା ହବ ? ଯା.. ଶୋଇବୁ ଯା, ପୁଅ ଆଖି ଛଳ ଛଳ କରି ଗୋଡ଼ କଚାଡି ଶୋଇବା ଘରକୁ ଚାଲିଗଲା, ଖାଇପିଇ ଟିଭି ଦେଖୁ ଦେଖୁ ରମାକାନ୍ତଙ୍କର ମନେ ପଡ଼ିଲା ପୁଅ କଥା ପୁଅ ଶୋଇଲା କି ନାହିଁ ? କଣ ଗୋଟିଏ କିଣିବ ବୋଲି ପଚାଶ ଟଙ୍କା ମାଗୁଥିଲା ଷ୍ଟିକର ଫିକର କି କିଛି ଖେଳଣା କିଣିବ ନିଜ ବ୍ୟବହାର ପାଇଁ ତାଙ୍କୁ ଟିକେ ଦୋଷୀ ଦୋଷୀ ଲାଗିଲା ଏମିତି ବି ପୁଅଟାକୁ ସେ ଜମା ସମୟ ଦେଇ ପାରୁ ନାହାଁନ୍ତି, ନିଦରୁ ଉଠିଲା ବେଳକୁ ପୁଅ ସ୍କୁଲ ପଳାଉଛି ତ ଅଫିସରୁ ଫେରିବା ପୂର୍ବରୁ ପୁଅ ଶୋଇ ପଡୁଛି । କିଛି କିଣି ନ ପାରିଲେ ସାଙ୍ଗ ମାନଙ୍କ ପାଖରେ ଛୋଟ ଲାଗିବ ତାକୁ .....।

ପାପା ଶୋଇବା ଘରକୁ ଯିବାର ପାଦ ଶବ୍ଦରେ ପୁଅ କମ୍ବଳ ତଳୁ କଇଁଛ ପରି ଚାହିଁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପୁଣି ଶୋଇ ପଡ଼ିଲା, ରମାକାନ୍ତ ବାବୁ ଖଟ ଉପରେ ବସି ପୁଅର ମୁଣ୍ଡକୁ ଆଉଁସି ଆଦରରେ ପଚାରିଲେ ମୋ ସୁନା ପୁଅକୁ ନିଦ ଆସୁନି କି ? ପୁଅ ଆଖି ପତା ଉଠାଇ ପୁଣି ବନ୍ଦ କରି ଦେଲା । ରମାକାନ୍ତ ବାବୁ ବୁଝି ଗଲେ ପୁଅ ଅଭିମାନ କରିଛି ।

ପୁଅକୁ କୋଳକୁ ଉଠେଇ ନେଲେ ଗେଲ କରୁ କରୁ କହିଲେ ପଚାଶ ଟଙ୍କା ମାଗୁଥିଲୁ ପରା, ନେ ପଚାଶ ଟଙ୍କା ଆଉ ଶୋଇପଡ଼ ।

ପାପାଙ୍କ ହାତରୁ ଟଙ୍କା ନେଇ ଖୁସିରେ କୋଳରୁ ଡେଇଁ ପଡ଼ି ଖଟର ଗୋଟେ ମୁଣ୍ଡରୁ ବିଛଣା ଟେକି କିଛି ରେଜା ଟଙ୍କା ବାହାର କରି ଆଣି ଗଣି ବସିଲା ଦଶ କୋଡ଼ିଏ ପଚାଶ ଏମିତି କେତେ କଣ ? ଏହାକୁ ଦେଖି ରମାକାନ୍ତ ବାବୁ ଭୀଷଣ ରାଗି କି କହିଲେ ପାଖରେ ଏତେ ଟଙ୍କା ରଖିଛୁ ପୁଣି ମତେ ଟଙ୍କା ମାଗୁଛୁ ।

ପାପାଙ୍କ ଗାଳିକୁ ନଶୁଣି ପୁଅ ପଇସା ଗଣୁଥିଲା, ଗଣି ସରିଲା ପରେ ପାପାଙ୍କ ମୁଁହକୁ ଅନେଇକି କହିଲା..... ପାପା ମୁଁ ଟିଫିନ୍ ନ ଖାଇ ରଖିଥିଲି କୋଡ଼ିଏ ଟଙ୍କା, ମାମୁଁ ଦେଇଥିଲେ ପଚାଶ ଟଙ୍କା, ଆଉ ମାଉସୀ ଯୋଉ ଦିନ ଆସିଥିଲେ ସେ ମତେ ପଚାଶ ଟଙ୍କା ଦେଇଥିଲେ, ଦାଦା ଦେଇଥିଲେ ତିରିଶି ଟଙ୍କା ଆଉ ତୁମେ ଦେଲ ପଚାଶ ଟଙ୍କା ଏମିତି ମିଶି ହେଲା ଦୁଇଶହ ଟଙ୍କା ! !

ରମାକାନ୍ତ ବାବୁ କହିଲେ ହଁ ଦୁଇଶହ ହେଲା ଏତେ ଟଙ୍କା କଣ କରିବୁ ଧମକେଇଲା ଭଳି ପଚାରିଲେ । ପାପାଙ୍କ ରାଗକୁ ନ ଶୁଣି ପୁଅ ରାହୁଲ କହିଲା ପାପା ! ତୁମେ ପରା ଅଫିସରେ ଏକ ଘଣ୍ଟାକୁ ଦୁଇଶହ ଟଙ୍କା ପାଅ ? ହଁ କଣ ହେଲା ସେଠୁ ପାପା କହିଲେ, ନିଅ ପାପା ଏ ଦୁଇଶହ ଟଙ୍କା ନିଅ ସମସ୍ତ ଟଙ୍କାକୁ ରମାକାନ୍ତ ବାବୁଙ୍କ ହାତରେ ଧରେଇ ଦେଇ ପାପାଙ୍କ ବେକ ଚାରିପଟେ ଦୁଇ ହାତ ବଢ଼େଇ କାନ୍ଧରେ ମୁଣ୍ଡ ରଖି ଶୋଇଗଲା । ସେମିତି ଶୋଇ ଶୋଇ ଆଖି ବୁଜି ପୁଅ ରାହୁଲ କହିଲା, ପାପା ତମେ ସବୁ ଟଙ୍କା ନିଅ ମତେ ଗୋଟିଏ ଗପ ଓ ଗୀତ ଶୁଣାଅ, ତୁମେ ଅଫିସରୁ ଏକ ଘଣ୍ଟାକୁ ଦୁଇଶହ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଟଙ୍କା ପାଅ ପରା ସେହି ଦୁଇଶହ ଟଙ୍କା ନେଇ ପୁରା ଘଣ୍ଟାଟିଏ ଗପ କୁହ କେତେ ଦିନ ହେଲା ତୁମ ଠାରୁ ଗପ ଶୁଣିନି ପାପା ! ରମାକାନ୍ତ ବାବୁଙ୍କର ଆଖି ଛଳ ଛଳ ହୋଇଗଲା । ସତରେ ପିଲାଙ୍କ ଜୀବନ ଶୈଳୀ ପାଇଁ ପାପା ଓ ମା ଅଧିକ ସମୟ ଦେବା ଅପରିହାର୍ଯ୍ୟ..... ।

ଭୁବନେଶ୍ୱର

୯୩୩୮୨୯୪୬୫୭

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କାଳର କରାଳ ଗତି

ଅର୍ଜୁନୀ ଚରଣ ବେହେରା

ଚାହୁଁଚାହୁଁ ବର୍ଷଟା ଚାଲିଗଲା । ପ୍ରତ୍ୟକ ବର୍ଷ ସରି ଯାଆନ୍ତି । କାଳଶ୍ଚ ନିରବଧି, ବିପୁଳା ଚ ପୃଥ୍ୱୀ, କିନ୍ତୁ ଆମେ ଚାଲୁଛୁ । ଆମ ଚାଲିବା ଭିତରେ ଯେ କାଳ ବହି ଯାଉଛି ଏହା ଆମେ ଜାଣି ପାରୁନାହୁଁ । ଚାହୁଁ ଚାହୁଁ ଏମିତି ଜୀବନ ବି ସରିଯିବ । ଇଏ ହେଉଛି କାଳର କୁଟିଳ ଗତି, ଇଏ କାଳ ନୁହେଁ ମହାକାଳ । ଏ କାଳ ସବୁକୁ କବଳିତ କରିନିଏ । ବାୟୁ ମେଘ ଖଣ୍ଡକୁ ଉଡାଇ ନେଲା ଭଳି କାଳ ତାହା ଗର୍ଭରେ ସବୁକୁ ନେଇ ଚାଲି ଯାଏ । ସେଥି ପାଇଁ ଭାଗବତ କହିଛନ୍ତି :-

କାଳର ବସ ଏ ଜଗତ ।
ପ୍ରାଣୀଏ କାଳର ଆୟତ୍ତ ॥
ସେ କାଳ ବସେ ସର୍ବେ ଚଳି ।
ପବନେ ଯେହ୍ନେ ଘନାବଳି ॥

କାଳ ବକ୍ଷରେ କେତେ କେତେ ସଭ୍ୟତା, କେତେ ଯେ ପ୍ରାଣୀ ସଂସାରରୁ ଲିଭି ଯାଇଛନ୍ତି, ଇତିହାସ ସେସବୁର ହିସାବ ରଖିପାରି ନାହିଁ । ଇତିହାସରେ ମନୁଷ୍ୟ ଯେତେ ଦୂରକୁ ଦେଖି ପାରିଛି, ତାହା ହିଁ ଲେଖି ପକାଇଛି । କିନ୍ତୁ କାଳ ତାହାର ଦୃଷ୍ଟି ପଥ ଠାରୁ ଲମ୍ବିଛି ବହୁ ଦୁରକୁ, ଅନନ୍ତ ଦୀର୍ଘ ଏ କାଳ । ଅନନ୍ତ କାଳ ଭିତରେ ଆମର ଏ ଜୀବନ ବୁଦବୁଦ ସଦୃଶ । କାଳକୁ କଣ ମପା ଯାଇ ପାରେ ? ମଣିଷ କେବଳ ତା ସୁବିଧା ପାଇଁ କାଳକୁ ମାପିବା ଚେଷ୍ଟା ମାତ୍ର କରିଛି । କାଳକୁ ବାନ୍ଧି ଦେଇଛି ବର୍ଷ, ମାସ, ସପ୍ତାହ, ଦିନ, ଦଣ୍ଡ, ଘଣ୍ଟା, ମିନିଟ, ସେକେଣ୍ଡ ଆଦି ପରିମାପକରେ । କାଳପାଇଁ କୌଣସି ପରିମାପକ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ନାହିଁ, ଏହି କଥା କହିଛନ୍ତି, ଆମ ଯୁଗର ପ୍ରଖ୍ୟାତ ବିଜ୍ଞାନୀ ଆଇନଷ୍ଟାଇନ ତାଙ୍କର ଆପେକ୍ଷିକ ତତ୍ତ୍ୱ ମାଧ୍ୟମରେ । ତାଙ୍କ ତତ୍ତ୍ୱଟି ଅତି ସରଳ ଭାବରେ ବୁଝାଯାଏ, "ଗୋଟିଏ ସୁନ୍ଦରୀ ଯୁବତୀ ସହ ବସି କଥା ହେଲେ ଘଣ୍ଟାକ ମିନିଟ ଟିଏ ପରି ଲାଗିବ । କିନ୍ତୁ ଗରମ ଲୁହା ଉପରେ ବସିଲେ ମିନିଟ ଟିଏ ଘଣ୍ଟାଏ ପରି ଲାଗିବ ।" କିନ୍ତୁ ଏହି କାଳକୁ ନେଇ ଆମେ ଖେଳଖେଳୁଛୁ । ଆମେ ଭାବୁଛୁ ଆଃ ଆଉ ଟିକିଏ ବଞ୍ଚନ୍ତୁ କି । ଏହା ହିଁ ସବୁଠାରୁ ଆଶ୍ଚର୍ଯ୍ୟ । ମହାଭାରତରେ ଯକ୍ଷ ଧର୍ମରାଜ ଯୁଧିଷ୍ଠିରଙ୍କୁ ପ୍ରଶ୍ନ କରିଥିଲା, "କିମ୍ ଆଶ୍ଚର୍ଯ୍ୟମ୍" । ଧର୍ମରାଜ ଯକ୍ଷକୁ ଉତ୍ତର ଦେଇ କହିଥିଲେ, "ଦୁନିଆରେ ପ୍ରତି ଦିନ କେତେ ଜୀବ ମରୁଛନ୍ତି, କିନ୍ତୁ ମୃତ୍ୟର ସେ ତାଣ୍ଡବ ଲୀଳାକୁ ଦେଖି ମଧ୍ୟ ମଣିଷ ଚାହୁଁଛି ଦୀର୍ଘ ଜୀବୀ ହେବା ପାଇଁ, ଏହା ହିଁ ସବୁଠାରୁ ବଡ଼ ଆଶ୍ଚର୍ଯ୍ୟ ।" ଜୀବ ମାତ୍ରେ ହିଁ ଜୀଇଁବାର ଲାଳସା । ମାତ୍ର କାଳ ଚରୈବତି, ଚରୈବତି ଗତିରେ ଚାଲିଛି, ପଥରେ ସକଳ କବଳିତ କରି । ଦିନ, ରାତି, ମାସ, ବର୍ଷ, ଦଶନ୍ଧି, ଶତାବ୍ଦୀ, ସହସ୍ରାବ୍ଦ ଏହି ଭାବରେ ଗତି କରୁଥିବ କାଳ । ସେଥିପାଇଁ କୁହାଯାଇଛି :-

ପୁନଃ ପ୍ରଭାତେ ପୁନରେବ ଶର୍ବରୀ,
ପୁନଃ ଶଶାଙ୍କ ପୁନରୁଦ୍ୟେତି ରବି ।
କାଳସ୍ୟା କିଂ ଗଚ୍ଛତି ଯାତି ଯୌବନଂ,
ତଥାପି ଲୋକଃ କଥିତଂ ନ ବୁଧ୍ୟତେ ॥

ଯେଉଁ ବର୍ଷଟି ସରିଲା ତାହା ଗୋଟେ ଛକ ଯାଗା । କିନ୍ତୁ ଆମେ ଏଇଠି ଟିକିଏ ଅଟକି ପଛକୁ ଚାହିଁବା ଓ ଭାବିବା,ଛାଡ଼ି ଆସିଥିବା ସମୟ ଏବଂ ଅତୀତ ହୋଇଥିବା ବର୍ଷଟି କେମିତି କଟାଇଛୁ,ସେଥିରେ ଆମର କଣ ଉପଲବ୍ଧି ହୋଇଛି, ସେସବୁକୁ ଟିକିଏ ପରଖି ନେବାର ବେଳ, ଆଜିର ଏହି ନୂଆ ବର୍ଷର ମୁହୂର୍ତ୍ତ । ଟିକିଏ ଠିଆହୋଇ ପଛକୁ ଅନାଇ ତାପରେ ଆଗକୁ ଚାଲିବା, କାରଣ ଆଗକୁ ଚାଲିବାହିଁ ଜୀବନ । ଆସନ୍ତୁ ଆଗାମୀ ସମୟ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପାଇଁ ଏହି ଜୀବନଟି ଭଲ ଭାବରେ ଜିଇଁବା ଏହା ହିଁ ସଂକଳ୍ପ ନେବା । ଏମିତି କିଛି କରିବା ଓ କରିଯିବା ଯାହା ଏ ଅନନ୍ତ କାଳ ବକ୍ଷରେ ଛାପଟିଏ ଛାଡ଼ି ଦେବ । ସେ ଛାପ ଯେମିତି ଏ କାଳ ବକ୍ଷରେ କୋଣାର୍କହୋଇ ଠିଆହୋଇଥିବ । କାରଣ :-

ବଳି, ମାନଧାତା ଆଦି କେତେ ମହାମତି ।
ସେମାନେ ଗଲେଣି ଚଳି ରହିଛି କୀରତୀ ॥

ମୋ - ୭୬୯୩୦୯୧୯୭୧

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବଞ୍ଚିବାର ଉପାଦାନ

ପାରଦ କୁମାର ପାଢ଼ୀ

ଜୀବନ ବଞ୍ଚିବା ଦରକାରୀ ଦ୍ରବ୍ୟ ଅନେକ ହୋଇପାରେ । ସେ ଦ୍ରବ୍ୟଗୁଡିକୁ ଆମେ ଦ୍ରବ୍ୟ ନ କହି ଉପାଦାନ ଆଖ୍ୟା ଦେଲେ ସମ୍ଭବତଃ ଠିକ୍ ହେବ ବୋଲି ମନେହୁଏ । ଦ୍ରବ୍ୟମାନଙ୍କର ଆକାର, ଆୟତନ, ଓଜନ, ବର୍ଣ୍ଣ, ସ୍ୱାଦୁ ଏମିତି ନାନା ପ୍ରକାର ଧର୍ମ ବା ବିଶେଷ ବୈଶିଷ୍ଟ୍ୟ ଥାଏ । କିନ୍ତୁ ଏମିତି କିଛି ଅନ୍ୟ ଉପାଦାନ ମାନଙ୍କୁ ଆମେ ଅନୁଭବ କରିପାରିବା ଯେଉଁ ମାନଙ୍କର ଉଲ୍ଲିଖିତ ଚରିତ୍ର ମଧ୍ୟରୁ କୌଣସି କୌଣସି ଦିଗର ବୈଶିଷ୍ଟ୍ୟ ମୋଟେ ନଥାଏ । ଏହି କାରଣରୁ ଉପାଦାନ ଗୁଡିକୁ ଆମେ ତିନୋଟି ମୁଖ୍ୟ ଆଭିମୁଖ୍ୟ ବା ଦୃଷ୍ଟିକୋଣରୁ ବିଚାର କରି ପାରିବା, ଯଥା ଶାରିରୀକ, ମାନସିକ ଏବଂ ଆଧ୍ୟାତ୍ମିକ ବିଭାଗ । ଅବଶ୍ୟ ମାନସିକ ଓ ଶାରିରୀକ ଏ ଦୁଇଟି ସହିତ ଅନେକ ଭୌତିକ ଉପାଦାନର ସମ୍ପର୍କ ରହିଥାଏ । କିନ୍ତୁ ଶେଷ ପ୍ରଦତ୍ତ ବିଭାଗ ସହିତ ପ୍ରାୟତଃ ଭୌତିକ ଉପାଦାନମାନଙ୍କର ମୋଟେ ସମ୍ପର୍କ ନଥାଏ ବୋଲି ମୋର ଅନୁମାନ । ଯେ କୌଣସି ଉକ୍ତିକୁ ଆମେ ଉପର ଠାଉରିଆ ଭାବେ ଆଲୋଚନା ନକରି ତାର ତତ୍ତ୍ୱ ବା ଗଭୀର ସତ୍ତା ନିକଟ ପର୍ଯ୍ୟନ୍ତ ପହଞ୍ଚିବାକୁ ଉଦ୍ୟମ କଲେ ଯାଇ ତାର ସତ୍ୟତା ବା ଯଥାର୍ଥତା ବା ଯୌକ୍ତିକତା ପାଖରେ ପହଞ୍ଚି ପାରିବା ବୋଲି ମୋର ଦୃଢ ଆସ୍ଥା ଓ ବିଶ୍ୱାସ । ଆଧ୍ୟାତ୍ମିକ ଉପାଦାନ ଗୁଡିକର ପରିଚିତି ସମ୍ପର୍କରେ ଧାରଣା ଆଣିବାକୁ ହେଲେ ଯେଉଁ ଦୃଷ୍ଟିକୋଣରୁ ଆମେ ବିଚାର କରିବା ଉଚିତ, ତାକୁ ସାଧାରଣରେ ଦାର୍ଶନିକ ଦୃଷ୍ଟିଭଙ୍ଗି ବୋଲି ଆଖ୍ୟା ଦେଲେ ଠିକ୍ ହେବ - ଏହା ମୋର ଅନୁମାନ ।

ଶାରିରୀକ ବିଭାଗରେ ବଞ୍ଚିବାର ମୌଳିକ ଉପାଦାନମାନ ହେଲେ ଆହାର୍ଯ୍ୟ ଖାଦ୍ୟ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଦ୍ରବ୍ୟ, ଖାଦ୍ୟ ଦ୍ରବ୍ୟମାନଙ୍କର ଠିକ୍ ଭାବରେ ହଜମ ହୋଇ ଖଇଥିବା ଖାଦ୍ୟମାନଙ୍କ ସାରାଂଶ ଆମ ଶରୀର ଗଠନ ଓ ପୁଷ୍ଟ ହେବା ଲାଗି ଜଳ ଏବଂ ପ୍ରାଣ ବାୟୁର ସଂରକ୍ଷକ ବିଶୁଦ୍ଧ ବାୟୁ ଯାହା ଆମ ଶ୍ୱାସକ୍ରିୟାକୁ ଶରୀରରେ ଆବଶ୍ୟକ ହେଉଥିବା ଉତ୍ତାପର ମାତ୍ରା ସର୍ବଦା ଜାଗ୍ରତ କରି ରଖିପାରିଥାଏ ଏବଂ ପ୍ରତିଦିନ କର୍ମ କ୍ଷେତ୍ରରେ ମଜ୍ଜି ରହିବା ଫଳରେ ଆମେ ଉପଲବ୍ଧି କରୁଥିବା କ୍ଳାନ୍ତି ବା ଶ୍ରାନ୍ତି ମେଣ୍ଟାଇବାକୁ ସୁନିଦ୍ରା ।

ଅନ୍ୟ ଯେଉଁ ସବୁ ଉପାଦାନମାନେ ଆମ ଜୀବନକୁ ସୁସ୍ଥ ତଥା ବିନା ବ୍ୟସ୍ତତାରେ ବଞ୍ଚିବାକୁ ଦିଅନ୍ତି, ସେମାନଙ୍କ ମଧ୍ୟରୁ କେତେକ ହେଲେ - ପ୍ରେମ (ଗୋଟିଏ ବା ଜଣେ ଅନ୍ୟ ଜଣକୁ ଭଲ ପାଇବା), ବିଶ୍ୱାସ, ଲକ୍ଷ୍ୟସ୍ଥଳର ଉଦ୍ଦେଶ୍ୟ, ଶରୀରର ସୁରକ୍ଷା ସକାଶେ ଆଶ୍ରୟ, ସୁସମ୍ପର୍କ, ସୁଖଭୋଗ ଭଳି ଉପାଦାନମାନେ ଆମ ମାନସିକ ଓ ଆଧ୍ୟାତ୍ମିକ ବିଭାଗକୁ ସ୍ପର୍ଶ କରିଥାନ୍ତି ।

ଏଠି ମନେ ରଖିବା ଉଚିତ୍, ଉପରେ ଦିଆଯାଇଥିବା ମୌଳିକ ଉପାଦାନମାନଙ୍କ ଉଚିତ ଅନୁପାତରେ ଆମକୁ ଉପଲବ୍ଧ ନହେଲେ ଆମର ଜୀବନଧାରଣ ଅସମ୍ଭବ ହୋଇପଡିବ, ଆମେ ଅସୁସ୍ଥ ଅନୁଭବ କରିବାକୁ ବାଧ୍ୟ ହୋଇଯିବା - ଏଥିରେ ସନ୍ଦେହ ରହିବ ନାହିଁ ।

ଜୀବନ ବଞ୍ଚିବାର କିଛି ଅର୍ଥ ଥାଏ, ଯାହା ପ୍ରେମ, ସମ୍ପର୍କ, ପାରିବାରିକ ସ୍ନେହ, ଉତ୍ତମ ବୁଝାମଣା, ସୁଖ ବା ଆନନ୍ଦ ଅନୁଭବ, ଲକ୍ଷ୍ୟ ସ୍ଥଳଟିଏ ସ୍ଥିର କରିବା ଉଦ୍ଦେଶ୍ୟ ରଖିବା - ଏମାନଙ୍କ ମାଧ୍ୟମରେ ହିଁ ମିଳିଥାଏ ।

ଜୀବନ ବଞ୍ଚିବାର ଗଭୀର ଅର୍ଥ ଏ ଶରୀର ଓ ମନ ଯେଉଁ ଉପାଦାନ ମାନଙ୍କ ସାହାଯ୍ୟରେ ବୁଝା ଯାଇପାରେ ସେହି ଉପାଦାନମାନେ ହେଲେ ଇନ୍ଦ୍ରିୟମାନଙ୍କୁ ଜୟକରି ବା ଆସକ୍ତି ଗୋଷ୍ଠୀଙ୍କୁ ପରାହତ କରି ମାନବ ଧର୍ମ ପାଳନ, ଈଶ୍ୱରଙ୍କ ପ୍ରତି ଭକ୍ତି, ଆତ୍ମବଳକୁ ଚିହ୍ନିବା ଓ ଶାନ୍ତିର ପ୍ରକୃତ ରୂପକୁ ହାସଲ । ଏମାନେ ଆମ ଦାର୍ଶନିକ ଚିନ୍ତନ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପ୍ରକ୍ରିୟାକୁ ସ୍ପର୍ଶ କରି ଆଧ୍ୟାତ୍ମିକ ଜ୍ଞାନ ବିକାଶ ହେବାରେ ଆମକୁ ସହାୟତା ଦେଇଥାନ୍ତି । ଆମ ଭାରତୀୟ ଦର୍ଶନରେ ଏ ଉପାଦାନ ଗୁଡିକୁ ସାମଗ୍ରୀକ ଭାବରେ ଧର୍ମ, ଅର୍ଥ, କାମ ଓ ମୋକ୍ଷ ନାମରେ ଆଖ୍ୟାୟିତ କରିଥାଉଁ ।

ଏଇଠି ଗୋଟିଏ ଗଭୀର ବିଷୟ ଆମକୁ ହୃଦବୋଧ କରିବାକୁ ହେବ ଯେ, ଯେତେ ସବୁ ଉପାଦାନ ମାନେ ଆମକୁ ଭଲରେ ବଞ୍ଚିବାକୁ ଯଥେଷ୍ଟ ସହାୟତା ଦିଅନ୍ତି ସେମାନେ ଅଦୃଶ୍ୟ ଶକ୍ତି ସମୟ ନାମକ ଅପରାଜେୟ ଶକ୍ତିଦ୍ୱାରା ନିୟନ୍ତ୍ରିତ ହୋଇଥାନ୍ତି ।

ଏଣୁ ମୋଟ ଉପରେ କହିବାକୁ ଗଲେ ବଞ୍ଚିବାର ସର୍ବଶ୍ରେଷ୍ଠ ମୌଳିକ ଉପାଦାନ ସମ୍ପର୍କ ବ୍ୟତୀତ ଅନ୍ୟ କିଛି ହୋଇ ନପାରେ । କାରଣ ସମୟ ବା ଉପଯୁକ୍ତ ନିର୍ଦ୍ଦିଷ୍ଟ ମୁହୁର୍ତ୍ତ ନ ଆସିବା ଯାଏଁ କୌଣସି ଜୀବନ ଧରାପୃଷ୍ଠ ଉପରେ ପଦାର୍ପଣ କରିପାରିନାହିଁ କିମ୍ବା କରିପାରେନାହିଁ ପୁଣି ସମୟ ନ ଚାହିଁଲେ ଜୀବନ ଏଇଠୁ ବିଦାୟ ନିଏ ନାହିଁ । ସମୟ ନ ଚାହିଁଲେ ଜୀବନର ଇପାଦାନ ମାନେ ନିରର୍ଥକ ମନେ ହୁଅନ୍ତି । ସମୟକୁ ଜୀବନ ହାତଛଡା କରିବା ସର୍ବାଦୌ ଅନୁଚିତ କାରଣ ସମ୍ପର୍କ ଅପ୍ରତ୍ୟାବର୍ତ୍ତନୀୟ ସର୍ବୋଚ୍ଚ ଶକ୍ତି ଅଟେ ।

ଅବସରପ୍ରାପ୍ତ ଶିକ୍ଷକ,
ହିଞ୍ଜିଳିକାଟୁ, ଗଞ୍ଜାମ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବିଶେଷ ସୂଚନା

ଆହ୍ୱାନ ଇ-ପତ୍ରିକାରେ ନିଜ ଲେଖା ପ୍ରକାଶିତ କରିବାକୁ ଇଚ୍ଛୁକ ବନ୍ଧୁମାନେ, ନିଜ ଲେଖାକୁ ଓଡ଼ିଆ ଭାଷାରେ କମ୍ପ୍ୟୁଟର (ଆକୃତି / ଶ୍ରୀଲିପି / ଆଇଲିପ୍ / ଅପ୍ରାନ୍ତ) କିମ୍ବା ମୋବାଇଲରେ ଟାଇପ୍ କରି ଆମ ଇମେଲ୍ ଠିକଣାରେ ପଠାଇ ପାରିବେ । ଛବି, ହାତଲେଖା କିମ୍ବା ଅତ୍ୟଧିକ ବ୍ୟାକରଣତ୍ରୁଟି ଥିବା ଲେଖାକୁ ଗ୍ରହଣ କରାଯିବ ନାହିଁ ।

ମୋବାଇଲ୍ କିମ୍ବା ହ୍ୱାଟ୍‌ସଆପ୍ ଦ୍ୱାରା ଲେଖା ପଠାନ୍ତୁ ନାହିଁ ।

ପ୍ରତ୍ୟେକ ମାସରେ କେବଳ ଗୋଟିଏ ହିଁ ଲେଖା ପଠାଇବେ । ଏକାଧିକ ଲେଖା ପଠାଇଲେ, ଶେଷରେ ପ୍ରାପ୍ତ ହୋଇଥିବା ଲେଖାକୁ ପ୍ରକାଶିତ ପାଇଁ ନିର୍ବାଚିତ କରାଯିବ । ଧାରାବାହିକ ଲେଖା ପ୍ରକାଶନ ହେତୁ ସମସ୍ତ ଭାଗକୁ ଅଲଗା ଅଲଗା ଫାଇଲରେ ଟାଇପ୍ କରି ଏକାସଙ୍ଗେ ପଠାଇବେ । ହାତ ଲେଖା କିମ୍ବା ସ୍କାନ୍ ହୋଇଥିବା କିମ୍ବା ପିଡ଼ିଏଫ୍ ଫର୍ମାଟରେ ଥିବା ଲେଖାକୁ ଗ୍ରହଣ କରାଯିବ ନାହିଁ । ପ୍ରତ୍ୟେକ ସଂସ୍କରଣ ନିମନ୍ତେ ମାସର ତିନି ତାରିଖ ସୁଦ୍ଧା ଲେଖା ପଠାଇବେ ଏବଂ ପତ୍ରିକା ପ୍ରକାଶିତ ହେବାପରେ ଆମ ୱେବ୍‌ସାଇଟରୁ ସଂଗ୍ରହ କରି ପାରିବେ । ଲେଖା ସହ ନିଜର ଛବି ଏବଂ ଠିକଣା ଲେଖି ପଠାଇବେ । ପ୍ରତ୍ୟେକ ଥର ନୂଆ ଛବି ପଠାଇବା ଆବଶ୍ୟକ ନାହିଁ । ପତ୍ରିକା ପ୍ରକାଶିତ ହୋଇଥିବା ଖବର ତୁରନ୍ତ ପାଇବା ପାଇଁ ଆମର ହ୍ୱାଟସଆପ୍ ଗ୍ରୁପ୍ ଯୋଗ ଦିଅନ୍ତୁ । ସହାୟତା ପାଇଁ ଆମ ହ୍ୱାଟ୍‌ସଆପ୍ ନମ୍ବର ୯୦୪୦୯୮୫୪୬୩ରେ ଯୋଗାଯୋଗ କରି ପାରିବେ ।

ପତ୍ରିକାରେ ଥିବା ବ୍ୟାକରଣଗତ ତ୍ରୁଟି ପାଇଁ ସମ୍ପାଦକ କ୍ଷମାପ୍ରାର୍ଥୀ ।

ଆମ ଇମେଲ୍ ଠିକଣା :

aahwaan@gmail.com

Listen to Odia Podcast Original at https://youtube.com/@drjyotiprasad